ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୭/୨୦୨୩ (୧୬ ପୃଷ୍ଠା) Bhubaneswar, Friday, March 17/2023 Page 16 ₹ 7.00 | SAMBALPUR

୪୯ଶ ଭାଗ ୧୧୧ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 111 ମୂଲ୍ୟ ₹୭/-

ଇନ୍‌ଫାଣ୍ଟିନୋ ପୁଣି ଫିଫା ସଭାପତି

ଜିଆନି ଇନ୍‌ଫାଣ୍ଟିନୋ କ୍ରମାଗତ ଦ୍ୱିତୀୟ ଥର ପାଇଁ ଫିଫାର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି।

୧୬ ୦୨

କାହା ଅଧୀନରେ କାମ କରିବାକୁ ଇଚ୍ଛା କରନ୍ତିନି ସୋନୁ

ବଲିଉଡ୍ ଅଭିନେତା ସୋନୁ ସୁଦ ରାଜନୀତିରେ ଯୋଗ ଦେବା ନେଇ ଚର୍ଚ୍ଚା ହେଉଥିବାବେଳେ ସେ ରାଜନୀତିରେ କାମ କରିବାକୁ ଚାହାନ୍ତିନି ବୋଲି କହିଛନ୍ତି।

ଭୁବନେଶ୍ୱର ତମାଣ୍ଡୋ ଉପକଣ୍ଠରେ ଡ୍ରାଇଭର ଏକତା ମଞ୍ଚ ପକ୍ଷରୁ କରାଯାଇଥିବା ଆନ୍ଦୋଳନ ଯୋଗୁ ଅନେକ ଶହ ଟ୍ରକ୍ ରାସ୍ତା ଉପରେ ଠିଆହୋଇଛି।

ଆନ୍ଦୋଳନ ବଢ଼ାଇଛି ତେଲ ଚିନ୍ତା

- ରାସ୍ତାରୋକୋ ନ ହଟାଇଲେ ଗଡ଼ିବନି ୧୪ହଜାର ବସ୍: ଘରୋଇ ବସ୍ ମାଲିକ ସଂଘ
- ୩ ମାସରେ ଦାବି ସମାଧାନ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ପ୍ରତିଶ୍ରୁତି
- ଆନ୍ଦୋଳନକୁ ନେଇ ଗୃହରେ ବିରୋଧୀଙ୍କ ଉଦ୍‌ବେଗ

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ପେନ୍‌ସନ, ବୀମା, ମୃତ୍ୟୁକାଳୀନ ସହାୟତା, ସାମାଜିକ ସୁରକ୍ଷା ଆଦି ୧୦ ଦଫା ଦାବିରେ ବୁଧବାରଠାରୁ ଡ୍ରାଇଭର ଏକତା ମହାସଂଘ ପକ୍ଷରୁ କରାଯାଇଥିବା ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଗୁରୁବାର ୨ୟ ଦିନରେ ପହଞ୍ଚିଛି। ତେବେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଡ୍ରାଇଭର ଏକତା ମହାସଂଘର ବରିଷ୍ଠ ସଦସ୍ୟଙ୍କ ଉପସ୍ଥିତିରେ ୧୬ ମାର୍ଚ୍ଚ ଗୁରୁବାର ସନ୍ଧ୍ୟାରେ ହୋଇଥିବା ଆଲୋଚନା ଅନୁଯାୟୀ ଆସନ୍ତା ୩ମାସ ମଧ୍ୟରେ ଡ୍ରାଇଭରଙ୍କ ଦାବିଗୁଡ଼ିକ ସମାଧାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ତଥାପି ଗୁରୁବାର ରାତି ସୁଦ୍ଧା ଟ୍ରକ୍ ମାଲିକ ସଂଘର ଆନ୍ଦୋଳନ ଥମିବା ଲକ୍ଷ୍ୟ କରାଯାଇ ନାହିଁ। ଅତ୍ୟାବଶ୍ୟକ ସାମଗ୍ରୀ ପେଟ୍ରୋଲ, ଡିଜେଲଠାରୁ ଆରମ୍ଭ କରି ବିଭିନ୍ନ ଖାଦ୍ୟ ପଦାର୍ଥର ଅଭାବ ଦେଖିବାକୁ ମିଳିଛି। ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ପେଟ୍ରୋଲ୍ ☞ପୃଷ୍ଠା–୪

ମାଟ୍ରିକ ପରୀକ୍ଷା ବେଳେ ଛାତ୍ରଙ୍କ ମୃତ୍ୟୁ

ଦାମନଯୋଡ଼ି,୧୬।୩(ଡି.ଏନ.ଏ.)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ବେଳେ ଦାମନଯୋଡି ନାଲ୍‌କୋ ଟାଉନଶିପ ସରସ୍ୱତୀ ବିଦ୍ୟାମନ୍ଦିର ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ବେଳେ ଜଣେ ଛାତ୍ରଙ୍କ ଆକସ୍ମିକ ଭାବେ ମୃତ୍ୟୁ ଘଟିଛି। ତାଙ୍କ ନାମ କୁନା ପୂଜାରୀ। ସେ ଦାମନଯୋଡି ନିକଟସ୍ଥ ମାଥାଲପୁଟ ମାଲୁସାଉନ୍ତା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର।

ଖବରରୁ ଜଣାପଡିଛି, ନାଲ୍‌କୋ ଟାଉନଶିପ ସରସ୍ୱତୀ ବିଦ୍ୟାମନ୍ଦିର ପରୀକ୍ଷା କେନ୍ଦ୍ରରେ ଚାଲିଥିବା ମାଟ୍ରିକ ପରୀକ୍ଷାର ଗୁରୁବାର ସାଧାରଣ ବିଜ୍ଞାନ ବିଷୟରେ ପରୀକ୍ଷା ଥିଲା। ବିଦ୍ୟାର୍ଥୀମାନେ ନିର୍ଦ୍ଧାରିତ ସମୟରେ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଥିଲେ। କୁନା ମଧ୍ୟ ପରୀକ୍ଷା ଦେଉଥିଲେ। ପରୀକ୍ଷା ଆରମ୍ଭ ହେବାର କିଛି ସମୟ ପରେ ସେ ହଠାତ୍ ମୂର୍ଚ୍ଛା ହୋଇଯାଇଥିଲେ। ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶରେ ତାଙ୍କୁ ତୁରନ୍ତ ନାଲ୍‌କୋ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ପରିବାର ଲୋକେ ହସ୍ପିଟାଲରେ ପହଞ୍ଚିଥିଲେ।

କୁନା ପୂଜାରୀ

ତାଙ୍କର ମୂର୍ଚ୍ଛା ରୋଗ ଥିବା ଏବଂ ଏହା ପୂର୍ବରୁ ସେ ଅନେକ ଥର ଏହି ରୋଗରେ ମୂର୍ଚ୍ଛା ହୋଇଥିବା ପରିବାର ଲୋକେ ସୂଚନା ଦେଇଥିଲେ। ଖବର ପାଇ ଦାମନଯୋଡି ଥାନା ଅଧିକାରୀ ଗୌରହରି ସାହୁ ହସ୍ପିଟାଲରେ ପହଞ୍ଚି ତଦନ୍ତ ଆରମ୍ଭ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ପଠାଇଥିଲେ। କୁନାଙ୍କ ବାପା ରାମ ପୂଜାରୀ ନାଲ୍‌କୋରେ ନିୟୋଜିତ ୟୁନାଇଟସ କମ୍ପାନୀରେ ଠିକା କର୍ମଚାରୀ ରୂପେ କାର୍ଯ୍ୟ କରୁଛନ୍ତି। ମାଥାଲପୁଟ ହାଟପଦାସ୍ଥିତ ମନ୍ଦିର କଲୋନୀରେ ସପରିବାର ରହୁଛନ୍ତି। ତାଙ୍କ ନିଜ ଘର ଉମୁରୀରେ ବୋଲି ଜଣାପଡିଛି।

ତହସିଲ ଅଫିସରେ ଯୁବକଙ୍କ ଆତ୍ମାହୁତି ଉଦ୍ୟମ

- ଜମି ବିକ୍ରି ପାଇଁ ସହଯୋଗ କଲେନି ଅଧିକାରୀ
- ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଲେ

ନୂଆପଡ଼ା ଅଫିସ,୧୬।୩

ଜମି ବିକ୍ରି କରିବା ପାଇଁ ସହଯୋଗ କଲେନି ଅଧିକାରୀ। ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦୌଡ଼ି ନିରାଶ ହେବା ପରେ ମାନସିକ ଭାରସାମ୍ୟ ହରାଇ ଜଣେ ଯୁବକ ଶେଷରେ ପେଟ୍ରୋଲ ଢାଳିହୋଇ ନିଜ ଶରୀରରେ ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଛନ୍ତି। ନୂଆପଡ଼ା ସଦର ତହସିଲ କାର୍ଯ୍ୟାଳୟରେ ଗୁରୁବାର ଘଟିଥିବା ଏଭଳି ଏକ ଅଭାବନୀୟ ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଗୁରୁତର ଅବସ୍ଥାରେ ନୂଆପଡ଼ା ସଦର ବ୍ଲକ ଜୋଙ୍କ ଥାନା ଆମସେନା ପଞ୍ଚାୟତ କଲ୍ୟାଣପୁର ଗ୍ରାମର ଜଗଦୀଶ ଚୌହାନ (୩୬)ଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ ବୁର୍ଲା ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ପୀଡ଼ିତଙ୍କ ମା' ନୂଆପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ☞ପୃଷ୍ଠା–୪

ଆଜିର ସମ୍ପାଦକୀୟ

ପଂଚା ବୁଝାମଣା



କାହା ଅଧୀନରେ କାମ କରିବାକୁ ଇଚ୍ଛା କରନ୍ତିନି ସୋନୁ


ସୋନୁ ସୁଦ

ମୁମ୍ବାଇ: ବଲିଉଡ୍ ଅଭିନେତା ସୋନୁ ସୁଦ କରୋନା ସମୟରେ ଲୋକଙ୍କୁ ସେବା ଯୋଗାଇ ସେମାନଙ୍କ ପାଇଁ ଭଗବାନ ପାଲଟିଛନ୍ତି। ଏଥିସହ ସେ ବହୁ ଲୋକଙ୍କ ସମସ୍ୟାର ସମାଧାନ ମଧ୍ୟ କରୁଛନ୍ତି। ଏସବୁ କାମ ପାଇଁ ସୋନୁ ରାଜନୀତିରେ ଯୋଗ ଦେବେ ବୋଲି ନିକଟରେ ଚର୍ଚ୍ଚା ହେଉଥିଲା। ହେଲେ ସୋନୁ ଏହାକୁ ନେଇ ନିଜର ପ୍ରତିକ୍ରିୟା ରଖି ସମସ୍ତଙ୍କ ପ୍ରଶ୍ନକୁ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ତାଙ୍କୁ ୨ ଥର ରାଜ୍ୟ ସଭା ସଦସ୍ୟ ପଦ ପାଇଁ ଅଫର ମିଳିଛି, କିନ୍ତୁ ସେ ଏହାକୁ ଗ୍ରହଣ କରିନାହାନ୍ତି। ସବୁଠାରୁ ବଡ଼ କଥା ହେଲା, ତାଙ୍କୁ ଉପମୁଖ୍ୟମନ୍ତ୍ରୀ ପାଇଁ ମଧ୍ୟ ସୁଯୋଗ ମିଳିଥିଲା। କିନ୍ତୁ ସେ ଏଥିପ୍ରତି ନିଜର ଆଗ୍ରହ ଦେଖାଇ ନ ଥିଲେ। ସେ ତାଙ୍କ ହିସାବରେ ଆଗକୁ ବଢିବାକୁ ଚାହାନ୍ତି, କାହା ଅଧୀନରେ ରହି ସେ କାମ କରିବାକୁ ଇଚ୍ଛା କରନ୍ତିନି ବୋଲି କହିଥିଲେ। ତେବେ ତାଙ୍କୁ ଶେଷଥର ପାଇଁ ଗତବର୍ଷ ଅକ୍ଷୟ କୁମାରଙ୍କ ସହ ସିନେମା 'ସମ୍ରାଟ ପୃଥ୍ୱୀରାଜ'ରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କର ହିନ୍ଦୀ ଏବଂ ତାମିଲ ଭାଷାରେ ୨ଟି ଫିଲ୍ମ ଆସିବାକୁ ଯାଉଛି।

ଏକ ତୃତୀୟାଂଶ ନିଦ୍ରା ଜରୁରୀ

ନିରାମୟ ଜୀବନ ପାଇଁ ଆବଶ୍ୟକ ନିଦ୍ରା ଜରୁରୀ। ଠିକ୍ ସମୟରେ ଖାଇବା ଏବଂ ବ୍ୟାୟାମ କରିବା ଭଳି ନିଦ୍ରା ଶାରୀରିକ, ମାନସିକ ଏବଂ ସାମାଜିକ ସୁସ୍ଥତା ପାଇଁ ମୂଳଦୁଆ ସାବ୍ୟସ୍ତ ହୋଇଥାଏ। କିନ୍ତୁ ଲୋକେ ସାଧାରଣତଃ ଶୋଇବାକୁ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଏକ ଅତ୍ୟାବଶ୍ୟକ ଆଚରଣ ଭାବରେ ବିବେଚନା କରନ୍ତି ନାହିଁ।

ଫଳରେ ଦିନ ବିତିବା ସହ ନିଦ୍ରାର ଅଭାବ ଯୋଗୁ ଶରୀର ଉପରେ ନକାରାତ୍ମକ ପ୍ରଭାବ ପଡ଼ିବା ଆରମ୍ଭ ହୋଇଥାଏ। ତେଣୁ ନିଦ୍ରା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଉତ୍ତର ଗୋଲାର୍ଦ୍ଧରେ ବସନ୍ତ ଭର୍ନାଲ ଇକ୍ୱିନକ୍ସ ପୂର୍ବରୁ ପଡୁଥିବା ଶୁକ୍ରବାରରେ 'ବିଶ୍ୱ ନିଦ୍ରା ଦିବସ' ପାଳନ କରାଯାଇଥାଏ। ଚଳିତ ବର୍ଷ ଏହା ମାର୍ଚ୍ଚ ୧୭ରେ ପାଳନ କରାଯାଉଛି। ୨୦୦୮ରେ ଏହି ଦିବସ ପ୍ରଥମେ ପାଳନ କରାଯାଇଥିଲା। ଚଳିତ ବର୍ଷ ଏହି ଦିବସ ଲାଗି ଥିମ୍ ରହିଛି ''ସ୍ଲିପ୍ ଇଜ୍ ଏସେନ୍‌ସିଆଲ ଫର ହେଲ୍‌ଥ।'' ଏହି ଅବସରରେ ସୁସ୍ୱାସ୍ଥ୍ୟ ପାଇଁ ନିଦ୍ରାର ଆବଶ୍ୟକତା ସମ୍ପର୍କରେ ବିଶ୍ୱସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥାଏ। ଲୋକଙ୍କ ମଧ୍ୟରେ ଜୀବନରେ ନିଦ୍ରାର ମହତ୍ୱ ବିଷୟରେ ସଚେତନତା ସୃଷ୍ଟି କରାଯାଇଥାଏ। ବିଶ୍ୱ ନିଦ୍ରା ସମାଜ ଅଧୀନରେ ବିଶ୍ୱ ନିଦ୍ରା ଦିବସ କମିଟି ଦ୍ୱାରା ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ବିଶ୍ୱ ନିଦ୍ରା ଦିବସର ତାରିଖ ପ୍ରତିବର୍ଷ ବଦଳିଥାଏ। ହାରାହାରି ରାତିର ନିଦକୁ ଆଠ ଘଣ୍ଟା ଅର୍ଥାତ୍ ଦିନର ଏକ ତୃତୀୟାଂଶ ଭାବେ ଗ୍ରହଣ କରାଯାଇଥାଏ। ହିସାବ ଅନୁସାରେ ଜଣେ ନିଜ ଜୀବନର ଏକ ତୃତୀୟାଂଶ ସମୟ ଶୋଇବା ଜରୁରୀ। ମାତ୍ର ଜୀବନଶୈଳୀରେ ପରିବର୍ତ୍ତନ ଯୋଗୁ ମଣିଷ ଜୀବନ ନିଦ୍ରାହୀନତାରେ ବିତୁଛି।

BERHAMPUR CARDIAC CENTRE
Bhavanagar Square, Berhampur
Wish You Happy Birth Anniversary of Dharitri, Berhampur Edition
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ
ଏଠାରେ ସମସ୍ତ ପ୍ରକାର ପରୀକ୍ଷା ଯଥା ମଳ,ମୂତ୍ର,ରକ୍ତ,ଅତ୍ୟାଧୁନିକ ମେସିନ ସହ ଯୋଗ୍ୟ ବିବେଚିତ ପରୀକ୍ଷାକାରୀଙ୍କ ଦ୍ୱାରା ପରୀକ୍ଷା କରାଯାଏ ।
ସେବାରେ:
ରଘୁନାଥ ଫିଲିଙ୍ଗ ଷ୍ଟେସନ
ଦମକଳ କେନ୍ଦ୍ର ରାସ୍ତା, ପୁରୁଷୋତ୍ତମପୁର (ଗଞ୍ଜାମ)
ଏଠାରେ ECG, EEG, ପାଥୋଲୋଜି ପରୀକ୍ଷା ପାଇଁ ଯୋଗାଯୋଗ କରନ୍ତୁ
ନିର୍ମଳ କୁମାର ସାହୁ
ପ୍ରୋପ୍ରାଇଟର
ଭାବାନଗର ଛକ (ବ୍ରହ୍ମପୁର)
ମୋ: ୯୯୩୭୪୯୭୫୯୩

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଓଡ଼ିଶାର ପାଠକ ପାଠିକା, ଶୁଭେଚ୍ଛୁଙ୍କୁ ଶୁଭେଚ୍ଛା ସହ ଶୁଭକାମନା । ଆସନ୍ତୁ, ଧରିତ୍ରୀକୁ ଭଲପାଇବା, ଧରିତ୍ରୀ ପାଇଁ କିଛି କାମ କରି ବିକାଶ ପଥରେ ଆଗେଇବା । ଶୁଭେଚ୍ଛା ସହ
ଏଫ୍.ଏଲ୍.ଶପ୍ (ଶେରଗଡ଼)
ବଜାର ରାସ୍ତା, ଶେରଗଡ଼

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତାଙ୍କୁ ଶୁଭେଚ୍ଛା ଜଣାଉଛି । ଆଶା, ଜଗତରନାଥ ଶ୍ରୀଜଗନ୍ନାଥ ଓଡ଼ିଶାର ସମସ୍ତ ପାଠକଙ୍କ ଚଲାପଥରେ ପୁଷ୍ପ ବୃଷ୍ଟି କରାନ୍ତୁ । ଅଜସ୍ର ଆଶୀର୍ବାଦ ଢାଳି ଦିଅନ୍ତୁ । ଶୁଭେଚ୍ଛା ସହ
ଅବନୀ କୁମାର ଦାଶ
ତାକରଡ଼ା, ଶେରଗଡ଼

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ଓ ମା' ଭଲ ପାଇବା । ମା ପ୍ରତି ଉତ୍ତମ ସ୍ନେହ ପ୍ରଦର୍ଶନ କରିବା ସହ ଓଡିଶା ମାଟି ପାଇଁ ବିକାଶ ପଥରେ ଆଗେଇବା ପାଇଁ ନିଜକୁ ପ୍ରସ୍ତୁତ କରିବା । ସେହି ମାଟି ମା' ର ସନ୍ତାନ ହିସାବରେ ନିଜକୁ ଗଢିତୋଳିବା । ମା' ର ପାଦରେ ଅଜସ୍ର ସ୍ନେହ ଢାଳି ଦେଇ ନିଜକୁ ଜଣେ ସୁଯୋଗ୍ୟ ଦାୟାଦ ହିସାବରେ ପରିଗଣିତ କରିବା । ଶୁଭେଚ୍ଛା ସହ
ଅକ୍ଷୟ କୁମାର ମଲ୍ଲିକ
ବିଡିଓ, ଚନ୍ଦ୍ରପୁର ଶେରଗଡ଼ ତହସିଲ

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀ କାଗଜର ଲେଖା ଛପା ନିଆରା । ସତ୍ୟ ମତାମତଭିତ୍ତିକ ଖବରକାଗଜ ଧରିତ୍ରୀ। ଆସନ୍ତୁ,ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତାଙ୍କୁ ଶୁଭେଚ୍ଛା ସହ ଶୁଭକାମନା । ଶୁଭେଚ୍ଛା ସହ
ବନୋଜ କୁମାର ସେଠୀ — ସହକାରୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗ, ଶେରଗଡ଼
ଇଂ ମଧୁସୂଦନ ଦାଶ — ସହକାରୀ ଯନ୍ତ୍ରୀ, ଜଳସେଚନ ବିଭାଗ, ପିତଳ ଛକ

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ଶୁଭେଚ୍ଛୁଙ୍କୁ ଆନ୍ତରିକ ଅଭିନନ୍ଦନ । ଜଗତରନାଥ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ସହାୟ ହୁଅନ୍ତୁ । ଧବଳପୁର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ । ଶୁଭେଚ୍ଛା ସହ
ଇଂ.ଦେବୀ ପ୍ରସାଦ ଦାଶ
ସମାଜସେବୀ,ଧବଳପୁର

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତା ଓ ଶୁଭେଚ୍ଛୁଙ୍କୁ ଅଭିନନ୍ଦନ ଜଣାଉଛି । ଆଶା, ଏହି ଅବସରରେ ଜଗତରନାଥ ଶ୍ରୀଜଗନ୍ନାଥ ଆପଣଙ୍କୁ ସହାୟ ହୁଅନ୍ତୁ । ଚଲାପଥରେ ଅଜସ୍ର ଆଶୀର୍ବାଦ ଢାଳି ଦିଅନ୍ତୁ । ଶୁଭେଚ୍ଛା ସହ
ଶ୍ରୀ କବୀନ୍ଦ୍ର ନାଥ ପଣ୍ଡା
ସମାଜସେବୀ, ଶେରଗଡ଼

NAYARA PETROL PUMP
Pital Chaka
Wish you a Happy Birth Anniversary of Dharitri Berhampur Edition
ନାୟରା ପେଟ୍ରୋଲ ପମ୍ପ ପକ୍ଷରୁ ଆନ୍ତରିକ ଶୁଭେଚ୍ଛା ଶୁଭକାମନା । ଆମର ଏଠାରେ ଉନ୍ନତମାନର ପେଟ୍ରୋଲ, ଡିଜେଲ, ମୋବିଲ ଓ ଅଏଲ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଏ ।
ଶୁଭେଚ୍ଛା ସହ : ମାଧବାନନ୍ଦ ପଣ୍ଡା, ଶାନ୍ତନୁ ଚୌଧୁରୀ
ନାୟରା ପେଟ୍ରୋଲ ପମ୍ପ
କରଞ୍ଜେଇ ନିକଟ ପିତଳ ଛକ, ଶେରଗଡ଼ ବ୍ଲକ
ମୋ-7978019669

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀ କାଗଜ ଏକ ନିର୍ଭୀକ ଖବରକାଗଜ । ଏହି କାଗଜର ଖ୍ୟାତି ରହିଛି । ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ମହୀୟସୀ ମହିଳା ସ୍ୱର୍ଗତା ନନ୍ଦିନୀ ଶତପଥୀଙ୍କ ଚରଣରେ, ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତଙ୍କୁ ଅନେକ ଅନେକ ଶୁଭେଚ୍ଛା । ଶୁଭେଚ୍ଛା ସହ
ଜି.ରବିକୁମାର
ଭାରପ୍ରାପ୍ତ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ଶେରଗଡ଼ ବ୍ଲକ

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀ କାଗଜ ଏକ ନିଆରା କାଗଜ । ମତାମତଭିତ୍ତିକ ଓ ତଥ୍ୟଭିତ୍ତିକ ଖବର ଛାପି ଆସୁଥିବା କାଗଜ ହେଉଛି ଧରିତ୍ରୀ । ଆସନ୍ତୁ, ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାର ଅଗଣିତ ପାଠକପାଠିକା, ଶୁଭେଚ୍ଛୁ ତଥା ଶେରଗଡ଼ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ । ଜଗତରନାଥ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ ।
ହୃଷୀକେଶ ପାଢ଼ୀ
ବରିଷ୍ଠ ବିଜେଡି ନେତା, ଶେରଗଡ଼ ବ୍ଲକ

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ପିତଳ ପଞ୍ଚାୟତ ତଥା ଶେରଗଡ଼ ବ୍ଲକର ଜନସାଧାରଣଙ୍କୁ ଶୁଭେଚ୍ଛା । ଆସନ୍ତୁ, ଧରିତ୍ରୀଟିଏ ପଢ଼ିବା ଦେଶ ବିଦେଶର କଥା ଜାଣିବା । ଶୁଭେଚ୍ଛା ସହ
କୃଷ୍ଣଚନ୍ଦ୍ର ମଳିକ — ପୂର୍ବତନ ସରପଞ୍ଚ, ପିତଳ
ଅନିଲ କୁମାର ମହାପାତ୍ର — ପୂର୍ବତନ ସରପଞ୍ଚ, ପିତଳ

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଧନନ୍ତର ପଞ୍ଚାୟତ ତଥା ଶେରଗଡ଼ ବ୍ଲକର ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ସହ ଶୁଭକାମନା ।
ନିରଞ୍ଜନ ଜେନା — ବରିଷ୍ଠ ନେତା, ଧନନ୍ତର
ରାଜେଶ ଜେନା — ସରପଞ୍ଚ, ଧନନ୍ତର, ଶେରଗଡ଼

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଓଡ଼ିଶାର ଅଗଣିତ ପାଠକ, ପାଠିକାଙ୍କୁ ଶୁଭେଚ୍ଛା ଜଣାଉଛି । ୨୦୨୩-୨୪ ଶିକ୍ଷାବର୍ଷ ନିମନ୍ତେ ନାମଲେଖା ଆରମ୍ଭ ହୋଇଛି । ଶିକ୍ଷା ଅଧିକାର ଆଇନ ୨୦୦୯ ଧାରା ୧୨(୧) ଅନୁଯାୟୀ www.rteparadarshi.odisha.gov.in. ପୋର୍ଟାଲ ମାଧ୍ୟମରେ ଆବେଦନ କରନ୍ତୁ । ନଚେତ୍ ସ୍କୁଲକୁ ଆସି ଆବେଦନ କରନ୍ତୁ । ସାମାଜିକ ଆର୍ଥିକ ଅନଗ୍ରସର ବର୍ଗଙ୍କ ପାଇଁ ୨୫% ସ୍ଥାନ ସଂରକ୍ଷଣ ରହିଛି । ୧୩ ରୁ ୨୪ ଏପ୍ରିଲ ମଧ୍ୟରେ । ଶୁଭେଚ୍ଛା ସହ
ଗୌରହରି ବିଷୋୟୀ
ଅଧ୍ୟକ୍ଷ, ବିଜୁ ପଟ୍ଟନାୟକ ଇଂରାଜୀ ମାଧ୍ୟମ ବିଦ୍ୟାଳୟ

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକାଙ୍କୁ ଶୁଭେଚ୍ଛା ସହ ଶୁଭକାମନା । ଆସନ୍ତୁ, ଧରିତ୍ରୀଟିଏ ପଢ଼ିବା । ଆଶା, ଜଗତରନାଥ ଶ୍ରୀଜଗନ୍ନାଥ ଆପଣଙ୍କ ଚଲାପଥରେ ପୁଷ୍ପ ବୃଷ୍ଟି କରନ୍ତୁ ।
କେଦାର ପ୍ରସାଦ ପଣ୍ଡା
ସହକାରୀ ନିର୍ବାହୀ ଯନ୍ତ୍ରୀ,ଶେରଗଡ଼ ବ୍ଲକ୍

ସ୍ୱନକ୍ଷତ୍ର ଅଭିନନ୍ଦନ
SAVE FOREST FROM FIRE
ନିଆଁ ଦାଉରୁ ଜଙ୍ଗଲ ରକ୍ଷା, ଜଙ୍ଗଲର ବୃକ୍ଷଲତା, ଜୀବଜନ୍ତୁଙ୍କୁ ନିଆଁ ଦାଉରୁ ରକ୍ଷା କରନ୍ତୁ । ଫଳରେ ସବୁଜବନାନୀ ଜଙ୍ଗଲ ଆମ୍ଭଙ୍କୁ ସୁଖ ସ୍ୱାଚ୍ଛନ୍ଦ୍ୟ ଓ ପରିବେଶ ସୁରକ୍ଷିତ ରହିବାରେ ସହାୟକ ହେବ । ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ସମସ୍ତ ବନ କର୍ମଚାରୀ, ବନ ସୁରକ୍ଷା ସମିତିଙ୍କୁ ଆନ୍ତରିକ ଶୁଭେଚ୍ଛା ।
ଶାନ୍ତନୁ ନାୟକ
ବନ ଫରେଷ୍ଟର,ଷଡଙ୍ଗୀପଲ୍ଲୀ, ଶେରଗଡ଼

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକାଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ଶୁଭକାମନା । ଆଶା, ଶ୍ରୀଜଗନ୍ନାଥ ଆପଣଙ୍କ ଚଲାପଥରେ ପୁଷ୍ପ ବୃଷ୍ଟି କରନ୍ତୁ । ଶୁଭେଚ୍ଛା ସହ
ମା' ଶ୍ୟାମଳାଇ ମେଡିକାଲ ଷ୍ଟୋର
ମେଡିକାଲ ରୋଡ୍, ପାତ୍ର କଲୋନୀ, ଶେରଗଡ଼
ଏଠାରେ ସମସ୍ତ ପ୍ରକାର ଔଷଧ ସୁଲଭ ମୂଲ୍ୟରେ ମିଳେ ।

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତା ଓ ଶୁଭେଚ୍ଛୁଙ୍କୁ ଅଭିନନ୍ଦନ । ଚଳିତ ନବବର୍ଷ ଆପଣଙ୍କ ଚଲାପଥରେ ଠାକୁର ପୁଷ୍ପ ବୃଷ୍ଟି କରନ୍ତୁ । ଚଳିତ ବର୍ଷ ସୁଖ ସମୃଦ୍ଧିର ବର୍ଷ ହେଉ । ଶୁଭେଚ୍ଛା ସହ ଅଭିନନ୍ଦନ ।
ନିଜକୁ ସୁସ୍ଥ ରଖିବା ପାଇଁ ନିୟମିତ ବ୍ୟାୟାମ, ଶାକାହାରୀ ଭୋଜନ, ପାଣି ପିଅନ୍ତୁ । ସଂକ୍ରମଣ ଦାଉରୁ ରକ୍ଷା ପାଇବାକୁ ହେଲେ ମାସ୍କ ପିନ୍ଧନ୍ତୁ ।
ଡ. ଶ୍ରୀକାନ୍ତ କୁମାର ତ୍ରିପାଠୀ
ଭାରପ୍ରାପ୍ତ ଅଧିକାରୀ,ଡେଙ୍ଗାପଦର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା, ଶୁଭେଚ୍ଛୁଙ୍କୁ ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଆନ୍ତରିକ ଶୁଭେଚ୍ଛା ସହ ଶୁଭକାମନା । ଆଶା,ଆପଣଙ୍କ ଚଲାପଥରେ ଭଗବାନ ପୁଷ୍ପ ବୃଷ୍ଟି କରନ୍ତୁ । ଶେରଗଡ଼ ବ୍ଲକର ଜନସାଧାରଣ, ବିଜେଡି ନେତା ଓ କର୍ମୀ ଓ ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କୁ ଶୁଭେଚ୍ଛା ଜଣାଉଛି । ଶୁଭେଚ୍ଛା ସହ
ସନ୍ତୋଷ କୁମାର ପଟ୍ଟନାୟକ
ବ୍ଲକ ଯୁବ ବିଜେଡି ସଭାପତି,ଶେରଗଡ଼ ବ୍ଲକ

ସ୍ୱନକ୍ଷତ୍ର ଅଭିନନ୍ଦନ
ଗାନ୍ଧୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବ୍ରହ୍ମପୁର ପକ୍ଷରୁ ଅଭିନନ୍ଦନ ।
Wish You Happy Prosperous Birth Anniversary of Dharitri, Berhampur Edition
Tarini Charan Tripathy
Director, Academic Gandhi School of Engineering
Mob:7853924333

ସ୍ୱନକ୍ଷତ୍ର ଅଭିନନ୍ଦନ
ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତା ଓ ଶୁଭେଚ୍ଛୁଙ୍କୁ ଅଭିନନ୍ଦନ ସହ ଶୁଭକାମନା ଜଣାଉଛି । ଅଲାରିଗଡ ପଞ୍ଚାୟତର ସମସ୍ତଙ୍କୁ ଆନ୍ତରିକ ଅଭିନନ୍ଦନ । ଶୁଭେଚ୍ଛା ସହ
ଶ୍ରୀମତୀ ସାରସ ସ୍ୱାଇଁ
ସରପଞ୍ଚ, ଅଲାରିଗଡ଼ ଗ୍ରାମପଞ୍ଚାୟତ,ଶେରଗଡ଼ ବ୍ଲକ

ତୀର୍ଥଯାତ୍ରାରେ ବାହାରିଲେ ୯୭୦ ବରିଷ୍ଠ ନାଗରିକ

ଆଭାସି ମାଧ୍ୟମରେ ଯାତ୍ରା ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ସମ୍ବଲପୁର,୧୬।୩(ବ୍ୟୁରୋ)

ସମ୍ବଲପୁର ଷ୍ଟେଶନରୁ ଗୁରୁବାର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନ୍ ବାହାରିଛି। ସମ୍ବଲପୁରରୁ ୧୧୨, ଅନୁଗୋଳ ୧୩୭, ଦେବଗଡ ୩୩, ସୁବର୍ଣ୍ଣପୁର ୬୫, ବରଗଡ ୧୫୯, ସୁନ୍ଦରଗଡ଼ ୨୨୫, ଝାରସୁଗୁଡ଼ା ୬୨ ଓ ବଲାଙ୍ଗୀର ଜିଲାରୁ ୧୭୭ ଏଭଳି ମୋଟ ୯୭୦ଜଣ ବରିଷ୍ଠ ନାଗରିକ ଏହି ଯାତ୍ରାରେ ବାହାରିଛନ୍ତି। ସେମାନଙ୍କ ସହ ଜିଲା ପ୍ରଶାସନର ୩୦ ଜଣ ଗାଇଡ୍ ମଧ୍ୟ ଯାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭାସି ମାଧ୍ୟମରେ ସମସ୍ତ ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଟ୍ରେନ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ଼. ସୁରେଶ ଚନ୍ଦ୍ର ଦଳାଇ, ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ, ଜିଲାପାଳ ଅନନ୍ୟା ଦାସ, ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଉପଦେଷ୍ଟା ଦୁର୍ଗା ପ୍ରସାଦ ସାମନ୍ତରାୟ ଉପସ୍ଥିତ ରହି ତୀର୍ଥ ଯାତ୍ରୀମାନଙ୍କୁ ଶୁଭକାମନା ଜଣାଇଥିଲେ। ଏହି ଯୋଜନାରେ ୫ଜଣ ବରିଷ୍ଠ ନାଗରିକଙ୍କୁ ଅତିଥିମାନଙ୍କ ଦ୍ୱାରା ଡମି ଟିକେଟ ଓ କିଟ୍ ବ୍ୟାଗ ଦିଆଯାଇଥିଲା। ତୀର୍ଥଯାତ୍ରୀମାନେ ୫ଦିନ ଶିରିଡି, ନାଶିକ ଆଦି ସ୍ଥାନ ବୁଲି ୨୧ ମାର୍ଚ୍ଚରେ ଫେରିବେ। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ଆଇଆର୍‌ସିଟିସି ପକ୍ଷରୁ ତୀର୍ଥଯାତ୍ରୀଙ୍କ ଯିବାଆସିବା ପାଇଁ ସମସ୍ତ ସୁବିଧା ସହ ଯାତ୍ରା ସମୟରେ ରହିବା, ଖାଇବା ଆଦିର ବ୍ୟବସ୍ଥା କରାଯାଇଛି। ତୀର୍ଥ ଦର୍ଶନର ସୁଯୋଗ ପାଇଥିବାରୁ ବରିଷ୍ଠ ନାଗରିକମାନେ ଖୁସି ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନା ଯୋଗ୍ୟ, ୨୦୧୬ରୁ ରାଜ୍ୟ ସରକାର ୬୦ରୁ ୭୫ବର୍ଷ ବୟସର ଗରିବ ନାଗରିକଙ୍କ ପାଇଁ ଏହି ତୀର୍ଥଯାତ୍ରା ଯୋଜନା କାର୍ଯ୍ୟକାରୀ କରିଛନ୍ତି।

ସମ୍ବଲପୁର ଷ୍ଟେଶନରେ ବରିଷ୍ଠ ପଦାଧିକାରୀ ତୀର୍ଥଯାତ୍ରୀଙ୍କୁ ଶୁଭକାମନା ଜଣାଉଛନ୍ତି।

ରାଜ୍ୟରେ ବାଲ୍ ଆଧାର ଯୋଜନାର ଶୁଭାରମ୍ଭ

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ଏଣିକି ରାଜ୍ୟରେ ବାଲ୍ ଆଧାର ଯୋଜନା କାର୍ଯ୍ୟକାରୀ ହେବ। ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ଯୋଜନାର ଶୁଭାରମ୍ଭ ହୋଇଛି। ଜନ୍ମ ପଞ୍ଜୀକରଣ ଓ ଜନ୍ମ ସାର୍ଟିଫିକେଟ୍ ଶିଶୁର ପ୍ରଥମ ଅଧିକାର ହୋଇଥିବାବେଳେ ଏଣିକି ଶିଶୁଙ୍କ ଜନ୍ମ ପରେ ପରେ ଆଧାର କାର୍ଡ ସଂଯୁକ୍ତ ସହ ଜନ୍ମ ତାରିଖ ପଞ୍ଜୀକରଣ କରାଯିବ। ଆଧାର ସଂଯୋଗ ଦ୍ୱାରା ସରକାରୀ ସେବା ପାଇବା ସହଜ ହେବ ବୋଲି ଆଶା କରାଯାଉଛି। ଶିଶୁ ଜନ୍ମ ହୋଇଥିବା ଚିକିତ୍ସାଳୟର ଚିକିତ୍ସାଧିକାରୀଙ୍କ ସହ ଯୋଗାଯୋଗ କରି ଅଭିଭାବକମାନେ ବାଲ ଆଧାର ପ୍ରାପ୍ତ କରିପାରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଧାର ପଞ୍ଜୀକରଣ ପାଇଁ ମାତାପିତାଙ୍କ ମଧ୍ୟରୁ ଜଣଙ୍କର ଆଧାର ନମ୍ବର ଓ ମୋବାଇଲ୍ ନମ୍ବର ଥିବା ଜରୁରୀ। ୫ବର୍ଷ ପର୍ଯ୍ୟନ୍ତ ଶିଶୁର ବାୟୋମେଟ୍ରିକ ବାଧ୍ୟତାମୂଳକ ନୁହେଁ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଆଧାର କାର୍ଡ ପଞ୍ଜୀକରଣ ସର୍ବଦା ସେବା ହୋଇଥିବାବେଳେ ଶିଶୁ ଜନ୍ମର ୨୧ ଦିନ ମଧ୍ୟରେ ପଞ୍ଜୀକରଣ କରାଇନେବା ପାଇଁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

ଆନ୍ଦୋଳନ ସ୍ଥଗିତ ରଖିଲେ ଆଶାକର୍ମୀ

ସଚିବଙ୍କ ସହ ଆଲୋଚନା କଲା ଆଶାକର୍ମୀ ୟୁନିୟନ ସଂଯୁକ୍ତ ମୋର୍ଚ୍ଚା

ଭୁବନେଶ୍ୱର,୧୬।୩ (ବ୍ୟୁରୋ)

୧୨ ଦଫା ଦାବି ନେଇ ଆଶାକର୍ମୀ ୟୁନିୟନ୍ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ଲୋୟର ପିଏମ୍‌ଜିରେ ଦୁଇଦିନ ଧରି ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରାଯିବା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ଗୁରୁବାର ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର୍ ତଥା ସଚିବ ଶାଳିନୀ ପଣ୍ଡିତଙ୍କ ସହ ମୋର୍ଚ୍ଚାର କର୍ମକର୍ତ୍ତା ଆଲୋଚନା କରିବା ପରେ ମୋର୍ଚ୍ଚା ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ଆଲୋଚନା ସମୟରେ ମୋର୍ଚ୍ଚାର ଆବାହକ ତଥା ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ୧୨ଦଫା ଦାବି ଉପସ୍ଥାପନ କରିଥିଲେ। ମାସିକ ଭତ୍ତା ବୃଦ୍ଧି, ଭତ୍ତାରେ ନିଶ୍ଚିତ ଇନ୍‌ସେଣ୍ଟିଭ୍ ସାମିଲ କରିବା, ବରିଷ୍ଠତା ଭିତ୍ତିରେ ଏଏନ୍‌ଏମ୍ ପଦବୀକୁ ପଦୋନ୍ନତି ଇତ୍ୟାଦି ଦାବି ନେଇ ସକାରାତ୍ମକ ଆଲୋଚନା ହୋଇଥିବା ମୋର୍ଚ୍ଚା ପକ୍ଷରୁ ସୂଚନା ଦିଆଯାଇଛି। କମିଶନର୍‌ଙ୍କ ସୁପାରିସ କ୍ରମେ ରାଜ୍ୟ ସରକାର ଖୁବ୍‌ଶୀଘ୍ର ଏ ନେଇ ଘୋଷଣା କରିବେ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆଶାକର୍ମୀଙ୍କ ଅହୋରାତ୍ର ଗଣଧାରଣା ସ୍ଥଗିତ ରହିଛି। ଧାରଣାସ୍ଥଳରେ ଗୁରୁବାର ସଂଯୁକ୍ତ ମୋର୍ଚ୍ଚାର ଆବାହକ ବିଜୟ ଜେନାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପରେ ଅପରାହ୍ନରେ ଜେନାଙ୍କ ସମେତ ନମିତା ସାହୁ, ମାତିଲଦା କୁଲୁ, ଉର୍ମି ଗୁପ୍ତା, ବିଜୟଲକ୍ଷ୍ମୀ ସିଂ, ମମତା ଖଣ୍ଡାୟତରାୟ, ଯାଜ୍ଞସେନୀ ପ୍ରଧାନ ପ୍ରମୁଖ ସଚିବଙ୍କ ସହ ଆଲୋଚନାରେ ସାମିଲ ହୋଇଥିଲେ। ଏହାପରେ ଆନ୍ଦୋଳନକୁ ମୋର୍ଚ୍ଚା ପକ୍ଷରୁ ସ୍ଥଗିତ ଘୋଷଣା କରାଯାଇଥିଲା।

ସ୍କୁଲ କମିଟି ସଭାପତିଙ୍କୁ ଚାପୁଡ଼ା ମାରିଲେ ବିଡିଓ

ଭଦ୍ରକ ଅଫିସ/ ବନ୍ତ,୧୬।୩ (ଡି.ଏନ.ଏ)

ସ୍କୁଲ ପରିଚାଳନା କମିଟି ସଭାପତିକୁ ଚାପୁଡ଼ା ମାରିଲେ ବିଡିଓ। ସ୍କୁଲରେ ୫-ଟି କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ନିମନ୍ତେ ବ୍ଲକ ପ୍ରଶାସନ ଆସିଥିବା ବେଳେ କମିଟି ସଭାପତି ଏହାକୁ ବିରୋଧ କରିବାରୁ ବିଡିଓ ତାଙ୍କ ଉପରକୁ ହାତ ଉଠାଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ସେଣ୍ଟତୀରା ପଞ୍ଚାୟତ ଶିଆଳିଆ ନୋଡାଲ ହାଇସ୍କୁଲରେ। ପରିଚାଳନା କମିଟି ସଭାପତି ରଞ୍ଜନ କୁମାର ବାରିକଙ୍କୁ ବିଡିଓ ପ୍ରଦୀପ ସେଠୀ ହାତ ଉଠାଇ ମାରିଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ଘଟଣାରୁ ପ୍ରକାଶ ଯେ, ୩ୟ ପର୍ଯ୍ୟାୟରେ ଶିଆଳିଆ ନୋଡାଲ ହାଇସ୍କୁଲ ୫-ଟି ରୂପାନ୍ତରଣରେ ସ୍ଥାନ ପାଇଛି। ହେଲେ ମାଟ୍ରିକ୍ ପରୀକ୍ଷା ପୂର୍ବରୁ ପ୍ରଧାନ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏହାକୁ ପରିଚାଳନା କମିଟି ସମେତ ଅଭିଭାବକମାନେ ବିରୋଧ କରିଥିଲେ। ପ୍ରଧାନ ଶିକ୍ଷକଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ସେମାନେ ଚଳିତମାସ ୬ତାରିଖରେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏଥିସହ ସ୍କୁଲରେ ୫-ଟି କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ନେଇ ୧୩ ତାରିଖରେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ୫-ଟି ସଚିବଙ୍କୁ ଦରଖାସ୍ତ କରିଥିଲେ। ଏସବୁ ସମସ୍ୟାର ସମାଧାନ ହୋଇ ନ ଥିବାବେଳେ

ଶିଆଳିଆ ନୋଡାଲ ହାଇସ୍କୁଲ ପରିସରରେ ଉତ୍ତେଜନା।

- **୫-ଟି କାର୍ଯ୍ୟ ଭିତ୍ତିପ୍ରସ୍ତର ସ୍ଥାପନକୁ ନେଇ ହୋଇଥିଲା ଯୁକ୍ତିତର୍କ**
- **ସୋସିଆଲ ମିଡିଆରେ ଭିଡିଓ ଭାଇରାଲ**

ଗୁରୁବାର ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ, କନିଷ୍ଠ ଯନ୍ତ୍ରୀ ପ୍ରଜ୍ଞା ପାରମିତା ମହାନ୍ତି ଓ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରଦ୍ଧା ସୁମନ ନାଥ ସ୍ଥାନୀୟ ପୋଲିସ ସହାୟତାରେ ୫-ଟି କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ବିଦ୍ୟାଳୟକୁ ଆସିଥିଲେ। ସରପଞ୍ଚ ପ୍ରଶାନ୍ତ ଦାସ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ରଞ୍ଜନଙ୍କ ସମେତ ସଭ୍ୟ ଓ ଅଭିଭାବକମାନେ ଏହାକୁ ବିରୋଧ କରିଥିଲେ। ବିଦ୍ୟାଳୟକୁ ପ୍ରଧାନ ଶିକ୍ଷକଙ୍କୁ ଫେରାଇ ନ ଆଣିଲେ କାର୍ଯ୍ୟ କରାଇଦେବୁ ନାହିଁ ବୋଲି ରଞ୍ଜନ କହିବାରୁ ବିଡିଓ ସେଠୀ ହଠାତ୍ ରାଗିଯାଇ ତାଙ୍କ ଉପରକୁ ହାତ ଉଠାଇଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ବନ୍ତ ପୋଲିସ ସ୍ଥିତି ନିୟନ୍ତ୍ରଣ କରିଥିଲା। ଏ ସମ୍ପର୍କରେ ବିଡିଓ ସେଠୀଙ୍କୁ ପଚାରିବାରୁ ସେଠାରେ ଯୁକ୍ତିତର୍କ ହୋଇଥିଲା, କିନ୍ତୁ ହାତ ଉଠାଇବା କଥା ମିଛ ବୋଲି କହିଛନ୍ତି।

ପୋଲିସ ଅଧିକାରୀଙ୍କୁ ନୋଟିସ

୧୫ ଦିନ ମଧ୍ୟରେ ପକ୍ଷ ନ ରଖିଲେ ଏକତରଫା କାର୍ଯ୍ୟାନୁଷ୍ଠାନ

କଟକ ଅଫିସ,୧୬।୩

କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ପୋଲିସ ଅଧିକାରୀ ଏନ୍. ବି. ଭାରତୀଙ୍କୁ ନୋଟିସ୍ ଜାରି କରାଯାଇଛି। ତାଙ୍କ ଉପରେ ଲଗାଯାଇଥିବା ଆରୋପରୁ ରକ୍ଷା ପାଇବା ପାଇଁ ନୋଟିସ୍ ପାଇବାର ୧୫ ଦିନ ମଧ୍ୟରେ ନିଜର ପକ୍ଷ ରଖିବାକୁ ନୋଟିସ୍‌ରେ ଉଲ୍ଲେଖ କରାଯାଇଛି। ନଚେତ୍ ଏକତରଫା ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରାଯାଇଛି। ନୋଟିସ୍ ସୂଚନା ଅନୁସାରେ, ରାଜ୍ୟ ଗୃହ ବିଭାଗ ପକ୍ଷରୁ ଭାରତୀଙ୍କ ବିରୋଧରେ ୨୦୧୭ ନଭେମ୍ବର ୨୩ରେ ଶୃଙ୍ଖଳାଗତ କାର୍ଯ୍ୟବିଧି ଆରମ୍ଭ ହୋଇଥିଲା। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ତଦନ୍ତ ଦାୟିତ୍ୱରେ ଥିଲେ। ତଦନ୍ତକାରୀ ଅଧିକାରୀ ଭିନ୍ନ ଭିନ୍ନ ସମୟରେ ତାରିଖ ଧାର୍ଯ୍ୟ କରି ଭାରତୀଙ୍କୁ ରେଜିଷ୍ଟ୍ରି/ସ୍ପିଡ୍ ଡାକ ଓ ଇ-ମେଲ ଯୋଗେ ଚିଠି ପ୍ରେରଣ କରିଥିଲେ। ହେଲେ ଭାରତୀ ସେଗୁଡ଼ିକୁ ଗ୍ରହଣ ନ କରିବାରୁ ତାହା ଫେରିଆସିଥିଲା। ବାରମ୍ବାର ନୋଟିସ ପରେ ବି ଭାରତୀ ତଦନ୍ତରେ ଉପସ୍ଥିତ ନ ହେବାରୁ ତାହା ଏକତରଫା ପରିଚାଳନା ହୋଇଥିଲା। ପରେ ପୁଣି ୨୦୨୨ ଫେବୃୟାରୀ ୨୮ ଓ ମାର୍ଚ୍ଚ ୧୬ ତାରିଖରେ ନୋଟିସ ପଠାଯାଇଥିଲା। ହେଲେ ତାହା ବିଫଳ ହୋଇଥିଲା। ଏବେ ପୁଣି ନୋଟିସ ପଠାଯାଇଛି।

ଏଚ୍‌ଆଇଏନ୍୨ ସଂକ୍ରମିତଙ୍କ ସଂଖ୍ୟା ୬୧କୁ ବୃଦ୍ଧି

ଆତଙ୍କିତ ହୁଅନାହିଁ, ସତର୍କ ରୁହ: ଆର୍‌ଏମ୍‌ଆର୍‌ସି ନିର୍ଦ୍ଦେଶିକା

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ରାଜ୍ୟରେ ଏଚ୍‌ଆଇଏନ୍୨ ସଂକ୍ରମିତଙ୍କ ସଂଖ୍ୟା ୬୧କୁ ବୃଦ୍ଧି ପାଇଛି। ୧୪ ତାରିଖ ସୁଦ୍ଧା ରାଜ୍ୟରେ ଆଉ ମାତ୍ର ଦୁଇଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରୁ ଅନେକେ ସୁସ୍ଥ ହୋଇସାରିଛନ୍ତି। ରାଜ୍ୟରେ ଚିହ୍ନଟ ମୋଟ ୬୧ ଜଣ ସଂକ୍ରମିତଙ୍କ ମଧ୍ୟରୁ ୬ଜଣ ୫ବର୍ଷରୁ କମ୍ ବୟସର ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡ଼ିଛି। ତେବେ ରାଜ୍ୟରେ ଆତଙ୍କିତ ହେବା ଭଳି ସ୍ଥିତି ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସେପଟେ ଏଚ୍‌ଆଇଏନ୍୨ ସଂକ୍ରମିତଙ୍କଠାରେ କୋଭିଡ୍ ଭଳି ଲକ୍ଷଣ ଦେଖା ଦେଉଥିଲେ ମଧ୍ୟ ଏହାକୁ ନେଇ ଚିନ୍ତା ବା ଆତଙ୍କିତ ହେବାର ଆବଶ୍ୟକତା ନାହିଁ ବୋଲି ଆର୍‌ଏମ୍‌ଆର୍‌ସି ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି କହିଛନ୍ତି। ବିଭିନ୍ନ ସରକାରୀ ଡାକ୍ତରଖାନାରୁ ଆସୁଥିବା ନମୁନାର ପରୀକ୍ଷା ଆର୍‌ଏମ୍‌ଆର୍‌ସିରେ କରାଯାଉଛି। ତାପମାତ୍ରା ବୃଦ୍ଧି ସହିତ ଏହି ସଂକ୍ରମଣ ହ୍ରାସ ପାଇବ। ରାଜ୍ୟରେ ଏବେ ଏହି ଗ୍ରାଫ୍ ତଳମୁହାଁ ହୋଇଥିବା ଜଣାପଡୁଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ଡ୍ରପ୍‌ଲେଟ୍‌ରୁ ଏଚ୍‌ଆଇଏନ୍୨ ସଂକ୍ରମଣ ବୃଦ୍ଧି ପାଏ। ସ୍କୁଲରେ ପିଲା ଏକାଠି ହେଉଥିବାରୁ ପିଲାଙ୍କ ମଧ୍ୟରେ ଏହା ଅଧିକ ବ୍ୟାପୁଛି। ଏହାକୁ ନେଇ ବାହାର ରାଜ୍ୟରେ ସ୍କୁଲ ବନ୍ଦ ଭଳି ସ୍ଥିତି ଉପୁଜିଛି। ହେଲେ ରାଜ୍ୟରେ ସେଭଳି ଆତଙ୍କିତ ହେବା ଭଳି ସ୍ଥିତି ନାହିଁ। ଏହା ଋତୁକାଳୀନ ଇନଫ୍ଲୁଏଞ୍ଜା ହୋଇଥିବାରୁ ସଂକ୍ରମିତ ୭ଦିନ ମଧ୍ୟରେ ବିନା ଔଷଧରେ ସୁସ୍ଥ ହୋଇଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କୁ ଅଧିକ ଦିନ ଥଣ୍ଡା, କାଶ, ଜ୍ୱର ଲାଗି ରହେ ତେବେ ଡାକ୍ତରଙ୍କୁ ପରାମର୍ଶ କରିବେ। ପ୍ରଥମେ କୋଭିଡ୍ ଟେଷ୍ଟ ପରେ ଇନଫ୍ଲୁଏଞ୍ଜା ଟେଷ୍ଟ କରି ଚିକିତ୍ସା ହେବ। ଯଦି ଥଣ୍ଡା ଜ୍ୱର ନିମୋନିଆ ଆଡ଼କୁ ଗତି କରେ ଏଥିରେ ଆଣ୍ଟିବାୟୋଟିକ କାମ କରେ ନାହିଁ, ତେଣୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଆଣ୍ଟିଭାଇରାଲ୍ ଔଷଧ ସେବନ ଆରମ୍ଭ କରିହେବ ବୋଲି ସେ କହିଛନ୍ତି।

ଆଜିର ମନ୍ତବ୍ୟ

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ତାଙ୍କ ଦଳର କର୍ମୀମାନେ ଦେଶ ବିରୋଧୀ ଭାଷା କହୁଛନ୍ତି। ଏହି ଗୋଷ୍ଠୀ ଭାରତକୁ ନିନ୍ଦା କରିବା ପାଇଁ ଷଡ଼ଯନ୍ତ୍ର ରଚିଛନ୍ତି।

– କିରେନ ରିଜିଜୁ, କେନ୍ଦ୍ର ଆଇନ ମନ୍ତ୍ରୀ

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଆଜି କୁରୁକୁରୁ ହସ
କାଲି ଲଙ୍ଗଳ ଦେଇ ଚଷା

ସମୟ କାହାରିକୁ ଅପେକ୍ଷା କରି ନ ଥାଏ। ସମୟର ସଦୁପଯୋଗ କରିପାରୁ ନ ଥିବା ବ୍ୟକ୍ତିଙ୍କୁ ପଛରେ ବହୁ ମୂଲ୍ୟ ଦେବାକୁ ପଡ଼ିଥାଏ। ଆଜି ଅଯଥାରେ ଦିନ କାଟିଲେ କାଲି କଷ୍ଟ ଭୋଗିବାକୁ ପଡିଥାଏ ବୋଲି ଏଠାରେ ସୂଚିତ କରାଯାଇଛି।

ଆଖଡ଼ିଆ ଚମ୍ପା
ଆଖଡ଼ା ସରିଲେ ଫମ୍ପା।

ଆଖଡ଼ା ସରିଗଲା ପରେ ଆଖଡ଼ା ସ୍ଥାନଟିର ଗୁରୁତ୍ୱ କମିଯାଇଥାଏ। ଉକ୍ତ ସ୍ଥାନଟି ସମୟକ୍ରମେ ଅଣଦେଖା ଓ ଅବହେଳିତ ହୋଇଯାଇଥାଏ। ପରୋକ୍ଷରେ ଉପକୃତ ହେବା ପରେ ଉପକାରୀ ବ୍ୟକ୍ତିକୁ ଆଉ କେହି ସେତେ ଖୋଜୁ ବା ଲୋଡୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

ତହସିଲ ଅଫିସରେ...

ପ୍ରଥମ ପୃଷ୍ଠାରୁ...

ଅଭିଯୋଗରୁ ଜଣାପଡ଼ିଛି, କଲ୍ୟାଣପୁର ଗ୍ରାମର ଜଗଦୀଶଙ୍କ ବାପା ଆତ୍ମାରାମ ଜମିବିକ୍ରି ପାଇଁ ୨୦୨୨ ଜାନୁୟାରୀ ୧୫ରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଦୀର୍ଘଦିନ ଧରି ଆବେଦନ ଫର୍ମ ପଡ଼ିରହିବା ପରେ ୨୦୨୨ ମାର୍ଚ୍ଚ ୨୯ରେ ପଞ୍ଜୀକୃତ ହୋଇଥିଲା। ଏହାର ଭେରିଫିକେଶନ ପାଇଁ ଚିଠି ନଂ. ୭୯୭/୨୦୨୨ ଅନୁଯାୟୀ ମେ' ୯ରେ ସଦର ତହସିଲ କାର୍ଯ୍ୟାଳୟକୁ ପଠାଯାଇଥିଲା। ଇତିମଧ୍ୟରେ ବର୍ଷେ ବିତିଯାଇଥିଲେ ମଧ୍ୟ ଭେରିଫିକେଶନ ହୋଇପାରି ନ ଥିଲା। ଜଗଦୀଶ ଓ ତାଙ୍କ ମା' ବାରମ୍ବାର ଅଫିସ୍‌କୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇପଡ଼ିଥିଲେ ମଧ୍ୟ କେହି ସହଯୋଗ କରି ନ ଥିଲେ। ଗୁରୁବାର ଜଗଦୀଶ ଏକାକୀ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ତହସିଲଦାର ଆଶେସା ବାଗଙ୍କ ଦ୍ୱାରସ୍ଥ ହୋଇ ଏ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ହେଲେ ଅତିରିକ୍ତ ତହସିଲଦାର ତାଙ୍କୁ ବାରମ୍ବାର କାହିଁକି ଆସୁଛ କହି ଧମକଚମକ ହେଇଥିଲେ। ଏଥିରେ ଜଗଦୀଶ ଭାରସାମ୍ୟ ହରାଇ କାର୍ଯ୍ୟାଳୟରୁ ବାହାରି ଆସି ଦେହରେ ପେଟ୍ରୋଲ ଢାଳିହୋଇ ନିଆଁ ଲଗାଇ ଦେଇଥିଲେ। ଜଳୁଥିବା ଅବସ୍ଥାରେ ଅତିରିକ୍ତ ତହସିଲଦାର ଚ୍ୟାମ୍ବରକୁ ଦୌଡି ଯାଇଥିଲେ। ଜଗଦୀଶଙ୍କ ଶରୀରରେ ଲାଗିଥିବା ନିଆଁ ବ୍ୟାପୀ ଅଫିସ୍‌ର କେତେକ କାଗଜପତ୍ର ପୋଡ଼ିଯାଇଛି। ତେବେ ସେଠାରେ ଉପସ୍ଥିତ କର୍ମଚାରୀ ଏବଂ ଜନସାଧାରଣ ନିଆଁକୁ ଆୟତ୍ତ କରିବାରୁ ବଡ଼ ଧରଣର ବିପତ୍ତି ଟଳିଯାଇଛି। ଜଗଦୀଶଙ୍କୁ ଉଦ୍ଧାର କରି ତହସିଲଦାରଙ୍କ ଗାଡ଼ିରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ବିଗଡ଼ିବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

ଏ ସମ୍ପର୍କରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଇନ୍ଦ୍ରମଣି ବେହେରାଙ୍କୁ ପଚାରିବାରୁ ଆମ ପାଖରେ ଓକିଲ ସଂଘ ଓ ଜଗଦୀଶଙ୍କ ମା' ଲିଖିତ ଅଭିଯୋଗ କରିଛନ୍ତି। କେସ ରୁଜୁ ହୋଇନାହିଁ। ମାମଲା ରୁଜୁ କରାଯିବା ପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଉପଜିଲାପାଳ ସୁବାସ ଚନ୍ଦ୍ର ରଇତାଙ୍କୁ ପଚାରିବାରୁ ଆମେ ତଦନ୍ତ କରୁଛୁ, ଏଥିରେ ଯାହାର ଭୁଲ୍ ବାହାରିବ, ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଅନ୍ୟପଟେ ଘଟଣା ପରଠାରୁ ତହସିଲଦାର ଦେବେନ୍ଦ୍ର ରାଉତ ଓ ଅତିରିକ୍ତ ତହସିଲଦାର ଆଶେସା ବାଗଙ୍କ ମୋବାଇଲ୍ ସୁଇଚ୍ ଅଫ୍ ଥିବାରୁ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

ଆନ୍ଦୋଳନ ବଢ଼ାଇଛି...

ପମ୍ପଗୁଡ଼ିକରେ ଲୋକଙ୍କ ଲମ୍ବାଧାଡ଼ି ରହିଥିବା ପରିଲକ୍ଷିତ ହୋଇଛି। ଏପରି କି କେତେକ ସ୍ଥାନରେ ଘରୋଇ ଗାଡ଼ିଗୁଡ଼ିକ ତେଲ ନ ପାଇବାରୁ ମାଲିକମାନେ ନିରାଶ ହୋଇ ଫେରୁଥିବା ଦେଖିବାକୁମିଳିଛି। ଅନ୍ୟପକ୍ଷରେ ଓଡ଼ିଶା ପେଟ୍ରୋଲିୟମ୍ ଡିଲର ଆସୋସିଏଶନର ସାଧାରଣ ସମ୍ପାଦକ ସଞ୍ଜୟ ଲାଠଙ୍କ କହିବା ହେଲା ଗୁରୁବାର ମଧ୍ୟରାତ୍ର ସୁଦ୍ଧା ସରକାରଙ୍କ ପକ୍ଷରୁ ତୈଳ ପରିବହନ କ୍ଷେତ୍ରରେ ଯଦି କୌଣସି ପଦକ୍ଷେପ ନିଆ ନ ଯିବ ତା'ହେଲେ ଆମେ ନିକଟବର୍ତ୍ତୀ ଡିପୋରୁ ନିଜ ପ୍ରଚେଷ୍ଟାରେ ପେଟ୍ରୋଲ୍ ଏବଂ ଡିଜେଲ ଯୋଗାଣ କରିବାକୁ ଚେଷ୍ଟା କରିବୁ।

ଅପରପକ୍ଷରେ ବସ୍ ଓ ଟ୍ରକ୍ ମାଲିକ ସଂଘ ଆନ୍ଦୋଳନକୁ ସମର୍ଥନ କରୁ ନ ଥିଲେ ମଧ୍ୟ ବିନା ଡ୍ରାଇଭର ଓ ସୁରକ୍ଷା ମିଳୁ ନ ଥିବାରୁ ସେମାନେ ଅସହାୟ ହୋଇ ପଡିଛନ୍ତି। କାଁ ଭାଁ ବସ୍ ଚାଲୁଥିଲେ ମଧ୍ୟ ତାହା ଯାତ୍ରୀଙ୍କ ସମସ୍ୟାକୁ ଦୂର କରି ପାରୁ ନାହିଁ। ଅପରପକ୍ଷରେ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଗୁରୁବାର ସରକାରଙ୍କୁ ଚେତାବନୀ ଦେଇଛନ୍ତି। ତୁରନ୍ତ ଅବରୋଧ ହଟାଇବା ସହ ବସ୍ ଡ୍ରାଇଭରଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ସଂଘ କହିଛି। ନଚେତ ରାଜ୍ୟର ୧୪ହଜାର ଘରୋଇ ବସ୍ ଚଳାଚଳ ବନ୍ଦ କରିଦିଆଯିବ ବୋଲି ବସ୍ ମାଲିକ ସଂଘ ଶୁଣାଇ ଦେଇଛି।

ବସ୍ ଚଳାଚଳ ବନ୍ଦ ଯୋଗୁ ସବୁ ବର୍ଗର ଲୋକମାନେ ଅସୁବିଧା ଭୋଗିଲେଣି। ବିଶେଷ କରି ସ୍କୁଲ, କଲେଜରେ ପରୀକ୍ଷା ଚାଲିଥିବାରୁ ଶିକ୍ଷୟିତ୍ରୀଶିକ୍ଷକଙ୍କ ଠାରୁ ଆରମ୍ଭ କରି ପିଲାମାନେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡ୍ରାଇଭର ଆନ୍ଦୋଳନ ଯୋଗୁ ରାଜ୍ୟବାସୀ ଦୁର୍ଦ୍ଦଶା ଭୋଗ କରୁଛନ୍ତି। ବିଭିନ୍ନ ଜିଲାରେ ଡ୍ରାଇଭରମାନେ ଆନ୍ଦୋଳନକୁ ଜୋରଦାର କରିଥିବାରୁ କିଛି ସ୍ଥାନରେ ପୋଲିସ ସହ ଡ୍ରାଇଭରମାନଙ୍କ ଧସ୍ତାଧସ୍ତି ପରିସ୍ଥିତି ଦେଖିବାକୁ ମିଳିଛି। ସେପଟେ ଡ୍ରାଇଭର ଆନ୍ଦୋଳନକୁ ନେଇ ବିଧାନସଭା ହୁଲସ୍ଥୂଳ ହୋଇଛି। ଡ୍ରାଇଭରମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଦୂର କରିବାକୁ ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ ଦାବି କରିଛନ୍ତି। ଗୁରୁବାର ବିଧାନସଭା ଶୂନ୍ୟକାଳରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଏହି ପ୍ରସଙ୍ଗ ଉଠାଇ କହିଥିଲେ, ଡ୍ରାଇଭରମାନେ ରାତି ତମାମ ଗାଡ଼ି ଚଳାଉଛନ୍ତି। ସେମାନେ ବିଭିନ୍ନ ଦାବି ନେଇ ଆନ୍ଦୋଳନ ଚଳାଇଛନ୍ତି। ଡ୍ରାଇଭରଙ୍କ ସହ ସରକାର କାହିଁକି ଆଲୋଚନା କରୁନାହାନ୍ତି। ସେହିପରିପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଶେଷ ହେବା ମାତ୍ରେ ଶୂନ୍ୟକାଳରେ ନରସିଂହ ମିଶ୍ର ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ ଡ୍ରାଇଭରମାନେ ଆନ୍ଦୋଳନ ଚଳାଇଛନ୍ତି। ରାଜ୍ୟରେ ବସ୍ ସେବା ସମ୍ପୂର୍ଣ୍ଣ ଠପ୍ ହୋଇ ଯାଇଛି। ଟ୍ରକ୍, ୩ଚକିଆ ଯାନ ଚଳାଚଳ ବନ୍ଦ ରହିଛି। ଡ୍ରାଇଭରଙ୍କ ଷ୍ଟ୍ରାଇକ୍ ଭଣ୍ଡୁର କରିବାକୁ ଅନ୍ୟ ଗୋଷ୍ଠୀଙ୍କୁ ତାଙ୍କ ବିରୋଧରେ ଲଗାଇ ଦିଆଯାଇଛି। ଯେଉଁ ସମସ୍ୟା ନେଇ ଗୃହରେ ଆଲୋଚନା ହେଉଛି ତାହା ଉପରେ ସରକାର କିଛି ପଦକ୍ଷେପ ନେଉନାହାନ୍ତି। ଏ ଗୃହ ବିଭିନ୍ନ ଶ୍ରେଣୀର ଲୋକଙ୍କୁ ନ୍ୟାୟ ଦେଇପାରୁ ନାହିଁ। ସରକାର ବାଧ୍ୟ କରୁଛନ୍ତି ଗୃହର ମଧ୍ୟଭାଗକୁ ଆସି ଗଣ୍ଡଗୋଳ କରିବାକୁ। ବିନା ହଟ୍ଟଗୋଳରେ କୌଣସି ଦାବି ସରକାରଙ୍କ ଦୃଷ୍ଟିକୁ ଆସୁ ନାହିଁ। ଏତିକି କହିବା ମାତ୍ରେ କଂଗ୍ରେସ ଦଳ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହୋହଲ୍ଲା କରିଥିଲେ। ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ମଧ୍ୟ ଡ୍ରାଇଭର ଆନ୍ଦୋଳନକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ବିଭାଗୀୟ ମନ୍ତ୍ରୀ ସେମାନଙ୍କୁ ଡାକି ଆଲୋଚନା କରନ୍ତୁ ବୋଲି ଦାବି କରିଥିଲେ। ଭାଜପା ସଦସ୍ୟମାନେ ମଧ୍ୟ କଂଗ୍ରେସ ସହ ମିଶି ଗୃହରେ ହୋହଲ୍ଲା କରିଥିଲେ। ଡ୍ରାଇଭରଙ୍କ ଦାବି ତୁରନ୍ତ ପୂରଣ କରିବାକୁ ଦାବି କରିଥିଲେ। ଗୃହରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିବା ସହ ଗୃହକୁ ୧୦ ମିନିଟ ପାଇଁ ମୁଲତବୀ ଘୋଷଣା କରିଥିଲେ। ପ୍ରାୟ ଅଧଘଣ୍ଟା ଆଲୋଚନା ପରେ ୧୨ଟା ୩୮ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି କହିଥିଲେ, ବିରୋଧୀ ଦଳ ସଦସ୍ୟମାନେ ଡ୍ରାଇଭରଙ୍କ ସହ ଆଲୋଚନା କରିବାକୁ ଦାବି କରିଛନ୍ତି। ପରିବହନ ମନ୍ତ୍ରୀ ଡ୍ରାଇଭରମାନଙ୍କ ସହ ଆଲେଚାନ କରି ଶୁକ୍ରବାର ଗୃହରେ ଏକ ବିବୃତି ଦେବାକୁ ବାଚସ୍ପତି ରୁଲିଂ ଦେଇଛନ୍ତି।

ଅନ୍ୟପକ୍ଷରେ ବସ୍ ଚଳାଇବାକୁ ପ୍ରତିଶ୍ରୁତି ଦେଇଥିବା ପୋଲିସ ମଧ୍ୟ ଡ୍ରାଇଭର ଆନ୍ଦୋଳନ ଆଗରେ ଅସହାୟ ହୋଇଛି। ବସ୍ କର୍ମଚାରୀଙ୍କୁ ସୁରକ୍ଷା ଦେଇ ନ ପାରିବାରୁ ୨ ଦିନ ହେବ ରାସ୍ତାରେ ବସ ଗଡ଼ିପାରୁ ନାହିଁ। ଅନେକ ସ୍ଥାନରେ ବସ୍ କର୍ମଚାରୀମାନେ ମାଡ଼ ଖାଇବା ସହ ଅପମାନିତ ହୋଇଛନ୍ତି। ଏପରିକି ଯାତ୍ରୀଙ୍କୁ ଅଧା ରାସ୍ତାରେ ଛାଡ଼ି ଫେରିବା ପାଇଁ ବାଧ୍ୟ ହୋଇଛନ୍ତି। ରାଜ୍ୟ ରାଜପଥ ଓ ଜାତୀୟ ରାଜପଥରୁ ଗୁରୁବାର ଅବରୋଧ ନ ହଟିଲେ ଶୁକ୍ରବାରଠାରୁ ବସ୍ ଚଳାଚଳ ବନ୍ଦ କରିବେ ବୋଲି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଚେତାବନୀ ଦେଇଛି। ରାସ୍ତାରେ ଗାଡ଼ି ଛିଡ଼ା କରି ଅନିର୍ଦ୍ଦିଷ୍ଟ କାଳ ପାଇଁ ପ୍ରତିବାଦ ବୋଲି ସଂଘର ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି। ରାଜ୍ୟବ୍ୟାପୀ ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁ ବୁଧବାର ଦିନ ଓ ରାତି ତମାମ ବସ୍ କର୍ମଚାରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପୋଲିସ୍ ପ୍ରଶାସନ ସହଯୋଗ କରିବ ବୋଲି ଭାବିଥିଲୁ। ସେଥିପାଇଁ ଗାଡ଼ି ଚଳାଇଥିଲୁ। ହେଲେ ପୋଲିସ୍ ସହଯୋଗ କଲା ନାହିଁ। ପୋଲିସ ଉପସ୍ଥିତିରେ ଡ୍ରାଇଭରମାନେ ଗାଡ଼ି ଅଟକାଉଛନ୍ତି। ଡ୍ରାଇଭର ସଂଘର ଆନ୍ଦୋଳନକୁ ଆମେ ବିରୋଧ କରୁନାହୁଁ। ସେମାନେ ତାଙ୍କ ଦାବି ଉପସ୍ଥାପନ କରନ୍ତୁ। ପୋଲିସ ସୁରକ୍ଷା ନ ଦେଲେ ବସ୍ ଚଳାଇବା ସମ୍ଭବ ହେବ ନାହିଁ ବୋଲି ସେ କହିଛନ୍ତି।

ମାଟ୍ରିକ୍ ପରୀକ୍ଷାର୍ଥୀଙ୍କୁ ଅପହରଣ ଉଦ୍ୟମ

- କାର୍ କାଚ ଭାଙ୍ଗି ଖସି ଆସିଲେ ଛାତ୍ରୀ
- ଛାତ୍ରୀଙ୍କ ସାହସିକତାକୁ ବିଭିନ୍ନ ମହଲରେ ପ୍ରଶଂସା
- ପୋଲିସ ତଦନ୍ତ ଜାରି

ପଙ୍ଗାମୁଣ୍ଡାଇ, ୧୬ମାର୍ଚ୍ଚ(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଙ୍ଗାମୁଣ୍ଡାଇ ଆଦର୍ଶ ଥାନା ଅଞ୍ଚଳର ଜଣେ ଛାତ୍ରୀ କାର କାଚ ଭାଙ୍ଗି ଅପହରଣକାରୀଙ୍କ କବଳରୁ ଖସି ଆସିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଗୁରୁବାର ପୂର୍ବାହ୍ନ ପ୍ରାୟ ୧୦ଟା୧୫ରେ ଏହି ଘଟଣା ଘଟିଛି। ଦୁର୍ବୃତ୍ତମାନେ ଏକ କାରରେ ସମ୍ପୃକ୍ତ ଛାତ୍ରୀକୁ କୌଣସି ଔଷଧ ଶୁଙ୍ଘାଇ ଅପହରଣ କରିବାକୁ ଉଦ୍ୟମ କରିଥିଲେ। ହେଲେ ତାହା କାଟୁ କରି ନ ଥିଲା। ଫଳରେ ଛାତ୍ରୀ ଜଣକ ଅପହରଣକାରୀଙ୍କ କବଳରୁ ଖସି ଆସିବାକୁ ଉଦ୍ୟମ କରିଥିଲେ। ଏହାଦେଖି ଅପହରଣକାରୀମାନେ ତାଙ୍କୁ ବ୍ଲେଡ୍‌ରେ ଆକ୍ରମଣ କରିବାରୁ ସେ ଆହତ ହୋଇଛନ୍ତି। ଶେଷରେ ଅପହରଣକାରୀମାନେ ତାଙ୍କୁ ସ୍ଥାନୀୟ ଗଜାନନ ମାର୍କେଟ କମ୍ପ୍ଲେକ୍ସ ନିକଟରେ ଛାଡି କେନ୍ଦ୍ରାପଡ଼ା ଆଡକୁ ଚାଲିଯାଇଥିବା ଛାତ୍ରୀ ଜଣକ କହିଛନ୍ତି। ଏହି ଘଟଣାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ପଙ୍ଗାମୁଣ୍ଡାଇ ଅଞ୍ଚଳର ଏକ ହାଇସ୍କୁଲରେ ମାଟ୍ରିକ୍ ପରୀକ୍ଷା ଦେଇ ଛାତ୍ରୀ ଜଣକ ଘରକୁ ଫେରୁଥିଲେ। ଏ ସମୟରେ ୩ଜଣ ଦୁର୍ବୃତ୍ତ ଛାତ୍ରୀଙ୍କୁ କିଛି ଶୁଙ୍ଘାଇ ଅଚେତ କରିବାକୁ ଉଦ୍ୟମ କରିବା ସହ କାରକୁ ଉଠାଇ ନେଉଥିଲେ। ହେଲେ କାର ଭିତରେ ଛାତ୍ରୀ ଜଣଙ୍କ ସହ ଦୁର୍ବୃତ୍ତମାନଙ୍କ ଧସ୍ତାଧସ୍ତି ହୋଇଥିଲା। ଛାତ୍ରୀ ଜଣଙ୍କ ଗୋଇଠା ମାରି କାରର କାଚ ଭାଙ୍ଗି ସେମାନଙ୍କ କବଳରୁ ମୁକୁଳିବା ପାଇଁ ଚିତ୍କାର କରିଥିଲେ। ଦୁର୍ବୃତ୍ତମାନେ ଏହା ଦେଖି ବ୍ଲେଡ୍ ସାହାଯ୍ୟରେ ଛାତ୍ରୀଙ୍କୁ ଆକ୍ରମଣ କରିବାରୁ ତାଙ୍କ ହାତ, ବେକ ଓ ଗୋଡରେ କ୍ଷତ ସୃଷ୍ଟି ହୋଇଛି। ଛାତ୍ରୀ ଜଣଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକ ରୁଣ୍ଡ ହେବାରୁ ଦୁର୍ବୃତ୍ତମାନେ ତାଙ୍କୁ ଛାଡ଼ି କାର ନେଇ ଫେରାର ହୋଇଯାଇଥିଲେ। ଏହାର କିଛି ସମୟ ପରେ ଛାତ୍ରୀଜଣକ ସଂଜ୍ଞାହୀନ ହୋଇ ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପଙ୍ଗାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଛାତ୍ରୀଙ୍କ ମା' ବାପା ଚିକିତ୍ସାଳୟରେ ପହଞ୍ଚିଥିଲେ। ଏ ନେଇ ଛାତ୍ରୀଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଛାତ୍ରୀଙ୍କୁ ପଚାରିବାରେ ପରୀକ୍ଷା ଦେଇ ସ୍କୁଲରୁ ବାହାରୁ ଥିବା ବେଳେ ୩ ଜଣ ଦୁର୍ବୃତ୍ତ କ'ଣ ଶୁଙ୍ଘାଇ ଦେବାରୁ ମୋର ମୁଣ୍ଡ ବୁଲାଇ ଦେଇଥିଲା। ଏହି ସମୟ ଅପହରଣକାରୀମାନେ ମୋତେ କାର ଭିତରକୁ ଉଠାଇ ନେଇଥିଲେ। ହେଲେ ମୁଁ ସେମାନଙ୍କ ସହିତ ଲଢ଼ିବା ସହିତ କାରର କାଚକୁ ଗୋଇଠା ମାରି ଭାଙ୍ଗି ନିଜକୁ ମୁକୁଳାଇଥିଲି ବୋଲି କହିଛନ୍ତି। ଛାତ୍ରୀଙ୍କ ଏଭଳି ସାହସିକତାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଏ ସମ୍ପର୍କରେ ଆଇଆଇସି ତପନ କୁମାର ରାଉତଙ୍କୁ ପଚାରିବାରେ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛି। ତଦନ୍ତ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଅପହରଣକାରୀମାନଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି।

ବଲିଉଡ୍‌ରେ କେନ୍ଦୁଝର ଝିଅ ୟୁବିକା

କେନ୍ଦୁଝର, ୧୬ମାର୍ଚ୍ଚ(ନରେଶ ଚନ୍ଦ୍ର ପଟ୍ଟନାୟକ)

- କପିଲ ଶର୍ମାଙ୍କ ଅଭିନୀତ 'ଜ୍ୱିଗାଟୋ'ରେ ଅଭିନୟ କରୁଛନ୍ତି
- ସ୍ୱପ୍ନ ସତ ହୋଇଛି: ୟୁବିକା

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ରାଇକଳା ପଞ୍ଚାୟତ ଟାଙ୍ଗରାଣୀ ଗ୍ରାମର ୟୁବିକା ବ୍ରହ୍ମ ବଲିଉଡ୍ ଜ୍ୱିଗାଟୋ ଚଳଚ୍ଚିତ୍ରରେ ଅଭିନୟ କରୁଛନ୍ତି। ଏହି ଚଳଚ୍ଚିତ୍ର ଶୁକ୍ରବାର ମୁକ୍ତି ଲାଭ କରିବ। ଚଳଚ୍ଚିତ୍ରରେ ଅଭିନେତା କପିଲ ଶର୍ମା ଡେଲିଭରି ବୟ ଚରିତ୍ର କରୁଥିବାବେଳେ ୟୁବିକା ତାଙ୍କର ଝିଅ ଭୂମିକାରେ ଅଭିନୟ କରୁଛନ୍ତି। ଡାଇରେକ୍ଟର ନନ୍ଦିତା ଦାସ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି। ୟୁବିକା କେନ୍ଦୁଝର ଟାଙ୍ଗରାଣୀ ଗ୍ରାମର ସରୋଜ ବ୍ରହ୍ମ ଓ ରୋଜାଲିନ ବିଶ୍ୱାଳଙ୍କ କନ୍ୟା। ସେ ଭୁବନେଶ୍ୱର କିଟ୍‌ସ ଇଣ୍ଟର୍ନ୍ୟାଶନାଲ ବିଦ୍ୟାଳୟରେ କ୍ଲାସ୍ ୮ରେ ଅଧ୍ୟୟନ କରୁଛନ୍ତି। ଏହି କୁନି କଳାକାରଙ୍କ ସହ ସ୍ୱତନ୍ତ୍ର ଆଳାପ।

ପ୍ରଶ୍ନ:– ଆପଣଙ୍କ ପ୍ରଥମ ବଲିଉଡ୍ ସିନେମା ରିଲିଜ ହେବ, କିପରି ଲାଗୁଛି?
ଉତ୍ତର:– ମୁଁ ବହୁତ ଉତ୍ସାହିତ ରହିଛି। ମୋ ସ୍ୱପ୍ନ ସତ ହେବାକୁ ଯାଉଛି।

ପ୍ରଶ୍ନ:– କାହା ସହିତ ପ୍ରଥମ ଦିନ ସିନେମା ଦେଖିବେ?
ଉତ୍ତର – ପରିବାର ଲୋକ, ସାଙ୍ଗମାନଙ୍କ ସହିତ ଦେଖିବି।

ପ୍ରଶ୍ନ :– ତେବେ ଉକ୍ତ ଚଳଚ୍ଚିତ୍ର ପାଇଁ କିପରି ଚୟନ ହେଲେ?
ଉତ୍ତର – ଆମ ସ୍କୁଲରେ ଅଡିସନ ହୋଇଥିଲା। ପ୍ରାୟ ୫୦ ଜଣ ଭାଗ ନେଇଥିଲେ। ନିଜେ ନିର୍ଦ୍ଦେଶିକା ନନ୍ଦିତା ଦାସ ମୋତେ ଚୟନ କରିଥିଲେ।

ପ୍ରଶ୍ନ:– ପ୍ରଥମ ସିନେମାରେ କାମ କରିବାର ଅନୁଭୂତି?
ଉତ୍ତର – ବଡ଼ କଳାକାରଙ୍କ ସହିତ କାମ କରିବାର ସୁଯୋଗ ପାଇଥିବାରୁ ବେଶ୍ ଖୁସି ଅନୁଭବ କରୁଛି।

ପ୍ରଶ୍ନ:– ଅଭିନୟ ପ୍ରତି ଆଗ୍ରହୀ ଶିଶୁମାନଙ୍କୁ କ'ଣ କହିବେ?
ଉତ୍ତର – କାମ ଉପରେ ଦୃଷ୍ଟି ଦେବା ଜରୁରୀ। ସଫଳ ହେବା ପର୍ଯ୍ୟନ୍ତ ଉଦ୍ୟମ ଜାରି ରଖିବା ଆବଶ୍ୟକ।

ପ୍ରଶ୍ନ:– କେଉଁ ସିନେମା ଭଲ ଲାଗିଛି ଏବଂ କେଉଁ ହିରୋ ଓ ହିରୋଇନ ପସନ୍ଦ?
ଉତ୍ତର – ନିକଟରେ ରିଲିଜ ହୋଇଥିବା ସିନେମା ପଠାନ ମୋତେ ଭଲ ଲାଗିଛି। ଶାହାରୁଖ ଖାନ ଓ ଆଲିଆ ଭଟ୍ଟ ମୋର ପସନ୍ଦ।

ପ୍ରଶ୍ନ:– ଭବିଷ୍ୟତରେ କ'ଣ ହେବାକୁ ଆଶା ରଖିଛନ୍ତି?
ଉତ୍ତର–ଡାକ୍ତର ହୋଇ ଅସହାୟ ଲୋକଙ୍କ ସେବା କରିବା। ଏଥିସହ ସଫଳ ଅଭିନେତ୍ରୀ ହେବାଲାଗି ସ୍ୱପ୍ନ ରହିଛି।

କପିଲ ଶର୍ମାଙ୍କ ସହ ୟୁବିକା ବ୍ରହ୍ମ।

ଆନ୍ଦୋଳନରତ ଡ୍ରାଇଭର-ପୋଲିସ ଖଣ୍ଡଯୁଦ୍ଧ

ଗୋପାଳପୁର/ଛତ୍ରପୁର, ୧୬ମାର୍ଚ୍ଚ(ଡି.ଏନ୍.ଏ.)

- ପୋଲିସର ମୃଦୁ ଲାଠି ଚାଳନା

ନିବେଶ ପାଇଁ ଓଡ଼ିଶା ସର୍ବୋତ୍ତମ

ଧରିତ୍ରୀ | OrissaPOST
BUSINESS EMINENCE AWARDS

ଓଡ଼ିଶାରୁ ଉଚ୍ଚଶିକ୍ଷା ଶେଷକରି ଆମେରିକାର ବୋଷ୍ଟନ୍ ୟୁନିଭର୍ସିଟିରୁ ମାଷ୍ଟର ଡ଼ିଗ୍ରୀ ହାସଲ ପରେ ପାରିବାରିକ ବ୍ୟବସାୟରେ ସେ ମନୋନିବେଶ କରିଥିଲେ। ୧୯୯୦ ଦଶକରେ ଇଣ୍ଡିଆନ ମେଟାଲ୍ସ ଆଣ୍ଡ ଫେରୋ ଆଲୟେଜ(ଇମ୍ପା)ର ପରିବର୍ଦ୍ଧନରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ଏହାକୁ ରାଜ୍ୟର ଏକ ଅଗ୍ରଣୀ ଶିଳ୍ପରେ ପରିଣତ କରାଇଛନ୍ତି। ତାଙ୍କ ଦୂରଦୃଷ୍ଟି ଇମ୍ପାକୁ ଓଡ଼ିଶାର ଏକ ପ୍ରମୁଖ ଶିଳ୍ପ ଏବଂ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସଂସ୍ଥା ଭାବେ ସୁନାମ ଆଣି ଦେଇଛି। ଧରିତ୍ରୀ ସହ ବିଶେଷ ଆଳାପ ବେଳେ ସଫଳ ଶିଳ୍ପୋଦ୍ୟୋଗୀ, ଇମ୍ପା ଏମ୍‌ଡି ତଥା ଫିକି ସଭାପତି ଶୁଭ୍ରକାନ୍ତ ପଣ୍ଡା ଓଡ଼ିଶାରେ ଶିଳ୍ପର ଅଗ୍ରଗତି ଓ ଅନ୍ୟ ବିଷୟରେ ନିଜ ମତ ରଖିଛନ୍ତି।

ଶୁଭ୍ରକାନ୍ତ ପଣ୍ଡା

ପ୍ର–୧: ଓଡ଼ିଶାରେ ଶିଳ୍ପର ବିକାଶକୁ କିଭଳି ଦେଖୁଛନ୍ତି?

ଉ– ପୁଞ୍ଜିନିବେଶକଙ୍କ ପାଇଁ ଓଡ଼ିଶା ବର୍ତ୍ତମାନ ଅନ୍ୟତମ ଆକର୍ଷଣୀୟ ରାଜ୍ୟ ଭାବେ ମାନ୍ୟତା ଲାଭ କରିଛି। ଏଥିପାଇଁ ଅନୁକୂଳ ପରିବେଶ ଓ ଶିଳ୍ପନୀତି ମଧ୍ୟ ରହିଛି। ରାଜ୍ୟରେ ଥିବା ପର୍ଯ୍ୟାପ୍ତ ପ୍ରାକୃତିକ ସମ୍ବଳର ସୁବିନିଯୋଗ କରାଯାଇ ଶିଳ୍ପ ଅଭିବୃଦ୍ଧିରେ ବିରାଟ ପରିବର୍ତ୍ତନ ଅଣାଯାଇପାରିଛି। ଏହାବ୍ୟତୀତ ବିବିଧତା ଉପରେ ଗୁରୁତ୍ୱ ଦିଆଯିବା ଫଳରେ ଅନ୍ୟ କ୍ଷେତ୍ରଗୁଡ଼ିକରେ ମଧ୍ୟ ପୁଞ୍ଜିନିବେଶ ବୃଦ୍ଧି ପାଉଛି, ଯାହାକି ଏକ ଉତ୍ତମ ପଦକ୍ଷେପ। ଏହି ଦୃଷ୍ଟିକୋଣରୁ ବିଗତ ଦଶନ୍ଧିରେ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ଘଟିଛି। ଏପରିକି ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ଜାତୀୟ ହାରଠାରୁ ଅଧିକ। ଏଥିରୁ ଶିଳ୍ପାୟନ ପ୍ରତି ରାଜ୍ୟର ପ୍ରତିଶ୍ରୁତିବଦ୍ଧତା ପ୍ରତିଫଳିତ ହେଉଛି।

ପ୍ର–୨: ଫିକି ସଭାପତି ଭାବେ ଓଡ଼ିଶା ପ୍ରତି ଆପଣଙ୍କ ଆଭିମୁଖ୍ୟ କ'ଣ ରହିବ?

ଉ– ପ୍ରଥମ ଓଡ଼ିଆ ଭାବେ ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ର ସଭାପତି ହେବା ମୋ ପାଇଁ ଗୌରବର କଥା। ଏହା ମୋର ବ୍ୟକ୍ତିଗତ ସଫଳତା ନୁହେଁ, ବରଂ ଓଡ଼ିଶା ଏକ ଶିଳ୍ପଭିତ୍ତିକ ରାଜ୍ୟ ରୂପେ ସାମର୍ଥ୍ୟ ପ୍ରଦର୍ଶନ କରିପାରୁଥିବାରୁ ଏହା ସମ୍ଭବ ହୋଇଛି। ରାଜ୍ୟ ହାସଲ କରିଥିବା ସମସ୍ତ ସଫଳତାର ଏହା ଏକ ପ୍ରତିଫଳନ ବୋଲି ମୁଁ ବିବେଚନା କରେ। ଯେତେଦୂର ମୋର ଭୂମିକା କଥା ଉଠୁଛି, ଫିକିର ସଭାପତି ଭାବେ ମୋର ଭୂମିକା ଜାତୀୟସ୍ତରକୁ ଲକ୍ଷ୍ୟ କେନ୍ଦ୍ରିତ କରୁଛି। କିନ୍ତୁ ମୁଁ ସବୁବେଳେ କହେ ଓଡ଼ିଶା ମୋ ପାଇଁ ସର୍ବଦା ଅଗ୍ରାଧିକାର ଲାଭ କରିଛି।

ପ୍ର–୩: ଚଳିତ କେନ୍ଦ୍ରୀୟ ବଜେଟ ଶିଳ୍ପକ୍ଷେତ୍ରକୁ କିଭଳି ସହାୟକ ହେବ?

ଉ– କେନ୍ଦ୍ରୀୟ ବଜେଟ ଏକ ଅଭିବୃଦ୍ଧିଶୀଳ ବଜେଟ। ଏହା ଏକ ପ୍ରଗତିଶୀଳ ବଜେଟ ହୋଇଥିବାରୁ ଫିକି ପକ୍ଷରୁ ଆମେ ସାଧାରଣ ଭିତ୍ତିଭୂମି ଓ ପୁଞ୍ଜି ବ୍ୟୟକୁ ଗୁରୁତ୍ୱ ଦେଇଆସିଛୁ। ବଜେଟରେ ମଧ୍ୟ ଏହା ପ୍ରତିଳଫିତ ହୋଇଛି। ପୁଞ୍ଜି ବ୍ୟୟରେ ପୂର୍ବାପେକ୍ଷା ୩୩% ଅଧିକ ଆବଣ୍ଟନ ସହ ୧୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବା ଏକ ଐତିହାସିକ ସଂଖ୍ୟା, ଯାହା ମୋଟ ଘରୋଇ ଉତ୍ପାଦ(ଜିଡିପି) ୩.୩%ର ପ୍ରତିନିଧିତ୍ୱ କରୁଛି। ତେବେ ରାଜ୍ୟର ଅନୁଦାନକୁ ମିଶାଇଲେ ମୋଟ ଘରୋଇ ଉତ୍ପାଦ ୪.୫%ରେ ପହଞ୍ଚିବ।

ପ୍ର–୪: କୋଭିଡ୍ ପରବର୍ତ୍ତୀ ଓ ପୂର୍ବବର୍ତ୍ତୀ ଶିଳ୍ପ କ୍ଷେତ୍ରକୁ କିଭଳି ଦେଖୁଛନ୍ତି?

ଉ– କୋଭିଡ୍ ପୂର୍ବରୁ ସାରା ଦେଶରେ ଶିଳ୍ପ କ୍ଷେତ୍ର ଆଶାନୁଯାୟୀ ବିକଶିତ ହୋଇଥିଲା। ହେଲେ କୋଭିଡ୍ ଏବଂ କୋଭିଡ୍ ପରବର୍ତ୍ତୀ ସମୟରେ ଶିଳ୍ପକ୍ଷେତ୍ର କିଛି ମାତ୍ରାରେ ମାନ୍ଦାବସ୍ଥା ଦେଇ ଗତି କରିଥିଲା। ବର୍ତ୍ତମାନ ଶିଳ୍ପ କ୍ଷେତ୍ରକୁ ପୂର୍ବାବସ୍ଥାକୁ ଫେରାଇ ଆଣିବାକୁ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ଅଧିକ ସଫଳତା ପାଇଁ ଘରୋଇ କ୍ଷେତ୍ର ଆଗେଇ ଆସିବା ଉଚିତ। ଘରୋଇ ନିବେଶ ଓ ପୁଞ୍ଜି ବ୍ୟୟରେ ଉନ୍ନତି ଆଣିବା ପାଇଁ ବଜେଟରେ କରାଯାଇଥିବା ବ୍ୟବସ୍ଥା ବିଶେଷ ସହାୟକ ହେବ ବୋଲି ମୁଁ ଆଶାବାଦୀ ରହିଛି। ମହାମାରୀର କଷାଘାତରୁ ଭାରତୀୟ ଶିଳ୍ପ ମୁକୁଳିପାରିଛି। ଅଧିକାଂଶ କ୍ଷେତ୍ର ପୂର୍ବାବସ୍ଥାକୁ ଫେରିଥିବା ବେଳେ ଲକ୍‌ଡାଉନ ଓ ଶଟ୍‌ଡାଉନ ଯୋଗୁ ସର୍ବାଧିକ ପ୍ରଭାବିତ ସର୍ଭିସ୍ ସେକ୍ଟର ମଧ୍ୟ ଅଣ୍ଟା ସଳଖି ଛିଡ଼ା ହେଉଛି ବୋଲି ମୁଁ ମନେକରେ। ବାସ୍ତବରେ ବର୍ତ୍ତମାନ ସମୟରେ ବିଶ୍ୱରେ ଆର୍ଥିକ ମନ୍ଥରତା ଯୋଗୁ ଭାରତର ରପ୍ତାନି କ୍ଷେତ୍ର ମଧ୍ୟ ପ୍ରଭାବିତ ହୋଇଛି। ସେବା କ୍ଷେତ୍ରରେ ମଜଭୁତ ଅଭିବୃଦ୍ଧି ଦେଖିବାକୁ ମିଳୁଛି। ବିଭିନ୍ନ କ୍ଷେତ୍ର ଉପରେ ନଜର ପକାଇଲେ ଆମେ ମହାମାରୀକୁ ପଛରେ ପକାଇ ଏକ ନିରନ୍ତର ବିକାଶ ଦିଗରେ ଅଗ୍ରସର ହେଉଥିବା ଲକ୍ଷ୍ୟ କରୁଛି।

ପ୍ର–୫: ରାଜ୍ୟର ନୂତନ ଶିଳ୍ପନୀତି ଉପରେ ଆପଣଙ୍କ ମତ କ'ଣ?

ଉ– ଏହା ଏକ ଅତ୍ୟନ୍ତ ପ୍ରଗତିଶୀଳ ନୀତି। ସର୍ବାଧିକ ପ୍ରାଧାନ୍ୟ ଦିଆଯାଉଥିବା ପାରମ୍ପରିକ ଖଣିଜ ଓ ପଦାର୍ଥଗୁଡ଼ିକୁ ନେଇ ଶିଳ୍ପର ସ୍ଥିତିରେ ବିବିଧତା ଆଣିବା ଏହି ଶିଳ୍ପନୀତିର ଲକ୍ଷ୍ୟ। ଓଡ଼ିଶାର ବିକାଶଶୀଳ ଶିଳ୍ପନୀତିରେ ଅପାର ସମ୍ଭାବନା ରହିଛି, ଯାହା ରାଜ୍ୟରେ ପୁଞ୍ଜିନିବେଶ ଆଣିବାରେ ସହାୟକ ହେବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ।

ରାଜ୍ୟରେ ବଢ଼ୁଛି ଦୁର୍ଘଟଣା ମୃତ୍ୟୁ

- ସୁବର୍ଣ୍ଣପୁର ଜିଲାରେ ସର୍ବାଧିକ ୫୩%
- ବର୍ଷକରେ ବୃଦ୍ଧି ୭.୬୦%

ଯାଜପୁର ଅଫିସ,୧୬।୩

ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ କରିବା ନିମନ୍ତେ ସଡ଼କ ସୁରକ୍ଷା ସୁପ୍ରମିକୋର୍ଟ କମିଟି ପକ୍ଷରୁ ନିଆଯାଉଥିବା ଏକାଧିକ ପଦକ୍ଷେପ ଓଡ଼ିଶାରେ ବିଫଳ ହେଉଛି। କମିଟିର ନିଷ୍ପତ୍ତି ଓ ପଦକ୍ଷେପ ଅନୁଯାୟୀ ପ୍ରତିବର୍ଷ ଅନ୍ୟୂନ୍ୟ ୧୦% ଦୁର୍ଘଟଣାଜନିତ ମୃତ୍ୟୁ ହାର ହ୍ରାସ ହେବା ସ୍ଥଳେ ଓଲଟା ବୃଦ୍ଧି ହେଉଛି। ଓଡ଼ିଶା ସିଆଇଡି ଓ କ୍ରାଇମବ୍ରାଞ୍ଚର ରିପୋର୍ଟ ଅନୁଯାୟୀ ୨୦୨୧ ତୁଳନାରେ ୨୦୨୨ରେ ୭.୬୦% ଅଧିକ ଦୁର୍ଘଟଣା ମୃତ୍ୟୁ ଘଟିଛି। ଏଥିରେ ସୁବର୍ଣ୍ଣପୁର ଜିଲାରେ ସର୍ବାଧିକ ୫୩%, ଦ୍ୱିତୀୟରେ ଢେଙ୍କାନାଳ ଜିଲା ୩୮% ଏବଂ ତୃତୀୟ ଭଦ୍ରକ ଜିଲାରେ ୩୬% ଅଧିକ ମୃତ୍ୟୁ ହୋଇଛି। ଏହାସହ ଗଞ୍ଜାମ, କେନ୍ଦୁଝର, ଖୋର୍ଦ୍ଧା, ସମ୍ବଲପୁର, କୋରାପୁଟ, ବଲାଙ୍ଗୀର, ପୁରୀ, କନ୍ଧମାଳ, କେନ୍ଦ୍ରାପଡ଼ା, ନୟାଗଡ଼ ଓ ମାଲକାନଗିରି ଜିଲାରେ ୧୦%ରୁ ଅଧିକ ମୃତ୍ୟୁ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷେ ବାଲେଶ୍ୱର, ବରଗଡ଼ ଓ କଟକ ଜିଲାରେ ୩% ଲେଖାଏଁ ମୃତ୍ୟୁହାର ହ୍ରାସ ପାଇଛି। ସେହିପରି ଯାଜପୁର ୨%, ଅନୁଗୋଳ ୨୧%, କଳାହାଣ୍ଡି ୫%, ରାୟଗଡ଼ା ୧୧%, ନୂଆପଡ଼ା ୧%, ବୌଦ୍ଧ ୭% ଓ ଗଜପତି ୧୪% ଦୁର୍ଘଟଣା ମୃତ୍ୟୁ ହ୍ରାସ ପାଇଛି। ତେବେ ରାଜ୍ୟରେ ହାରାହାରି ମୃତ୍ୟୁହାର ବୃଦ୍ଧି ପାଉଥିବାରୁ ପ୍ରତି ମଙ୍ଗଳବାର ଜିରୋ ଟୋଲୋରେନ୍ସ ଡେ ଏବଂ ଏପ୍ରିଲ ୧ ରୁ ୭ ତାରିଖ ପର୍ଯ୍ୟନ୍ତ ଶୂନ୍ୟ ଦୁର୍ଘଟଣା ମୃତ୍ୟୁ ସପ୍ତାହ ଭାବେ ପାଳନ କରିବାକୁ ନିଷ୍ପତ୍ତି ହୋଇଛି। ତେଣୁ ଏହି ନିଷ୍ପତ୍ତିକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବାକୁ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀ ଉଷା ପାଢୀ ରାଜ୍ୟର ସମସ୍ତ ଜିଲାପାଳ, ଏସ୍‌ପି, ଭୁବନେଶ୍ୱର ଓ କଟକ ଡିସିପି ଏବଂ ସମସ୍ତ ଆର୍‌ଟିଓଙ୍କୁ ଗୁରୁବାର ପତ୍ର ଲେଖି ସୂଚନା ଦେଇଛନ୍ତି।

ଦୀର୍ଘବର୍ଷ ରହି ବେପାରରେ ମାତୁଛନ୍ତି ଅଫିସର

ଭୁବନେଶ୍ୱର,୧୬।୩(ବ୍ୟୁରୋ)

ଜଣେ ଜଣେ ଅଫିସର ୩/୪ଟା ବିଭାଗ ମାଡ଼ି ବସିଛନ୍ତି। ଦୀର୍ଘ ବର୍ଷ ଧରି ଗୋଟିଏ ବିଭାଗରେ ରହୁଛନ୍ତି। ପ୍ରଶାସନିକ କାର୍ଯ୍ୟ ଛାଡ଼ି ନିଜ ବେପାରରେ ମାତୁଛନ୍ତି। ଜନପ୍ରତିନିଧିମାନେ ଫୋନ କଲେ ଖାତିର କରୁନାହାନ୍ତି। ବୁକ୍ ସର୍କୁଲାର ଚୁଲିକି ଗଲାଣି। ଏଇଟା କ'ଣ ୫–ଟା। ଗୋଟିଏ ଜାଗାରେ ଦୀର୍ଘ ବର୍ଷ ଧରି ରହୁଥିବା ଆଇଏଏସ୍ ଏବଂ ଓଏଏସ୍ ଅଧିକାରୀମାନଙ୍କୁ ନେଇ ବିରୋଧୀ ଗୁରୁବାର ସରକାରଙ୍କ ଉପରେ ବର୍ଷିଛନ୍ତି।

ଶୂନ୍ୟକାଳରେ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ଏହି ପ୍ରସଙ୍ଗ ଉଠାଇ କହିଲେ, ପ୍ରତ୍ୟେକ ଜିନିଷ ପାଇଁ ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ରହିଛି। ଗୋଟିଏ ଅଫିସ୍‌ରେ ଯଦି ଜଣେ ଅଧିକାରୀ ଦୀର୍ଘ ବର୍ଷ ଧରି ରହିବେ, ତାଙ୍କୁ ବଦଳି କରାଯିବନି ତେବେ ରାଜ୍ୟରେ ଶାସନ ଚାଲିବ କେମିତି। କେନ୍ଦୁଝର ଓ ମୟୂରଭଞ୍ଜ ଜିଲାପାଳ ଦୀର୍ଘ ବର୍ଷ ହେବ ଗୋଟିଏ ଜାଗାରେ ରହିଛନ୍ତି। ସେମାନେ ପ୍ରଶାସନିକ କାମ ଛଡ଼ା ନିଜ ବେପାରରେ ବ୍ୟସ୍ତ ରହୁଛନ୍ତି। ୨୦୧୪ରୁ ନଗର ଉନ୍ନୟନ ବିଭାଗ ସଚିବ ରହିଲେଣି। ୯ ବର୍ଷ ହେବ ସେ ଗୋଟିଏ ବିଭାଗରେ ରହିଛନ୍ତି। ସେହିପରି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବ ଭି.ଭି. ଯାଦବ ୨୦୧୭ରୁ ରହିଲେଣି। ଅରୁଣ ବୋଥ୍ରା, ଲୋହାନୀ ଦୀର୍ଘବର୍ଷ ଧରି ଗୋଟିଏ ଜାଗାରେ ରହିଲେଣି। ଜଣେ ଜଣେ ଅଫିସର ଏକାଧିକ ବିଭାଗ ଦାୟିତ୍ୱରେ ରହୁଛନ୍ତି। ସେହିପରି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସକ, ବିଭିନ୍ନ ଜିଲାର ଜିଲାପାଳ, ବ୍ଲକରେ ବିଡିଓ ଦୀର୍ଘବର୍ଷ ଧରି ଗାଦି ଛାଡୁନାହାନ୍ତି। ଏଇଟା କ'ଣ ସରକାର, ଏଇଟା କ'ଣ ୫ଟି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦେବାକୁ ଜୟନାରାୟଣ ବାଚସ୍ପତିଙ୍କ ରୁଲିଂ ଦାବି କରିଥିଲେ। ବିରୋଧୀ ଦଳ ନେତାଙ୍କ ସହ କଂଗ୍ରେସ

ବିଧାନସଭାରେ ବିରୋଧୀଙ୍କ ଅଭିଯୋଗ

ଜନପ୍ରତିନିଧିଙ୍କ କଥା ଶୁଣୁନାହାନ୍ତି

ବିଧାୟକ ଦଳ ନେତା ନରସିଂହ ମିଶ୍ର ତାଳ ମିଳାଇଥିଲେ। ସେ କହିଛନ୍ତି, ବିରୋଧୀ ଦଳ ନେତାଙ୍କ ସହ ମୁଁ ଏକ ମତ। ଗୋଟିଏ ବିଭାଗରେ ଜଣେ ସଚିବ ୯ ବର୍ଷ ଧରି ରହିଛନ୍ତି। ବିଧାୟକ ଟେଲିଫୋନ କଲେ ସେ ଉଠାଉନାହାନ୍ତି। ବୁକ୍ ସର୍କୁଲାର ଚୁଲିକି ଗଲାଣି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି ଜଣେ ଅଫିସର ଗୋଟିଏ ବିଭାଗରେ ୩ ବର୍ଷରୁ ଅଧିକ ସମୟ ରହିପାରିବେ ନାହିଁ। ଖାଦ୍ୟ ଯୋଗାଣ ବିଭାଗ ସଚିବ କିପରି ଦୀର୍ଘ ବର୍ଷ ଧରି ଗୋଟିଏ ଜାଗାରେ ଅଛନ୍ତି। କେନ୍ଦୁଝର ଜିଲାପାଳଙ୍କୁ ଟ୍ରାନ୍ସଫର କରାଯାଉ ନାହିଁ। ସେଠାରେ ଖଣି ଅଛି, ମାଲ ଅଛି। ଖଣି ପଇସାରେ ଏ ସରକାର ଚାଲିଛି। ଜନପ୍ରତିନିଧିଙ୍କ କଥା ଅଫିସର ଶୁଣୁନାହାନ୍ତି। ବିଧାନସଭାରେ ଏଥିକୁ କମିଟି ତାହାହେଲେ କାହିଁକି ଅଛି। ବ୍ଲକରେ ପିସି କାରବାର ବହୁ ମାତ୍ରାରେ ବଢ଼ିଯାଇଛି। ବାଚସ୍ପତି ଏ ଦିଗରେ ଧ୍ୟାନ ଦେବା ଦରକାର ବୋଲି ସେମାନେ କହିଛନ୍ତି। ସିପିଆଇ(ଏମ୍) ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ଅଭିଯୋଗ କଲେ ଯେ କୋଏଡା ବିଡିଓ ପଲବୀ ରାଣୀ ରାଜ ମନମୁଖି ଶାସନ କରୁଛନ୍ତି। କୌଣସି କାର୍ଯ୍ୟ ପାଇଁ ଫୋନ କଲେ ଉଠାଉନାହାନ୍ତି। ସରପଞ୍ଚଙ୍କୁ ଅସଦ ବ୍ୟବହାର କରୁଛନ୍ତି। ମାଆ, ଭାଇଙ୍କ ନାଁରେ ଠିକା କାମ କରୁଛନ୍ତି। ଘରେ ଅଫିସ କାମ କରୁଛନ୍ତି। ବ୍ଲକକୁ ଆସୁନାହାନ୍ତି। ବ୍ଲକ କର୍ମଚାରୀମାନେ କଲମଛାଡ଼ ଆନ୍ଦୋଳନ କରିଛନ୍ତି। ତୁରନ୍ତ ତାଙ୍କୁ ସେଠାରୁ ବଦଳି କରିବାକୁ ଲକ୍ଷ୍ମଣ ମୁଣ୍ଡା ଦାବି କରିଥିଲେ। ବାଚସ୍ପତି ବିକ୍ରମ କେଶରୀ ଆରୁଖ ଏଥିପ୍ରତି ଧ୍ୟାନ ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବେଆଇନ ବାଲି ଉତ୍ତୋଳନକୁ ନେଇ ଗୋଷ୍ଠୀ ସଂଘର୍ଷ

- ୭ ଆହତ ହସ୍ପିଟାଲରେ ଭର୍ତ୍ତି
- ୩ ଅଟକ

ବାଲେଶ୍ୱର ଅଫିସ,୧୬।୩

ବାଲେଶ୍ୱର ସହଦେବଖୁଣ୍ଟା ମଡ଼େଲ ଥାନା ଅଧୀନ ଦହପଡ଼ା ପଞ୍ଚାୟତ ଦେଇ ପ୍ରବାହିତ ବୁଢ଼ାବଳଙ୍ଗ ନଦୀର କାସିମପୁର ଘାଟରେ ବେଆଇନ ବାଲି ଉତ୍ତୋଳନକୁ ନେଇ ବୁଧବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଏଥିରେ ଉଭୟ ପକ୍ଷରୁ ୭ଜଣ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ପୋଲିସ ପହଞ୍ଚି ଉଭୟ ପକ୍ଷରୁ ୩ଜଣଙ୍କୁ ଆଣି ଥାନାରେ ଅଟକ ରଖିଛି। ଗ୍ରାମରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ମୁତୟନ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ବାଲେଶ୍ୱର ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବାଲି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା। ଏଥିପାଇଁ ଅପରେସନ ସ୍ୟାଣ୍ଡ ଷ୍ଟର୍ମ ନାମରେ ଜିଲାର ବିଭିନ୍ନ ଅଞ୍ଚଳରେ ହେଉଥିବା ବେଆଇନ ବାଲି ଉତ୍ତୋଳନ ଓ ଚାଲାଣ ରୋକିବା ପାଇଁ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏମିତି କି ଅନେକ ସ୍ଥାନରେ ବେପାରୀ ଓ ଟ୍ରକ୍, ଜେସିବି, ଟ୍ରାକ୍ଟର ଆଦି ଜବତ କରାଯାଉଛି। ବାଲେଶ୍ୱର ଉପଜିଲାପାଳ କୁନାଲ ମୋତିରାମ ଚଭନଙ୍କ ଉପରେ ଆକ୍ରମଣ ପରେ ଏହି ଅପରେଶନ ଆରମ୍ଭ ହୋଇଥିଲା। ଆକ୍ରମଣ ପରେ ଜିଲା ଓ ପୋଲିସ ପ୍ରଶାସନ ଏ ଦିଗରେ ବେଶ୍ ତତ୍ପର ହୋଇପଡିଛନ୍ତି।

ବ୍ଲକ୍ କନିଷ୍ଠ ଯନ୍ତ୍ରୀ, ଜିଲା ପରିଷଦ ସଭ୍ୟ ହାତାହାତି

ନିମ୍ନମାନର ଖଳା ନିର୍ମାଣ କାର୍ଯ୍ୟକୁ ନେଇ ବିବାଦ

ବରୀ,୧୬।୩(ଡି.ଏନ.ଏ.)

ଯାଜପୁର ଜିଲା ବରୀ ବ୍ଲକ୍ ଅଧୀନ ମହାକାଳପଡ଼ା ପଞ୍ଚାୟତ ମିତ୍ରସେନପୁର ଗ୍ରାମରେ ଏକ ଖଳା ନିର୍ମାଣ କାର୍ଯ୍ୟକୁ ନେଇ ଗୁରୁବାର ବ୍ଲକ୍ କନିଷ୍ଠ ଯନ୍ତ୍ରୀ ବିପ୍ଳବ ପରିଜା ଓ ୨୨ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଦିଲୀପ ମହାନ୍ତିଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ଘଟଣାକୁ ନେଇ ଉଭୟ ହାତାହାତି ହେବା ସହ ବରୀ ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଉଭୟଙ୍କୁ ଥାନାକୁ ଡାକି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ଖଳା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ଜାଣି କନିଷ୍ଠ ଯନ୍ତ୍ରୀ ଘଟଣାସ୍ଥଳକୁ ଯାଇ ଠିକାଦାରଙ୍କୁ ତାଗିଦ କରିଥିଲେ। ଏଭଳି ନିମ୍ନମାନର କାର୍ଯ୍ୟ ହେବା ଠିକ୍ ନୁହେଁ। କାର୍ଯ୍ୟ ଠିକ୍‌ରେ ନ ହେଲେ ବିଲ୍ କରିବେ ନାହିଁ ବାଲି ରୋକ୍ ଠୋକ୍ ଶୁଣାଇ ଦେଇଥିଲେ। ଏହିସମୟରେ ଜିଲା ପରିଷଦସଭ୍ୟ ପହଞ୍ଚି ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏତିକିବେଳେ ଉଭୟଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା। କନିଷ୍ଠ ଯନ୍ତ୍ରୀ ପରିଜା ଉତ୍କ୍ଷିପ୍ତ ହୋଇ ଜିଲାପରିଷଦ ସଭ୍ୟଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ଫଳରେ ଏହାକୁ ନେଇ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ସ୍ଥାନୀୟ କେତେଜଣ ଲୋକେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ଘଟଣାସ୍ଥଳରୁ ଉଠାଇ ନେଇ ଏକ ରୁଦ୍ଧ କୋଠରୀରେ ଅଟକ ରଖିଥିଲେ। ବ୍ଲକ୍ ପ୍ରଶାସନଠାରୁ ଖବର ପାଇ ପୋଲିସ ପହଞ୍ଚି କନିଷ୍ଠ ଯନ୍ତ୍ରୀଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। କନିଷ୍ଠ ଯନ୍ତ୍ରୀ ପରିଜାଙ୍କୁ ଜିଲା ପରିଷଦସଭ୍ୟ ମହାନ୍ତି ଦୁର୍ବ୍ୟବାର କରିବା ସହ ଆକ୍ରମଣ କରିଥିବା ନେଇ ଯନ୍ତ୍ରୀ ପରିଜା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ସେହିପରି କନିଷ୍ଠ ଯନ୍ତ୍ରୀ କାର୍ଯ୍ୟ ତଦାରଖ ସମୟରେ ଜିଲା ପରିଷଦସଭ୍ୟ ଓ ତାଙ୍କ ସମର୍ଥକଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ଜିଲା ପରିଷଦର ସଭ୍ୟଙ୍କ ପକ୍ଷରୁ ହୋଇଛି। ଖବର ଲେଖା ହେବାବେଳକୁ କନିଷ୍ଠ ଯନ୍ତ୍ରୀ ପରିଜା ଓ ଜିଲା ପରିଷଦ ସଭ୍ୟ ମହାନ୍ତି ଥାନାରେ ଥିଲେ। ଏ ସମ୍ପର୍କରେ ବରୀ ରାମଚନ୍ଦ୍ରପୁର ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କୁ ପଚାରିବାରେ ସେ କହିଛନ୍ତି, ଘଟଣା ସମ୍ପର୍କରେ ୨ ଅଭିଯୋଗ ହସ୍ତଗତ ହୋଇଛି। ଉଭୟଙ୍କ ଅଭିଯୋଗକୁ ଭିତ୍ତିକରି ତଦନ୍ତ କରାଯିବ। ଏହାପରେ ନିୟମ ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ବିଜ୍ଞାନ ପରୀକ୍

ଅନ୍ୟମାନେ ତୁମ ସମ୍ବନ୍ଧେ କ'ଣ କହୁଛନ୍ତି, କରୁଛନ୍ତି ଓ ଭାବୁଛନ୍ତି– ସେକଥାକୁ ନେଇ ଯଦି ତୁମେ ଆଘାତ ପାଉଥାଅ ବା ବ୍ୟଥିତ ହେଉଥାଅ– ତା'ହେଲେ ତୁମେ ଜଣେ ଦୁର୍ବଳ ମଣିଷ ଏବଂ ତୁମେ କେବେ ଏକାନ୍ତ ଭାବେ ଭଗବାନଙ୍କ ପ୍ରଭାବର ଅଧୀନ ହୋଇ ବଞ୍ଚୁ ନାହିଁ। –ଶ୍ରୀମା

ଫମ୍ପା ବୁଝାମଣା

ବାରାକ ବର୍‌ଫି

ନିକଟରେ ଇରାନ ଓ ସାଉଦି ଆରବ ମଧ୍ୟରେ କୂଟନୈତିକ ସମ୍ପର୍କ ପୁନଃ ସ୍ଥାପନ କରିବା ପାଇଁ ଚାଇନା ମଧ୍ୟସ୍ଥରେ ଏକ ଚୁକ୍ତି ବା ବୁଝାମଣା ହୋଇଛି। ଏହା ଅନ୍ତର୍ଜାତୀୟ କୂଟନୀତିରେ ଚାଇନାର ଶକ୍ତି ବୃଦ୍ଧିର ସଙ୍କେତ ଦେଉଛି। ଏହା ମଧ୍ୟ ଆମେରିକାର ଶକ୍ତି ଓ ପ୍ରଭାବ ହ୍ରାସ ଏବଂ ମଧ୍ୟପ୍ରାଚ୍ୟରେ ତା'ର ଦୁର୍ବଳତାକୁ ପ୍ରମାଣ କରୁଛି। ଦେଖିବାକୁ ଗଲେ ଏହି ଚୁକ୍ତିକୁ ଯେଭଳି ଗଢ଼ା ହୋଇଛି ସେଥିରେ ସେଭଳି ସଫଳତା ମିଳିବ ନାହିଁ। କାରଣ ସାଉଦି ଆରବ ଏବଂ ଇରାନ ଏକ ଶତାବ୍ଦୀ ଧରି ପରସ୍ପର ବିରୋଧୀ ହୋଇ ରହିଛନ୍ତି। ସେମାନଙ୍କ ମଧ୍ୟରେ ଶତ୍ରୁତା ଏବଂ ଅବିଶ୍ୱାସ ଲାଗିରହିଛି। ଏଣୁ ଏହି ଚୁକ୍ତି ବଳରେ ସେମାନେ ହଠାତ୍ ବନ୍ଧୁ ପାଳଟିଯିବା ସମ୍ଭାବନା ବହୁତ କମ୍ । କେତେଜଣ ବିଶ୍ଳେଷକଙ୍କ ମତରେ, ଅନ୍ୟ ଦେଶଗୁଡ଼ିକର ଆଭ୍ୟନ୍ତରୀଣ ବ୍ୟାପାରରେ ଚାଇନାର ହସ୍ତକ୍ଷେପ ନ କରିବା ନୀତିର ଏକ ପ୍ରମାଣ। କିନ୍ତୁ ଏହା ସତ ଯେ, ଆମେରିକା କେବେ ବି ଇରାନ ଓ ସାଉଦି ମଧ୍ୟରେ ମଧ୍ୟସ୍ଥତା କରିନାହିଁ। ଦେଖିବାକୁ ଗଲେ ବାସ୍ତବରେ ଏହା ଇରାନ ଉପରେ ଅନେକ ବର୍ଷ କଟକଣା ଲଗାଇ ତାହାକୁ ଏକଘରିଆ କରି ରଖିଆସିଛି। ଫଳରେ ଆମେରିକା ବିରୋଧରେ ଠିଆ ହୋଇ ତାହାର କ୍ଷତି କରିବା ଲାଗି ଏକ ପଦକ୍ଷେପ ନେବାକୁ ଇରାନୀୟଙ୍କୁ ସୁଯୋଗ ଦେଉଛି।

୧୯୬୮ରେ ପର୍ସିଆନ୍ ଗଲ୍ଫରୁ ବ୍ରିଟିଶ୍ ସେନା ପ୍ରତ୍ୟାହାର ଘୋଷଣା କରିବା ପରଠାରୁ ସାଉଦି ଆରବ ତା'ପକ୍ଷରୁ ଆମେରିକାର ମଧ୍ୟପ୍ରାଚ୍ୟ ନୀତିର ଏକ ଆଧାର ସ୍ତମ୍ଭ ଭାବେ ରହିଆସିଥିଲା। କିନ୍ତୁ ସାଉଦି କ୍ରାଉନ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ (ଏମ୍‌ବିଏସ୍) କ୍ଷମତାକୁ ଆସିଲା ପରେ ସ୍ଥିତି ଅଧିକ ଜଟିଳ ହୋଇଗଲା। ଆମେରିକା ପ୍ରତି ତାଙ୍କ ଦୃଷ୍ଟିକୋଣ ସବୁବେଳେ ଡୋନାଲ୍ଡ ଟ୍ରମ୍ପଙ୍କ ଭଳି ରିପବ୍ଲିକାନଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ରହିଥିବାବେଳେ ଜୋ ବାଇଡେନଙ୍କ ଭଳି ଡେମୋକ୍ରାଟଙ୍କ ପାଇଁ ଜଟିଳ ହୋଇଯାଇଛି। ୨୦୧୫ରେ ସାଉଦି ସହ ଆଲୋଚନା ନ କରି ଓବାମା ଇରାନ ସହ ଏକ ଆଣବିକ ଚୁକ୍ତି କରିବାକୁ ସବୁଜ ସଙ୍କେତ ହେବା ଫଳରେ ଡେମୋକ୍ରାଟ୍ସ ପ୍ରତି ଏଭଳି ଅବିଶ୍ୱାସ ସୃଷ୍ଟି ହୋଇଥିଲା। ଓବାମା ସେତେବେଳେ ସୂଚିତ କରିଥିଲେ ଯେ, ସାଉଦି ଆରବ ଏକ ପରଜୀବୀ। ଏଭଳି ମନ୍ତବ୍ୟ ସାଉଦିଙ୍କୁ ଉତ୍ତେଜିତ କରିଥିଲା।

ଏହା ଜଣାଶୁଣା ଯେ, ଏମ୍‌ବିଏସ୍ ବାଇଡେନ୍‌ଙ୍କୁ ତିରସ୍କାର କରନ୍ତି (ପୂର୍ବରୁ ସାଉଦି ଜନ୍ମିତ ସାମ୍ବାଦିକ ଜମାଲ ଖାସୋଗିଙ୍କ ହତ୍ୟା ଘଟଣାରେ ବାଇଡେନ୍‌ଙ୍କ ସହ ମୁହାଁମୁହିଁ ହୋଇଥିଲେ) ଓ ଟ୍ରମ୍ପ୍ ଓ ତାଙ୍କ ଜ୍ୱାଇଁଙ୍କ ସହ ନିବିଡ଼ ସମ୍ପର୍କ ରଖିଛନ୍ତି। ଉଭୟ ବ୍ୟକ୍ତିଗତ ଓ ରାଜନୈତିକ କାରଣ ପାଇଁ ଏମ୍‌ବିଏସ୍ ମଧ୍ୟ ବାଇଡେନ୍ ପ୍ରଶାସନକୁ ପ୍ରତ୍ୟେକ କ୍ଷେତ୍ରରେ ଅପମାନିତ ଓ ଉପେକ୍ଷା କରିଆସୁଛନ୍ତି। ତେବେ କେତେ ସମୟ ଯାଏ ଏମ୍‌ବିଏସ୍ ଏବକାର ଚୁକ୍ତିର ପ୍ରଶଂସା କରିବେ ତାହା ସ୍ପଷ୍ଟ ହୋଇନାହିଁ। ନୂଆ ଚୁକ୍ତି କ୍ୟାମ୍ପ ଡ୍ୟାଭିଡ୍ ବୁଝାମଣା (ଯାହା ଆରବ ରାଷ୍ଟ୍ର ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧର ପରିସମାପ୍ତି ଘଟାଇଥିଲା) ସହ ସମାନ ନୁହେଁକି ଆବ୍ରାହମ୍ ଚୁକ୍ତି(ଯାହା ଇସ୍ରାଏଲ ଏବଂ ଆରବ ଦେଶଗୁଡ଼ିକ ମଧ୍ୟରେ ସମ୍ପର୍କ ସ୍ଥାପନ କରିଥିଲା) ସହ ତୁଳନୀୟ ନୁହେଁ। ବରଂ ଏହି ଚୁକ୍ତି ଏକ କୂଟନୈତିକ ସମ୍ପର୍କର ପୁନଃ ସ୍ଥାପନ କରିବାର ପ୍ରତିଶ୍ରୁତି ଦିଏ। ବାସ୍ତବରେ ଏହା ବାହାରକୁ ଯେତିକି ଚମକଦାର ମନେ ହେଉଛି ବାସ୍ତବତା ତାହା ନୁହେଁ। ଏହା ମୂଲ୍ୟହୀନ ବା ଫମ୍ପା ମନେ ହୁଏ। ପରସ୍ପର ମଧ୍ୟରେ ପୁନର୍ବାର ସମ୍ପର୍କ ସ୍ଥାପନ କରିବା ପାଇଁ ବାହାର ଗ୍ୟାରେଣ୍ଟି ସହ ଠୋସ୍ ପଦକ୍ଷେପ ନିଆ ନ ଗଲେ ଚାଇନା ମଧ୍ୟସ୍ଥରେ ହୋଇଥିବା ଏହି ଚୁକ୍ତି ପର ପର୍ଯ୍ୟାୟ ଦ୍ୱିପାକ୍ଷିତ ଉତ୍ତେଜନ ପୂର୍ବରୁ କେବଳ ଏକ ବିରାମ ଭାବେ ପ୍ରତିପାଦିତ ହେବ।



ସ୍ୱାଧୀନତା ପାଇବା ପରେ ଇରାନ ଓ ସାଉଦି ମଧ୍ୟରେ ସମ୍ପର୍କ କେତେ ଖରାପ ରହି ଆସିଛି । ଇସ୍‌ଲାମର ପବିତ୍ର ପୀଠରେ ଏକ ପଥରକୁ ଅଜାଣତରେ ଅପବିତ୍ର କରିଥିବା ଅଭିଯୋଗରେ ଇରାନର ଜଣେ ତୀର୍ଥଯାତ୍ରୀଙ୍କୁ ସଉଦି ମୃତ୍ୟୁଦଣ୍ଡ ଦେବା ପରେ ୧୯୪୪ରେ ସାଉଦି ସହ ଇରାନ ଚୁକ୍ତି ଭଙ୍ଗ କରିଥିଲା। ୧୯୬୬ରେ ସେମାନଙ୍କ ମଧ୍ୟରେ ପୁନର୍ବାର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସ୍ଥାପିତ ହୋଇଥିଲା। କିନ୍ତୁ ୧୯୮୭ରେ ୪୦୨ ହଜ୍ ଯାତ୍ରୀଙ୍କ ମୃତ୍ୟୁ ହେବା ପରେ ୧୯୮୮ରେ ଇରାନ ସହ ସଉଦି ସମ୍ପର୍କ ଛିନ୍ନ କରିଥିଲା। ପୁନର୍ବାର ୧୯୯୧ରେ ସମ୍ପର୍କ ସ୍ଥାପନ ହେଲା। ୨୦୧୬ରେ ସଉଦି ଆରବ ଜଣେ ଶିହା ମୌଲବୀଙ୍କ ମୁଣ୍ଡକାଟ କରିବା ପରେ ଏହାକୁ କେନ୍ଦ୍ର କରି ଦୁହିଁଙ୍କ ସମ୍ପର୍କ ଛିନ୍ନ ହୋଇଥିଲା। ପୂର୍ବରୁ ସ୍ଥାପିତ ହୋଇଥିବା ଏହି ସବୁ ସମ୍ପର୍କ ମଧ୍ୟରୁ ଅଧିକାଂଶ ବୃହତ୍ ଆଞ୍ଚଳିକ ଏବଂ ବୈଶ୍ୱିକ କ୍ଷମତା ଦ୍ୱାରା କରାଯାଇଥିଲା। ଉଦାହରଣ ସ୍ୱରୂପ, ୧୯୯୬ରେ ଇଜିପ୍ଟର ରାଷ୍ଟ୍ରପତି ଗାମାଲ ଆବଦେଲ୍ ନାସିରଙ୍କ ଆରବ ଦେଶର ଧର୍ମ ନିରପେକ୍ଷ ମନ୍ତବ୍ୟ ସାଉଦିକୁ ଇରାନ ସହ ଆଲୋଚନା କରିବାକୁ ପ୍ରେରିତ କରିଥିଲା।

ଆରବ ଓ ଇସ୍ରାଏଲ ମଧ୍ୟରେ ଆମେରିକା ମଧ୍ୟସ୍ଥରେ ହୋଇଥିବା ସ୍ଥାୟୀ ଚୁକ୍ତି ତୁଳନାରେ ସାଉଦି –ଇରାନ ଚୁକ୍ତି ଏକ ସାମୟିକ ଯୁଦ୍ଧବିରତି ପାଇଁ ଅଧିକ ଅନୁରୂପ ମନେହୁଏ। ଉଦାହରଣ ସ୍ୱରୂପ, ୧୯୬୯ରେ, ନାସିର ଲେବାନନ୍ ଓ ପାଲେଷ୍ଟାଇନ ମୁକ୍ତ ସଂଗଠନ (ପିଏଲଓ) ମଧ୍ୟରେ ଚୁକ୍ତିରେ ମଧ୍ୟସ୍ଥ ଥିଲେ। କିନ୍ତୁ ଏହାର ୬ ବର୍ଷ ପରେ ପାଲେଷ୍ଟେନୀୟମାନେ ଲେବାନନ୍‌ର ଖ୍ରୀଷ୍ଟିଆନ ଗୋଷ୍ଠୀ ସହ ଯୁଦ୍ଧ କରିଥିଲେ। ସେହିଭଳି ଫେବୃୟାରୀ ୧୯୯୪ରେ ଜୋର୍ଡନର ରାଜା ହୁସେନ୍ ଝଗଡ଼ାରେ ଲିପ୍ତ ୟେମେନ ନେତାମାନଙ୍କ ମଧ୍ୟରେ ହୋଇଥିବା ଏକ ଚୁକ୍ତିରେ ମଧ୍ୟସ୍ଥ ଥିଲେ। ହେଲେ ସେହି ବର୍ଷ ମେ'ରେ ଗୋଟିଏ ଗୋଷ୍ଠୀ ତାହା ଉଲ୍ଲଂଘନ କରିବା ଦ୍ୱାରା ଗୃହ ଯୁଦ୍ଧ ଦେଖାଦେଇଥିଲା।

ଆଞ୍ଚଳିକ ପ୍ରତିଯୋଗୀ ଭାବେ ଚାଇନା ତା'ର ନୂଆ କୂଟନୈତିକ ପ୍ରଭାବ ବଳରେ ତା'ର ସେନା ଶକ୍ତି ବୃଦ୍ଧି କରିବାକୁ ଆଶାକରେ। କିନ୍ତୁ ପର୍ସିଆନ ଗଲ୍ଫ ଏବେ ବି ଆମେରିକାର ସାଗର ଭାବେ ରହିଛି। ଆମେରିକା ନ୍ୟାଭିର ସେଣ୍ଟ୍ରାଲ କମାଣ୍ଡ ବାହାରିନରେ ଅଛି ଏବଂ ଆମେରିକାର ଆଞ୍ଚଳିକ ସେନା କାର୍ଯ୍ୟକଳାପଗୁଡ଼ିକ କାତାରରୁ ସଞ୍ଚାଳନ ହେଉଛି। ବାଇଡେନ୍‌ଙ୍କ ପ୍ରତି ଥିବା ଏମ୍‌ବିଏସ୍‌ଙ୍କ ଶତ୍ରୁତା ସତ୍ତ୍ୱେ ବି ସଉଦି ଆରବ ଏବେ ସୁଦ୍ଧା ପାଖାପାଖି ୨,୭୦୦୦ ଆମେରିକୀୟ ସୈନ୍ୟଙ୍କୁ ସ୍ଥାନ ଦେଇଛି। ଏଣୁ ଚାଇନା ସୈନ୍ୟଙ୍କୁ ସ୍ୱାଗତ କରିବାର କୌଣସି ଯୋଜନା ଥିବା ଜଣାପଡୁନାହିଁ। ଏହି ସବୁ ଦେଶ ଆମେରିକା ପାଇଁ ସେମାନଙ୍କ ଦ୍ୱାରା ଖୋଲା ରଖିଛନ୍ତି। ସେମାନେ ଆମେରକାରୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ପାଇବା ଲକ୍ଷ୍ୟରେ ଏହା କରିଛନ୍ତି। ଏହା ସହ ଆମେରିକାର ସୁରକ୍ଷା ଗ୍ୟାରେଣ୍ଟି ଉପରେ ବି ସେମାନଙ୍କର ବିଶ୍ୱାସ ରହିଛି। ଯେତେଦିନ ଯାଏ ଆମେରିକା ଏହି ସବୁ ସୁବିଧା ଯୋଗାଇ ଦେଉଥିବା ସେତେଦିନ ଯାଏ ଏହା ଚାଇନାକୁ ସେହି ଅଞ୍ଚଳରୁ ଦୂରେଇ ରଖିବ।

କେତେଜଣ ବିଶେଷଜ୍ଞ ଭାବୁଛନ୍ତି ଯେ, ଆମେରିକୀୟଙ୍କୁ ସେମାନଙ୍କ ବିରୋଧୀ (ପ୍ରଥମେ ସୋଭିଏଟ୍ ଓ ଏବେ ଚାଇନିଜ) ବିପକ୍ଷରେ ଠିଆ କରାଇବାର ନାସିରଙ୍କ ନୀତିକୁ ଏବେ ଏମ୍‌ବିଏସ୍ ଅନୁସରଣ କରୁଛନ୍ତି। କିନ୍ତୁ ସାଉଦି ଥରେ ବାସ୍ତବତାକୁ ଅନୁଭବ କଲେ ଏମ୍‌ବିଏସ୍ କିମ୍ବା ତାଙ୍କ ଉତ୍ତରାଧିକାରୀମାନେ ଚାଇନାକୁ ଗ୍ରହଣ କରିବା ବଦଳରେ ଆମେରିକା ପକ୍ଷକୁ ଫେରିବେ।

ପୂର୍ବତନ ରିସର୍ଚ୍ଚ ଫେଲୋ, ନ୍ୟୁ ଆମେରିକା

ଦୁର୍ନୀତିର ନାହିଁ ଇତି

ରାଧାଶ୍ୟାମ ରାଉଳ

ବର୍ତ୍ତମାନ ସମୟରେ ସତେ ଯେମିତି ସକଳ ସୁଖ, ସୁବିଧାଓସ୍ୱାର୍ଥସାଧନରମୂଳାଧାରହେଉଛିଦୁର୍ନୀତି! ସିଧା ରାସ୍ତା ଧରି ପ୍ରାୟ କେହିଯିବାକୁ ଚାହୁଁ ନ ଥିବା ବେଳେ ଗଳାବାଟ ଦେଇ ତ୍ୱରିତେ ଠିକଣା ଜାଗାରେ ପହଞ୍ଚିବାକୁ ଉଣାଅଧିକେ ସମସ୍ତେ ଚାହୁଁଛନ୍ତି। କହିବାର କଥା ହେଲା, ସକଳ ଶଙ୍କା, ଆଶଙ୍କା, ଭୀତି, ଭ୍ରାନ୍ତି, ପରିଣତିକୁ ପରିହାର କରି ଦୁର୍ନୀତି ପ୍ରେମରେ ଉବୁଟୁବୁ ହେବାକୁ ପ୍ରାୟ ସଭିଙ୍କର କାମନା ଓ ବାସନା ଜାଗୁଛି ଯେମିତି! ଏଣୁ ସାଧାରଣ ଜୀବନରେ ଦୁର୍ନୀତିର ପତିଆରା ବହୁତ। କି ସରକାରୀ କି ବେସରକାରୀ କି କେନ୍ଦ୍ର ସରକାରଙ୍କ ଅଫିସ କି ରାଜ୍ୟ ସରକାରଙ୍କ ଅଫିସ, ଦୁର୍ନୀତିର ଅବାଧ ପ୍ରବେଶ ସବୁଠି!

ଯେଉଁମାନେ ଦୁର୍ନୀତିବିରୋଧୀ ଆନ୍ଦୋଳନର ପ୍ରବକ୍ତା ସାଜି ସଭା ସମିତିରେ ବଡ଼ବଡ଼ ଭାଷଣ ଦେଉଛନ୍ତି, ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ରାଜରାସ୍ତାକୁ ଓହ୍ଲେଇ ଆସୁଛନ୍ତି, ସମ୍ବାଦପତ୍ର, ପତ୍ର ପତ୍ରିକାରେ ପୃଷ୍ଠା ପୃଷ୍ଠା ଲେଖି ନିଜକୁ ବଡ଼ ଲେଖକ, ବୁଦ୍ଧିଜୀବୀ, ପ୍ରାଜ୍ଞ, ବିଜ୍ଞ, ଅଭିଜ୍ଞ ବୋଲାଇ ହେଉଛନ୍ତି, ବାସ୍ତବପକ୍ଷରେ ବୁଝିବାକୁ ଅଛି, ସେ ମହାଶୟମାନେ ସେମାନଙ୍କ କର୍ତ୍ତବ୍ୟ ପ୍ରତି କେତେଦୂର ସଚେତନ ? ନିଜନିଜର ସ୍ଥିତି ସଜାଡ଼ିବାକୁ ସେମାନେ କେତେଦୂର ସମର୍ଥ ? ଆଚରଣ ଓ ଉଚ୍ଚାରଣରେ ସମନ୍ୱୟ ରଖି ନ ଥିବା ସେଇ ମହାଶୟମାନେ ଦୁର୍ନୀତିରୁ ମୁକ୍ତ କି ନୁହେଁ, ତାହା ଅବଶ୍ୟ ତଦନ୍ତ ସାପେକ୍ଷ। ପଣସ ଖାଇ ଅନ୍ୟ ମୁଣ୍ଡରେ ଅଠାବୋଳିବା, ନିଜେ ମିଠା ଖାଉଥିବା ବେଳେ ଅନ୍ୟକୁ ମିଠା ନ ଖାଇବାର ଉପଦେଶ ଓ ପରାମର୍ଶ ଦେଉଥିବା ବ୍ୟକ୍ତିବିଶେଷଙ୍କୁ ଆମ୍ଭ ପ୍ରବଞ୍ଚକ କହିବା ସମୀଚୀନ ନୁହେଁ କି? ଦୁର୍ନୀତିକୁ ଧରିବା ପାଇଁ ଅଡିଟ ହେଉଛି। ହେଲେ ଲାଞ୍ଚ, ରିସବତ୍, ସାଦିଷ୍ଟ ଖାଦ୍ୟ ଓ ବିଦେଶୀ ପାନୀୟ, ଦର୍ଶନୀୟ ସ୍ଥାନ ଭ୍ରମଣର ସୁଯୋଗ ଲଭି ଅଡିଟର୍ ବାବୁମାନେ କଳାକୁ ଧଳା କରି ଦେଉଛନ୍ତି। ଭଲ ରିପୋର୍ଟ ସହ 'ଆଗକୁ ମାଡ଼ିଚାଲ'ର ସବୁଜ ସଙ୍କେତ ଦେଉଛନ୍ତି!

ଏକ ଘଟଣାକ୍ରମ। ଜନୈକ ହିତାଧିକାରୀ ବନ୍ଧୁ ଅଫିସରେ ପିଅନ ଉପରେ ଚିଡିଯାଇ କହିଲେ,''ଆଚ୍ଛା କଥା, ମୋ ଫାଇଲ ଫରୱାର୍ଡ କରିବା ପାଇଁ ମୋତେ ଟଙ୍କା ମାଗୁଛ? ଏ ନେଇ ମୁଁ ତୁମରଉଚ୍ଚ ଅଧିକାରୀଙ୍କୁ ରିପୋର୍ଟ କରିବି।''ତାଚ୍ଛଲ୍ୟ କରି ପିଅନ କହିଲେ, ''ଯାଉନ ଯାଅ, କିଏ ତୁମ ବାଟକୁ ବନ୍ଦ କରୁଛି ହୋ? ହେଇଟି ବାବୁ, ଯିବା ପୂର୍ବରୁ କାନ ଖୋଲି ଶୁଣିନିଅ, ତୁମେ କମ୍ପ୍ଲେନ କରିବ ଯାହାଙ୍କୁ ମୁଁ ପା' ନିଇତି ପିସି ଦେଉଅଛି ତାହାଙ୍କୁ! ପିସି ଅର୍ଥ ପର୍ସେଣ୍ଟେଜ! ଅର୍ଥାତ୍, ଅର୍ଜିତ ବା ଉପଲବ୍ଧ ଉପୁରି ଅର୍ଥରୁ ତଳୁ ଉପରଯାଏ ସଭିଙ୍କର ଭାଗ ରହିଛି। ମୋ ବିରୁଦ୍ଧରେ ତୁମେ ରିପୋର୍ଟ କଲେ, ହାୟର ଅଫିସର ଓଲଟି ତୁମକୁ ଶୋଧିବେ! ତୁମ ଫାଇଲ ଆଉ ଆଗକୁ ଗତି କରିପାରିବ ନାହିଁ, ସ୍ଥାଣୁ ପାଲଟିଯିବ!''

ଏବେ ପ୍ରତିଦିନ ରୋଚକ ଖବର ଶୁଣିବାକୁ ଓ ଜାଣିବାକୁ ମିଳୁଛି ଯେ, ସରକାରୀ ପଦାଧିକାରୀ ଓ କର୍ମଚାରୀମାନେ ଦୁର୍ନୀତିପଙ୍କରେ ଉବୁଟୁବୁ ଓ ଜୁନ୍ଦୁବୁନ୍ଦୁ! ପ୍ରଚୁର ଟଙ୍କା, ସୁନାଗହଣା ଘରେ ଠୁଳକରି ରଖିବା ସହ ବିଭିନ୍ନ ଜାଗାରେ ନିଜ ନାମରେ, ନିଜ ସ୍ତ୍ରୀ, ପୁଅ, ଝିଅ, ଭାଇ ଓ ଅନ୍ୟ ପ୍ରିୟପରିଜନମାନଙ୍କ ନାମରେ ଭୂସମ୍ପତ୍ତି, ଫାର୍ମ ହାଉସ, ସୁରମ୍ୟ ଅଟ୍ଟାଳିକା, ବହୁତଳ ପ୍ରାସାଦ ରହିଛି। ଆୟ ବହିର୍ଭୂତ ସମ୍ପତ୍ତିର ମାଲିକ ବୋଲି ତଦନ୍ତ ଓ ଖୋଳତାଡ଼ ହେଉଛି।

ଲାଗୁଛି, ଆମ ସାମାଜିକ ଜୀବନରେ ଦୁର୍ନୀତି ସର୍ବଜନଆଦୃତ ହୋଇସାରିଛି। ଆମ ସମସ୍ତଙ୍କ ଦ୍ୱାରା ଦୁର୍ନୀତି ଲାଳିତପାଳିତ ପ୍ରତିପୋଷିତ ହୋଇ ଦୂବରୁ ଦାରୁ ପର୍ଯ୍ୟାୟକୁ ଉନ୍ନୀତ ହେଉଛି। ଛୋଟଛୋଟ ଦୁର୍ନୀତି ଆମମାନଙ୍କର ସହଯୋଗ ଓ ସମର୍ଥନରେ ବଡ଼ବଡ଼ ଦୁର୍ନୀତିରେ ରୂପାନ୍ତରିତ ହୋଇଯାଉଛି। ଯାହା ହାତରେ କ୍ଷମତା ଅଛି, ସେ ନିର୍ବିଘ୍ନରେ ତା'ର ଅପବ୍ୟବହାର କି ଅପପ୍ରୟୋଗ କରିପାରୁଛି। ସେବା ନାଁରେ ଶୋଷଣ ଚାଲିଛି। ପରୋପକାର ନାଁରେ ଅସାଧୁ ଉପାୟ ଅବଲମ୍ବନ ହେଉଛି। ସର୍ବତ୍ର ଚାଲିଛି ପୃଷ୍ଠପୋଷକତା, ସୁପାରିସ, ପ୍ରିୟାପ୍ରୀତିତୋଷଣ, ସଂକୀର୍ଣ୍ଣ ମନୋଭାବ ପୋଷଣ, ଚାପପ୍ରୟୋଗ, ପ୍ରଭାବବିସ୍ତାର, ଅର୍ଥଆତ୍ମସାତ୍ ଇତ୍ୟାଦି ଇତ୍ୟାଦି।

ଉଦ୍‌ବେଗର ବିଷୟ ଯେ, ସମାଜରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱର ଉପାଦେୟତାକୁ ଲୋକମାନେ ଆଦୌ ଗୁରୁତ୍ୱ ଦିଅନ୍ତିନାହିଁ। ନୀତି, ଆଦର୍ଶ, ସାଧୁତା ଓ ସ୍ୱଦେଶପ୍ରେମକୁ ହୀନଦୃଷ୍ଟିରେ ଦେଖନ୍ତି, ବ୍ୟଙ୍ଗ ପରିହାସ କରନ୍ତି। ଅତଏବ ସେଇଦୃଷ୍ଟିରୁ ଆମ ସମାଜରେ ଦୁର୍ନୀତି ରହିଆସୁଛି, ରହିଛି ଆଗକୁ ମଧ୍ୟ ରହିଥିବ ଏମିତି। ସତରେ ଦୁର୍ନୀତିର ନାହିଁ ଇତି !

ବୀମାବିହାର, ମର୍କତନଗର
ସେକ୍ଟର:୬, କଟକ,
ମୋ:୯୪୩୭୦୯୦୯୮୫

ଏଇ ଭାରତରେ

ଗରିବ ଯୁବକମାନଙ୍କୁ ବେଲୁନ ଡେକୋରେଶନ ମାଧ୍ୟମରେ ରୋଜଗାର ବାଟ ଦେଖାଉଛନ୍ତି ଅହମଦାବାଦର ମିଲନ ବିଚିଓ୍ୱାଲ। ତାଙ୍କୁ ସମସ୍ତେ ବେଲୁନବାଲା ଡାକନ୍ତି। ନାଁ ସିନା ବେଲୁନବାଲା, କିନ୍ତୁ ସେ ବେଲୁନ ଡେକୋରେଶନରେ ଅନ୍ୟମାନଙ୍କୁ ଖୁସି କରିବା ସହ ସଡ଼କରେ ବେକାର ହୋଇ ବୁଲୁଥିବା ୨୫୦ ଗରିବ ଯୁବକଙ୍କୁ ରୋଜଗାର ଦେଇ ସେମାନଙ୍କ ଦ୍ୱାରା ବି ରୋଜଗାର ସୃଷ୍ଟି କରିବାରେ ଲାଗିଛନ୍ତି ମିଲନ। ସେ ଜନ୍ମଦିନଠାରୁ ଆରମ୍ଭ କରି ସବୁପ୍ରକାର ଉତ୍ସବର ବେଲୁନ ଡେକୋରେଶନରେ ଏହି ଯୁବକମାନଙ୍କୁ ନିଯୁକ୍ତ କରାଇଛନ୍ତି। ଏହା କେବଳ ଏକ ବିଜ୍‌ନେସ ନୁହେଁ ବରଂ ସାମାଜିକ ସ୍ତରରେ ବେରୋଜଗାରରେ ପରିବର୍ତ୍ତନ ଆଣିବାର ଏକ ଉପାୟ ବୋଲି ସେ କହନ୍ତି । ସେ ୮ ବର୍ଷ ହେଲା ଏହି କାମ କରିଆସୁଛନ୍ତି। ଆରମ୍ଭରୁ ତାଙ୍କୁ ୧୦ଟି ଅର୍ଡର ମିଳିବା କଷ୍ଟକର ଥିଲା, ହେଲେ ଏବେ ମାସକୁ ୧୦୦ରୁ ଊର୍ଦ୍ଧ୍ୱ ଡେକୋରେଶନ ପାଇଁ କାମ ମିଳୁଛି। ମିଲନଙ୍କ ସହ କାମ କରୁଥିବା ଯୁବକମାନେ ମଧ୍ୟ ଏହି କାମ ଶିଖିବା ପରେ ଅନ୍ୟମାନଙ୍କୁ ପ୍ରଶିକ୍ଷଣ ଦେଇ ସ୍ୱାବଲମ୍ବୀ କରିବାରେ ଲାଗିଛନ୍ତି।

୨୫ ବର୍ଷ ତଳର ଧରିତ୍ରୀ

୧୭ ମାର୍ଚ୍ଚ ୧୯୯୮

- ଚୀନ ରାଷ୍ଟ୍ରପତି ଜିଆଙ୍ଗ ଜେମିନ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରମୁଖ୍ୟ ଓ ସେଣ୍ଟ୍ରାଲ ମିଲିଟାରୀ କମିଶନର ଅଧ୍ୟକ୍ଷ ହେବାର ଗୌରବ ହାସଲ କରିଛନ୍ତି।
- ଉତ୍ତରପ୍ରଦେଶର ରାଜ୍ୟପାଳ ରୋମେଶ ଭଣ୍ଡାରୀଙ୍କ ଅପ୍ରତ୍ୟାଶିତ ଭାବେ ନିଜ ପଦରୁ ଇସ୍ତଫା ପ୍ରଦାନ।
- ଧାମରା ବନ୍ଦର ନିର୍ମାଣ ପାଇଁ ଇଣ୍ଟର ନ୍ୟାସନାଲସି ପୋର୍ଟ ଲିଃ (ଆଇଏସ୍‌ପି) ସହ ଚୁକ୍ତିକୁ କ୍ୟାବିନେଟର ସ୍ୱୀକୃତି।

su | do | ku — ସୁ-ଡୋ-କୁ

Puzzles by Srikant Ghosh

	8		5			9		
2	9	4	1					
							2	1
	4							
	7	1	9		6		4	
				2		5	1	6
							6	
3					7	2	5	
9				8	5			

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

6	7	8	2	9	3	5	1	4
5	4	9	7	8	1	2	3	6
3	2	1	5	6	4	7	9	8
7	9	4	6	2	5	3	8	1
1	5	3	9	4	8	6	7	2
8	6	2	3	1	7	4	5	9
2	8	7	4	3	9	1	6	5
9	3	6	1	5	2	8	4	7
4	1	5	8	7	6	9	2	3

ଗତକାଲିର ଉତ୍ତର

ବେଡ୍ ନାହିଁ

ଶୈଳେନ୍ଦ୍ର ଦ୍ୱିବେଦୀ

ପ୍ରାୟ ଅଢ଼େଇ ବର୍ଷ ତଳେ ଜଣେ ପରିଚିତ ଅଟୋ ଡ୍ରାଇଭର ପ୍ରାବନ୍ଧିକକୁ ଯେତେବେଳେ ଜଣେଇଥିଲେ ଯେ ସେ ଗରିବ, ବି.ପି.ଏଲ. ପରିବାରଭୁକ୍ତ ଏବଂ ସେଥିପାଇଁ ସରକାରଙ୍କ ତରଫରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

ଚାଷ, ଚାଷୀର ଉନ୍ନତି ସଚେତନତା କର୍ମଶାଳା

କଣ୍ଟାବାଞ୍ଜି,(ଡି.ଏନ.ଏ.): ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ସଦର ପଞ୍ଚାୟତ କାର୍ଯ୍ୟାଳୟରେ ଚାଷ ଓ ଚାଷୀର ଉନ୍ନତି ଉପରେ ଏକ ସଚେତନତା କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାକୁ ରିଲାଏନ୍ସ ଫାଉଣ୍ଡେସନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଂକଳ୍ପ ଦ୍ୱାରା କରାଯାଇଥିଲା। ସଚେତନତା ସଭାରେ ତୁରେକେଲା ସରପଞ୍ଚ ଜଲନ୍ଧର ମହାକୁଡ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ସମିତି ସଭ୍ୟ ପ୍ରମୋଦ କୁମାର ମହାପାତ୍ର, ନାଏବ ସରପଞ୍ଚ ବେଲମତି ମେହେର. ପଞ୍ଚାୟତ ଏକଜିକ୍ୟୁଟିଭ ଅଫିସର ଦେବରାଜ ତାଣ୍ଡି, ୱାର୍ଡ ସଭ୍ୟ, ଗ୍ରାମ ସାଥୀ ଏବଂ ଚାଷୀ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ମାନସ

@ ରାକେଶ

@ ଟୁଟୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ଯାନବାହନ ଚଳାଚଳ ବ୍ୟାହତ

ସୋନପୁର,୧୬।୩(ନି.ପ୍ର.)

ଦ୍ୱିତୀୟ ଦିନରେ ଡ୍ରାଇଭରଙ୍କ ଆନ୍ଦୋଳନ

ଡ୍ରାଇଭର ସଂଘର ଅହୋରାତ୍ର ଆନ୍ଦୋଳନ ଯୋଗୁ ସୁବର୍ଣ୍ଣପୁର ଜିଲାରେ ଯାନବାହାନ ଚଳାଚଳ ଦୁଇ ଦିନ ଧରି ବନ୍ଦ ରହିଛି। କାଁ ଭାଁ ରାତିରେ ସରକାରୀ ବସ ଚଳାଚଳ କରୁଥିଲେ ହେଁ ତାହା ଯଥେଷ୍ଟ ହେଉନି। ଗୁରୁବାର ସନ୍ଧ୍ୟାରେ ଜିଲାପାଳ ଅବୋଲି ସୁନିଲ ନରୱଣେ ନିଜ କାର୍ଯ୍ୟାଳୟରେ ଡ୍ରାଇଭର ସଂଘର ପ୍ରତିନିଧିଙ୍କ ସହିତ ଆଲୋଚନା କରିଥିଲେ। ବାହାର ରାଜ୍ୟ ଓ ଜିଲାରୁ ଆସୁଥିବା ଯାନଗୁଡିକୁ ଛାଡିବା ପାଇଁ ଜିଲାପାଳ ନରୱଣେ ସଂଘ କର୍ମକର୍ତ୍ତାଙ୍କୁ ଅନୁରୋଧ କରିଥିଲେ। ମାତ୍ର ସଂଘ ଏହି ପରାମର୍ଶକୁ ଗ୍ରହଣ କରିନାହିଁ। ସରକାର ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ସୂଚନା ଦେଇଛି। ତେବେ ଆନ୍ଦୋଳନ ଯୋଗୁ ଦୂରଦୂରାନ୍ତ ସ୍ଥାନକୁ ଯାଇ ନ ପାରି ଯାତ୍ରୀ ହୀନସ୍ତା ହେଉଛନ୍ତି। ମାଟ୍ରିକ ପରୀକ୍ଷା ପାଇଁ କେତେଜଣ ଅଭିଭାବକ ଅସୁବିଧା ଭୋଗ କରିଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷେ ଜିଲାକୁ ବାହାରୁ ପନିପରିବା, ମାଛ ଓ ଅନ୍ୟାନ୍ୟ ଜିନିଷପତ୍ର ଆସିପାରୁନି। ଓଡିଶା ଡ୍ରାଇଭର ଏକତା ମହାମଞ୍ଚ ପକ୍ଷରୁ ବିଭିନ୍ନ ଦାବି ନେଇ ବୁଧବାର ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିୟରିଂ ଛାଡ ଆନ୍ଦୋଳନ ଡାକରା ଦିଆଯାଇଛି। ଆନ୍ଦୋଳନର ବ୍ୟାପକ ପ୍ରଭାବ ଅନୁଭୂତ ହେଉଛି। ଗୁରୁବାର ଆନ୍ଦୋଳନର ଦ୍ୱିତୀୟ ଦିବସରେ ଜିଲାରେ ଯାନବାହାନ ଚଳାଚଳ ଠପ୍ ହୋଇପଡିଛି। ଖୋର୍ଦ୍ଧ-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ, ସୋନପୁର-ସମ୍ବଲପୁର ରାସ୍ତା, ସୋନପୁର-ବିନିକା-ଡୁଙ୍ଗୁରିପାଲି ରାସ୍ତା ଓ ସୋନପୁର-ବୀରମହାରାଜପୁର-ସୁବଳୟା ରାସ୍ତାରେ ଯାତ୍ରୀବାହୀ ବସ ଓ ଭାରୀଯାନ ଚଳାଚଳ ବନ୍ଦ ରହିଛି। ଟ୍ରେନ୍ ଯୋଗେ ଯାତାୟାତର ସୁବିଧା ନ ଥିବାରୁ ଜିଲାର ଲୋକେ ଯିବା ଆସିବା ପାଇଁ ଅସୁବିଧା ଭୋଗୁଛନ୍ତି। ଡ୍ରାଇଭରଙ୍କ ସଂଗଠିତ ଆନ୍ଦୋଳନ ସରକାର ଓ ଜିଲା ପ୍ରଶାସନକୁ ଚିନ୍ତାରେ ପକାଇଛି। ସୁବର୍ଣ୍ଣପୁର ଜିଲାର ସୋନପୁର, ତରଭା, ବୀରମହାରାଜପୁର, ଉଲୁଣ୍ଡା, ଡୁଙ୍ଗୁରିପାଲି ଓ ବିନିକାରେ ଡ୍ରାଇଭର ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ରାସ୍ତାରେ ବସି ରହି ଆନ୍ଦୋଳନ କରୁଛନ୍ତି। ବସ, ଟ୍ରକ୍, କାର ସମେତ ପରିବହନ ସହିତ ଜଡିତ କୌଣସି ହଳଦିଆ ନମ୍ବର ବିଶିଷ୍ଟ ଗାଡିକୁ ରାସ୍ତାରେ ଯିବାକୁ ଦିଆ ଯାଉନାହିଁ। ଅନ୍ୟପକ୍ଷେ ପ୍ରାୟ ସରକାରୀ ଅଫିସରେ ପ୍ରାଇଭେଟ୍ ଗାଡିଗୁଡିକ ଭଡାରେ ଲାଗିଥିବା ବେଳେ ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁ ଗାଡିଗୁଡିକ ଛିଡା ହୋଇ ରହିଛି। ଅଧିକାରୀମାନେ ବାହାରକୁ ଯାଇ ପାରୁନାହାନ୍ତି। ସେହିପରି ହାଇୱା ଓ ଟ୍ରକ୍ ଚଳାଚଳ ବନ୍ଦ ଥିବାରୁ ଜିଲାରେ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ଡ୍ରାଇଭରଙ୍କ ପାଇଁ ବୀମା ଓ ପେନସନ ସୁବିଧା ସହ ରାସ୍ତାପାର୍ଶ୍ୱରେ ଶୌଚାଳୟ ଓ ବିଶ୍ରାମାଗାର ଏବଂ ଡ୍ରାଇଭରଙ୍କ ପାଇଁ ରାଜ୍ୟ ସରକାର ଏକ ପାଣ୍ଠି ତିଆରି କରିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଛି।

ତରଭାରେ ଆନ୍ଦୋଳନରତ ଡ୍ରାଇଭର ।

ଡ୍ରାଇଭରଙ୍କ ଆନ୍ଦୋଳନ ଦ୍ୱିତୀୟ ଦିନରେ

ତରଭା,୧୬।୩(ଡି.ଏନ.ଏ.)

ଓଡ଼ିଶା ଡ୍ରାଇଭର ମହାସଂଘର ଡାକରା କ୍ରମେ ଗୁରୁବାର ତରଭା ଡ୍ରାଇଭର ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଚାଲିଥିବା ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଛି। ତରଭା ବ୍ଲକର ୪୦୦ରୁ ଊର୍ଦ୍ଧ୍ୱ ଡ୍ରାଇଭର ଅନିର୍ଦ୍ଦିଷ୍ଟ କାଳ ପାଇଁ ଷ୍ଟିୟରିଂ ଛାଡ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ବଲାଙ୍ଗୀର-ସୋନପୁର ୫୭ନଂ ଜାତୀୟ ରାଜପଥର ତରଭା ଛକ ନିକଟ ନିର୍ମାଣାଧୀନ ବ୍ରିଜ ନିକଟରେ ଡ୍ରାଇଭରମାନେ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଛନ୍ତି। ଛୋଟ ଗାଡିକୁ ବାଦ ଦେଲେ ମାଲବାହୀ ଟ୍ରକ, ଯାତ୍ରୀବାହୀ ବସ, ଟ୍ରକ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଦାବି ମଧ୍ୟରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଡ୍ରାଇଭରମାନଙ୍କ ପାଇଁ ୨୦ ଲକ୍ଷ ଟଙ୍କା ବୀମା ରାଶି, ଅକର୍ମଣ୍ୟ ଡ୍ରାଇଭରମାନଙ୍କ ପାଇଁ ୧୦ ଲକ୍ଷ ବୀମା ରାଶି ସହିତ ଡ୍ରାଇଭରଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ବୀମା ଯୋଗାଇ ଦେବା, ୫୫ ବର୍ଷ ପରେ ଡ୍ରାଇଭରଙ୍କୁ ପେନସନ, ଡ୍ରାଇଭରମାନଙ୍କୁ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ପ୍ରଦାନ, ଡ୍ରାଇଭରଙ୍କ ପିଲାମାନଙ୍କ ପାଇଁ ଉଚ୍ଚଶିକ୍ଷା ନିମନ୍ତେ ବ୍ୟବସ୍ଥା କରିବା ଆଦି ରହିଛି। ତରଭା ବ୍ଲକ ଡ୍ରାଇଭର ସଂଘ ସଭାପତି ସୁରେଶ ଚନ୍ଦ୍ର ବେହେରା, ତରଭା ଏନଏସି ଡ୍ରାଇଭର ସଂଘ ସଭାପତି ସୁଧୀର ସାହୁ, ନନ୍ଦୀ କିଶୋର ସାହୁ, ପରେଶ ମେହେର, ଚନ୍ଦ୍ର ଶେଖର ସାହୁ ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି। ଡ୍ରାଇଭରଙ୍କ ଆନ୍ଦୋଳନସ୍ଥଳରେ ପୋଲିସ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଛନ୍ତି।

ଲୋଇସିଂହା ବ୍ଲକ: ବଢୁଛି ପରୀକ୍ଷାର୍ଥୀଙ୍କ ଅନୁପସ୍ଥିତି ସଂଖ୍ୟା

ଲୋଇସିଂହା.୧୬।୩(ଡି.ଏନ.ଏ)

ମାର୍ଚ୍ଚ ୧୦ରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି । ଏହା ଆସନ୍ତା ୨୦ ତାରିଖରେ ସରିବ । ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ୭ଟି କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ହେଉଛି। ବ୍ଲକର ୨୩ଟି ହାଇସ୍କୁଲର ୯୧୧ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ତେବେ ଚନ୍ତାର ବିଷୟ ଯେ ପ୍ରତ୍ୟହ ୨୦ରୁ ଅଧିକ ପରୀକ୍ଷାର୍ଥୀ କେନ୍ଦ୍ରରେ ଅନୁପସ୍ଥିତି ରହୁଥିବା ଦେଖାଯାଉଛି । କୁଶଙ୍ଗ ଏବଂ ଖାରମୁଣ୍ଡା କେନ୍ଦ୍ରକୁ ଛାଡି ବାକି କେନ୍ଦ୍ରରେ ପରୀକ୍ଷାର୍ଥୀ ଅନୁପସ୍ଥିତ ରହୁଥିବା ଜଣାପଡିଛି। ପଞ୍ଚାୟତ ନୋଡାଲ ହାଇସ୍କୁଲ କୁଶଙ୍ଗ କେନ୍ଦ୍ରରେ ୧୧୨ ଏବଂ ଅଞ୍ଚଳ ନୋଡାଲ ହାଇସ୍କୁଲ ଖାରମୁଣ୍ଡା କେନ୍ଦ୍ରରେ ୧୩୩ ପରୀକ୍ଷାର୍ଥୀ ନିୟମିତ ପରୀକ୍ଷା ଦେଉଛନ୍ତି। ଅପରପକ୍ଷେ ବାକି କେନ୍ଦ୍ରରେ ଗୁରୁବାର ବିଜ୍ଞାନ ପରୀକ୍ଷାରେ ୨୨ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ । ପ୍ରଥମ ଦିନ ଭାଷା ସହିତ୍ୟ ପରୀକ୍ଷାରେ ୨୧, ଦ୍ୱିତୀୟ ଦିନ ଇଂଲିଶ ବିଷୟରେ ୨୨, ତୃତୀୟ ଦିବସରେ ହିନ୍ଦୀ ଓ ସଂସ୍କୃତରେ ୨୫ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାଯାଇଛି । ଜଣେ ବରିଷ୍ଠ ଶିକ୍ଷକଙ୍କ କହିବା ଅନୁଯାୟୀ, କୋଭିଡ ପାଇଁ ଏପରି ପରିସ୍ଥିତି ସୃଷ୍ଟି ହୋଇଥାଇପାରେ। ବାଧ୍ୟତାମୂଳକ ଫର୍ମ ପୂରଣା କରିବା ଦ୍ୱାରା ଅନିଚ୍ଛା ଥିବା ଛାତ୍ରୀଛାତ୍ର ଅନୁପସ୍ଥିତ ରହି ଥାଇପାରନ୍ତି ବୋଲି ସେ କହିଛନ୍ତି। ଏ ଦିଗରେ ଶିକ୍ଷା ବିଭାଗ ଚିନ୍ତା କରିବା ସମୟ ଆସିଛି ବୋଲି ଶିକ୍ଷାବିତ୍‌ମାନେ ମତ ଦେଇଛନ୍ତି।

ଶିବିରରେ ୫୦ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ଼ ଅଫିସ୍,୧୬।୩

ବରଗଡ଼ ଜିଲା ଚକରକେନ୍ଦ୍ରସ୍ଥିତ ସନ୍ଥକବି ଯୁକ୍ତ ୩ କଲେଜରେ ଗୁରୁବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। କଲେଜର ରେଡ଼କ୍ରସ ୟୁନିଟ୍ ଆୟୋଜନରେ ହୋଇଥିବା ଶିବିରରେ ୫୦ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କଲେଜ ଅଧ୍ୟକ୍ଷ କାର୍ତ୍ତିକେୟ ସାଥୁଆଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରକୁ ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମିତ ଆଚାର୍ଯ୍ୟ ମୁଖ୍ୟଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସେହିପରି ରବିଶଙ୍କର ପ୍ରଧାନ, ଅଧ୍ୟାପକ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ରେଡ଼କ୍ରସ କାଉନସେଲର ଅଧ୍ୟାପକ ସୁଶିଲ ବାରିକ, ଖଗେଶ୍ୱର ଭୋଇ, ରାଜୀବ ବାରିକ, ରାଜଲକ୍ଷ୍ମୀ ବାରିକ, ହରିବୋଲ ପ୍ରଧାନ, ଅଙ୍କିତ ଦାସ, ପଦ୍ମାଳୟା ପ୍ରଧାନ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ବିକାଶ ମେହେର, ରିଙ୍କୁ ସାହୁ, ଜ୍ୟୋତିର୍ମୟୀ ପ୍ରଧାନ ପ୍ରମୁଖ ଛାତ୍ରୀଛାତ୍ର ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

PARADIP PORT AUTHORITY
MARINE DEPARTMENT
No. MD/ACCTS-WK-R-2/2023/350
Dated, the 14th March'2023
e-Tender Call Notice (e-TCN)
Name of the Work : "Supply of 01 no. 20 Knots Speed Patrol Boat along with manning crew on hire for a period of five years". Estimated Cost : Total Estimated cost Rs.11,80,78,000/- Plus GST. Estimated cost put to tender : Rs.5,84,32,000/- Excluding Fuel Cost and GST. Last date & time for submission of bids through on-line bidding is till 1500 hours on Dt.27.04.2023. Technical Bids shall be opened at 1630 hours on Dt.28.04.2023. For details, please log on to the Website : https://eprocure.gov.in/eprocure/app .
Dy. Conservator
Paradip Port Authority
PPA/PR/233/2022-23, Dt.15.03.23

ଦ.ପୂ. ରେଳପଥ - ଟେଣ୍ଡର
ଏନ୍‌ଆଇଟି ନଂ. ଏସ୍‌ଟି-ଓଏଲ୍-ଡିଆର୍‌ଜି-୦୨, ତାରିଖ: ୧୫।୦୩।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡେପୁଟି ସିଏସ୍‌ଟିଇ/ଆର୍‌ଭିଏନ୍‌ଏଲ୍, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍‌ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ଆହ୍ୱାନ କରାଯାଉଛି: କାର୍ଯ୍ୟର ନାମ: ଡ୍ରାଫ୍ଟ/ଟେଣ୍ଡେଟିଭ୍/ଅନୁମୋଦିତ ଇଞ୍ଜିନିୟରିଂ ସ୍କେଲ୍ ପ୍ଲାନ୍ (ଏଏସ୍‌ପି) ଅନୁଯାୟୀ ସିଗ୍‌ନାଲିଂ ଇଣ୍ଟରଲକିଂ ପ୍ଲାନ୍‌ର ପ୍ରସ୍ତୁତି, ଡିଜାଇନିଂ । ସିଗ୍‌ନାଲିଂ ଇଣ୍ଟରଲକିଂ ପ୍ଲାନ୍‌କୁ ଇଏସ୍‌ପିରେ ଦର୍ଶାଯାଇଥିବା ଅନୁଯାୟୀ ଭିନ୍ନ ଭିନ୍ନ ରଙ୍ଗ ଯେପରିକି କଳା, ସବୁଜ ଓ ନାଲି ରଙ୍ଗରେ ଡିଜାଇନ୍ ଓ ପ୍ରସ୍ତୁତ କରାଯିବା ଆବଶ୍ୟକ, ଏହା ସହିତ ସବ୍ୟମତ ସଂସ୍କରଣର ଅଟୋକାଡ୍‌ରେ ଇଏସ୍‌ପି ଅନୁଯାୟୀ କୌଣସି ସଂଶୋଧନ ସହିତ ସ୍କେଚ୍/ଟେଣ୍ଡେଟିଭ୍/ଅନୁମୋଦିତ ଏସ୍‌ଆଇପି ଆଧାରରେ ଏକ ଲଘୁ ରଙ୍ଗିନ ରେଖାଚିତ୍ର ଦୈର୍ଘ୍ୟ ୧ ସେମି = ୧୦ ମିଟର ଏବଂ ଅନୁପ୍ରସ୍ଥ ୧ ସେମି = ୫ ମିଟର ସ୍କେଲ୍‌ରେ ପ୍ରସ୍ତୁତ କରାଯିବା ଆବଶ୍ୟକ, ମାନକ ରେଳପଥ କାର୍ଯ୍ୟପ୍ରଣାଳୀ ସହିତ ଦକ୍ଷିଣ ପୂର୍ବ ରେଳପଥର ମାନକ କାର୍ଯ୍ୟପ୍ରଣାଳୀ ଅନୁଯାୟୀ, ସ୍ୱାକ୍ଷର ସ୍ତମ୍ଭ ପାଇଁ ନାମ ଓ ପଦବୀ କିୟା ଦକ୍ଷିଣ ପୂର୍ବ ରେଳପଥର ଷ୍ଟେଶନ ୟାର୍ଡ ଏବଂ ସ୍ୱାଧୀନ ଇଣ୍ଟରଲକ୍‌ଡ ଲେଭଲ କ୍ରସିଂ ଗେଟ୍ ନିମନ୍ତେ ରେଳପଥ ଇଞ୍ଜିନିୟରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏବଂ ସିଗ୍‌ନାଲିଂ ଇଣ୍ଟରଲକିଂ ପ୍ଲାନ୍‌କୁ ଟ୍ରେସିଂ କାଗଜରେ ଦାଖଲ କରିବା ଆବଶ୍ୟକ ଏବଂ ସିଗ୍‌ନାଲିଂ ଇଣ୍ଟରଲକିଂ ପ୍ଲାନ୍‌ର ସଫ୍ଟ କପିକୁ ରେଳପଥ ଇଞ୍ଜିନିୟରମାନଙ୍କ ଇ-ମେଲ୍‌ରେ ତଥା ନକଲକୁ ଏକ ସିଡିରେ ପଠାଯିବା ଆବଶ୍ୟକ । ବିଜ୍ଞାପିତ ଟେଣ୍ଡର ମୂଲ୍ୟ: ₹୨୬,୪୬,୭୪୦/- । ଅମାନତ ରାଶି: ₹୫୨,୯୦୦/- । ଟେଣ୍ଡର କାଗଜପତ୍ର ମୂଲ୍ୟ: ଶୂନ୍ୟ । ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୦୪।୦୪।୨୦୨୩ରିଖ ୧୫.୦୦ ଘଟିକାରେ । ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିର ବିବରଣୀ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ।
(PR-1202)

ଦାୟିତ୍ୱରେ ଅବହେଳା ପାଇଁ ପ୍ରଧାନ ଶିକ୍ଷକ ନିଲମ୍ବିତ

ଭବାନୀପାଟଣା,୧୬।୩(ସ୍ୱ.ପ୍ର.)

ମାଟ୍ରିକ ପରୀକ୍ଷା ସମୟରେ ନିଜ ଦାୟିତ୍ୱରେ ଅବହେଳା କରିଥିବାରୁ କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଉଦିତନାରାୟଣପୁର ଦୟାନିଧି ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ମହାନ୍ତିଙ୍କୁ ରାଜ୍ୟ ଶିକ୍ଷା ନିର୍ଦ୍ଦେଶକ ନିଲମ୍ବିତ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତ ୧୪ ତାରିଖରେ ସ୍ଥାନୀୟ ନୋଡାଲ ସେଣ୍ଟରରୁ ଏହି ସ୍କୁଲକୁ ପରୀକ୍ଷା ପାଇଁ ପ୍ରଶ୍ନପତ୍ର ଯାଇଥିଲା। ହେଲେ ଏହି ସମୟରେ ସ୍କୁଲର ପ୍ରଧାନ ଶିକ୍ଷକ ତଥା କେନ୍ଦ୍ରର ଅଧୀକ୍ଷକ ପ୍ରଶାନ୍ତ ମହାନ୍ତି ଅନୁପସ୍ଥିତ ଥିଲେ। ଫଳରେ ଯାଇଥିବା ସ୍ୱାର୍ଡ ଏ ବିଷୟରେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଜଣାଇଥିଲେ। ଏହାକୁ ନେଇ ଶିକ୍ଷା ବିଭାଗ ପକ୍ଷରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

ନାବାଳିକା ବଳାତ୍କାର ମାମଲା: ଦୁଇ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ

ବଲାଙ୍ଗୀର ଅଫିସ, ୧୬।୩

ବଲାଙ୍ଗୀର ଅତିରିକ୍ତ ଜିଲା ଜଜ୍(ସ୍ପେଶାଲ ଜଜ୍ ପୋକ୍‌ସୋ) ଗୋପବନ୍ଧୁ ଗଡନାୟକ ଗୁରୁବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ଶୁଣାଇଛନ୍ତି। ଏହି ମାମଲାରେ ଦୁଇ ଅଭିଯୁକ୍ତ ସିନ୍ଧେକେଲା ଥାନା ସାଲେବରଟ ଗ୍ରାମର ପ୍ରମୋଦ ବରିହା(୨୭) ଏବଂ ଅଭିଳାଷ ବରିହା (୪୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଲେଖାଏ ସଶ୍ରମ ଜେଲ ଦଣ୍ଡାଦେଶ ଏବଂ ୭୦ ହଜାର ଟଙ୍କାର ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୬ ମସିହା ଏପ୍ରିଲ ମାସରେ ସାଲେବରଟ ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଉପରୋକ୍ତ ଦୁଇ ଅଭିଯୁକ୍ତ ବଳାତ୍କାର କରିଥିବା ନେଇ ସିନ୍ଧେକେଲା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ଥାନାରେ ମାମଲା(୭୧/୧୬)ରେ ରୁଜୁ କରି ପୋଲିସ ତଦନ୍ତ କରିଥିଲା। ନାବାଳିକାଙ୍କୁ ବଳାତ୍କାର ହୋଇଥିବାରୁ ଏହି ମାମଲା ପୋକ୍‌ସୋ ଆକ୍ଟ ଅନୁଯାୟୀ ରୁଜୁ ହୋଇଥିଲା। ମାମଲାର ବିଚାର କରି ଅତିରିକ୍ତ ଜିଲାଜଜ୍ ପୀଡିତାଙ୍କୁ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଆଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ତରଫରୁ ସ୍ପେଶାଲ ପ୍ରସିକ୍ୟୁଟର ନିତ୍ୟାନନ୍ଦ ବରେଇ ପରିଚାଳନା କରିଥିଲେ।

ଯୁବ ସମାଜସେବୀଙ୍କ ପରଲୋକ

ଖପ୍ରାଖୋଲ, ୧୬।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଗାଁର ଯୁବ ସମାଜସେବୀ ସଞ୍ଜୀବ ମିଶ୍ର(୩୯) ଙ୍କ ଗୁରୁବାର ସକାଳେ ପରଲୋକ ହୋଇଯାଇଛି। ସେ କିଛି ଦିନ ହେଲା ଅସୁସ୍ଥ ଥିବାରୁ ବରଗଡ଼ର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ପୁତୁରା ଦେବନମୟ ମିଶ୍ର ମୁଖାଗ୍ନି ଦେଇଥିଲେ।

ଧର୍ମପରାୟଣ ମହିଳାଙ୍କ ପରଲୋକ

ପାଇକମାଳ, ୧୬।୩(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ବାସିନ୍ଦା ସ୍ୱର୍ଗତ ରାମ ପ୍ରସାଦ ସୁନ୍ଦର ତ୍ରିବେଦୀଙ୍କ ସ୍ତ୍ରୀ ରାମକିଶୋରୀ ତ୍ରିବେଦୀ(୯୪)ଙ୍କ ଗୁରୁବାର ପରଲୋକ ହୋଇଯାଇଛି।

ସେ ଜଣେ ଧର୍ମ ପରାୟଣ ମହିଳା । ଥିଲେ। ମୃତ୍ୟୁ ସମୟରେ ପୁଅ ଓକିଲ ମନୋଜ ତ୍ରିବେଦୀ, ପୂର୍ବତନ ବ୍ଲକ ଚେୟାରମ୍ୟାନ ଶିବ ମୋହନ ତ୍ରିବେଦୀ ଓ ଜ୍ଞାତି ପରିଜନ ଉପସ୍ଥିତ ଥିଲେ। ଶୁକ୍ରବାର ପାଇକମାଳ ଶ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ବଡ ପୁଅ ଜଗ ମୋହନ ତ୍ରିବେଦୀ ଜଣାଇଛନ୍ତି। ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ବିଜୟାନନ୍ଦ ପଟ୍ଟନାୟକ, ବିଜୟ କୁମାର ସ୍ୱାଇଁ, ସରୋଜ ସାମଲ, ଅନିଲ କାଲିଆ, ଦିଲ୍ଲିପ ଅଗ୍ରୱାଲ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ।

ଅନୁକୂଳ ପରିବେଶ ଦେଶ ବିଦେଶର ପକ୍ଷୀଙ୍କୁ ଆକୃଷ୍ଟ କରୁଛି

ସୋନପୁର,୧୬।୩(ନି.ପ୍ର.)

ସୋନପୁର ରୟାଲ ପଡିଆରେ ପଞ୍ଚମ ବାର୍ଷିକ ପୁସ୍ତକ ଓ ସାରସ୍ୱତ ଉତ୍ସବ ଇଙ୍କ୍‌ଫେଷ୍ଟ-୨୦୨୩ ଆୟୋଜିତ ହୋଇଛି। ଗୁରୁବାର ତୃତୀୟ ସନ୍ଧ୍ୟାରେ ବିଦେଶାଗତ ପକ୍ଷୀଙ୍କ ମଧ

ବ୍ରାହ୍ମଣୀ ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ରାଉରକେଲା ଅଫିସ: ବ୍ରାହ୍ମଣୀନଦୀରୁ ଜଣେ ଯୁବକଙ୍କ ଶବକୁ ରଘୁନାଥପାଲି ପୋଲିସ ଉଦ୍ଧାର କରିଛି। ଉଦ୍ଧାର ଯୁବକ ହେଲେ ଛେଣ୍ଡ ଅଞ୍ଚଳର ବିକ୍ରମ ସା(୩୦) । ଛେଣ୍ଡ ସ୍ଥିତ ଫ୍ରାଇଡେ ମାର୍କେଟ ବସ୍ତିରେ ବିକ୍ରମ ପରିବାର ସହ ବାସ କରନ୍ତି। ଗତ ୧୪ ତାରିଖରେ ବିକ୍ରମ ତାଙ୍କ ଭାଇ ସନୁ ଓ ଅନ୍ୟ ବନ୍ଧୁଙ୍କ ସହ ବେଦବ୍ୟାସ ବୁଲିବାକୁ ଯାଇଥିଲେ। ବିକ୍ରମ ଘରକୁ ଫେରି ନ ଥିଲେ। ଏନେଇ ସନୁ ଓ ଅନ୍ୟ ବନ୍ଧୁମାନେ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ। ମାତ୍ର ବିକ୍ରମ ୩ ଦିନ ଧରି ନିଖୋଜ ଥିବାରୁ ସାନଭାଇ ଗୁରୁବାର ଥାନାରେ ଅଭିଯୋଗ କରିଥିଲେ।

ଦକ୍ଷ ନାଗରିକ ଭାବେ ଜିଲାକୁ ବିକଶିତ କରିବାକୁ ଆହ୍ୱାନ

ଜିଲାର ଆନୁପାତିକ ବିକାଶରେ ବାଧକ ସମସ୍ୟା ଓ ସମାଧାନ ଆଲୋଚନାଚକ୍ର

ରାଉରକେଲା ଅଫିସ,୧୬।୩

ରାଉରକେଲା ସିଭିକ ସେଣ୍ଟର ସଭାଗୃହରେ ଗୁରୁବାର ରାଉରକେଲା ନାଗରିକ ମଞ୍ଚର ୯ମ ବାର୍ଷିକ ଉତ୍ସବ ଉପଲକ୍ଷେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପ୍ରଭାତ ତ୍ରିପାଠୀ, ମୁଖ୍ୟବକ୍ତାଭାବେ ବରିଷ୍ଠ ସାମ୍ବାଦିକ ରବି ଦାଶ ଯୋଗଦେଇଥିଲେ। ନାଗରିକ ମଞ୍ଚ ସଭାପତି ଡ. ଫକୀର ଚରଣ ହୋତାଙ୍କ ତତ୍ତ୍ୱାବଧାନ ଓ କାର୍ଯ୍ୟକାରୀ ସଭାପତି ଡ. ପୀତବାସ ମିଶ୍ରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ମୁଖ୍ୟବକ୍ତା ରବି ଦାଶ କହିଥିଲେ, ରାଉରକେଲାରେ ନିଯୁକ୍ତି ସୁଯୋଗ ଆଉ ପୂର୍ବଭଳି ନାହିଁ। ତାଳଚେର-ବିମଳାଗଡ ରେଳପଥ ନିର୍ମାଣ ଆନ୍ଦୋଳନ ୪୦ବର୍ଷ ଆନ୍ଦୋଳନ। ହେଲେ ଆନ୍ଦୋଳନର ଉଦ୍ଦେଶ୍ୟ ଏବେବି ପୂରଣ ନ ହେବା ନିରାଶଜନକ। ରାଜ୍ୟରେ ୧୧ଟି ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଥିବାବେଳେ ରାଉରକେଲାରେ ଏଯାଏ ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇନାହିଁ। ସ୍ମାର୍ଟସିଟିର ଶିକ୍ଷା ହବକୁ ଏହା ନିମ୍ନଗାମୀ କରୁଛି ବୋଲି କହିଥିଲେ। ଜିଲାର ସର୍ବାଙ୍ଗୀନ ବିକାଶ ପାଇଁ ସୁଦକ୍ଷ ନାଗରିକ ଆଗକୁ ଆସିବାକୁ ହେବ ବୋଲି ସେ ତାଙ୍କ ବକ୍ତବ୍ୟ ମାଧ୍ୟମରେ ଆହ୍ୱାନ ଦେଇଥିଲେ।

ମୁଖ୍ୟଅତିଥି ବ୍ରଜକିଶୋର ତ୍ରୀପାଠୀ ଆଲୋଚନାଚକ୍ରର ଦ୍ୱିତୀୟ ଅଧିବେଶନରେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ୧୯୪୭ ଜାନୁୟାରୀରେ ଗଡଜାତ ରାଜ୍ୟ ଗଙ୍ଗପୁର,ବଣେଇ ରାଜ୍ୟ ଶାସନ ସହିତ ମିଶ୍ରଣ ହେଲା ଓ ସୁନ୍ଦରଗଡ ଜିଲା ପ୍ରତିଷ୍ଠା ହେଲା। ସୁନ୍ଦରଗଡ ରାଜ୍ୟର ବୃହତ୍ତମ ଜିଲା। କେବଳ ରାଉରକେଲା ବିକାଶ ହେଲେ ଜିଲାର ବିକାଶ ହେବ ନାହିଁ। ଜିଲାର ସାମୂହିକ ବିକାଶ ହେଲେ ରାଉରକେଲାର ବିକାଶ ହେବ ବୋଲି କହିଥିଲେ। ଏଥିସହିତ ପେସା ଆଇନ ୨୦୦୭ ମସିହାରୁ ଲାଗୁ ହୋଇଥିଲେ ମଧ୍ୟ ଏଯାଏ ଜିଲାରେ କାର୍ଯ୍ୟକାରୀ ହୋଇନାହିଁ। କେନ୍ଦ୍ର ସରକାର ୧୯୯୬ରୁ ପ୍ରଣୟନ କଲେ ମାତ୍ର ଆଇନକୁ କାର୍ଯ୍ୟକାରୀ କଲେ ନାହିଁ। ରାଜ୍ୟ ସରକାର ମଧ୍ୟ ପେସା ଆଇନକୁ କାର୍ଯ୍ୟକାରୀ କରୁ ନାହାନ୍ତି। ଆଇନକୁ ଜିଲାରେ ସରକାର ସଠିକ ଭାବରେ କାର୍ଯ୍ୟକାରୀ କରାଇଲେ ଜିଲାର ଆର୍ଥିକ ବିକାଶ ସୁନିଶ୍ଚିତ। ୨୦୧୦-୧୧ରେ ସାରା ରାଜ୍ୟର ମୁଣ୍ଡପିଛା ଆୟରେ ଜିଲା ପ୍ରଥମ ଥିଲା। ମାତ୍ର ୨୦୨୨-୨୩ରେ ୪ର୍ଥ ସ୍ଥାନରେ ପହଞ୍ଚିଛି। ରାଜ୍ୟ ଓ କେନ୍ଦ୍ର ସରକାର ଜିଲାବାସୀଙ୍କ ପ୍ରତି ଚରମ ଅବହେଳା ପ୍ରଦର୍ଶନ କରୁଛନ୍ତି। ରାଉରକେଲା ଶିଳ୍ପ ଅନୁଷ୍ଠାନରେ ମଧ୍ୟ ନିଯୁକ୍ତି ହାର ହ୍ରାସ ପାଉଛି। ଜିଲାରେ ଶୀତଳଭଣ୍ଡାର ନାହିଁ। ଭୋଟରରେ ସୀମିତ ନ ରହି ଜିଲାର ଚେତନାଶୀ ନାଗରିକ ଭାବେ ଦାୟିତ୍ୱ ନିର୍ବାହ କରି ପ୍ରଗତି ଓ ବିକାଶ କ୍ଷେତ୍ରରେ ପାଦ କାଢିବାକୁ ହେବ ବୋଲି ସମ୍ମିଳିତ ଶତାଧିକ ନାଗରିକମାନଙ୍କୁ ଦିଗଦର୍ଶନ ଦେଇଥିଲେ। ପରେ ବାର୍ଷିକ ଉତ୍ସବ ଉପଲକ୍ଷେ ଅତିଥିମାନଙ୍କ ଦ୍ୱାରା ଏକ ସ୍ମରଣିକା ଉନ୍ମୋଚନ ହୋଇଥିଲା। ମଞ୍ଚର ସାଧାରଣ ସମ୍ପାଦକ ପି.ପି ରାୟ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ମୁଖ୍ୟ ସମ୍ପାଦକ ଅଭୟ କୁମାର ଦାଶ ସକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। ଶେଷରେ ଉପସଭାପତି ବିମଳ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଓଡ଼ିଶା ମୋଟର ଚାଳକ ସଂଘର ବିକ୍ଷୋଭ

ରାଉରକେଲା ଅଫିସ,୧୬।୩

ରାଉରକେଲା ଏସ୍‌ପି ଅଫିସ କାର୍ଯ୍ୟାଳୟ ସମ୍ମୁଖରେ ଓଡିଶା ମୋଟର ଚାଳକ ସଂଘ ରାଉରକେଲା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଉରକେଲା ଶାଖା ସଭାପତି ନୀଳାଞ୍ଚଳ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ରହି ୧୫ ମାର୍ଚ୍ଚରେ ହୋଇଥିବା ଡ୍ରାଇଭର ମହାସଂଘର ବନ୍ଦକୁ ନିନ୍ଦା କରିଛନ୍ତି। ଗତ ୧୫ ତାରିଖରେ ହୋଇଥିବା ଡ୍ରାଇଭର ମହାସଂଘ ପକ୍ଷରୁ ରାସ୍ତାରୋକୋ ଓ ଷ୍ଟିୟରିଂ ଛାଡ ଆନ୍ଦୋଳନ ଡାକରାରେ ମୋଟର ଚାଳକ ସଂଘର ସଦସ୍ୟ ମାନଙ୍କୁ ଗାଡିରୁ ଟାଣି ଆଣିବା, ଜୋର ଜବରଦସ୍ତ ମଝି ରାସ୍ତାରେ ଠେଲାପେଲା କରିବା, ମୁହଁରେ ଚନ୍ଦନ ଓ ସୁନ୍ଦର ବୋଲି ଫୁଲମାଳ ଦେବା ସହ ଅପଶବ୍ଦ ବ୍ୟବହାର କରିବା କେତେ ଯଥାର୍ଥ ବୋଲି ଓଡିଶା ମୋଟର ଚାଳକ ସଂଘ କର୍ମକର୍ତ୍ତାମାନେ ପ୍ରଶ୍ନ କରିଛନ୍ତି। ଏଥିସହ ଡ୍ରାଇଭର ମହାସଂଘର ଏଭଳି ବିଭିନ୍ନ ସ୍ଥାନରେ ଉପଦ୍ରବ ଯୋଗୁ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଛି।

PARADIP PORT AUTHORITY
MARINE DEPARTMENT
No. MD/ACCTS-WK-R-2/2023/350
Dated, the 14th March'2023
e-Tender Call Notice (e-TCN)
Name of the Work : "Supply of 01 no. 20 Knots Speed Patrol Boat along with manning crew on hire for a period of five years". Estimated Cost : Total Estimated cost Rs.11,80,78,000/- Plus GST. Estimated cost put to tender : Rs.5,84,32,000/- Excluding Fuel Cost and GST. Last date & time for submission of bids through on-line bidding is till 1500 hours on Dt.27.04.2023. Technical Bids shall be opened at 1630 hours on Dt.28.04.2023. For details, please log on to the Website : https://eprocure.gov.in/eprocure/app .
Dy. Conservator
Paradip Port Authority
PPA/PR/233/2022-23, Dt.15.03.23

ମନ ମୋହୁଛି ସ୍ୱଦେଶୀ ମେଳା

ମୁଖ୍ୟ ଆକର୍ଷଣ ସାଜିଛି ଘଣା ନଡ଼ିଆ ତେଲ

ରାଉରକେଲା ଅଫିସ,୧୬।୩

ରାଉରକେଲା ସେକ୍ଟର-୧୩ ସ୍ଥିତ ମେଲଣ ପଡିଆରେ ଚଳିତ ମାସ ୧୦ ତାରିଖରୁ ଆରମ୍ଭ ହୋଇଥିବା ୨୪ ତମ ସ୍ୱଦେଶୀ ମେଳାରେ ଖୁବ ଭିଡ ଜମୁଛି। ଚଳିତ ବର୍ଷ ମେଳାରେ ପ୍ରାୟ ୩ଶହ ସ୍ୱଦେଶୀ ଷ୍ଟଲ ଲାଗିଛି। ସନ୍ଧ୍ୟାହେଲେ ଗ୍ରାହକମାନେ ମେଳା ବୁଲିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ଉଠାଉଛନ୍ତି। ଏହି ମେଳାରେ ରାଜ୍ୟ ଓ ରାଜ୍ୟବାହାରୁ ବିଭିନ୍ନ ହସ୍ତତନ୍ତ ଶିଳ୍ପୀମାନେ ତାଙ୍କର ସୁନ୍ଦର ସାମଗ୍ରୀକୁ ପଦର୍ଶନ କରିଛନ୍ତି। ମେଳାରେ ମୁଖ୍ୟ ଆକର୍ଷଣ ସାଜିଛି ଘଣା ନଡିଆ ତେଲ ସାଙ୍ଗକୁ ଲାଇଫ ଷ୍ଟାଇଲ ଆସବାପତ୍ର, ଘରୋଇକରଣା ସାମଗ୍ରୀ, ହୋମ ଡେକର, ଘରୋଇ ଇଣ୍ଟରିୟର ଡେକୋରେସନ, ଉତ୍ତର ପ୍ରଦେଶର ପିତ୍ତଳ ବାସନ ଭଳି ବିଭିନ୍ନ ସାମଗ୍ରୀ । ଏଥିସହ କନ୍ଧମାଳ ହଳଦୀ, ୱାଟର କ୍ରାଷ୍ଟର ଶୁଦ୍ଧ ପାନୀୟ ଜଳ, ଟାଟା ମୋଟର, ଗୃହସ୍ଥୀ ମସଲା, ଗ୍ଲେନ ଚିମିନି ଚୂଲା, ଷ୍ଟଲରେ ଭିଡ ଜମୁଛି । ମେଳାରେ ପ୍ରସାଦ ଅଳଙ୍କାର ଜୁଏଲର୍ସ ପକ୍ଷରୁ ଲକି ଡ୍ର ମାଧ୍ୟମରେ ସୁନା ମୁଦି ଉପହାର ଥିବାବେଳେ ସ୍ମିସ ଫ୍ରେସ ମ୍ୟାଟ୍ରେସ ପକ୍ଷରୁ ଲକି ଡ୍ର କୁପନ ବ୍ୟବସ୍ଥା କରାଯାଇଛି। ରବିବାର ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଆୟୋଜକ ମନୋଜ ନାୟକ ସୂଚନା ଦେଇଛନ୍ତି। ସେହିଭଳି ମେଳାରେ ଭାଗ ନେଇଥିବା ସମସ୍ତ କୃତି ପ୍ରତିଯୋଗୀଙ୍କୁ ମେଳାର ଶେଷ ଦିନ ୨୦ ତାରିଖରେ ପୁରସ୍କୃତ କରାଯିବ। ମେଳାରେ ପ୍ରତିଦିନ ଆସୁଥିବା ଦର୍ଶକମାନଙ୍କ ପାଇଁ କୁଇଜ ପ୍ରତିଯୋଗିତା ରଖା ଯାଇଥିବାବେଳେ ସେମାନଙ୍କୁ ସଙ୍ଗେ ସଙ୍ଗେ ପୁରସ୍କାର ପ୍ରଦାନ କରାଯାଉଥିବା ଅଧ୍ୟକ୍ଷ ଶୁଭ ପଟ୍ଟନାୟକ, ସଂଯୋଜିକା ନିହାରିକା ବସ୍ତିଆ, ମନୋଜ ନାୟକ, ପ୍ରମୋଦ ଜେନା, ଦିନେଶ ଭୋଳ, ଭରତ ଗୌଡ ପ୍ରମୁଖ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

ଦ.ପୂ. ରେଳପଥ - ଟେଣ୍ଡର
ଏନ୍‌ଆଇଟି ନଂ. ଏସ୍‌ଟି-ଓଏଲ-ଡିଆର୍‌ଜି-୦୨, ତାରିଖ: ୧୫।୦୩।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡେପୁଟି ସିଏସ୍‌ଟିଇ/ଆର୍‌ଭିଏନ୍‌ଏଲ୍, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍‌ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ଆହ୍ୱାନ କରାଯାଉଛି: କାର୍ଯ୍ୟର ନାମ: ଡ୍ରାଫ୍ଟ/ଟେଣ୍ଡେଟିଭ୍/ଅନୁମୋଦିତ ଇଞ୍ଜିନିୟରିଂ ସ୍କେଲ୍ ପ୍ଲାନ୍ (ଇଏସ୍‌ପି) ଅନୁଯାୟୀ ସିଗ୍‌ନାଲିଂ ଇଣ୍ଟରଲକିଂ ପ୍ଲାନ୍‌ର ପ୍ରସ୍ତୁତି, ଡିଜାଇନିଂ । ସିଗ୍‌ନାଲିଂ ଇଣ୍ଟରଲକିଂ ପ୍ଲାନ୍‌କୁ ଇଏସ୍‌ପିରେ ଦର୍ଶାଯାଇଥିବା ଅନୁଯାୟୀ ଭିନ୍ନ ଭିନ୍ନ ରଙ୍ଗ ଯେପରିକି କଳା, ସବୁଜ ଓ ନାଲି ରଙ୍ଗରେ ଡିଜାଇନ୍ ଓ ପ୍ରସ୍ତୁତ କରାଯିବା ଆବଶ୍ୟକ, ଏହା ସହିତ ସର୍ବତ୍ତମ ସଂସ୍କରଣର ଅଟୋକାଡ୍‌ରେ ଇଏସ୍‌ପି ଅନୁଯାୟୀ କୌଣସି ସଂଶୋଧନ ସହିତ ସ୍କେଚ୍/ଟେଣ୍ଡେଟିଭ୍/ଅନୁମୋଦିତ ଏସ୍‌ଆଇପି ଆଧାରରେ ଏକ ଲମ୍ବୁ ରଙ୍ଗିନ ରେଖାଚିତ୍ର ଦୈର୍ଘ୍ୟ ୧ ସେମି = ୧୦ ମିଟର ଏବଂ ଅନୁପସ୍ଥ ୧ ସେମି = ୫ ମିଟର ସ୍କେଲ୍‌ରେ ପ୍ରସ୍ତୁତ କରାଯିବା ଆବଶ୍ୟକ, ମାନକ ରେଳପଥ କାର୍ଯ୍ୟପ୍ରଣାଳୀ ସହିତ ଦକ୍ଷିଣ ପୂର୍ବ ରେଳପଥର ମାନକ କାର୍ଯ୍ୟପ୍ରଣାଳୀ ଅନୁଯାୟୀ, ସ୍ୱାକ୍ଷର ସ୍ତମ୍ଭ ପାଇଁ ନାମ ଓ ପଦବୀ କିମ୍ବା ଦକ୍ଷିଣ ପୂର୍ବ ରେଳପଥର ଷ୍ଟେଶନ ଯାର୍ଡ ଏବଂ ସ୍ୱାଧୀନ ଇଣ୍ଟରଲକ୍‌ଡ ଲେଭଲ କ୍ରସିଂ ଗେଟ୍ ନିମନ୍ତେ ରେଳପଥ ଇଞ୍ଜିନିୟରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏବଂ ସିଗ୍‌ନାଲିଂ ଇଣ୍ଟରଲକିଂ ପ୍ଲାନ୍‌କୁ ଟ୍ରେସିଂ କାଗଜରେ ଦାଖଲ କରିବା ଆବଶ୍ୟକ ଏବଂ ସିଗ୍‌ନାଲିଂ ଇଣ୍ଟରଲକିଂ ପ୍ଲାନ୍‌ର ସଫ୍ଟ କପିକୁ ରେଳପଥ ଇଞ୍ଜିନିୟରମାନଙ୍କ ଇ-ମେଲ୍‌ରେ ତଥା ନକଲକୁ ଏକ ସିଡିରେ ପଠାଯିବା ଆବଶ୍ୟକ । ବିଜ୍ଞାପିତ ଟେଣ୍ଡର ମୂଲ୍ୟ: ₹୨୬,୪୬,୭୪୦/- । ଅମାନତ ରାଶି: ₹୫୨,୯୦୦/- । ଟେଣ୍ଡର କାଗଜପତ୍ର ମୂଲ୍ୟ: ଶୂନ୍ୟ । ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୦୪।୦୪।୨୦୨୩ରିଖ ୧୫.୦୦ ଘଟିକାରେ । ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିର ବିବରଣୀ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ । (PR-1202)

ଆର୍‌ଏସ୍‌ପି ପକ୍ଷରୁ ବିଦ୍ୟାର୍ଥୀଙ୍କୁ ୨୫୦ ଚାରା ବଣ୍ଟନ

ରାଉରକେଲା ଅଫିସ,୧୬।୩

ସେଲ ରାଉରକେଲା ଇସ୍ପାତ କାରଖାନା ସିଏସ୍‌ଆର ପ୍ରୟାଶର ଅଂଶସ୍ୱରୂପ ବିଶ୍ରା ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ୨୫୦ଚାରା ବିତରଣ କରାଯାଇଛି। ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନର ଏକ ଅଂଶ ସ୍ୱରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଏସ୍‌ଆର ବିଭାଗ ସିଜିଏମ୍ ମୁନମୁନ୍ ମିତ୍ର ହାଇସ୍କୁଲ ପରିସରରେ ଆୟୋଜିତ ଚାରା ବଣ୍ଟନ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସିଏସ୍‌ଆର୍ ବିଭାଗର ଏଜିଏମ୍ ଟି.ବି ଟପ୍ପୋ ଓ ବିଶ୍ରା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମମତା ବେହେରା, ଆର୍‌ଏସ୍‌ପିର ଅନ୍ୟ ଅଧିକାରୀ, ହାଇସ୍କୁଲର ଶିକ୍ଷୟିତ୍ରୀ/ଶିକ୍ଷକ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀ ଛାତ୍ରଙ୍କ ମଧ୍ୟରେ ଚାରା ବଣ୍ଟନ କରାଯାଇଥିଲା। ବିତରଣ ହୋଇଥିବା ଚାରାଗଛ ପ୍ରଜାତି ଗୁଡିକ ମଧ୍ୟରେ ଆମ୍ବ, ଲେମ୍ବୁ, କମଳା, ଲିଚି ଏବଂ ଡାଲିମ୍ବ ପରି ଫଳ ଧାରଣ କରିଥିବା ଗଛାଦି ରହିଥିଲା। ଏହି କାର୍ଯ୍ୟକ୍ରମକୁ ସୁନ୍ଦରଗଡ ଅଗ୍ରଣୀ ଏନ୍‌ଜିଓ ସେବକ ସହଯୋଗରେ ସିଏସଆର ବିଭାଗ ଦ୍ୱାରା ପରିଚାଳିତ ହୋଇଥିଲା।

ସିଏସ୍‌ଆର୍ ବିଭାଗର ଅଧିକାରୀ ଓ ଚାରା ପାଇଥିବା ଛାତ୍ରୀଛାତ୍ର ।

ଡ୍ରାଇଭର ମହାସଂଘ ବିରୋଧରେ ଫେରାଦ ମୋଟର ଚାଳକ ସଂଘ

ରାଉରକେଲା ଅଫିସ,୧୬।୩

ଗୁରୁବାର ଓଡିଶା ମୋଟର ଚାଳକ ସଂଘ ରାଉରକେଲା ଶାଖା ପକ୍ଷରୁ ଡ୍ରାଇଭର ମହାସଂଘ ବିରୋଧରେ ରାଉରକେଲା ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ରାଉରକେଲା ମୋଟର ଚାଳକ ସଂଘ ସଭାପତି ନୀଳାଞ୍ଚଳ ପଧାନଙ୍କ ନେତୃତ୍ୱରେ ଉପସଭାପତି ରାଜେଶ କୁମାର ସେଠୀଙ୍କ ସମେତ ବହୁତ ସଂଖ୍ୟାରେ ମୋଟର ଚାଳକ ଏଥିରେ ସାମିଲ ହୋଇ ଡ୍ରାଇଭର ମହାସଂଘ ତରଫରୁ ଯେଭଳି ଭାବେ ଦୁର୍ବ୍ୟବହାର ହୋଇଥିଲା ତାହା ଜଣାଇଥିଲୋ ମୋଟର ଚାଳକ ସଂଘର ସଭାପତି ରାଜେଶ କୁମାର ସେଠୀଙ୍କ ଅଭିଯୋଗ ମତେ ବୀରମିତ୍ରପୁରର ରାଜ୍ୟ ମୋଟର ଚାଳକ ସଂଘ ସଦସ୍ୟ ଗୌତମ ସାହୁଙ୍କୁ ଡ୍ରାଇଭର ମହାସଂଘ ରାଜାମୁଣ୍ଡା ରାସ୍ତା ବୁଲାଣିରେ ଅଟକାଇଥିଲେ। ମୋଟର ଚାଳକ ସଂଘ ସଭାପତି ନୀଳାଞ୍ଚଳ ପଧାନଙ୍କୁ ମଧ୍ୟ ଅଟକାଇ ତାଙ୍କ ଗାଡି କାଗଜପତ୍ର ମାଗିଥିଲୋ ଏଭଳି ଭାବେ ରାଜମୁଣ୍ଡା ରାସ୍ତାରେ ମୋଟର ଚାଳକଙ୍କୁ ଟଣାଉଟରା କରିଥିଲେ। କଳଙ୍କିତ ଚାଳକ ମୋଚି କହି ମୁହଁରେ ସିନ୍ଦୁର ବୋଳି ଦେଇଥିବା ଅଭିଯୋଗ ହୋଇଛି। ଏହାପୂର୍ବରୁ ଆଗ୍ରହୀ ମୋଟର ଚାଳକଙ୍କୁ ପ୍ରଶାସନ ସୁରକ୍ଷା ଦେବା ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ରକ୍ଷା କରି ନ ପାରିବାରୁ ଫେରାଦ ହୋଇଛୁ ବୋଲି ସଭାପତି କହିଥିଲୋ

ଇସ୍ପାତ ଜେନେରାଲ ହସ୍ପିଟାଲରେ ଏମ୍‌ନିଓଟିକ୍ ମେମ୍ବ୍ରାନ୍ସ ପ୍ରତ୍ୟାରୋପଣ ସଫଳ

ରାଉରକେଲା ଅଫିସ,୧୬।୩

ଆର୍‌ଏସ୍‌ପିର ଇସ୍ପାତ ଜେନେରାଲ ହସ୍ପିଟାଲର ଚକ୍ଷୁ ବିଶେଷଜ୍ଞ ଡାକ୍ତରମାନେ ଉନ୍ନତ ତଥା ଅତ୍ୟାଧୁନିକ ସର୍ଜିକାଲ ଚକ୍ଷୁ ଚିକିତ୍ସା କରୁଛନ୍ତି। ସେମାନଙ୍କ ଦ୍ୱାରା ଏକ ଜଟିଳ ଏବଂ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରୋପଚାର ସଫଳତାର ସହ ହୋଇଛି। ଆର୍‌ଏସପିର ଆଶୁତୋଷ ବିଶ୍ୱାଳ ନାମକ ଜଣେ ତାଲିମ୍‌ଧାରୀ ଏପ୍ରିଲ ୪ରେ ଆହତ ହେବାରୁ ତାଙ୍କର ଅଙ୍ଗପ୍ରତ୍ୟଙ୍ଗ ଲିମ୍ୟାଲ ଇସ୍କେମିଆ ପୀଡିତ ହୋଇଥିଲା। କର୍ଣ୍ଣିଆଲ ସ୍ୱଚ୍ଛତାକୁ ପୁନସ୍ଥାପିତ କରିବା, ଆକ୍ୟୁଲାର ପୃଷ୍ଠକୁ ସ୍ୱାଭାବିକ କରିବା ଏବଂ ଗ୍ଲୁକୋମେଟସ ଅପଟିକ ସ୍ନାୟୁ ନଷ୍ଟକୁ ରୋକିବାର ପାଇଁ ରୋଗୀଙ୍କୁ ତୁରନ୍ତ ଅପରେସନ କରାଯାଇଥିଲା। ସ୍ୱାସ୍ଥ୍ୟ ଏବଂ ଚିକିତ୍ସା ବିଭାଗର ଅତିରିକ୍ତ ସିଏମ୍‌ଓ ଡାକ୍ତର ଆର.ଆର.ମହାନ୍ତିଙ୍କର ତତ୍ତ୍ୱାବଧାନରେ ସିନିୟର କନ୍ସଲାଣ୍ଟ ଡା. ଅନିମା ତିଗା ସଫଳତାର ସହିତ ଏମନିଓଟିକ ମେମ୍ବ୍ରାନ୍ସ ପ୍ରତ୍ୟାରୋପଣ କରିଥିଲେ। ରୋଗୀଙ୍କୁ ସୁସ୍ଥ ହେବା ପାଇଁ ଆଉ ଏକ ମାସ ସମୟ ଲାଗିବ। ଏହା ପୂର୍ବରୁ ଡାକ୍ତର ତିଗା ଜଣେ ନନ ଏନଟାଇଟଲ୍‌ଡ ରୋଗୀ ଗୁଲସନ ଡାଙ୍ଗଓ୍ୱାରଙ୍କ ଠାରେ ଅନୁରୂପ ଅସ୍ତ୍ରୋପଚାର କରିଥିଲେ। ଡାଙ୍ଗଓ୍ୱାରଙ୍କର ଉଭୟ ଚକ୍ଷୁରେ ସଫଳତାର ସହ ଏମନିଓଟିକ୍ ମେମ୍ବ୍ରାନ୍ସ ପ୍ରତ୍ୟାରୋପଣ ହୋଇଥିଲା। ସମ୍ପୂର୍ଣ୍ଣ ସୁସ୍ଥ ହେବାର ହାର ମଧ୍ୟ ବେଶ୍ ଉତ୍ସାହଜନକ ରହିଥିଲା। ଏହି ପ୍ରତ୍ୟାରୋପଣ ପ୍ରଥମଥର ପାଇଁ ଆଇଜିଏଚ୍‌ରେ ସମ୍ପାଦିତ ହୋଇଛି। ଉଲ୍ଲେଖ ବିଷୟ ଯେ,ଆଇଜିଏଚ୍‌ରେ ଏକ ଚକ୍ଷୁ ବ୍ୟାଙ୍କ ରହିଛି। କର୍ଣ୍ଣିଆଲ ପ୍ରତ୍ୟାରୋପଣ ନିମନ୍ତେ ଆବଶ୍ୟକୀୟ ଅନୁମତି ପାଇବା ପାଇଁ ପ୍ରୟାସ ଜାରି ରହିଛି।

STAFF REQUIREMENT FOR FPO
(KHAPRAKHOL KRUSHAK PRODUCER COMPANY LTD.)
A leading FPO of Bolangir District, Odisha requires the following person for "Odisha Millet Mission Project" for Khaprakhol Block and Belpada Block of Bolangir District of Odisha.
1. **ACCOUNTANT - 2 Nos.**
   Qualification: B.Com with 1 year of experience in accordingly in Tally version.
2. **CO-CEO - 01 No.**
   Qualification: Graduation with any discipline having experience for FPO in 1 year Minimum/Good Communication Skill/Basic Computer Knowledge.

PLACE & AREA OF POSTING: KHAPRAKHOL BLOCK AND BELPADA BLOCK OF BOLANGIR DISTRICT, ODISHA
Interested candidates fulfilling the above eligibility criteria are requested to apply before 21st March, 2023 with their CV mentioning the Post applied for to: **kkpclkhaprakhol@gmail.com**.
Contact No.: 7608977008, 8895130977
- After the document verification only shortlisted candidate will be called for interview.
- The authority reserves the right to cancelled the application without assigning any reason thereof.

ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଉଦ୍ୟୋଗୀ ବିକାଶ ତାଲିମ

ହେମଗିର,୧୬।୩(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ହେମଗିରସ୍ଥିତ ବ୍ଲକ ଶିକ୍ଷାକେନ୍ଦ୍ରଠାରେ ୟୁଏନଡିପି ଓ ଆରୟା.ଏଜି କମ୍ପାନୀର ମିଳିତ ଉଦ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆଚାର ଉତ୍ପାଦନ ଏବଂ ବି

୨୬୭ ବୋତଲ କଫସିରପ ଜବତ, ଜଣେ ଗିରଫ

ପାଟଣାଗଡ଼,(ଡି.ଏନ.ଏ.): ବଲାଙ୍ଗୀର ଜିଲା ପାଟଣାଗଡ ଅବକାରୀ ଅଧିଖାରୀ ଏସ.ଏନ.ଦାସ ଓ ମୋବାଇଲ ଅଧିକାରୀ ମଞ୍ଜୁଲତା ପଟ୍ଟନାଏକଙ୍କ ନେତୃତ୍ୱରେ ଗୁରୁବାର ତମିଆଁ ହନୁମାନ ଛକରେ ଚଢାଉ କରି ସୁମିତ ରଣାଙ୍କଠାରୁ ୨୬୭ ବୋତଲ କଫ ସିରପ ଜବତ କରାଯାଇଛି। ଅଞ୍ଚଳରେ କଫ ସିରପ ବେପାରୀଙ୍କ କାୟ୍ୟ ବିସ୍ତାରକୁ କିଭଳି ରୋକାଯାଇପାରିବ ସେ ଉପରେ ଅବକାରୀ ବିଭାଗ ଓ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

ସଂକ୍ଷେପରେ

ବେଆଇନ ଇଟାଭାଟି ଉପରେ ଚଢ଼ାଉ

ଧରିତ୍ରୀ ପ୍ରଭାବ

ଦେଓଗାଁ,୧୬।୩(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ତହସିଲ ଅଞ୍ଚଳରେ ଅନେକ ବେଆଇନ ଇଟାଭାଟି ଗଢ଼ିଉଠିଛି। ବେପାରୀ ମାନେ ବେଆଇନ ମାଟି ଖନନ କରି ଇଟାଭାଟି ଚଲାଇଛନ୍ତି। ଏନେଇ ୧୫ତାରିଖରେ ଧରିତ୍ରୀରେ ଖବର ପ୍ରକାଶନ ପରେ ଦେଓଗାଁ ତହସିଲ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୁରୁବାର ତହସିଲଦାର ଯୁଗଳ କିଶୋର ବିଶ୍ୱାଳଙ୍କ ନେତୃତ୍ୱରେ ରାଜସ୍ୱ ନିରୀକ୍ଷକ ଅଧିର କୁମାର ନାଏକ ଓ ଅନ୍ୟ କର୍ମଚାରୀ କେତେକ ବେଆଇନ ଇଟାଭାଟିରେ ଚଢ଼ାଉ କରି ଜରିମାନା ଆଦାୟ କରିଛନ୍ତି। ସୂଚନାନୁସାରେ କୁତୁର୍ଲା ସର୍କର ରାମ ମେହେରଙ୍କଠାରୁ ଦଶ ହଜାର, ହରିବନ୍ଧୁ ମେହେରଙ୍କ ଇଟାଭାଟିରୁ ୫୦ହଜାର ଟଙ୍କା ଫାଇନ ଆଦାୟ ହୋଇଥିବା ତହସିଲଦାର ବିଶ୍ୱାଳ ସୂଚନା ଦେଇଛନ୍ତି। ଆଗକୁ ବେଆଇନ ଇଟାଭାଟି ଉପରେ ଚଢ଼ାଉ କରାଯିବ ବୋଲି ତସିଲଦାର ସୂଚନା ଦେଇଛନ୍ତି।

ମୋଟର ଚାଳକଙ୍କ ଆନ୍ଦୋଳନ ୨ୟ ଦିନରେ

ଟିଟିଲାଗଡ଼,୧୬।୩(ଡି.ଏନ.ଏ.): ଦ୍ୱିତୀୟ ଦିବସରେ ପହଞ୍ଚିଛି ଡ୍ରାଇଭରଙ୍କ ଆନ୍ଦୋଳନ। ଡ୍ରାଇଭରମାନେ ଟିଟିଲାଗଡ ସହର ଦେଇ ଯାଇଥିବା ଟିଟିଲାଗଡ଼-ବେଲଗାଁ ଜାତୀୟ ରାଜପଥ ୫୯, କେସିଙ୍ଗା-ବଲାଙ୍ଗୀର, କଣ୍ଟାବାଞ୍ଜି-ଖରିଆର ରାସ୍ତାରେ ସଂଘ କର୍ମକର୍ତ୍ତା ରୁଣ୍ଡହୋଇ ଯାନବାହନ ଚଳାଚଳ ବନ୍ଦ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ତଥା ଟିଟିଲାଗଡ଼ ଉପଖଣ୍ଡ ଯାଦବ ମହାସଭା ସଭାପତି ଘିନୁ ଆଡ଼ଯୁଆଡ଼ ଆନ୍ଦୋଳନକୁ ସମର୍ଥନ କରି ସାମିଲ ହୋଇଥିଲେ। ଡ୍ରାଇଭରଙ୍କ ନ୍ୟାୟୋଚିତ ଦାବି ସରକାର ପୂରଣ କରିବାକୁ ସେ ଦାବି କରିଛନ୍ତି। ଗାଡି ଲାଚଳ ବନ୍ଦ ଯୋଗୁ ଯାତ୍ରୀମାନେ ହଇରାଣ ହେଉଛନ୍ତି। ନ୍ୟାୟୋଚିତ ଦାବିଗୁଡିକ ସରକାର ତୁରନ୍ତ ପୂରଣ କରିବାକୁ ସଙ୍ଘର ଟିଟିଲାଗଡ଼ ଶାଖା ସଭାପତି ସହଦେବ ସାହୁ ଦାବି କରିଛନ୍ତି।

ମହିଳା ସଶକ୍ତୀକରଣ ସଚେତନତା କାର୍ଯ୍ୟକ୍ରମ

ଦେଓଗାଁ,୧୬।୩(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମହଲାଇଠାରେ ଜନଶିକ୍ଷଣ ସଂସ୍ଥାନ ପକ୍ଷରୁ ମହିଳା ସଶକ୍ତିକରଣ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜନଶିକ୍ଷଣ ସଂସ୍ଥାନ ନିର୍ଦ୍ଦେଶିକା ସଂଘମିତ୍ରା ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ତୃପ୍ତିମୟୀ ତ୍ରିପାଠୀ, କାର୍ଯ୍ୟକ୍ରମ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର, କ୍ଷେତ୍ର କର୍ମଚାରୀ ବିଷ୍ଣୁ ପ୍ରସାଦ ଦାଶ, ବିଦ୍ୟାଧର ସୁନା ଯୋଗଦେଇ ମହିଳାମାନେ କିପରି ନିଜେ ସ୍ୱାବଲମ୍ବୀ ହୋଇ ପାରିବେ ସେ ଉପରେ ଆଲୋକପାତ କରିଥିଲେ। ମହଲାଇ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଏବଂ ଜନଶିକ୍ଷଣ ସଂସ୍ଥାନର ଶିକ୍ଷାର୍ଥୀମାନେ ଉପସ୍ଥିତ ଥିଲେ। ବିଷ୍ଣୁ ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

ବିଦ୍ୟୁତ୍ ଆଘାତରେ ମୃତ ବାଳିକାଙ୍କ ପରିବାରଙ୍କୁ ମିଳିଲା ଅନୁକମ୍ପା ରାଶି

ମୃତା ଝିଅର ମାତାପିତାଙ୍କୁ ଚେକ୍ ପ୍ରଦାନ କରାଯାଉଛି।

ଟିଟିଲାଗଡ଼,୧୬।୩ (ଡି.ଏନ.ଏ.): ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ପୌରପାଳିକା ୱାର୍ଡ ନମ୍ବର ୧ର ଜଣେ ବାଳିକାର ଦେଢ଼ବର୍ଷ ତଳେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିଲା। ଦୀର୍ଘ ଦିନ ପରେ ଝିଅର ମା' ଲତା ସାହୁ ଓ ବାପା ହେମନ୍ତ ସାହୁଙ୍କୁ ଟାଟା ପାୱାର ତରଫରୁ ଗୁରୁବାର ପୌର ପରିଷଦ ଉପାଧ୍ୟକ୍ଷା ପୁଷ୍ପ ମଞ୍ଜରୀ ଜାଲଙ୍କ ଉପସ୍ଥିତିରେ ସହାୟକ ଯନ୍ତ୍ରୀ ବିନାୟକ ରାଉତ, ଡ଼ିଡ଼ିଓ ବିଶ୍ୱନାଥ ପାତ୍ରଙ୍କ ଉପସ୍ଥିତିରେ ୩ ଲକ୍ଷ ଟଙ୍କାର ଏକ ଚେକ ପ୍ରଦାନ କରାଯାଇଛି। ଦୀର୍ଘ ଦିନ ଅପେକ୍ଷା ପରେ ପରିବାର ଲୋକେ ଖୁସିବ୍ୟକ୍ତ କରିଥିଲେ।

ବଲାଙ୍ଗୀର ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭରତ ଡ୍ରାଇଭରମାନେ।

ଦାବି ପୂରଣ ନ ହେବା ଯାଏ ଚାଲିବ ଆନ୍ଦୋଳନ

ବଲାଙ୍ଗୀର ଅଫିସ, ୧୬।୩

ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ରାଜ୍ୟବ୍ୟାପୀ ଆହୂତ ଅନିର୍ଦ୍ଦିଷ୍ଟକାଳୀନ ଷ୍ଟିୟରିଂ ଛାଡ ଆନ୍ଦୋଳନ ଗୁରୁବାର ଦ୍ୱିତୀୟ ଦିନରେ ମଧ୍ୟ ଜାରି ରହିଛି। ଆନ୍ଦୋଳନ ଯୋଗୁଁ ଗାଡି ମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଛି। ଯାତ୍ରୀ ଏବଂ ବ୍ୟବସାୟୀ ପ୍ରଭାବିତ ହୋଇଛନ୍ତି। ଗୁରୁବାର ସକାଳୁ ବଲାଙ୍ଗୀର ଡେଲିମାର୍କେଟକୁ କୌଣସି ପନିପରିବା ଆସି ନ ଥିବା ବ୍ୟବସାୟୀମାନେ କହିଛନ୍ତି। ଅନ୍ୟପଟେ ସ୍ଥାନୀୟ ବ୍ୟବସାୟୀମାନଙ୍କ ପାଖରେ ଥିବା ଆଳୁ, ପିଆଜ, ପନିପରିବା, ଫଳ ବିକ୍ରି ହୋଇଗଲେ ଦରଦାମ ବୃଦ୍ଧି ଆଶଙ୍କା ଦେଖାଯାଇଛି। ଅନେକ ଲୋକ କାଳେ ଦାମ ବୃଦ୍ଧି ପାଇବ ଭାବି ଅଧିକ ପରିମାଣର ପନିପରିବା ନେଉଥିବା ଦେଖାଯାଇଛି। ଏପରିକି ପେଟ୍ରୋଲ, ଡିଜେଲ ଅଭାବ ପରିଲକ୍ଷିତ ହେବ ଭାବି ଅନେକେ ପେଟ୍ରୋଲ ପମ୍ପରେ ଭିଡ ଜମାଇଥିବା ଦେଖିବାକୁ ମିଳିଥିଲା। ଡ୍ରାଇଭରମାନଙ୍କ ଆନ୍ଦୋଳନ ଯୋଗୁଁ ପରୀକ୍ଷା ସମୟରେ ସ୍କୁଲ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବଲାଙ୍ଗୀର ଜିଲା ସଂଘ ପକ୍ଷରୁ ଶତାଧିକ ଡ୍ରାଇଭର ଧାରଣା ଜାରି ରଖିଥିଲେ। ଡ୍ରାଇଭର ମହାସଂଘ ପକ୍ଷରୁ ୧୦ ଦଫା ଦାବି ନେଇ ଏହି ଆନ୍ଦୋଳନ ଜାରି ରହିଛି। ଦାବିପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କୁହାଯାଇଛି। ଦାବିପତ୍ରରେ ଡ୍ରାଇଭର ମାନଙ୍କୁ କରୋନା ଯୋଦ୍ଧା ମାନ୍ୟତା ପ୍ରଦାନ, ଡ୍ରାଇଭରମାନଙ୍କୁ ସାମାଜିକ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ତିଆରି କରାଯିବା, ୫୫ ବର୍ଷ ପରେ ସମସ୍ତ ଡ୍ରାଇଭରଙ୍କୁ ପେନସନ, ଗାଡିଗୁଡ଼ିକର ପାର୍କିଂ ସୁବିଧା, ଡ୍ରାଇଭରମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ବିଶ୍ରାମଗାର ଏବଂ ଶୌଚାଳୟ ବ୍ୟବସ୍ଥା କରାଯିବା, ଦୁର୍ଘଟଣାରେ ପ୍ରାଣ ହରାଉଥିବା ଡ୍ରାଇଭର ମାନଙ୍କ ପାଇଁ ୨୦ ଲକ୍ଷ ଟଙ୍କାର ବୀମାରାଶି, ଅକର୍ମଣ୍ୟ ହେଲେ ୧୦ ଲକ୍ଷ ଟଙ୍କାର ବୀମାରାଶି ଓ ଦୁର୍ଘଟଣା ଜନିତ ଚିକିତ୍ସା ପାଇଁ ୫ ଲକ୍ଷ ଟଙ୍କାର ଚିକିତ୍ସା ବୀମାରାଶି ସୁବିଧା ଯୋଗାଇବା ଆଦି ଦାବି ପୂରଣ କରିବାକୁ ଦାବି କରାଯାଇଛି।

ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ ଆନ୍ଦୋଳନ

- ଜିଦ୍‌ରେ ଅଟଳ ଡ୍ରାଇଭର ମହାସଂଘ
- ଯାତ୍ରୀ, ବ୍ୟବସାୟୀ ପ୍ରଭାବିତ, ଦରଦାମ ବୃଦ୍ଧି ଆଶଙ୍କା

କାର୍ଯ୍ୟାନୁଷ୍ଠାନ ସହ ବିଭିନ୍ନ ମହଲରେ ନିନ୍ଦା

ଶୋଭାଯାତ୍ରାରେ ଓକିଲ ସଂଘ।

ନୂଆପଡ଼ା ଅଫିସ,୧୬।୩

ନୂଆପଡ଼ା ସଦର ତହସିଲ କାର୍ଯ୍ୟାଳୟରେ ଅନେକ ଫାଇଲ ପଡି ରହିଛି। କାର୍ଯ୍ୟକୁ ସୁଚାରୁ ରୂପେ ନ କରି ଅଭିଯୋଗକାରୀଙ୍କୁ ହଇରାଣ କରୁଛନ୍ତି। ବର୍ଷ ବର୍ଷ ଧରି କାର୍ଯ୍ୟାଳୟକୁ ଆସିଲେ ମଧ୍ୟ କାର୍ଯ୍ୟ ହେଉନାହିଁ। ଟାନୱାଟ ପଞ୍ଚାୟତ ଲୁକୁପାଲି ଗାଁର ଶରତ ହଂସ ଦୁଇଟି ପ୍ଲଟର ସ୍କେଚ ମ୍ୟାପ ସାର୍ଟିଫାଇଡ କପି ମାଗିବା ପାଇଁ ଆବେଦନ କରି ୨ ବର୍ଷ ବିତି ଯାଇଥିଲେ ମଧ୍ୟ ସଦର ତହସିଲଦାର ନ ଦେବାରୁ ଶରତ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ସଦର ତହସିଦାରଙ୍କ ଅବହେଳା ଓ ଦୁଇ ବର୍ଷ ବିଳମ୍ବ କରି ମଧ୍ୟ ସ୍କେଚ ମ୍ୟାପର ସାର୍ଟିଫାଇଡ କପି ନ ଦେବାରୁ ଖାଉଟି ଅଦାଲତରେ ୨୦ ହଜାର ଟଙ୍କାରେ ଦଣ୍ଡିତ ହୋଇଥିଲେ। ତାଙ୍କର ଏହି ପ୍ରକାର କାର୍ଯ୍ୟକୁ ଜିଲା ଓକିଲ ସଂଘ ଓ ବିଭିନ୍ନ ମହଲ ପକ୍ଷରୁ ନିନ୍ଦା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣାରେ ବସିଥିଲେ। ପରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀଙ୍କ ନେତୃତ୍ୱରେ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରି ସଦର ତହସିଲ କାର୍ଯ୍ୟଳୟର କର୍ମଚାରୀଙ୍କ ବିରୋଧର ବିଭିନ୍ନ ସ୍ଲୋଗାନ ଦେଇ ନୂଆପଡା ଥାନା ପର୍ଯ୍ୟନ୍ତ ଯାଇଥିଲେ। ସଦର ତହସିଲଦାର, ଅତିରିକ୍ତ ତହସିଲଦାର ଓ ଉପଜିଲାପାଳଙ୍କ ଅବହେଳା ଯୋଗୁ ଜଣେ ଯୁବକ ଆତ୍ମହତ୍ୟା କରିବା ପାଇଁ ଉଦ୍ୟମ କରିଥିଲେ। ସେମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ନୂଆପଡା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଇନ୍ଦ୍ରମଣି ବେହେରାଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି। ଜିଲା କ୍ରିଡା ଆସୋସିଏଶନ ସମ୍ପାଦକ ଭୈରବ ସାହୁ, ବିଜୁ ଛାତ୍ର ଜନତା ଦଳ ଜିଲା ସଭାପତି ହରିଶ୍ଚନ୍ଦ୍ର ପଣ୍ଡା, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ, ଓକିଲ ସଂଘ ଉପସଭାପତି ପ୍ରକାଶ ସ୍ୱାଇଁ, ପୁରୁଷୋତମ ସୋନି, ଦୁଲୁ ପାଣିଗ୍ରାହୀ, ସୁଶାନ୍ତ ପତି, ସିତୁ ବୋଧନକାର, ଅନୁପ ଶର୍ମା, ରାଜେନ୍ଦ୍ର ଆଡବଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

ଯୁବକ ପେଟ୍ରୋଲ ଢାଳି ନିଆଁ ଲଗାଇବା ଘଟଣା

ଏସ୍‌ପିଙ୍କୁ ପୁଣି ନୋଟିସ୍ ଜାରି କଲେ ଏନ୍‌ଏଚ୍‌ଆର୍‌ସି

ଭବାନୀପାଟଣା,୧୬।୩(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଆମପାଣି ପୋଲିସ ଗାଡ଼ି ଧକ୍କାରେ କିଆ ମାଝି ନାମକ ଜଣେ ଆଦିବାସୀ ମହିଳାଙ୍କ ମୃତ୍ୟୁ ଘଟଣାକୁ ନେଇ ଜାତୀୟ ମାନବଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) କଳାହାଣ୍ଡି ଏସ୍‌ପିଙ୍କୁ ଗତ ଡିସେମ୍ବର ୩୦ ତାରିଖରେ ନୋଟିସ ଜାରି କରିଥିଲେ। ଏହାର ରିପୋର୍ଟ ଏସ୍‌ପି ଦାଖଲ କରି ନ ଥିବାରୁ ଏଥିରେ ଏନ୍‌ଏଚଆର୍‌ସି କ୍ଷୁବ୍ଧ ହୋଇ ଗୁରୁବାର ପୁଣି ଥରେ ନୋଟିସ ଜାରି କରି ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ତାଗିଦ୍ କରିଛନ୍ତି। ରିପୋର୍ଟ ଦାଖଲ ନ ହେଲେ ମାନବ ଅଧିକାର ସୁରକ୍ଷା ଆଇନର ଧାରା-୧୩ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ଚେତାଇ ଦେଇଛନ୍ତି। ସେହିପରି ଏହାର ତଦାରଖ କରି ଠିକ ସମୟରେ ଏହାର ରିପୋର୍ଟ ଦାଖଲ କରିବାକୁ ପୋଲିସ ଡିଜିପିଙ୍କୁ ମଧ୍ୟ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ଜୁଲାଇ ୧ ତାରିଖ ରଥଯାତ୍ରା ଦିନ ନିଜ ଝିଅ ଘରକୁ କନ୍ଦାଗଡ ଗ୍ରାମର କୃଷ୍ଣଚନ୍ଦ୍ର ମାଝି, ତାଙ୍କ ସ୍ତ୍ରୀ କିଆ ଓ ଝିଅ ବାଇକରେ ଯାଉଥିବାବେଳେ ବାଟରେ ଭୁର୍ଷାଗୁଡା ଛକରେ ଆମପାଣି ପୋଲିସ ଗାଡି (ନଂ.ଓଡି୦୫ୟାଇ-୪୮୮୧) ଧକ୍କା ଦେଇଥିଲା। ଫଳରେ କିଆ ମାଝିଙ୍କ ମୃତ୍ୟୁ ହୋଇଥିବାବେଳେ କୃଷ୍ଣଚନ୍ଦ୍ର ଓ ତାଙ୍କ ଝିଅ ଗୁରୁତର ଆହତ ହୋଇଥିଲେ। ଏହି ଘଟଣାକୁ ନେଇ କଳାହାଣ୍ଡି ଭବାନୀପାଟଣାର ମାନବଧିକାର କର୍ମୀ ଦିଲୀପ କୁମାର ଦାସ ଦୁର୍ଘଟଣାର ଦିନକ ପରେ ଅର୍ଥାତ୍ ୨ ଜୁଲାଇରେ ଜାତୀୟ ମାନବଧିକାର କମିଶନଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହି ସମୟରେ ସମ୍ପୃକ୍ତ ଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିବା ସହିତ କୃଷ୍ଣଚନ୍ଦ୍ରଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ନିର୍ଦ୍ଦେଶ ଦେବାକୁ କମିଶନଙ୍କ ନିକଟରେ ଦାବି ରଖିଥିଲେ।

ପୋଲିସ ଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ ଘଟଣା

- ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ ନ କଲେ କାର୍ଯ୍ୟାନୁଷ୍ଠାନ

ଶୋଷଣର ଶିକାର ମହୁଲଫୁଲ ଗୋଟାଳି

ଭବାନୀପାଟଣା,୧୬।୩(ସ୍ୱ.ପ୍ର.)

ମହୁଲ ଫୁଲ ପଶ୍ଚିମ ଓଡିଶାର ଗ୍ରାମ୍ୟ ଜନଜୀବନରେ ଆର୍ଥିକ ପରିସ୍ଥିତିକୁ ସୁଦୃଢ କରିବାରେ ସହାୟକ ହୁଏ। ଦୁର୍ବଳ ଥିବା ବ୍ୟକ୍ତି ବିଶେଷଙ୍କର ଆଶାର ସଞ୍ଚାର କରି ପରିବାର ପାଇଁ ଆନନ୍ଦ ଉଲ୍ଲାସର ଦ୍ରବ୍ୟ ହେଉଛି ମହୁଲ। କେବଳ ସେତିକି ନୁହେଁ, ରାଜ୍ୟ ସରକାରଙ୍କୁ ବେଶ ଭଲ ରାଜସ୍ୱ ଯୋଗାଇ ଥିବା ଏକ ମାପକାଠି ହେଉଛି ମହୁଲ ଫୁଲ। କଳାହାଣ୍ଡି ଜିଲାରେ ଉଚିତ ବଜାର ସୁବିଧା ନ ଥିବାରୁ ସଂଗ୍ରହକାରୀ ଦଲାଲ ହାବୁଡରେ ପଡି ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି। ଜିଲାର ଗରିବ ଆଦିବାସୀ ଭୋରରୁ ଜଙ୍ଗଲକୁ ଯାଇ ମହୁଲ ଗଛ ତଳୁ ଫୁଲ ସଂଗ୍ରହ କରି ଦୁଇ ପଇସା ରୋଜଗାର କରିବା ତାଙ୍କର ଆଶା ଥାଏ। ହେଲେ ପଞ୍ଚାୟତରେ ଧାର୍ଯ୍ୟ ହୋଇଥିବା ମୂଲ୍ୟ ସେମାନେ ଜାଣିପାରନ୍ତି ନାହିଁ। ଅଞ୍ଚଳର ବ୍ୟବସାୟୀମାନେ ଦଲାଲମାନଙ୍କ ହାତ ବାରିସି କରି ଗରିବ ନୀରିହ ମହୁଲ ଗୋଟାଳିଙ୍କଠାରୁ କମ ଦରରେ କ୍ରୟ କରି ମୋଟା ଅଙ୍କରେ ଟଙ୍କା କମାଇବାର ମାଧ୍ୟମ ହୋଇପଡିଛି। ଅନ୍ୟାନ୍ୟ ବନଜାତ ଦ୍ରବ୍ୟ ପରି ମହୁଲ ଫୁଲ କ୍ରୟ କରିବା ପାଇଁ ୨୦୦୨ରେ ଗ୍ରାମ୍ୟ ପଞ୍ଚାୟତକୁ ଧାର୍ଯ୍ୟ ଦର ହସ୍ତାନ୍ତର ସରକାରଙ୍କ ଦ୍ୱାରା କରାଯାଇଛି। ସେହି ବର୍ଷ ପଞ୍ଚାୟତରେ ନିୟମ ଲାଗୁ କରାଯାଇ ପଞ୍ଚାୟତିରାଜ ସମିତି ପକ୍ଷରୁ ଏକ କମିଟି ଜରିଆରେ ୧୦୦ ଟଙ୍କାର ଲାଇସେନ୍ସ କରି ଲାଇସେନ୍ସ ପ୍ରାପ୍ତ ବ୍ୟକ୍ତି ଅନ୍ୟ ପଞ୍ଚାୟତରୁ କ୍ରୟ କରିବାର ଅଧିକାର ସାବ୍ୟସ୍ତ କରାଯାଇଛି। ହେଲେ ଦଲାଲ ହାବୁଡରେ ପଡି ମହୁଲ ଫୁଲ ଗୋଟାଳିର ଆଶା ଆଶାରେ ହିଁ ରହିଯାଉଛି। ମହୁଲ ଫୁଲ ଦେଶୀ ମଦ ପ୍ରସ୍ତୁତିରେ ବ୍ୟବହାର କାରଣରୁ ସରକାର ପ୍ରଚୁର ରାଜସ୍ୱ ପାଉଛନ୍ତି। ଚଳିତବର୍ଷ ଜିଲାରେ ମହୁଲ କିଣିବା ପାଇଁ ୮୦ ଜଣଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଥିବା ଜିଲାପାଳ ସୂଚନା ଦେଇଥିଲେ। ହେଲେ ପରିଚାଳନାଗତ ତ୍ରୁଟି ଯୋଗୁ ମହୁଲ ଫୁଲ ଗୋଟାଳି ଲାଭ ପ୍ରତିବନ୍ଦକରେ କ୍ଷତି ସହୁଛନ୍ତି। ରାଜ୍ୟ ସରକାର ମହୁଲ ଗୋଟାଳିଙ୍କ ପାଇଁ ଏକ ନିୟମ ଧାର୍ଯ୍ୟ କରି ସିଧାସଳଖ ମହୁଲ ନେଲେ ସେମାନେ ଲାଭବାନ ହେବେ ବୋଲି କହିଛନ୍ତି।

ଜଣେ ମହିଳା ମହୁଲ ଫୁଲ ଗୋଟାଉଛନ୍ତି।

- ମହକୁଛି ମହୁଲ, ମିଳୁନି ମୂଲ
- ମାଲାମାଲ ହେଉଛନ୍ତି ଦଲାଲ

ପାଇପ ପାଣି ପାଇଁ ଲୋକେ ହଟହଟା

ଲୋଇସିଂହା,୧୬।୩(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ଗ୍ରାମର ୨୬ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ରହୁଥିବା କେତେକ ପରିବାର ଗତ କିଛି ମାସ ହେଲା ପାଇପ ପାଣି ପାଇବାରୁ ବଞ୍ଚିତ ରହିଛନ୍ତି। ପାଇପ ଲାଇନ ମରାମତି କାମ ଅଧାପନ୍ତରିଆ କରି ପକାଇ ରଖାଯାଇଛି। ଏହାର ଅଗ୍ରଗତି ହେଉନାହିଁ। ଏନେଇ ସ୍ଥାନୀୟ ଲୋକେ ବ୍ଲକ ଜନସ୍ୱାସ୍ଥ୍ୟ ବିଭାଗ ଓ ଏନଏଚ ଡିଭିଜନର ଦୃଷ୍ଟି ଆକର୍ଷଣ କଲେ ସୁଦ୍ଧା ସୁଫଳ ମିଳୁନାହିଁ। ପାଣି ସମସ୍ୟା ବଢି ଚାଲିଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି। ୮ ୱାର୍ଡ ବିଶିଷ୍ଟ ବୁର୍ଡା ଗ୍ରାମର ଜନସଂଖ୍ୟା ପାଖାପାଖି ୮ ହଜାର। ଗାଁକୁ ସ୍ୱତନ୍ତ୍ର ଭାବେ ଫାସଡ ସୁକତେଲ ନଦୀରୁ ପାଇପ ଲାଇନ ଆସିଛି। ଗ୍ରାମରେ ଘରକୁ ଘର ଏବଂ ଷ୍ଟାଣ୍ଡପୋଷ୍ଟ ଜରିଆରେ ଜଳଯୋଗାଣ ବ୍ୟବସ୍ଥା ରହିଛି। ବୁର୍ଡା ଗ୍ରାମ ଦେଇ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ଯାଇଛି। ଏବେ ଜାତୀୟ ରାଜପଥ ପ୍ରଶସ୍ତିକରଣ କାମ ଚାଲିଛି। ୫ ମାସ ତଳେ ପ୍ରଶସ୍ତିକରଣ ପାଇଁ ରାସ୍ତା ଖୋଲିବା ବେଳେ ପାଇପ ଲାଇନ ଫାଟି ଯାଇଛି। ସେବେଠାରୁ ରାଜପଥର ଡାହାଣ ପାର୍ଶ୍ୱରେ ରହିଥିବା ବସ୍ତିବାସିନ୍ଦା ପାଇପ ଜଳ ପାଇ ପାରୁନାହାନ୍ତି। ପାଇପ ଲାଇନ ମରାମତି କରାଯାଉ ନ ଥିବାରୁ ସଂପୃକ୍ତ ବସ୍ତିର ଲୋକେ ପିଇବା ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଏନଏଚ୍ ଯନ୍ତ୍ରୀ ପ୍ରହ୍ଲାଦ ମୁଣ୍ଡାଙ୍କ ଦୃଷ୍ଟି ଆକର୍ଷଣ ପରେ ଶୁକ୍ରବାରଠାରୁ ପାଇପ ଲାଇନ କାମ କରାଯିବ ବୋଲି କହିଛନ୍ତି। ପ୍ରତିଶ୍ରୁତି ଅନୁଯାୟୀ କାମ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ରାଜପଥ ସମ୍ପ୍ରସାରଣ ବେଳେ ପାଇପ ଫାଟିଛି

ଜଙ୍ଗଲ ନିଆଁ ରୋକିବାକୁ ତାଲିମ

ସଚେତନତା ସଭାରେ ମଞ୍ଚାସୀନ ଅତିଥି।

କଣ୍ଟାବାଞ୍ଜି,୧୬।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଓ ବଙ୍ଗୋମୁଣ୍

ସଂକ୍ଷେପରେ

ମଦ ପାଉଚ ତିଆରି ମେଶିନ ଜବତ, ଜଣେ ଗିରଫ

ପଦ୍ମପୁର,୧୬।୩ (ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ଅବକାରୀ ଥାନା ଅଧିକାରୀ ଓ ଟିମ୍ ଗାଇସିଲେଟ ଥାନା ରାଇସଲପଦର ଗ୍ରାମରେ ଚଢ଼ାଉ କରିଥିଲେ। ସେଠାରେ ରିଙ୍କି ସାହୁ ଘରରୁ ୮୧ ଲିଟର ଦେଶୀ ମଦ, ଗୋଟିଏ ବାଇକ, ମଦ ପାଉଜ ପାଇଁ ବ୍ୟବହୃତ ପ୍ଲାଷ୍ଟିକ ଏବଂ ପାଉଚ ସିଲ୍ କରୁଥିବା ମେଶିନ ଜବତ କରାଯାଇଥିଲା। ଏଥି ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଧାରୁଆ ଅସ୍ତ୍ରରେ ଦୁଇ ଭାଇଙ୍କୁ ଆକ୍ରମଣ ଘଟଣା: ଅଭିଯୁକ୍ତ ଗିରଫ

ଉଲୁଣ୍ଡା,୧୬।୩(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ଗଇଲମରା ଗ୍ରାମରେ ଧାରୁଆ ଅସ୍ତ୍ରରେ ଦୁଇ ଭାଇଙ୍କୁ ହୋଇଥିବା ଆକ୍ରମଣ ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ରଞ୍ଜନ ଦେହେରୀ। ସୂଚନା ଅନୁସାରେ, ଗଇଲମରା ଗ୍ରାମର ଉମେଶ ପଧାନ ଏବଂ ରଞ୍ଜନ ଦେହେରୀଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ହୋଇଥିଲା। ଖବର ପାଇ ଉମେଶଙ୍କ ବଡଭାଇ ପ୍ରମୋଦ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ବୁଝାଶୁଝା କରି ସମାଧାନ କରିଥିଲେ। କିନ୍ତୁ କିଛି ସମୟ ପରେ ପ୍ରମୋଦ ନିଜ ଦୋକାନ ସମ୍ମୁଖରେ ତାସ ଖେଳୁଥିବା ସମୟରେ ରଞ୍ଜନ ପଛପଟୁ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ବେକକୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ପ୍ରମୋଦଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଉଲୁଣ୍ଡା ଡାକ୍ତରଖାନାକୁ ନେଇଥିଲେ। ପରେ ରଞ୍ଜନଙ୍କ ପରିବାର ଲୋକେ ଆସି ପ୍ରମୋଦଙ୍କ ପରିବାର ଲୋକଙ୍କୁ ଆକ୍ରମଣ କରିଥିଲେ। ଫଳରେ ଉମେଶ ଆହତ ହୋଇଥିଲେ। ତାଙ୍କ ମୁଣ୍ଡ ଫାଟି ଯାଇଛି। ଏନେଇ ପ୍ରମୋଦ ଉଲୁଣ୍ଡା ଥାନାରେ ଲିଖିତ ଭାବରେ ଅଭିଯୋଗ କରିଥିଲେ। ସେହିପରି ଅଭିଯୁକ୍ତ ରଞ୍ଜନଙ୍କ ମା' ପ୍ରେମଶିଳାଙ୍କୁ ପ୍ରମୋଦ ଓ ତାଙ୍କ ଭାଇ ଉମେଶ ମାଡ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଉଭୟ ପକ୍ଷର ଅଭିଯୋଗକୁ ଆଧାର କରି ପୋଲିସ ଦୁଇଟି ମାମଲା ନଂ. ୩୮/୨୩ ଓ ନଂ. ୩୯/୨୩ ରୁଜୁ କରିଛି। ତେବେ ପ୍ରମୋଦଙ୍କ ବେକକୁ ଧାରୁଆ ଅସ୍ତ୍ରରେ କାଟିଥିବା ଅଭିଯୋଗରେ ଅଭିଯୁକ୍ତ ରଞ୍ଜନଙ୍କୁ ପୋଲିସ ଗିରଫ କରିଛି।

ବନ୍ଦକୁ ବିରୋଧ କରି ଏସପି ଅଫିସ ଆଗରେ ମୋଟର ଚାଳକ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ବନ୍ଦ ଯୋଗୁ ବରଗଡ଼ ହଲଦୀପାଲି ଛକ ରାସ୍ତାପାର୍ଶ୍ୱରେ ଗାଡ଼ିଗୁଡ଼ିକ ଅଟକି ରହିଛି ।

ଡ୍ରାଇଭର ମହାସଂଘ ବନ୍ଦକୁ ବିରୋଧ

ବରଗଡ଼ ଅଫିସ୍,୧୬।୩

ଡ୍ରାଇଭରମାନଙ୍କ ସମ୍ମାନ, ସୁରକ୍ଷା ଏବଂ ଅଧିକାର ଦାବି ନେଇ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ବୁଧବାରରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିଥିବା ଅଖଚକ ବନ୍ଦ ଆନ୍ଦୋଳନ ଜାରି ରହିଛି। ରାସ୍ତାର ଉଭୟ ପାର୍ଶ୍ୱରେ ବହୁସଂଖ୍ୟକ ଗାଡ଼ି ଅଟକି ରହିଥିବାବେଳେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ତେବେ ଏହି ଆନ୍ଦୋଳନକୁ ନେଇ ଓଡ଼ିଶା ଡ୍ରାଇଭର ମହାସଂଘ ଏବଂ ଓଡ଼ିଶା ମୋଟର ଚାଳକ ସଂଘ ମୁହାଁମୁହିଁ ହୋଇଛନ୍ତି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ଡ୍ରାଇଭର ମହାସଂଘ ଅଟଳ ରହିଛି। ଅନ୍ୟପକ୍ଷେ ଡ୍ରାଇଭର ମହାସଂଘ ଯେଭଳିଭାବେ ବନ୍ଦ ଆନ୍ଦୋଳନ କରୁଛି ତାକୁ ମୋଟର ଚାଳକ ସଂଘ ବିରୋଧ କରିଛି। ଗୁରୁବାର ଓଡ଼ିଶା ମୋଟର ଚାଳକ ସଂଘ ବରଗଡ଼ ଜିଲା ଶାଖାର କର୍ମକର୍ତ୍ତା, ସଭ୍ୟବୃନ୍ଦ ସୁରକ୍ଷା ଦାବି କରି ଏସ୍‌ପି ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହା ସହିତ ଏସ୍‌ପି ପି.ଏସ୍.ମୀନାଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ

ଏସ୍‌ପି ଅଫିସରେ ମୋଟର ଚାଳକ ସଂଘର ବିକ୍ଷୋଭ

ଓଡ଼ିଶା ମୋଟର ଚାଳକ ସଂଘ ଉଲ୍ଲେଖ କରିଛି ଡ୍ରାଇଭର ମହାସଂଘର ଧର୍ମଘଟ, ଅଖଚକ ବନ୍ଦ ଆନ୍ଦୋଳନକୁ ସମର୍ଥନ କରୁ ନଥିବା ନେଇ ପୂର୍ବରୁ ପୋଲିସ, ପ୍ରଶାସନକୁ ଲିଖିତଭାବେ ଅବଗତ କରାଯାଇଥିଲା। ଗାଡ଼ି ଚଳାଚଳ ସମୟରେ ସେମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ସଂଘ ନିବେଦନ କରିଥିଲା। କିନ୍ତୁ ମୋଟର ଚାଳକ ସଂଘ ସଦସ୍ୟମାନେ ଗାଡ଼ି ଧରି ଯାଉଥିବାବେଳେ ତାଙ୍କୁ ଡ୍ରାଇଭର ମହାସଂଘ ସଦସ୍ୟମାନେ ଛାଡୁ ନାହାନ୍ତି ଏବଂ ଅପମାନିତ କରୁଥିବା ଅଭିଯୋଗ ହୋଇଛି। ଏପରିକି ଚନ୍ଦନ, ସିନ୍ଦୁର ମଖାଇବା ସହିତ ଫୁଲମାଳା ପିନ୍ଧାଇ ଏବଂ ନିନ୍ଦିତ ଭାଷାରେ ଲେଖାଥିବା ସ୍ଲେଟ୍‌କୁ ବେକରେ ଝୁଲାଇ ଦେଉଛନ୍ତି। ଏହା ମାନବିକ ଅଧିକାରକୁ କ୍ଷୁର୍ଣ୍ଣ କରୁଥିବା ମୋଟର ଚାଳକ ସଂଘ ଅଭିଯୋଗ କରିଛି। ଏଭଳିସ୍ଥଳେ ସେମାନଙ୍କୁ ସୁରକ୍ଷା ଦେବା ସହିତ ରାସ୍ତାରୁ ଆନ୍ଦୋଳନକାରୀଙ୍କୁ ହଟାଇ ଗାଡ଼ି ଚଳାଚଳ ସ୍ୱାଭାବିକ କରିବାକୁ ସଂଘ ଏସ୍‌ପିଙ୍କୁ ନିବେଦନ କରିଛି। ବରଗଡ଼ ଘରୋଇ ବସ୍ ମାଲିକ ସଂଘ ଏବଂ ଟ୍ରକ ମାଲିକ ସଂଘ ମଧ୍ୟ ଏସ୍‌ପିଙ୍କୁ ଫେରାଦ ହୋଇ ବସ୍, ଟ୍ରକ ଚଳାଚଳ ସ୍ୱାଭାବିକ କରିବା ଦିଗରେ ତ୍ୱରିତ୍ ପଦକ୍ଷେପ ନେବା ପାଇଁ ନିବେଦନ କରିଛନ୍ତି। ପରେ ଏସପି ମୀନା ବସ୍ ମାଲିକ ସଂଘ, ଜିଲା ଟ୍ରକ ମାଲିକ ସଂଘ ଏବଂ ମୋଟର ଚାଳକ ସଂଘ ପ୍ରତିନିଧିଙ୍କୁ ନେଇ ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଆଲୋଚନା କରିଥିଲେ। ଗାଡ଼ି ଚଳାଚଳ ସମୟରେ ଯେଭଳି କିଛି ଅପ୍ରୀତିକର ପରିସ୍ଥିତି ଉପୁଜିବ ନାହିଁ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ଏସ୍‌ପି କହିଥିଲେ। ଆଲୋଚନାବେଳେ ମୋଟର ଚାଳକ ସଂଘ ପକ୍ଷରୁ ଜିଲା ସଭାପତି ନିରୋଜ ପୋଢ଼ ଯାଦବ, କରନ ସାହୁ, ଦନାର୍ଦ୍ଦନ ନାଏକ, ବିକ୍ରମ ଜାଲ, କୁନୁ ସିଂ, ଲକ୍ଷ୍ମଣ ଭଗତ, ମନୋଜ ଦାଶ, ବିଭୀଷଣ ଷଣ୍ଢ, ବସ୍ ମାଲିକ ସଂଘ ପକ୍ଷରୁ ସଭାପତି ଭୀଷ୍ମଦେବ ଦୋରା, ସାଧାରଣ ସମ୍ପାଦକ ଶେକ୍ ନଜିମୁଦ୍ଦିନ, ଜିଲା ଟ୍ରକ ମାଲିକ ସଂଘ ପକ୍ଷରୁ ସଭାପତି ସୁଶାନ୍ତ କୁମାର ଦାଶ ଉପସ୍ଥିତ ଥିଲେ।

ଆନ୍ଦୋଳନରେ ସାମିଲ ହେଲା କଂଗ୍ରେସ ଓ ଭାଜପା

ଆନ୍ଦୋଳନ ସ୍ଥଳରେ ଜିଲା କଂଗ୍ରେସ ସଭାପତି ନବ କୁମାର ମିଶ୍ର, ଭାଜପା ସଭାପତି ବିପ୍ରଚରଣ ମହାନ୍ତି ଓ ଗାଡି ଚାଳକମାନେ ।

ବୌଦ୍ଧ,୧୬।୩ (ସ୍ୱ.ପ୍ର.)

୧୦ ଦଫା ଦାବି ନେଇ ବୁଧବାରଠାରୁ ସାରା ରାଜ୍ୟରେ ଡ୍ରାଇଭରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଏହି ଆନ୍ଦୋଳନରେ ବୌଦ୍ଧ ଜିଲା ଚାଳକ ସଂଘ ସାମିଲ ହୋଇଛି। ଜିଲାର ଗାଡି ଚାଳକ ସଂଘର କାର୍ଯ୍ୟବନ୍ଦ ଯୋଗୁ ପୁରା ଜିଲାରେ ବେସରକାରୀ ବସ, ଟ୍ରକ ଓ ଟ୍ୟାକ୍ସି ଚଳାଚଳ ଏକ ପ୍ରକାର ଠପ୍ ହୋଇପଡିଛି। ଗାଡି ଚଳାଚଳ ବନ୍ଦ ଯୋଗୁ ବସଷ୍ଟାଣ୍ଡ ଖାଲି ପଡିଛି। ଡ୍ରାଇଭରମାନେ ସହରର ବ୍ରିଜ ଛକ ଠାରେ ବସିରହି ଆନ୍ଦୋଳନ ଚଳାଇଛନ୍ତି। ହରଭଙ୍ଗା ବ୍ଲକର ଚାରିଛକଠାରେ ମଧ୍ୟ ଜାତୀୟ ରାଜପଥ କଡରେ ବସି ଆନ୍ଦୋଳନ କରୁଛନ୍ତି। ବୌଦ୍ଧରେ ଗାଡି ଚାଳକ ସଂଘର ଆନ୍ଦୋଳନରେ ଜିଲା କଂଗ୍ରେସ ଓ ଭାଜପା ସାମିଲ ହୋଇ ଆନ୍ଦୋଳନ ସ୍ଥଳରେ ବସି ରହିଥିବା ଦେଖିବାକୁ ମିଳିଛି। ଜିଲା କଂଗ୍ରେସ ସଭାପତି ନବ କୁମାର ମିଶ୍ର ଗାଡି ଚାଳକଙ୍କ ଆନ୍ଦୋଳନକୁ ସମର୍ଥନ କରିଥିଲେ। ସେହିପରି ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ଜିଲାରେ ଆନ୍ଦୋଳନ ଏକପ୍ରକାର ଶାନ୍ତିପୂର୍ଣ୍ଣଭାବେ ଚାଲୁରହିଥିବା ଦେଖିବାକୁ ମିଳିଛି। ଆନ୍ଦୋଳନକୁ ଆଖି ଆଗରେ ରଖି ଜିଲା ପୋଲିସ ପକ୍ଷରୁ ବିଭିନ୍ନ ଛକରେ ପୋଲିସ ମୁତୟନ ହୋଇଛି।

ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ସୋନପୁର,୧୬।୩(ନି.ପ୍ର.)

ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ସୋନପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଭିନ୍ନକ୍ଷମଙ୍କୁ ସରକାର ଯୋଗାଇ ଦେଉଥିବା ସୁବିଧା ସୁଯୋଗ ବିଷୟରେ ଆଲୋଚନା କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯୁଧିଷ୍ଠିର ଭୋଇ

ଭିନ୍ନକ୍ଷମମାନେ ଶିବିରରେ ନାମ ପଞ୍ଜୀକରଣ କରୁଛନ୍ତି ।

କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ୨୦୭ ଜଣ ଭିନ୍ନକ୍ଷମ ନାମ ପଞ୍ଜୀକରଣ କରିଥିଲେ। ପଞ୍ଜୀକୃତ ଚଳନ ବାଧିତ, ଦୃଷ୍ଟି ବାଧିତ, ଶ୍ରବଣ ବାଧିତ ଓ ବୌଦ୍ଧିକ ନ୍ୟୁନତା ଭିନ୍ନକ୍ଷମମାନେ ବିଶେଷଜ୍ଞ ଡାକ୍ତରଙ୍କ ନିକଟରେ ନିଜର ପରୀକ୍ଷା କରାଇଥିଲେ। ଡାକ୍ତରଙ୍କ ପରୀକ୍ଷା ପରେ ୧୨୩ଜଣ ଭିନ୍ନକ୍ଷମ ପ୍ରମାଣପତ୍ର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ୪ ଜଣ ହୁଇଲ ଚେୟାର, ଜଣେ ତିନି ଚକିଆ ସାଇକେଲ ଓ ୩ଜଣ କୃତ୍ରିମ ଅଙ୍ଗ ପ୍ରତିରୋପଣ ପାଇଁ ଆବେଦନ କରିଥିଲେ। ତେବେ ବ୍ଲକରେ ହୁଇଲ ଚେୟାର ଓ ତିନି ଚକିଆ ସାଇକେଲ ଷ୍ଟକ ନ ଥିବାରୁ ଦିଆ ଯାଇପାରିନାହିଁ। ହିତାଧିକାରୀଙ୍କୁ ପରେ ଦିଆଯିବ ବୋଲି ସୂଚନା ଦିଆଯାଇଛି। ଶିବିରରେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଅସ୍ଥିଶଲ୍ୟ ବିଭାଗର ବିଶେଷଜ୍ଞ ଡା. ଗୋପବନ୍ଧୁ ପାତ୍ର, କର୍ଣ୍ଣ ଓ ନାସା ବିଶେଷଜ୍ଞ ଡା. ରଶ୍ମି ରଞ୍ଜନ ହୋତା, ଡା. ପ୍ରବୀଣ କୁମାର ସାହୁ, ଡା. ରଶ୍ମିରେଖା ଦାଶ, ଶିଶୁ ରୋଗ ବିଶେଷଜ୍ଞ ଡା. ସମୀର ଭୋଇ, ଅଡିଓଲୋଜିଷ୍ଟ ଅଭିଳାଷ କୁମାର ନାଏକ ଓ ଜିଲା ମୁଖ୍ୟ ଚିକିତ୍ସାଳୟର ଭେଷଜ ବିଶେଷଜ୍ଞ ଡା. ନରେନ୍ଦ୍ର ମେହେର ଭିନ୍ନକ୍ଷମଙ୍କୁ ପରୀକ୍ଷା କରିଥିଲେ। ସାମାଜିକ ସୁରକ୍ଷା ବିଭାଗର ଅମରଜିତ ସାହୁ, ଆଶୁତୋଷ କୁଅଁର, ସରପଞ୍ଚ, ସମିତି ସଭ୍ୟ ଓ ପିଇଓ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

ବିକାଶ ଲ ସ୍କୁଲରେ ବିଶ୍ୱ ଖାଉଟି ଦିବସ

ବରଗଡ଼ ଅଫିସ୍,୧୬।୩

ବରଗଡ଼ସ୍ଥିତ ବିକାଶ ଲ ସ୍କୁଲରେ ବୁଧବାର ବିଶ୍ୱ ଖାଉଟି ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ପ୍ରଫେସର ବିକ୍ରମ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲାର ଜିଲା ଖାଉଟି ପ୍ରାଧିକରଣ ସଭାପତି ଡଃ ରମାକାନ୍ତ ଶତପଥି ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଲ ସ୍କୁଲ ଅଧ୍ୟକ୍ଷ ଦାସ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ସଂଯୋଜକ ଶିବାନନ୍ଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଡଃ ଶତପଥୀ ଖାଉଟି ଆଇନ ୧୯୮୬ ଓ ୨୦୧୯ ମଧ୍ୟରେ ପାର୍ଥକ୍ୟ ଉପରେ ଆଲୋକପାତ କରିବା ସହିତ ଛାତ୍ରୀଛାତ୍ରଙ୍କୁ

ଖାଉଟି ଦିବସ ପାଳନରେ ଅଧ୍ୟାପିକା, ଅଧ୍ୟାପକ ଏବଂ ଛାତ୍ରୀଛାତ୍ରବୃନ୍ଦ ।

ଖାଉଟି ଆଇନ ଉପରେ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ଜୈମିନୀ କୁମାର ସାହୁ, ଅଭିନନ୍ଦନ ଖୁଣ୍ଟିଆ, ଅଧ୍ୟାପିକା ସ୍ୱାଗତିକା ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିକାଶ ଗ୍ରୁପର ଏକଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ରନାଥ ପଣ୍ଡା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

ପଦ୍ମପୁରରେ ଏଚ୍‌ଡିଏଫସି ବ୍ୟାଙ୍କ ଶାଖା ଉଦ୍‌ଘାଟିତ

ପଦ୍ମପୁର, ୧୬।୩(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁରଠାରେ ଗୁରୁବାର ଏଚ୍‌ଡିଏଫସି ବ୍ୟାଙ୍କର ୧୯୪ତମ ଶାଖା ଉପଜିଲାପାଳ ସଦାକାର କୁମ୍ଭାରଙ୍କ ଦ୍ୱାରା ଉଦ୍‌ଘଟିତ ହୋଇଛି। ବ୍ୟାଙ୍କ କର୍ମଚାରୀ ଗ୍ରାହକଙ୍କୁ ଉତ୍ତମ ବ୍ୟବହାର କଲେ ବିଶ୍ୱାସଭାଜନ ହୋଇ ପାରିବ ବୋଲି ଉପଜିଲାପାଳ କହିଥିଲେ। ଏଥିସହିତ ମିଶନ ଶକ୍ତିକୁ ଅଗ୍ରାଧିକାର ଭିତ୍ତିରେ ସହଯୋଗ ଯୋଗାଇ ଦେବାକୁ ସେ ପରାମର୍ଶ ଦେଇଥିଲେ। ବ୍ୟାଙ୍କର ସହକାରୀ ଉପସଭାପତି ଚେତନ ଦାଶ ଯୋଗଦେଇ ବ୍ୟାଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ବିଭିନ୍ନ ପ୍ରକାର ସେବା ଯଥା ଗୋଲ୍ଡ ଲୋନ, ଗାଡି ମୋଟର ଲୋନ, ଲକର ସୁବିଧା ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ସୂର୍ଯ୍ୟମଣି ଶତପଥୀ ବ୍ୟାଙ୍କର ଲକର ଓ ଷ୍ଟ୍ରଙ୍ଗରୁମକୁ ଉଦ୍‌ଘାଟନ କରିଥିଲେ। ଶେଷରେ ଶାଖା ପରିଚାଳକ ପ୍ରଶାନ୍ତ କୁମାର ପାଢୀ ଧନ୍ୟବାଦ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅନେକ ବ୍ୟବସାୟୀ, ଚାଷୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

ଶାଖା କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଉପଜିଲାପାଳ ଓ ବ୍ୟାଙ୍କର ବରିଷ୍ଠ କର୍ମକର୍ତ୍ତା।

ମଧ୍ୟାହ୍ନଭୋଜନ ଖାଇ ୫ ଛାତ୍ରୀଛାତ୍ର ଅସୁସ୍ଥ

ଅମରପାଲି,୧୬।୩(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ପଞ୍ଚାୟତର ବାରଝୁଲା ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଖାଇ ୫ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇ ପଡିଛନ୍ତି। ଅସୁସ୍ଥ ହୋଇପଡିଥିବା ଚତୁର୍ଥ ଶ୍ରେଣୀ ଛାତ୍ରୀ ଭାରତୀ ଲୁହା, ଦ୍ୱିତୀୟ ଶ୍ରେଣୀ ଛାତ୍ର ସଚିନ ପଧାନ, ତୃତୀୟ ଶ୍ରେଣୀ ଛାତ୍ର କିଶାନ ପଧାନ, ପଞ୍ଚମ ଶ୍ରେଣୀ ଛାତ୍ର ସାଜନ ସେଠୀ ଓ ରାହୁଲ ଡାଙ୍ଗଙ୍କୁ ବୀରମହାରାଜପୁର ଡାକ୍ତରଖାନରେ ଭର୍ତ୍ତି କରାଯାଇ ଛି। ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବେଳେ ସମୁଦାୟ୨୭ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ତନ୍ମଧ୍ୟରୁ ଗୁରୁବାର ୨୬ ଜଣ ଛାତ୍ରୀଛାତ୍ର ସ୍କୁଲକୁ ଆସିଥିଲେ। ଅପରାହ୍ନ ସାଢେ ଗୋଟାଏ ସମୟରେ ଉପସ୍ଥିତ ସମସ୍ତ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଇଥିଲା। କିନ୍ତୁ ଏହା ଖାଇବାର କିଛି ସମୟ ପରେ ୪ଜଣ ଛାତ୍ର ଓ ଜଣେ ଛାତ୍ରୀ ପେଟ କାଟୁଥିବା କହିଥିଲେ।

ବୀରମହାରାଜପୁର ଡାକ୍ତରଖାନରେ ଚିକିତ୍ସିତ ବାରଝୁଲା ୟୁପି ସ୍କୁଲର ଛାତ୍ରୀଛାତ୍ର ।

ବାରଝୁଲା ପ୍ରାଥମିକ ବିଦ୍ୟାଳୟ

ଏହାପରେ ସେମାନେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଖବରପାଇ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ପରିବାର ଲୋକେ ପହଞ୍ଚିଥିଲେ। ପ୍ରଧାନ ଶିକ୍ଷକ ଟ୍ରେନିଂରେ ଥିବାରୁ ତାଙ୍କ ଅନୁପସ୍ଥିତିରେ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ପ୍ରବୀର ଦାଶ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ପରେ ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ଚିକିତ୍ସା ଲାଗି ବୀରମହାରାଜପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଖବରପାଇ ବୀରମହାରାଜପୁର ଡାକ୍ତରଖାନାରେ ଅଭିଭାବକ ଓ ଲୋକଙ୍କ ଭିଡ ହୋଇଥିଲା। ବିଇଓଙ୍କ ନିର୍ଦ୍ଦେଶକ୍ରମେ ଏବିଇଓ ବାର୍ଣ୍ଣା ଡୁଙ୍ଗଡୁଙ୍ଗ, କର୍ତ୍ତାପାଲ ସିଆରସିସି ପ୍ରହ୍ଲାଦ ମୁଖି, ଟ୍ରେନିଙ୍ଗରେ ଥିବା ପ୍ରଧାନଶିକ୍ଷକ ବିଜୟ ପ୍ରଧାନ ଡାକ୍ତରଖାନରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ। ଏନେଇ ଅଭିଭାବକ ଛବିଳ ଡାଙ୍ଗ ମଧ୍ୟାହ୍ନ ଭୋଜନ ଠିକ୍‌ରେ ହୋଇ ନ ଥିବା ବେଳେ ତରକାରୀରେ ତେଲ ଅଧିକ ପରିମାଣରେ ବ୍ୟବହାର କରାଯାଇଥିବା ଅଭିଯୋଗ କରିଛନ୍ତି। ପ୍ରଧାନଶିକ୍ଷକ ପ୍ରବୀର ଦାଶଙ୍କୁ ପଚାରିବାରେ ଛାତ୍ରୀଛାତ୍ରମାନଙ୍କ ଝାଡାବାନ୍ତି ହେବାରୁ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବୀରମହାରାଜପୁର ବିଇଓ ଶାନ୍ତନୁ କୁମ୍ଭକାରଙ୍କୁ ପଚାରିବାରେ ମଧ୍ୟାହ୍ନ ଭୋଜନରେ କୌଣସି ସମସ୍ୟା ଯୋଗୁ ଏପରି ହୋଇଥାଇପାରେ ବୋଲି ପ୍ରକାଶ କରିଛନ୍ତି।

ସଂକ୍ଷେପରେ

ଡକାୟତି ଉଦ୍ୟମ ପଣ୍ଡ: ୩ ଗିରଫ

ବ୍ରଜରାଜନଗର, ୧୬।୩ (ଡି.ଏନ.ଏ.): ବ୍ରଜରାଜନଗର ଥାନା ଅନ୍ତର୍ଗତ ଓରିଏଣ୍ଟ ପେପର ମିଲ୍ ପଡିଆରେ ଡକାୟତି ଯୋଜନା କରୁଥିବା ୩ ଅଭିଯୁକ୍ତଙ୍କୁ ପୋଲିସ ବୁଧବାର ରାତିରେ ଗିରଫ କରିଛି। ସେମାନେ ହେଲେ ବଣ୍ଟି କୁମାର ପ୍ରସାଦ, ଧରାମବିର ସିଂହ ଓ କନୱାର ସିଂହ। ଏମାନଙ୍କଠାରୁ ଲୁହାରଡ୍, ଭୁଜାଲି, ଖଣ୍ଡା ଆଦି ଜବତ ହୋଇଛି। ସୂଚନା ଅନୁଯାୟୀ ଅଭିଯୁକ୍ତମାନେ ଡକାୟତି ଯୋଜନା କରୁଥିବା ନେଇ ରାତ୍ର ପାଟ୍ରୋଲିଂ କରୁଥିବା ଏଏସ୍‌ଆଇ ମହାନ୍ତି ବାବୁ ବିଶେଷ ସୂତ୍ରରୁ ଖବର ପାଇ ଅଚାନକ ପୋଲିସ ଫୋର୍ସ ସହ ଚଢ଼ାଉ କରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୬୩/୨୩) ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଧବଳେଶ୍ୱର ସାହୁ ପ୍ରକାଶ କରିଛନ୍ତି।

ଡଙ୍ଗରପଡ଼ାରେ ଅଷ୍ଟପ୍ରହର ନାମଯଜ୍ଞ

ପଡିଆବାହାଲ, ୧୬।୩ (ଡି.ଏନ.ଏ.): ଯୁଯୁମୁରା ବ୍ଲକର ଡଙ୍ଗରପଡାଠାରେ ୩ଦିନ ବ୍ୟାପୀ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଡଙ୍ଗରପଡା ସହ ବ୍ରାହ୍ମଣପଡା ଓ ବନ୍ଧପଡା ମିଳିତ ଉଦ୍ୟମରେ ଏହା ଆୟୋଜିତ ହୋଇଥିଲା। ପଣ୍ଡିତ ଶାଶ୍ୱତ କୁମାର ବଡପଣ୍ଡାଙ୍କ ପୌରୋହିତ୍ୟରେ ମିନୁ ପ୍ରଧାନ ଓ ଅଶ୍ୱିନୀ ପ୍ରଧାନ କର୍ତ୍ତା ଦାୟିତ୍ୱ ବହନ କରିଥିଲେ। ସଭାପତି ଦିଲୀପ ପଣ୍ଡା, ସରପଞ୍ଚ ଅୟସକାନ୍ତ ବଡପଣ୍ଡା, ବିଶ୍ୱଜିତ ମାଝି, ସୁରେଖା ସାହୁ ପରିଚାଳନା ଦାୟିତ୍ୱ ନେଇଥିଲେ।

ବେଆଇନ ଇଟାଭାଟି ଉପରେ ଚଢ଼ାଉ

ଦେଓଗାଁ, ୧୬।୩(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ତହସିଲ ଅଞ୍ଚଳରେ ଅନେକ ବେଆଇନ ଇଟାଭାଟି ଗଢ଼ିଉଠିଛି। ବେପାରୀ ମାନେ ବେଆଇନ ମାଟି ଖନନ କରି ଇଟାଭାଟି ଚଲାଇଛନ୍ତି। ଏନେଇ ୧୫ତାରିଖରେ ଧରିତ୍ରୀରେ ଖବର ପ୍ରକାଶନ ପରେ ଦେଓଗାଁ ତହସିଲ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୁରୁବାର ତହସିଲଦାର ଯୁଗଳ କିଶୋର ବିଶ୍ୱାଳଙ୍କ ନେତୃତ୍ୱରେ ରାଜସ୍ୱ ନିରୀକ୍ଷକ ଅଧିର କୁମାର ନାଏକ ଓ ଅନ୍ୟ କର୍ମଚାରୀ କେତେକ ବେଆଇନ ଇଟାଭାଟିରେ ଚଢ଼ାଉ କରି ଜରିମାନା ଆଦାୟ କରିଛନ୍ତି। ସୂଚନାନୁସାରେ କୁତୁର୍ଲା ସର୍କର ରାମ ମେହେରଙ୍କଠାରୁ ଦଶ ହଜାର, ହରିବନ୍ଧୁ ମେହେରଙ୍କ ଇଟାଭାଟିରୁ ୫୦ହଜାର ଟଙ୍କା ଫାଇନ ଆଦାୟ ହୋଇଥିବା ତହସିଲଦାର ବିଶ୍ୱାଳ ସୂଚନା ଦେଇଛନ୍ତି। ଆଗକୁ ବେଆଇନ ଇଟାଭାଟି ଉପରେ ଚଢ଼ାଉ କରାଯିବ ବୋଲି ତସିଲଦାର ସୂଚନା ଦେଇଛନ୍ତି।

ପର୍ଯ୍ୟଟନ ସ୍ଥଳରେ ଜାତୀୟ ସ୍ତରର ସାଂସ୍କୃତିକ ପର୍ବ

ସମ୍ବଲପୁର, ୧୬।୩(ବ୍ୟୁରୋ)

ପ୍ରସିଦ୍ଧ ହୀରାକୁଦ ପର୍ଯ୍ୟଟନ ସ୍ଥଳରେ ପ୍ରଥମ କରି ମାର୍ଚ୍ଚ ୧୭ ତାରିଖଠାରୁ ହୀରାକୁଦ ମହୋତ୍ସବ ଅନୁଷ୍ଠିତ ହେବ। ପ୍ରଥମଥର ଲାଗି ପଶ୍ଚିମ ଓଡ଼ିଶାରେ ଆୟୋଜିତ ହେବାକୁ ଯାଉଛି ଜାତୀୟ ସ୍ତରର ଏହି ସାଂସ୍କୃତିକ ପର୍ବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଦ୍ୱାରା ଉତ୍ସବ ଆୟୋଜିତ ହେବ। ମାର୍ଚ୍ଚ ୧୯ ତାରିଖ ପର୍ଯ୍ୟନ୍ତ ହୀରାକୁଦ ଜବାହର ଉଦ୍ୟାନଠାରେ ପ୍ରତି ସନ୍ଧ୍ୟା ୭ଟାରୁ ରାତି ୯ଟା ୩୦ ପର୍ଯ୍ୟନ୍ତ ଚାଲିବ। ବିଭିନ୍ନ ନୃତ୍ୟ, ଗୀତ ପରିବେଷଣ କରାଯିବ। ଜିଲା ସଂସ୍କୃତି ପରିଷଦ ସମ୍ବଲପୁର ଓ ସମ୍ବଲପୁର ମହାନଗର ନିଗମ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଉଛି। ସର୍ବଭାରତୀୟ ସ୍ତରରେ ସ୍ୱୀକୃତି ପାଇଥିବା ବିଶିଷ୍ଟ କଳାକାର, ଶିଳ୍ପୀ ଏଥିରେ ସାମିଲ ହେବେ ବୋଲି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ଅନନ୍ୟା ଦାସ ସୂଚନା ଦେଇଥିଲେ। ଓଡ଼ିଶା ସଂଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ଓ ମହାନଗର ନିଗମ କମିଶନର ପ୍ରଦୀପ କୁମାର ସାହୁ ଉପସ୍ଥିତ ଥିଲେ।

ଖବରଦାତା ସମ୍ମିଳନୀରେ ଜିଲାପାଳ ଓ ଅନ୍ୟମାନେ ।

ସେମାନେ ଆହୁରି କହିଥିଲେ, ୧୭ ତାରିଖ ପ୍ରଥମ ସନ୍ଧ୍ୟାରେ କୋଲକାତାର ଶର୍ମିଳା ବିଶ୍ୱାସଙ୍କ ଗ୍ରୁପ ଓଡ଼ିଶୀ ନୃତ୍ୟ, ଚେନ୍ନାଇର ରମା ବୈଦ୍ୟନାଥନ ଗ୍ରୁପ ଭାରତନାଟ୍ୟମ ନୃତ୍ୟ, ସମ୍ବଲପୁରର ରଞ୍ଜନ କୁମାର ସାହୁ ଓ ଗ୍ରୁପ ସମ୍ବଲପୁରୀ ଲୋକନୃତ୍ୟ ଓ ସଂଗୀତ, ନୂଆଦିଲ୍ଲୀର ଅନୁପ ରଞ୍ଜନ ପାଣ୍ଡେ ଓ ସାଥୀ ଲୋକ ନୃତ୍ୟ (ବସ୍ତର ବ୍ୟାଣ୍ଡ) ଏବଂ ରାୟଗଡାର

୧୭ରୁ ପ୍ରଥମ ହୀରାକୁଦ ମହୋତ୍ସବ

ଜେ. ସୁକାନ୍ତ ଓ ସାଥୀ ଲୋକ ନୃତ୍ୟ ପ୍ରଦର୍ଶନ କରିବେ। ୧୮ ତାରିଖରେ ପୁନେର ଶାମା ଭଟେ ଓ ସାଥୀ କଥକ ନୃତ୍ୟ, କଟକର ଜ୍ୟୋତ୍ସ୍ନା ସାହୁ ଓ ସାଥୀ ଓଡିଶୀ ନୃତ୍ୟ, ବଲାଙ୍ଗୀରର ବାସୁଦେବ ସା ଓ ଗ୍ରୁପ ଲୋକ ନୃତ୍ୟ, ଖେମୁଣ୍ଡି ଲୋକ କଳା ଏକାଡେମୀ ଗଞ୍ଜାମର ଏସ. କ୍ଷୀରୋଦ ଦୋରା ଓ ଗ୍ରୁପର ଲୋକନୃତ୍ୟ, ଝାଡ଼ଖଣ୍ଡର ସଞ୍ଜୟ ଶର୍ମା ଓ ସାଥୀ କଳାକାରଙ୍କ ଦ୍ୱାରା ଲୋକନୃତ୍ୟ ପରିବେଷଣ କରାଯିବ। ସେହିପରି ୧୯ ତାରିଖ ଅନ୍ତିମ ସନ୍ଧ୍ୟାରେ ରୁଦ୍ରାକ୍ଷ ଫାଉଣ୍ଡେଶନ ପକ୍ଷରୁ ବିଚିତ୍ରାନନ୍ଦ ସ୍ୱାଇଁ ଓ ଗ୍ରୁପ ଦ୍ୱାରା ଓଡ଼ିଶୀ ନୃତ୍ୟ, ଅଞ୍ଜଳି ସୋସାଇଟି କୋଲକାତାର ଫର ମଣିପୁରୀ ନୃତ୍ୟ ଓ ମୁଭ ଥେରାପି କୋଲକାତା ପକ୍ଷରୁ ପ୍ରୀତି ପଟେଲ ଓ ସାଥୀ କଳାକାର ଦ୍ୱାରା ମଣିପୁରୀ, ବରଗଡର ମା' ସମଲେଶ୍ୱରୀ ନୁପୁରକଳା ପରିଷଦ ପକ୍ଷରୁ ରବୀନ୍ଦ୍ର ବାଗ ଓ ସାଥୀଙ୍କ ଦ୍ୱାରା ଲୋକନୃତ୍ୟ, ହଜାଗିରି ତ୍ରିପୁରାର ପରିମଲ ଦେବବର୍ମା ଓ ସାଥୀ ପରିବେଷଣ କରିବେ ଲୋକ ନୃତ୍ୟ ଏବଂ ମାଲକାନଗିରିର ବିକାଶ କୁମାର ମିଶ୍ର ଓ ସାଥୀଙ୍କ ଦ୍ୱାରା ଲୋକନୃତ୍ୟ (ମାର୍ଶାଲ ଆର୍ଟ) କଳା ପ୍ରଦର୍ଶନ କରିବେ। ଏହାର ସିଧା ପ୍ରସାରଣ ଡ଼ିଡ଼ି ଭାରତୀରେ କରାଯିବ। ଏକାଡେମୀ ସଚିବ କହିଛନ୍ତି ଯେ, କୋଣାର୍କ ଭଳି ଏହା ଏକ ଜାତୀୟ ସ୍ତରର ଉତ୍ସବ। ଦର୍ଶକ ଆସି କାର୍ଯ୍ୟକ୍ରମକୁ ଭରପୂର ଉପଭୋଗ କରିବାକୁ ସେ କହିଥିଲେ।

ଜିଏମ୍‌ୟୁ ବାଣିଜ୍ୟ ବିଭାଗରେ ବିବିଧ ପ୍ରତିଯୋଗିତା

ସମ୍ବଲପୁର, ୧୬।୩(ବ୍ୟୁରୋ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ତରଫରୁ ଅଧ୍ୟାପନା ପ୍ରକୋଷ୍ଠ-୧୦ାରେ ବାର୍ଷିକ ଉତ୍ସବ ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଏନ୍ ନାଗାରାଜୁ ଅଧ୍ୟକ୍ଷତା କରିଥିଲେ। କୁଳସଚିବ ଯୁଗଲେଶ୍ୱରୀ ଦାସ, ଉପକୁଳସଚିବ ଡ. ଉମାଚରଣ ପତି, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ଦାସ, ବାଣିଜ୍ୟ ବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ଡ. ଶ୍ୟାମାଚରଣ ଆଚାର୍ଯ୍ୟ ଓ ଭୀମ ଭୋଇ ଗବେଷଣା କେନ୍ଦ୍ରର ଡ. ପ୍ରଦୀପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବାଣିଜ୍ୟ କୁଇଜ୍, କବିତା ଆବୃତ୍ତି, ରଙ୍ଗୋଲି ଓ ମେହେନ୍ଦି ଆଦି ପ୍ରତିଯୋଗିତା ହୋଇଥିଲା। କବିତା ଆବୃତ୍ତି ପ୍ରତିଯୋଗିତାରେ ବିଚାରକ ଭାବେ ଓଡ଼ିଆ ବିଭାଗୀୟ ମୁଖ୍ୟ ପ୍ରଫେସର ଲକ୍ଷ୍ମୀପ୍ରିୟା ବେହେରା, ଡ଼. ସୁନେଲି ଦେଈ, ସନତ ସାହୁ, ତଫଜୁଲ ହୁସେନ୍ ଯୋଗଦେଇଥିଲେ।

ଟିପିଡବ୍ଲ୍ୟୁଓଡିଏଲ୍ ଅଧୀକ୍ଷଣ ଯନ୍ତ୍ରୀଙ୍କ ଅଫିସ ଘେରିଲା ଭାଜପା

ସମ୍ବଲପୁର, ୧୬।୩(ବ୍ୟୁରୋ)

ସମ୍ବଲପୁର ଅଇଁଠାପାଲି ଛକରେ ଥିବା ଟିପିଡବ୍ଲ୍ୟୁଓଡିଏଲ୍ ଅଧୀକ୍ଷଣ ଯନ୍ତ୍ରୀଙ୍କ ଅଫିସକୁ ଗୁରୁବାର ଜିଲା ଭାଜପା ପକ୍ଷରୁ ଘେରାଉ କରାଯାଇଛି। ଆନ୍ଦୋଳନରତ ଦଳୀୟ କର୍ମକର୍ତ୍ତା ଦର୍ଶାଇଥିଲେ, ଉପଭୋକ୍ତାଙ୍କୁ ବକେୟା ବିଲ୍ ଦେବା ପାଇଁ କର୍ମଚାରୀମାନେ ବାଧ କରିବା ସହ ଦୁର୍ବ୍ୟବହାର କରୁଛନ୍ତି। ମାଟ୍ରିକ ପରୀକ୍ଷା ସମୟରେ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଉଛି। ଯଦି କେହି ବ୍ୟକ୍ତି ରାଜି ନ ହେଲେ ତାଙ୍କୁ ଧମକ ଦିଆଯାଉଛି। ମନ୍ଦିର, କ୍ଲବ ଭଳି ସାମାଜିକ ଓ ଧାର୍ମିକ ଅନୁଷ୍ଠାନରେ ମଧ୍ୟ ସଂଯୋଗ କାଟି ଦିଆଯାଉଛି। ଟିପିଡବ୍ଲ୍ୟୁଓଡିଏଲ୍ ପରିଚାଳନା ଦାୟିତ୍ୱ ନେବା ପୂର୍ବରୁ ବକେୟା ବିଲ୍ ଛାଡ କରାଯିବ, ବୟେକାକୁ କିସ୍ତିରେ ଆଦାୟ କରିବା ଭଳି ଦାବି ରହିଥିଲା। ପ୍ରତ୍ୟେକ ଅଞ୍ଚଳର ଗ୍ରାହକଙ୍କୁ ନେଇ ଏକ କମିଟି ଗଠନ କରି କିଭଳି ସୁଚାରୁରୂପେ ବିଲ ଆଦାୟ ହୋଇପାରିବ ସେ ନେଇ

ଭାଜପା ପକ୍ଷରୁ ଟିପିଡବ୍ଲ୍ୟୁଓଡିଏଲ୍ ଅଫିସ ଘେରାଉ କରାଯାଉଛି ।

ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଦାବି କରିଥିଲେ। ଭାଜପା ଜିଲା ସଭାପତି ଗିରିଷ ପଟେଲଙ୍କ ନେତୃତ୍ୱରେ ମଣ୍ଡଳ ସଭାପତି ଓ ଯୁବ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ। ଏ ସମ୍ପର୍କରେ ଅଧୀକ୍ଷଣ ଯନ୍ତ୍ରୀ ଇଂ. ସଞ୍ଜିତ ନାୟକ କହିଛନ୍ତ, ଉପଭୋକ୍ତାଙ୍କ ପାଇଁ ବକେୟା ବିଲ ଦେବାକୁ ଓଟିଏସ୍ ସୁବିଧା କରାଯାଇଛି। ୩୦ ପ୍ରତିଶତ ରିହାତି

ବକେୟା ବିଲ୍ ଛାଡ, କର୍ମଚାରୀଙ୍କ ବ୍ୟବହାର ପରିବର୍ତ୍ତନ ଦାବି

ରହିଛି। ଏହା ସହ କିସ୍ତିର ବ୍ୟବସ୍ଥା ରହିଛି। ଅନ୍ୟପଟେ ଯଦି କୌଣସି କର୍ମଚାରୀ ଦୁର୍ବ୍ୟବହାର କରୁଛନ୍ତି ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଉପଭୋକ୍ତା ମଧ୍ୟ କର୍ମଚାରୀମାନଙ୍କୁ ସହଯୋଗ କରନ୍ତୁ। ଯାହାର ସମସ୍ୟା ରହିଛି ଅଫିସ ସହିତ ଯୋଗଯୋଗ କରିବା ଆବଶ୍ୟକ। ଦେଖିବାକୁ ଗଲେ କେବଳ ସମ୍ବଲପୁର ମହାନଗର ନିଗମ ଅଧୀନରେ ପ୍ରାୟ ୬ ଶହ କୋଟି ଟଙ୍କା ବକେୟା ବିଦ୍ୟୁତ ବିଲ୍ ରହିଛି। ସରକାରଙ୍କ ନିୟମ ଅନୁସାରେ ବିଲ୍ ସଂଗ୍ରହ କରାଯାଉଛି ବୋଲି କହିଥିଲେ।

ମୌଳିକ ସମସ୍ୟା ସମାଧାନ ଦାବିରେ ଭାଜପାର ଆନ୍ଦୋଳନ

ବ୍ରଜରାଜନଗର, ୧୬।୩ (ଡି.ଏନ.ଏ.)

ଅଞ୍ଚଳବାସୀଙ୍କୁ ମୌଳିକ ସୁବିଧା ପ୍ରଦାନ ଦାବିରେ ଗୁରୁବାର ଝାରସୁଗୁଡ଼ା ଭାଜପା ପକ୍ଷରୁ ପୌର କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପୂର୍ବରୁ ସହରର ପିଡବ୍ଲ୍ୟୁଡ଼ି ବଙ୍ଗଳାଠାରୁ ଏକ ଶୋଭାଯାତ୍ରା ବାହାରି ମଙ୍ଗଳ ବଜାରସ୍ଥିତ ପୌର କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାରେ ସାହସ୍ରାଧିକ ଦଳୀୟ କର୍ମୀ ଯୋଗଦେଇଥିଲେ। ୧୨ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପୌର ନିର୍ବାହୀ ଅଧିକାରୀଙ୍କୁ ଦିଆଯାଇଥିଲା। ପ୍ରମୁଖ ଦାବି ମଧ୍ୟରେ ରାସ୍ତାଘାଟ ମରାମତି, ଆଲୋକ ବ୍ୟବସ୍ଥା, ପିଇବାପାଣି ବ୍ୟବସ୍ଥା, ଡ୍ରେନ୍ ସଫେଇ, ଗରିବ ଲୋକଙ୍କୁ ରାଶନ କାର୍ଡ ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ଘର ପ୍ରଦାନ, ଭୂମିହୀନଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ ଆଦି ଅନ୍ୟତମ। ଜିଲା ପ୍ରଶାସନ ତୁରନ୍ତ ଦାବି ପୂରଣ ଦିଗରେ ପଦକ୍ଷେପ ନ ନେଲେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ଦଳର ରାଜ୍ୟ ସାଧାରଣ ସମ୍ପାଦକ ଟଙ୍କାଧର ତ୍ରିପାଠୀ ଘୋଷଣା କରିଥିଲେ।

ଶୋଭାଯାତ୍ରାରେ ଦଳୀୟ ନେତା ଓ କର୍ମୀ।

ଦ୍ୱିତୀୟ ଦିନରେ ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ ଆନ୍ଦୋଳନ

କୁଚିଣ୍ଡା ଓ ଯୁଯୁମୁରା ବ୍ଲକ ଅଞ୍ଚଳରେ ଆନ୍ଦୋଳନରେ ସାମିଲ ହୋଇଥିବା ଡ୍ରାଇଭରମାନେ।

କୁଚିଣ୍ଡା/ପଡିଆବାହାଲ, ୧୫।୩ (ଡି.ଏନ.ଏ.)

ଓଡ଼ିଶା ଡ୍ରାଇଭର ମହାସଂଘ ଡାକରାରେ ଚାଲିଥିବା ଷ୍ଟିୟରିଂ ଛାଡ ଆନ୍ଦୋଳନ ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ୧୦ଦଫା ଦାବି ନେଇ କୁଚିଣ୍ଡା ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ୪୯ନଂ. ଜାତୀୟ ରାଜପଥର ବାଇପାସ୍ ରୋଡ୍ ପେଟ୍ରୋଲ ପମ୍ପ ଛକ ଠାରେ ଆନ୍ଦୋଳନ ଜାରି ରହିଛି। ସମସ୍ତ ଗାଡ଼ିମୋଟର ଚଳାଚଳ ବନ୍ଦ ରହିଥିବାରୁ ଯାତ୍ରୀ ମାନେ ଦୁର୍ଦ୍ଦଶା ଭୋଗୁଛନ୍ତି। ଆନ୍ଦୋଳନରେ ପୂର୍ବତନ ବିଧାୟକ ରବିନାରାୟଣ ନାଏକ ସାମିଲ ହୋଇ ଡ୍ରାଇଭରଙ୍କ ଦାବି ଉପରେ ରାଜ୍ୟ ସରକାର ତୁରନ୍ତ ସମାଧାନ କରିବାକୁ ନିବେଦନ କରିଛନ୍ତି। ସରକାର ପଦକ୍ଷେପ ନ ନେଲେ ଆନ୍ଦୋଳନରେ ପରିବାରକୁ ସାମିଲ କରିବାକୁ ଡ୍ରାଇଭର ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ଓଡ଼ିଶା ଡ୍ରାଇଭର ମହାସଂଘ ଆହ୍ୱାନକ୍ରମେ ଯୁଯୁମୁରା ବ୍ଲକ ଶାଖା ଡ୍ରାଇଭରମାନେ ଜୟନ୍ତପୁର ଛକଠାରେ ଆନ୍ଦାଳନ ଚଳାଇଛନ୍ତି। ସଂଘ ସଦସ୍ୟମାନେ ପିକେଟିଂ କରି ଯାନବାହାନ ଅଟକ ରଖିବା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଅତ୍ୟାବଶ୍ୟକ ସେବାନେ ନିୟୋଜିତ ଗାଡିଗୁଡିକୁ ଏଥିରୁ ବାଦ୍ ଦିଆଯାଇଥିଲା। ପରୀକ୍ଷାର୍ଥୀ ନିଜ ସୁବିଧାରେ ଘରୋଇ ଯାନ, ମୋଟରସାଇକେଲ, ସ୍କୁଟି ଆଦିରେ ଯାତାୟାତ କରିଥିଲେ। ଆନ୍ଦୋଳନରେ ବ୍ଲକର ୧୮ ପଞ୍ଚାୟତର ଶତାଧିକ ଡ୍ରାଇଭର ସାମିଲ ହୋଇଛନ୍ତି। ଏହା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସଭାପତି ରମଣୀ କୁମାର, ବୁଦ୍ଧଦେବ ମେହେର, ବିସିକେଶନ କୁମୁରା, ସୁଶାନ୍ତ ବେହେରା ମୁନୁ ମିର୍ଦ୍ଧା, ଅଶୋକ ବୁଦ୍ଧିଆ ପ୍ରମୁଖ ଜଣାଇଛନ୍ତି।

ଆଇନ ମହାବିଦ୍ୟାଳୟରେ ଖାଉଟି ଦିବସ

ସମ୍ବଲପୁର, ୧୬।୩(ବ୍ୟୁରୋ)

ସମ୍ବଲପୁର ଆଇନ କଲେଜରେ ଖାଉଟି ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟାନନ୍ଦ ବେହେରା ଅଧ୍ୟକ୍ଷତା କରିଥିଲେ। ଆଇନ ବିଭାଗ ପ୍ରଫେସର ସୁଧାଂଶୁ ରଞ୍ଜନ ମହାପାତ୍ର ମୁଖ୍ୟଅତିଥି ଓ ଡ. ଇନ୍ଦୁଭୂଷଣ ମହାପାତ୍ର, ଡ. ଶ୍ରୀକାନ୍ତ ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଜାତିସଂଘ ଦ୍ୱାରା ଜାରି ହୋଇଥିବା ୟୁଡିଏଚ୍‌ଆର୍‌କୁ ପାଥେୟ କରି ସମ୍ବିଧାନ ପ୍ରଣେତା ଖାଉଟି ସୁରକ୍ଷାକୁ ଏକ ମୌଳିକ ଅଧିକାର ରୂପେ ସ୍ଥାନ ଦେଇଛନ୍ତି। ଜନସାଧାରଣଙ୍କ ନିରକ୍ଷରତା ଓ ସରଳତା ଯୋଗୁ ସେମାନେ ଶୋଷଣର ଶିକାର ହୋଇଥାନ୍ତି। ଖାଉଟି ସୁରକ୍ଷା ପାଇଁ ସାମ୍ପ୍ରତିକ ଆଇନ ବ୍ୟବସ୍ଥା କଠୋର ଥିଲେ ମଧ୍ୟ ଗ୍ରାହକ ସଚେତନତା ଅଭାବରୁ ବିକ୍ରେତାଙ୍କ ସ୍ୱେଚ୍ଛାଚାରିତା ବଢିଚାଲିଛି। ଏହାକୁ ରୋକିବା ପାଇଁ ସାମାଜିକ ସଙ୍ଗଠନ ଆଗେଇ ଆସିବା ଆବଶ୍ୟକ। ୨୦୧୯ରେ ପ୍ରଣୀତ ଖାଉଟି ସୁରକ୍ଷା ଆଇନରେ ଇ-ଫାଇଲିଂ ବ୍ୟବସ୍ଥା ସ୍ୱାଗତଯୋଗ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସହକାରୀ ପ୍ରଫେସର ଲକ୍ଷ୍ମୀକାନ୍ତ ଦାସ ଅତିଥି ପରିଚୟ ଓ ଅନ୍ୟତମ ସହକାରୀ ପ୍ରଫେସର ଅଙ୍କିତ ସୌରଭ ସାହୁ ଧନ୍ୟବାଦ ଦେଇଥିଲେ।

ଶିକ୍ଷା ସମାଜ ବିକାଶର ଅବିଚ୍ଛେଦ୍ୟ ଅଙ୍ଗ

କୋଲାବିରା, ୧୬।୩(ଡି.ଏନ.ଏ.)

କୋଲାବିରା ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟର ୩୦ତମ ବାର୍ଷିକ ଉତ୍ସବ ଅଧ୍ୟକ୍ଷ ସୁଶିଲ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବେଦାନ୍ତ କମ୍ପାନୀର ସାମାଜିକ ଦାୟିତ୍ୱ ଅଧିକାରୀ ସୁଭାଶିଷ ଦାସ ମୁଖ୍ୟଅତିଥି ଓ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଘୁରାମ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଲୋକକବି ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷା ସମାଜ ବିକାଶର ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ। ଅଧ୍ୟାପକ ଡ. ନରେଶ ସାହୁ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଅଧ୍ୟାପକ ନୃପରାଜ ଭୋଇ, ଲବ ପଧାନ, ସୁମନ୍ତ ପଟେଲ, ରୋହିତ ଖରସେଲ, ସରିତା ବେହେରା, ସସ୍ମିତା ବେହେରା, ଋତୁପର୍ଣ୍ଣା ଧୁରୁଆ ପରିଚାଳନରେ ସହଯୋଗ କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଗତ ଶିକ୍ଷାବର୍ଷରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଇତିହାସ ବିଭାଗ ଅଧ୍ୟାପକ ସରୋଜ କୁମାର ପଟେଲଙ୍କ ସଂଯୋଜନାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପିକା ସନ୍ଧ୍ୟାରାଣୀ ପୂଜାରୀ ଧନ୍ୟବାଦ ଦେଇଥିଲେ।

ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ବସ୍ ପାଇଁ କୋହଳ, ଗଡ଼ିବ ନାହିଁ ପରିବହନ ଯାନ

ଆଲୋଚନା ବେଳେ କିଛି ସର୍ତ୍ତ ମାନିଲା ସଂଘ

**ସମ୍ବଲପୁର

କଳାହାଣ୍ଡି ଡ୍ୟାନ୍ସ ଚାମ୍ପିୟନଶିପ୍ ଶୋ ପାଇଁ ପ୍ରସ୍ତୁତି

ଭବାନୀପାଟଣା,(ସ୍ୱ.ପ୍ର.): ଆସନ୍ତା ୨୫ ତାରିଖ ଗୋଟିଏ ଦିନ ପାଇଁ ଭବାନୀପାଟଣାସ୍ଥିତ ଟାଉନ ହଲଠାରେ ଜାତୀୟସ୍ତରୀୟ ଡାନ୍ସ ଟାଲେଣ୍ଟ ଶୋ କଳାହାଣ୍ଡି ଡ୍ୟାନ୍ସ ଚାମ୍ପିୟନଶିପ ଅନୁଷ୍ଠିତ ହେବ । ଏଥିପାଇଁ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର କଳାହାଣ୍ଡି ଡ୍ୟାନ୍ସ ଚାମ୍ପିୟନ ସଭାପତି ସଚିନ ନାଏକ, ସଜନ ନାଏକ, କୁମୁଦ ଚନ୍ଦନ, ସୁନିଲ ନାଏକ ପ୍ରମୁଖ ଡ୍ୟାନ୍ସ ଟିମର ସଦସ୍ୟମାନେ ଉପସ୍ଥିତ ଥିଲେ। ସେହିପରି ୨୫ ତାରିଖ ବିଶିଷ୍ଟ ଡ୍ୟାନ୍ସ କୋରିଓଗ୍ରଫର୍ ହରିହର ଦାଶ କାର୍ଯ୍ୟକ୍ରମରେ ଯୋଗଦାନ କରିବାକୁ ଥିବାବେଳେ ରାଜ୍ୟ ତଥା ରାଜ୍ୟ ବାହାରୁ ଡ୍ୟାନ୍ସର ତଥା ଡ୍ୟାନ୍ସ ଗ୍ରୁପ ଯୋଗଦେବେ।

ସଂକ୍ଷେପରେ

ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କର୍ମଶାଳା

ଖଡ଼ିଆଳ,୧୬।୩(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ସଭାଗୃହଠାରେ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦଙ୍କ ଅଧକ୍ଷତାର ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିରସେନ ବେହେରା, ବ୍ଲକ ସମ୍ପ୍ରସାରଣ ଅଧିକାରୀ କ୍ଷଣପ୍ରଭା ପାଣିଗ୍ରାହୀ, ସିଡିପିଓ ମୀନାକୁମାରୀ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଖଡ଼ିଆଳ ବ୍ଲକର ସମସ୍ତ ସରପଞ୍ଚମାନଙ୍କୁ ନେଇ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ପିତୃମାତୃ ହିନ, ଅବହେଳିତ ଶିଶୁ, ଶିଶୁମାନଙ୍କ ଥଇଥାନ, ଯଥା ଶିକ୍ଷା ସ୍ୱାସ୍ଥ୍ୟ ଏବଂ ପୃଷ୍ଟିକର ଖାଦ୍ୟ କିପରି ଠିକ ଭାବେ ଦିଆ ଯାଇପାରିବ ସେ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। କର୍ମଶାଳାରେ ଶିଶୁମାନଙ୍କୁ ଠିକ ଭାବେ ଯତ୍ନ ଏବଂ ସୁରକ୍ଷା କିପରି ନେବେ ସେ ନେଇ ସମସ୍ତ ସରପଞ୍ଚ ଓ କର୍ମଚାରୀମାନେ ସପଥ ପାଠ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀନିବାସ ବେହେରା ଧନ୍ୟବାଦ ଦେଇଥିଲେ।

ଜିଆର୍‌ଏସ୍‌ଙ୍କ ବିୟୋଗରେ ଶୋକସଭା

ସିନାପାଲି,୧୬।୩(ଡି.ଏନ.ଏ.): ନୂଆପଡ଼ା ଜିଲା ସିନାପାଲି ବ୍ଲକରେ କାର୍ଯ୍ୟରତ ଜିଆର୍‌ଏସ୍ ଜୟପ୍ରକାଶ ଦଣ୍ଡସେନା (୩୮)ଙ୍କ ବିୟୋଗରେ ବ୍ଲକ ସଭାଗୃହଠାରେ ବିଡିଓ ସର୍ବେଶ୍ୱର ଜାଲଙ୍କ ସଭାପତିତ୍ୱରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଜିଆରଏସ ରୁପେଶଚନ୍ଦ୍ର ମେହେର ସଭା ପରିଚାଳନା କରିଥିଲେ। ସ୍ୱର୍ଗତ ଦଣ୍ଡସେନାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସଭାରେ ଜାଲଙ୍କ ସମେତ ଏଇ ହେମନ୍ତ ଖମାରି, ଏପିଓ ଭର୍ନିତା ବିଶ୍ୱାଳ, ବିପିଏମ ସରତ ଚନ୍ଦ୍ର ଦୀପ, ଜିପିଇଓ ପ୍ରେମଲାଲ ନାଏକ, ପିଇଓ ଶସ୍ମିତା ବେହେରା, ସୁରନଂଜ ହୋତା, ଜିଆରଏସ ଲିଙ୍ଗରାଜ ମେହେର, ସହସ୍ରାଂଶୁ ଯୋଶୀ, ନିବେଦିତା ପାଢ଼ୀ, ତୁଲସୀ ମେହେର, ପବିତ୍ର କସିଅପ, ଦେବରାଜ ମାଝି, ପୀତାମ୍ବର ଜୁଆଡ, ସନ୍ଦୀପ ପାଣିଗ୍ରାହୀ ସମେତ ବ୍ଲକର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

କଳାହାଣ୍ଡି ଜିଲା ମ.ରାମପୁର ଡ୍ରାଇଭର ସଂଘ ପକ୍ଷରୁ ଆନ୍ଦୋଳନ କରାଯାଉଛି।

ଅତ୍ୟାବଶ୍ୟକ ଜିନିଷ ମିଳୁନାହିଁ, ଯାତ୍ରୀ ହଇରାଣ

ଭବାନୀପାଟଣା/ମ.ରାମପୁର/ଲାଞ୍ଜିଗଡ଼, ୧୬।୩(ସ୍ୱ.ପ୍ର/ଡି.ଏନ.ଏ.)

ଓଡ଼ିଶା ଡ୍ରାଇଭର ଏକତା ମହାମଞ୍ଚ ପକ୍ଷରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନର ପ୍ରଭାବ ଗୁରୁବାର ୨ୟ ଦିନରେ କଳାହାଣ୍ଡି ଜିଲାର ସାଧାରଣ ଜନତାଙ୍କ ଉପରେ ପଡୁଛି। କ୍ଷୀର, ପନିପରିବା, ଖାଇବା ସାମଗ୍ରୀ ଇତ୍ୟାଦି ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚି ପାରୁନାହିଁ। ଲାଞ୍ଜିଗଡ ଅଞ୍ଚଳରେ ରୋଗୀ ଏବଂ ଛୋଟ ଛୁଆଙ୍କ ପାଇଁ କ୍ଷୀର ମିଳିବା କଷ୍ଟକର ହେଇପଡିଛି। ବସ ଚଳାଚଳ ବନ୍ଦ ଯୋଗୁ ଯାତ୍ରୀମାନଙ୍କୁ ହଇରାଣ ହେବାକୁ ପଡୁଛି। ୨ୟ ଦିନରେ କଳାହାଣ୍ଡି ଡ୍ରାଇଭର ମହାସଂଘ ପକ୍ଷରୁ ଜିଲାର ଭବାନୀପାଟଣା, ଜୁନାଗଡ଼, ଧର୍ମଗଡ଼, ମ.ରାମପୁର, କେସିଙ୍ଗା, ମୋଟେର ଆଦି ୨୬ ନମ୍ବର ଜାତୀୟ ରାଜପଥ ସମେତ ୫୯ ନଂ. ରାଜ୍ୟ ରାଜପଥର ଷ୍ଟିୟରିଂ ଛାଡ ଆନ୍ଦୋଳନ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଜୁନାଗଡ଼ ଡ୍ରାଇଭର ସଂଘ ଆନ୍ଦୋଳନକୁ ସମର୍ଥନ ଜଣାଇ ଧାରଣାରେ ବସିଥିଲେ ସ୍ଥାନୀୟ ନଗରପାଳ ମୁକେଶ ଅଗ୍ରୱାଲ। ରାଜ୍ୟ ସରକାର ଡ୍ରାଇଭରମାନଙ୍କ ଏହି ନ୍ୟାର୍‌ୟଯ ଦାବିକୁ ଅତିଶୀଘ୍ର ପୂରଣ କରିବାକୁ ସେ ଦାବି କରିଛନ୍ତି। ବିଶେଷ କରି ଡ୍ରାଇଭରଙ୍କୁ ସାମାଜିକ ସୁରକ୍ଷା, ପେନସନ ବ୍ୟବସ୍ଥା, ଦୁର୍ଘଟଣା ଜନିତ କ୍ଷତିପୂରଣ, ଗାଡି ରହଣି ସ୍ଥଳରେ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବା ଭଳି ଅନେକ ସମସ୍ୟା ନେଇ ଦାବି ଆଜି ପର୍ଯ୍ୟନ୍ତ ପୂରଣ ହୋଇପାରିନାହିଁ। ଏହାକୁ ନେଇ ପୁଣି ଥରେ ଅର୍ନିଦ୍ଦିଷ୍ଟକାଳ ପାଇଁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଗାଡି ଚାଳକ। ଭବାନୀପାଟଣା ନିକଟ ବାଦଳି ଛକ, ଜୁନାଗଡ଼ ହାତୀନଦୀ, ଧର୍ମଗଡ଼ ଚାରିଛକ ନିକଟରେ ଡ୍ରାଇଭର ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ରାଜ୍ୟ ସରକାର ୧୦ ଦଫା ଦାବି ନ ଶୁଣିଲା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ମ.ରାମପୁର ଗାଡି ଚାଳକ ମହାସଂଘ ପକ୍ଷରୁ ମ.ରାମପୁରଠାରେ ଦିନତମାମ ରାସ୍ତା ଅବରୋଧ କରାଯାଇଛି। ବ୍ଲକ ସଭାପତି ବିଶ୍ୱରନ ମାହାର, ସମ୍ପାଦକ ସ୍ୱାଗତ ମହାନ୍ତି, ଉପସଭାପତି ତରୁଣ ହାତୀ, ସହସମ୍ପାଦକ ଶିବ ନାହାକ, କୋଷାଧକ୍ଷ ଭବାନୀ ବିଶି ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଗାଡିଚାଳକ ଆନ୍ଦୋଳନରେ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ପାଇଁ ସ୍ଥାନୀୟ ପୋଲିସ ମୁତୟନ କରାଯାଇଛି। ମ.ରାମପୁର ସହରର ଶାସକଦଳର ନେତା ପୁଷ୍ପେନ୍ଦ୍ର ସିଂଦେଓ, ଜିଲା ପରିଷଦ ଅଧକ୍ଷ ଏବଂ ବ୍ଲକ ଅଧକ୍ଷା ରହିଛନ୍ତି। ଲାଞ୍ଜିଗଡ ବ୍ଲକ ଡ୍ରାଇଭର ମହାସଂଘ ସଭାପତି ଟଙ୍କଧର ଗୌଡ଼ଙ୍କ ନେତୃତ୍ୱରେ ଉପସଭାପତି ହର ପ୍ରସାଦ ଗୌଡ଼, ସମ୍ପାଦକ ଅକ୍ଷୟ ଦୋରା, ଉପସମ୍ପାଦକ ସୁଶୀଲ କୁମାର ଜାଲ, କୋଷାଧକ୍ଷ ଅଶ୍ୱିନୀ ଗୌଡ଼ ସମେତ ଶହ ଶହ ଡ୍ରାଇଭର ଯୋଗଦେଇଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଲାଞ୍ଜିଗଡ଼, ବିଶ୍ୱନାଥପୁର ତଥା ନର୍ଲା ଓ ସିକେରକୁପା ପୋଲିସ ପକ୍ଷରୁ ପରିସ୍ଥିତି ଉପରେ ନଜର ରଖାଯାଇଛି।

ଡ୍ରାଇଭରମାନଙ୍କ ସହ ଜୁନାଗଡ଼ ନଗରପାଳ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

ଦ୍ୱିତୀୟ ଦିନରେ ଡ୍ରାଇଭର ମହାସଂଘର ଆନ୍ଦୋଳନ

■ ସମର୍ଥନ ଜଣାଇ ଧାରଣାରେ ବସିଲେ ଜୁନାଗଡ଼ ନଗରପାଳ

ଆନ୍ଦୋଳନ ପାଇଁ ରାତ୍ରିରେ ବସ୍‌ରେ ଶୋଇଲେ ଯାତ୍ରୀ

ଖଡ଼ିଆଳ,୧୬।୩(ଡି.ଏନ.ଏ.)

ଡ୍ରାଇଭରଙ୍କ ଅନିର୍ଦ୍ଦିଷ୍ଟକାଳ ଆନ୍ଦୋଳନ ଯୋଗୁ ପ୍ରଥମ ଦିନ ହିଁ ରାଜ୍ୟର ପରିବହନ ସେବା ଅନେକାଂଶରେ ଠପ୍ ହୋଇଯାଇଛି। ଫଳରେ ଅନେକ ସ୍ଥାନରେ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏହିକ୍ରମରେ ନୂଆପଡା ଜିଲା ଖଡିଆଳଠାରେ ଛତିଶଗଡର ରାୟପୁରରୁ ବ୍ରହ୍ମପୁରକୁ ଯାଉଥିବା ଏକ ଘରୋଇ ବସ ରାତିରୁ ଅଟକି ରହିଥିବାରୁ ଯାତ୍ରୀମାନେ ରାତି ସାରା ବସରେ ଶୋଇ ହଇରାଣ ହୋଇଥିବା ପ୍ରକାଶ କରିଛନ୍ତି। ଏହି ଘରୋଇ ବସ ରାୟପୁରରୁ ଯାତ୍ରୀଙ୍କୁ ନେଇ ବ୍ରହ୍ମପୁରକୁ ଦୀର୍ଘ ୬୫୦ କି.ମି. ଯିବାକୁ ଥିବା ବେଳେ ରାୟପୁରରୁ ଆସି ଖଡିଆଳରେ ପହଞ୍ଚିଥିଲା। ବସ ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଦେଇ ଯିବାକୁ ଥିବା ବେଳେ ବଙ୍ଗୋମୁଣ୍ଡା ନିକଟରେ ଡ୍ରାଇଭର ସଂଘ କୌଣସି ଗାଡ଼ିକୁ ଛାଡୁ ନ ଥିବା ଜାଣି କଳାହାଣ୍ଡି ରାସ୍ତା ଦେଇ ଯିବା ପାଇଁ ବୁଝିଥିଲେ। କିନ୍ତୁ ଏହି ରାସ୍ତାର କର୍ଲାପଡ଼ାଠାରେ ମଧ୍ୟ ସଂଘ ଗାଡ଼ିକୁ ଅଟକାଉଥିବା ଜାଣି ବସ ଖଡିଆଳରେ ରାତିରୁ ଅଟକି ରହିଛି। ରାତି ସାରା ହଇରାଣ ହେବା ପରେ ଯାତ୍ରୀମାନେ ବିଭିନ୍ନ ଗାଡ଼ିରେ କଣ୍ଟାବାଞ୍ଜି ଯାଇ ଟ୍ରେନ ଯୋଗେ ନିଜ ଗାଁକୁ ଯାଇଥିବା ବେଳେ ବସ ଏବେ ଖଡିଆଳରେ ଅଟକି ରହିଛି। ବସ କିପରି ଯିବ ସେ ନେଇ କଣ୍ଡକ୍ଟର ଖଡିଆଳ ପୋଲିସ ସହ ବୁଝାବୁଝି କରିଥିଲା। କିନ୍ତି ନୂଆପଡା ଜିଲା ପରେ ଅନ୍ୟ ଜିଲା ଦେଇ ଯିବାକୁ ଥିବା ବସ ଏପର୍ଯ୍ୟନ୍ତ ଯାଇପାରିନାହିଁ।

ଖଡ଼ିଆଳ, ସିନାପାଲିରେ ରାଜ୍ୟସ୍ତରୀୟ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଉ

ଖଡ଼ିଆଳ,୧୬।୩(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ନିର୍ବାଚନ ମଣ୍ଡଳୀରେ ଗମନାଗମନ ମାଧ୍ୟମ କହିଲେ କେବଳ ଏକମାତ୍ର ମାଧ୍ୟମ ବସ ସେବା। ଅନ୍ୟ କୌଣସି ସେବା ଉପଲବ୍ଧ ନାହିଁ। ତେଣୁ ଖଡ଼ିଆଳ ଏବଂ ସିନାପାଲିଠାରେ ରାଜ୍ୟସ୍ତରୀୟ ବସଷ୍ଟାଣ୍ଡ ନିର୍ମାଣ ପାଇଁ ବିଧାନସଭାରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଦାବି କରିଛନ୍ତି। ନିକଟରେ ଏଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଏକ୍ସପ୍ରେସ ୱେ ଉଦଘାଟନ କରିଛନ୍ତି। ତେଣୁ ଖଡ଼ିଆଳ ଏନ୍‌ଏସି ଏବଂ ସିନାପାଲିଠାରେ ୨ଟି ବସଷ୍ଟାଣ୍ଡ ନିର୍ମାଣ କେବେ ହେବ ନେଇ ବିଭାଗୀୟ ମନ୍ତ୍ରୀ ଉତ୍ତର ରଖିଥିଲେ। ଖଡ଼ିଆଳ ବିଧାୟକଙ୍କ ପ୍ରଶ୍ନର ଓଡିଶାରେ ପ୍ରଥମ ପର୍ଯ୍ୟାୟରେ ୫୫ଟି ବସ୍‌ଷ୍ଟାଣ୍ଡ ନିର୍ମାଣ ଲକ୍ଷ୍ୟ ରହିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ୫୦ଟି ବସଷ୍ଟାଣ୍ଡ ହେବା ଲକ୍ଷ୍ୟ ରହିଛି। ଜିଲାପାଳଙ୍କୁ ଜମି ଚିହ୍ନଟ ପାଇଁ ଚିଠି ଲେଖିଥିବା ବେଳେ ଜମି ପ୍ରଦାନ କଲେ ଅଗ୍ରାଧିକାର ଭିତ୍ତିରେ ନିର୍ମାଣ ହେବ ବୋଲି ପରିବହନ ଏବଂ ଗମନାଗମନ ମନ୍ତ୍ରୀ ଉତ୍ତର ରଖିଛନ୍ତି।

ପତ୍ର ସଂଖ୍ୟା 1769 ତା.15.03.2023

ଦୈନିକ ସାପ୍ତାହିକ ବଜାର ନିଲାମ ନୋଟିସ

No.C-2652: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସମ୍ବଲପୁର ମହାନଗର ନିଗମ ଅଧୀନସ୍ଥ ଦୈନିକ ଓ ସାପ୍ତାହିକ ବଜାର ନିମନ୍ତେ ଚଳିତ ବର୍ଷ ୨୦୨୩-୨୦୨୪ ଆର୍ଥିକ ବର୍ଷର ୧ ଏପ୍ରିଲ, ୨୦୨୩ ମାସଠାରୁ ୩୧ ମାର୍ଚ୍ଚ, ୨୦୨୪ ପାଇଁ ଆସନ୍ତା ତା.୨୭.୦୩.୨୦୨୩ ଅପରାହ୍ନ ଘ.୨.୩୦ ମି. ସୁଦ୍ଧା ଟେଣ୍ଡର ଡାକ/କୋରିୟର/ସ୍ପିଡ୍ ପୋଷ୍ଟ ଯୋଗେ ଗ୍ରହଣ କରାଯିବ ଓ ତା.୨୮.୦୩.୨୦୨୩ ପୂର୍ବାହ୍ନ ଘ.୧୧.୩୦ ମି. ସମୟରେ ଟେଣ୍ଡରଧାରୀଙ୍କ ଉପସ୍ଥିତିରେ ଖୋଲାଯିବ । ନିଲାମ ନୋଟିସର ସବିଶେଷ ତଥ୍ୟ ୱେବସାଇଟ୍ (www.smcsambalpur.nic.in) ରେ ଉପଲବ୍ଧ ଅଛି। ଇଚ୍ଛୁକ ବ୍ୟକ୍ତି ପ୍ରଦତ୍ତ ୱେବ୍‌ସାଇଟ ମାଧ୍ୟମରୁ ଆବେଦନ ଫର୍ମ, ନୋଟିସ୍,ସର୍ତ୍ତ ଓ ନିୟମାବଳୀ ଇତ୍ୟାଦି ହାସଲ କରି ନିଲାମରେ ଭାଗ ନେଇପାରିବେ । ଟେଣ୍ଡର ପେପର ଉପଲବ୍ଧ ସମୟ- ତା.୧୫.୦୩.୨୦୨୩ରିଖଠାରୁ ତା.୨୬.୦୩.୨୦୨୩ ରିଖ ଅପରାହ୍ନ ଘ.୫.୩୦ ମି. ପର୍ଯ୍ୟନ୍ତ, ଟେଣ୍ଡର ଫର୍ମ ଡାକ/କୋରିୟର/ସ୍ପିଡ୍ ପୋଷ୍ଟ ଯୋଗେ ଦାଖଲ ସମୟ ତା.୨୭.୦୩.୨୦୨୩ ଅପରାହ୍ନ ଘ.୨.୩୦ ମି. ପର୍ଯ୍ୟନ୍ତ । ଟେଣ୍ଡର ଖୋଲାଯିବା ସମୟ ତା.୨୮.୦୩.୨୦୨୩ ରିଖ ପୂର୍ବାହ୍ନ ଘ.୧୧.୩୦ ।

ସ୍ୱା./-ଆୟୁକ୍ତ,
ସମ୍ବଲପୁର ମହାନଗର ନିଗମ,
ସମ୍ବଲପୁର

OIPR-13122/11/0110/2223

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES No.CAD-5148

OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR

Tender Call Notice No.H.O./P&C/EST-E-1226/02/2016 7626, Dated 13.03.2023

NOTICE INVITING TENDER THROUGH e-Procurement-2nd

Name of the Work: Construction of Internal Road and Drains in Proposed MSME Park (North) at Panchapada, Jharsuguda.
Estimated Cost: Rs.728.28 Lakhs (approx.)
Period of Completion: 05 (Five) Calendar Months
Pre-Bid meeting is to be conducted on dtd.24.03.2023 at 3.30 PM.

Procurement Officer	Bid Identification No.	Availability of Tender online for Bidding	
		From	To
1	2	3	4
Chief General Manager (P&C), IDCO, IDCO Tower, Bhubaneswar	Bid Id No. PC/EST/E-165/2022-23	17.00 hours of 20.03.2023	17.00 hours of 04.04.2023

Further details can be seen from the e-Procurement Portal www.Tendersorissa.gov.in and Corrigendum if any will not be published in newspapers and can only be seen in the e-Procurement portal www.tenderorissa.gov.in. and IDCO website www.idco.in.

Sd./-Chief General Manager (P&C)
IDCO, Bhubaneswar
OIPR-14003/11/0327/2223

ଆମରଣ ଅନଶନରେ ଫରେଷ୍ଟ ଗାର୍ଡ

ଖଡ଼ିଆଳ,୧୬।୩(ଡି.ଏନ.ଏ.)

ନିୟମ ବର୍ହିଭୂତ କାର୍ଯ୍ୟ କରିଛନ୍ତି ବନପାଳ। ଏହାର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରି ଗୁରୁବାର ଆମରଣ ଅନଶନରେ ବସିଛନ୍ତି ଜଣେ ଫରେଷ୍ଟ ଗାର୍ଡ। ଖଡ଼ିଆଳ ବନଖଣ୍ଡରେ କାର୍ଯ୍ୟ କରୁଥିବା ରାଜେଶ ହରିଜନ ଖଡ଼ିଆଳ ଏନ୍‌ଏସି ୩ ନମ୍ବର ୱାର୍ଡର ବାସିନ୍ଦା। ନିଜ ବିଭାଗର ବନପାଳ ଖଗେଶ୍ୱର ମାଝିଙ୍କ ନାମରେ ସରକାରଙ୍କୁ ଠକି ଦରମା ନେଇଥିବା ଅଭିଯୋଗ କରି ଦରମା ଟଙ୍କା ଅସୁଲ ସହ ତାଙ୍କ ନାମରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତାଙ୍କ କହିବାନୁଯାୟୀ ମାଝି ୨୦୦୪ରେ ପଲ୍ଲୀ ପ୍ରଗତି କଲେଜ ଦୋହେଲ ପଡାରେ ଯୁକ୍ତ ୨ ପାଶ କରିଥିଲେ। କିନ୍ତୁ ଏଥିପାଇଁ ସେ ଛୁଟି ନେଇ ନ ଥିଲେ। ସୂଚନା ଅଧିକାର ଆଇନରେ ସେ ଏହି ତଥ୍ୟ ପ୍ରାପ୍ତ କରିଥିଲେ। ଜଣେ ସରକାରୀ ଚାକିରିଆ ବିଭାଗୀୟ ଅନୁମତି ନେଇ ପାଠ ପଢିବ ଓ ନିୟମିତ ହିସାବରେ ପଢିଲେ ଦରମା ପାଇବ ନାହିଁ। ଏଥି କିନ୍ତୁ ନିୟମର ଉଲ୍ଲଂଘନ କରାଯାଇଛି ଓ ସେ ଅନିୟମରେ ଦରମା ପାଇଛନ୍ତି ବୋଲି ରାଜେଶ ନୂଆପଡା ଜିଲାପାଳଙ୍କ ସମେତ ଜଙ୍ଗଲ ବିଭାଗ ବରିଷ୍ଠ ଅଧିକାରୀଙ୍କୁ ଜଣାଇଥିଲେ। କିନ୍ତୁ କେହି ମଧ୍ୟ ତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଲେନାହିଁ। ଦାବି ପୂରଣ ପର୍ଯ୍ୟନ୍ତ ବସି ରହିବେ ବୋଲି ପ୍ରକାଶ କରିଛନ୍ତି।

ଘରକୁ ଫେରିଲେ ତାମିଲନାଡୁରେ ବନ୍ଧା ପଡ଼ିଥିବା ଶ୍ରମିକ

ଉଦ୍ଧାର ହୋଇଥିବା ଶ୍ରମିକମାନେ।

ଭବାନୀପାଟଣା,୧୬।୩(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚିଙ୍ଗୁଡ଼ିସର ଗ୍ରାମର ଗୋଟିଏ ପରିବାରର ୧୦ଜଣ ଦାଦନ ଶ୍ରମିକ ତାମିଲନାଡୁର ବୀରାକୁପମ ନିକଟରେ ବନ୍ଧା ପଡିଥିଲେ। ଏହି ଘଟଣା ପ୍ରଥମେ ଧରିତ୍ରୀରେ ପ୍ରକାଶ ପାଇଥିଲା। ଗ୍ରାମର ଜଣେ ଦଲାଲ କଥାରେ ପଡି ଗତ ୭ ମାସ ତଳେ ପରିବାର ସହ ଦାଦନ ଖଟିବାକୁ ସେଠାକୁ ଯାଇଥିଲେ। ସେଠାରେ ସେମାନେ ଏକ ଇଟା ଭାଟିରେ ନିୟୋଜିତ ଥିଲେ। ତେବେ ଦଲାଲ ଜଣକ ଇଟାଭାଟି ମାଲିକ ଠାରୁ ଟଙ୍କା ଧରି ଚମ୍ପଟ ମାରିଥିବାରୁ ଶ୍ରମିକମାନଙ୍କୁ ଇଟା ଇଟାଭାଟି ମାଲିକ ଟଙ୍କା ନ ଦେଇ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥିଲା। ଫଳରେ ଭୋକ ଶୋଷରେ ରହି ଏହି ଶ୍ରମିକମାନେ ସେଠାରେ ବନ୍ଧା ପଡିଥିଲେ। ସେଠାରୁ ଉଦ୍ଧାର କରିବା ପାଇଁ କାନ୍ଦିକାନ୍ଦି ଏକ ଭିଡିଓ ବାର୍ତ୍ତା ଜରିଆରେ ନିବେଦନ କରୁଥିବା ଭିଡିଓ ଭାଇରାଲ ହୋଇଥିଲା। ଏ ନେଇ ଧରିତ୍ରୀରେ ଏକ ରିପୋର୍ଟ ପ୍ରକାଶ ପରେ ଘଟଣା ଲୋକ ଲୋଚନକୁ ଆସିଥିଲା। ଏହାପରେ ଜୁନାଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଏହାର ହସ୍ତକ୍ଷେପ କରିଥିଲେ। ଫଳରେ ବନ୍ଧା ପଡିଥିବା ଶ୍ରମିକମାନେ ସୁରକ୍ଷିତ ଭାବେ ଏବେ ନିଜ ଗାଁକୁ ଫେରିଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଏବେ ଖୁସି ଦେଖିବାକୁ ମିଳିଛି। ଏଥିପାଇଁ ସେମାନେ ବିଧାୟକ ମିଶ୍ର ସମେତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଧରିତ୍ରୀ ପ୍ରଭାବ

FINAL SELECTION LIST OF JAIL WARDER - 2022 No.D-346

CIRCLE												
	UR (Male)			UR (Female)	ST (Male)	ST (Female)	SC (Male)	EXSM	SM	HG		
BARIPADA	2201008232	2201003705	2201010230	2201005824	2201001000	2201016630	2201011415	2201006324	2201013975	2201005672		
	2201008004	2201014183	2201002599		2201015876	2201016808	2201016058			2201012109		
	2201008257	2201015524	2201003706		2201012105	2201010284	2201008580					
	2201010461	2201013255	2201005515				2201012711					
	2201005331	2201006067	2201006861				2201007824					
	2201009339	2201015239	2201011304				2201015138					
	2201006710	2201011710	2201001081				2201009740					
	2201014060	2201014228	2201011677				2201013909					
	2201010411	2201015627	2201000720				2201000435					
	2201005219	2201005431	2201006058									
	2201008313	2201010245	2201008451									
	2201014919	2201015600	2201015184									
	2201006539	2201015820	2201000990									
BERHAMPUR	UR (Male)					UR (Female)	ST (Male)		ST (Female)	SC (Male)		EXSM
	2202031286	2202044838	2202024275	2202031517	2202022436	2202026529	2202038787	2202019240	2202018432	2202032100	2202031863	2202035469
	2202043427	2202032005	2202018988	2202031963	2202040118		2202038788	2202037867	2202034760	2202037891	2202040210	
	2202044727	2202019882	2202022260	2202031464	2202040180		2202023830	2202023211		2202040199	2202040307

କଳାହାଣ୍ଡି ଡ୍ୟାନ୍ସ ଚାମ୍ପିୟନଶିପ୍ ଶୋ ପାଇଁ ପ୍ରସ୍ତୁତି

ଭବାନୀପାଟଣା,(ସ୍ୱ.ପ୍ର.): ଆସନ୍ତା ୨୫ ତାରିଖ ଗୋଟିଏ ଦିନ ପାଇଁ ଭବାନୀପାଟଣାସ୍ଥିତ ଟାଉନ ହଲଠାରେ ଜାତୀୟସ୍ତରୀୟ ଡାନ୍ସ ଟାଲେଣ୍ଟ ଶୋ କଳାହାଣ୍ଡି ଡ୍ୟାନ୍ସ ଚାମ୍ପିୟନଶିପ ଅନୁଷ୍ଠିତ ହେବ । ଏଥିପାଇଁ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର କଳାହାଣ୍ଡି ଡ୍ୟାନ୍ସ ଚାମ୍ପିୟନ ସଭାପତି ସଚିନ ନାଏକ, ସଜନ ନାଏକ, କୁମୁଦ ଚନ୍ଦନ, ସୁନିଲ ନାଏକ ପ୍ରମୁଖ ଡ୍ୟାନ୍ସ ଟିମର ସଦସ୍ୟମାନେ ଉପସ୍ଥିତ ଥିଲେ। ସେହିପରି ୨୫ ତାରିଖ ବିଶିଷ୍ଟ ଡ୍ୟାନ୍ସ କୋରିଓଗ୍ରଫର୍ ହରିହର ଦାଶ କାର୍ଯ୍ୟକ୍ରମରେ ଯୋଗଦାନ କରିବାକୁ ଥିବାବେଳେ ରାଜ୍ୟ ତଥା ରାଜ୍ୟ ବାହାରୁ ଡ୍ୟାନ୍ସର ତଥା ଡ୍ୟାନ୍ସ ଗ୍ରୁପ ଯୋଗଦେବେ।

ସଂକ୍ଷେପରେ

ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କର୍ମଶାଳା

ଖଡ଼ିଆଳ,୧୬।୩(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ସଭାଗୃହଠାରେ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦଙ୍କ ଅଧକ୍ଷତାର ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିରସେନ ବେହେରା, ବ୍ଲକ ସମ୍ପ୍ରସାରଣ ଅଧିକାରୀ କ୍ଷଣପ୍ରଭା ପାଣିଗ୍ରାହୀ, ସିଡିପିଓ ମୀନାକୁମାରୀ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଖଡ଼ିଆଳ ବ୍ଲକର ସମସ୍ତ ସରପଞ୍ଚମାନଙ୍କୁ ନେଇ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ପିତୃମାତୃ ହିନ, ଅବହେଳିତ ଶିଶୁ, ଶିଶୁମାନଙ୍କ ଥଇଥାନ, ଯଥା ଶିକ୍ଷା ସ୍ୱାସ୍ଥ୍ୟ ଏବଂ ପୃଷ୍ଟିକର ଖାଦ୍ୟ କିପରି ଠିକ ଭାବେ ଦିଆ ଯାଇପାରିବ ସେ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। କର୍ମଶାଳାରେ ଶିଶୁମାନଙ୍କୁ ଠିକ ଭାବେ ଯତ୍ନ ଏବଂ ସୁରକ୍ଷା କିପରି ନେବେ ସେ ନେଇ ସମସ୍ତ ସରପଞ୍ଚ ଓ କର୍ମଚାରୀମାନେ ସପଥ ପାଠ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀନିବାସ ବେହେରା ଧନ୍ୟବାଦ ଦେଇଥିଲେ।

ଜିଆର୍‌ଏସ୍‌ଙ୍କ ବିୟୋଗରେ ଶୋକସଭା

ସିନାପାଲି,୧୬।୩(ଡି.ଏନ.ଏ.): ନୂଆପଡ଼ା ଜିଲା ସିନାପାଲି ବ୍ଲକରେ କାର୍ଯ୍ୟରତ ଜିଆର୍‌ଏସ୍ ଜୟପ୍ରକାଶ ଦଣ୍ଡସେନା (୩୮)ଙ୍କ ବିୟୋଗରେ ବ୍ଲକ ସଭାଗୃହଠାରେ ବିଡିଓ ସର୍ବେଶ୍ୱର ଜାଲଙ୍କ ସଭାପତିତ୍ୱରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଜିଆରଏସ ରୁପେଶଚନ୍ଦ୍ର ମେହେର ସଭା ପରିଚାଳନା କରିଥିଲେ। ସ୍ୱର୍ଗତ ଦଣ୍ଡସେନାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସଭାରେ ଜାଲଙ୍କ ସମେତ ଏଇ ହେମନ୍ତ ଖମାରି, ଏପିଓ ଭର୍ନିତା ବିଶ୍ୱାଳ, ବିପିଏମ ସରତ ଚନ୍ଦ୍ର ଦୀପ, ଜିପିଇଓ ପ୍ରେମଲାଲ ନାଏକ, ପିଇଓ ଶସ୍ମିତା ବେହେରା, ସୁରନଂଜ ହୋତା, ଜିଆରଏସ ଲିଙ୍ଗରାଜ ମେହେର, ସହସ୍ରାଂଶୁ ଯୋଶୀ, ନିବେଦିତା ପାଢ଼ୀ, ତୁଲସୀ ମେହେର, ପବିତ୍ର କସିଅପ, ଦେବରାଜ ମାଝି, ପୀତାମ୍ବର ଜୁଆଡ, ସନ୍ଦୀପ ପାଣିଗ୍ରାହୀ ସମେତ ବ୍ଲକର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବଡମାଲ ଗ୍ରାମବାସୀ।

ଜବରଦଖଲ ଉଚ୍ଛେଦ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ଅମରପାଲି,୧୬।୩(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ କେନଝିରିଆପାଲି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନ ବହଳପଦର ପଞ୍ଚାୟତର ବଡମାଲ ଗ୍ରାମରେ ଗୋଚର ଜମି ଜବରଦଖଲ ହୋଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ବଡମାଲ ଗ୍ରାମବାସୀ ଗୁରୁବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗ୍ରାମର ଅଧିକାଂଶ ବ୍ୟକ୍ତି ଗୋଚର ଜମିକୁ ବେଆଇନ ଭାବେ ଦଖଲ କରିଲେ। ଏନେଇ ଗତ ଫେବୃୟାରୀ ୨୪ ତାରିଖରେ ଗ୍ରାମର ଭଗବତ ମନ୍ଦିର ସମ୍ମୁଖରେ ଗ୍ରାମସଭା କରାଯାଇ ପ୍ରତ୍ୟେକ ଜବରଦଖଲ ଗୋଚର ଜମିକୁ ଛାଡିବାକୁ ପ୍ରସ୍ତାବ କରାଯାଇଥିଲା। ଏହି ପ୍ରସ୍ତାବରେ ଗ୍ରାମର ଅଧିକାଂଶ ବ୍ୟକ୍ତି ରାଜି ହୋଇଥିଲେ। ମାତ୍ର ଗ୍ରାମର ଦୁଇ ଜଣ ବ୍ୟକ୍ତି ବେଆଇନ ଭାବେ ଦଖଲ କରିଥିବା ଗୋଚର ଜମିକୁ ଛାଡିବାକୁ ମନା କରିଥିଲେ। ଫଳରେ ଗ୍ରାମବାସୀ ଓ ଗୋରୁଙ୍କ ଯାତାୟାତ ପାଇଁ ସମସ୍ୟା ହେଉଛି। ତେଣୁ ଗ୍ରାମର ଶତାଧିକ ବ୍ୟକ୍ତି ଗତ ଫେବୃୟାରୀ ୨୭ ତାରିଖରେ ବୀରମହାରାଜପୁର ତହସିଲକୁ ଆସି ବେଆଇନ ଜବରଦଖଲ ଉଚ୍ଛେଦ କରିବାକୁ ଦାବି କରି ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ମାତ୍ର ଏଯାଏ ଉକ୍ତ ଗୋଚର ଜମି ଜବରଦଖଲ ଉଚ୍ଛେଦ ନ ହେବାରୁ ଗୁରୁବାର ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୱାର୍ଡ ସଭ୍ୟ ବାବୁ ପ୍ରଧାନଙ୍କ ସହ ସୁମନ୍ତ ମହାକୁର, କୃଷ୍ଣ ବେହେରା,ଏରେ ମହାକୁର, ପବିତ୍ର ମହାକୁର, ସତ୍ୟମୋହନ ମେଣ୍ଡିଲିଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଦାବିପତ୍ରଦେବାକୁ ଆସିଥିଲେ। ଜିଲାପାଳଙ୍କ ଅନୁପସ୍ଥିତରେ ଏଡିଏମ ସୂର୍ଯ୍ୟ ନାରାୟଣ ଦାଶ ଦାବିପତ୍ର ଗ୍ରହଣ କରିଥିବା ଜଣାଯାଇଛି।

କଳାହାଣ୍ଡି କପ୍ ପାଇଁ ବରଗଡ଼ ଦଳର କଟକ ଗସ୍ତ

ବରଗଡ଼ ଅଫିସ୍,୧୬।୩

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକଠାରେ ଚାଲିଥିବା କଳାହାଣ୍ଡି କପ୍ ସିନିୟର କ୍ରିକେଟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ବରଗଡ଼ ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ସିନିଅର ଦଳ ଘୋଷିତ ହୋଇଛନ୍ତି। ଉକ୍ତ ଦଳରେ ଦେବେନ୍ଦ୍ର କୁଅଁର ଅଧିନାୟକ ଥିବାବେଳେ ରାହୁଲ ଚୌଧୁରୀ ଉପଅଧିନାୟକ ରହିଛନ୍ତି। ଦଳର ଅନ୍ୟ ଖେଳାଳିଭାବେ ସୁମିତ ରାଏ, ଅମିତ ବିକ୍ରମ ରାଉତ, ଉଜ୍ଜଳ ଅଗ୍ରୱାଲ, ସନ୍ଦେଶ ସୁହାସ ପୂଜାରୀ, ସୁଶାନ୍ତ ଗୁପ୍ତା, ଜିଆୟୁର ରେହମାନ, ଘନଶ୍ୟାମ ମେହେର, ସ୍ମୃତିରଞ୍ଜନ ମିଶ୍ର, କୌସ୍ତୁଭ ମହର୍ଷି, ହିମାଂଶୁ ବିଷ୍ଣୁ, ରାକେଶ ରଞ୍ଜନ କିଶାନ, ତରଙ୍ଗ ଶର୍ମା, ଅମରଜିତ୍ ସିଂ, ଅକ୍ଷୟ ଦଣ୍ଡସନା ପ୍ରମୁଖ ରହିଛନ୍ତି। ଏହି ଦଳ ବୁଧବାର କଟକ ଗସ୍ତରେ ଯାଇଛନ୍ତି। ଦଳର କୋଚ୍ ତଥା ପ୍ରବନ୍ଧକଭାବେ ଅଶୋକ ସିଂ ରହିଛନ୍ତି। ଦଳକୁ ବରଗଡ଼ ଜିଲା କ୍ରିକେଟ ଆସୋସିଏଶନର ସଭାପତି ହରିହର ପ୍ରଧାନ, ସମ୍ପାଦକ ରବି ପଣ୍ଡା, ଉପସଭାପତି ଶୁଭ୍ରାଂଶୁ ଶେଖର ମହାପାତ୍ର, ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡା, କୋଷାଧ୍ୟକ୍ଷ ଗୁରୁଦତ୍ତ ଦାସ, ପୂର୍ବତନ ସଭାପତି ଅରୁଣ କୁମାର ମହାନ୍ତି, ପୂର୍ବତନ ସମ୍ପାଦକ ସୁବ୍ରତ ଚାଟାର୍ଜୀ, ପ୍ରଭାତ ଆଦିତ୍ୟ ମିଶ୍ର, ପୃଥ୍ୱୀରାଜ ନାୟକ, କିଶୋର ରଥ, ଗିରିଜା ପ୍ରସାଦ ନାଥ, ପ୍ରଦୀପ ନନ୍ଦ, ସନ୍ତୋଷ ପଣ୍ଡା, ଚନ୍ଦ୍ରଶେଖର ପ୍ରଧାନ, ନବୀନ ଲାଠ, ପ୍ରଦୀପ ସାହୁ, ଅମୀୟ ଭୂଷଣ ସାହୁ, ସୌର୍ଯ୍ୟରଞ୍ଜନ ରାଏ, ରଜତ ଦାଶ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

କଟକ ଗସ୍ତ କରିଥିବା ବରଗଡ଼ ସିନିଅର କ୍ରିକେଟ ଦଳ।

ଖଡ଼ିଆଳ, ସିନାପାଲିରେ ରାଜ୍ୟସ୍ତରୀୟ ବସ୍‌ଷ୍ଟାଣ୍ଡ ନିର୍ମାଣ କର

ଖଡ଼ିଆଳ,୧୬।୩(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ନିର୍ବାଚନ ମଣ୍ଡଳୀରେ ଗମନାଗମନ ମାଧ୍ୟମ କହିଲେ କେବଳ ଏକମାତ୍ର ମାଧ୍ୟମ ବସ ସେବା। ଅନ୍ୟ କୌଣସି ସେବା ଉପଲବ୍ଧ ନାହିଁ। ତେଣୁ ଖଡ଼ିଆଳ ଏବଂ ସିନାପାଲିଠାରେ ରାଜ୍ୟସ୍ତରୀୟ ବସଷ୍ଟାଣ୍ଡ ନିର୍ମାଣ ପାଇଁ ବିଧାନସଭାରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଦାବି କରିଛନ୍ତି। ନିକଟରେ ଏଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଏକ୍ସପ୍ରେସ ୱେ ଉଦଘାଟନ କରିଛନ୍ତି। ତେଣୁ ଖଡ଼ିଆଳ ଏନ୍‌ଏସି ଏବଂ ସିନାପାଲିଠାରେ ୨ଟି ବସଷ୍ଟାଣ୍ଡ ନିର୍ମାଣ କେବେ ହେବ ନେଇ ବିଭାଗୀୟ ମନ୍ତ୍ରୀ ଉତ୍ତର ରଖିଥିଲେ। ଖଡ଼ିଆଳ ବିଧାୟକଙ୍କ ପ୍ରଶ୍ନର ଓଡିଶାରେ ପ୍ରଥମ ପର୍ଯ୍ୟାୟରେ ୫୫ଟି ବସ୍‌ଷ୍ଟାଣ୍ଡ ନିର୍ମାଣ ଲକ୍ଷ୍ୟ ରହିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ୫୦ଟି ବସଷ୍ଟାଣ୍ଡ ହେବା ଲକ୍ଷ୍ୟ ରହିଛି। ଜିଲାପାଳଙ୍କୁ ଜମି ଚିହ୍ନଟ ପାଇଁ ଚିଠି ଲେଖିଥିବା ବେଳେ ଜମି ପ୍ରଦାନ କଲେ ଅଗ୍ରାଧିକାର ଭିତ୍ତିରେ ନିର୍ମାଣ ହେବ ବୋଲି ପରିବହନ ଏବଂ ଗମନାଗମନ ମନ୍ତ୍ରୀ ଉତ୍ତର ରଖିଛନ୍ତି।

ପତ୍ର ସଂଖ୍ୟା 1769 ତା.15.03.2023

ଦୈନିକ ସାପ୍ତାହିକ ବଜାର ନିଲାମ ନୋଟିସ

No.C-2652: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସମ୍ବଲପୁର ମହାନଗର ନିଗମ ଅଧୀନସ୍ଥ ଦୈନିକ ଓ ସାପ୍ତାହିକ ବଜାର ନିମନ୍ତେ ଚଳିତ ବର୍ଷ ୨୦୨୩-୨୦୨୪ ଆର୍ଥିକ ବର୍ଷର ୧ ଏପ୍ରିଲ, ୨୦୨୩ ମାସଠାରୁ ୩୧ ମାର୍ଚ୍ଚ, ୨୦୨୪ ପାଇଁ ଆସନ୍ତା ତା.୨୭.୦୩.୨୦୨୩ ଅପରାହ୍ନ ଘ.୨.୩୦ ମି. ସୁଦ୍ଧା ଟେଣ୍ଡର ଡାକ/କୋରିୟର/ସ୍ପିଡ୍ ପୋଷ୍ଟ ଯୋଗେ ଗ୍ରହଣ କରାଯିବ ଓ ତା.୨୮.୦୩.୨୦୨୩ ପୂର୍ବାହ୍ନ ଘ.୧୧.୩୦ ମି. ସମୟରେ ଟେଣ୍ଡରଧାରୀଙ୍କ ଉପସ୍ଥିତିରେ ଖୋଲାଯିବ । ନିଲାମ ନୋଟିସର ସବିଶେଷ ତଥ୍ୟ ୱେବସାଇଟ୍ (www.smcsambalpur.nic.in) ରେ ଉପଲବ୍ଧ ଅଛି । ଇଚ୍ଛୁକ ବ୍ୟକ୍ତି ପ୍ରଦତ୍ତ ୱେବ୍‌ସାଇଟ ମାଧ୍ୟମରୁ ଆବେଦନ ଫର୍ମ, ନୋଟିସ୍,ସର୍ତ୍ତ ଓ ନିୟମାବଳୀ ଇତ୍ୟାଦି ହାସଲ କରି ନିଲାମରେ ଭାଗ ନେଇପାରିବେ । ଟେଣ୍ଡର ପେପର ଉପଲବ୍ଧ ସମୟ- ତା.୧୫.୦୩.୨୦୨୩ରିଖଠାରୁ ତା.୨୬.୦୩.୨୦୨୩ ରିଖ ଅପରାହ୍ନ ଘ.୫.୩୦ ମି. ପର୍ଯ୍ୟନ୍ତ, ଟେଣ୍ଡର ଫର୍ମ ଡାକ/କୋରିୟର/ସ୍ପିଡ୍ ପୋଷ୍ଟ ଯୋଗେ ଦାଖଲ ସମୟ ତା.୨୭.୦୩.୨୦୨୩ ଅପରାହ୍ନ ଘ.୨.୩୦ ମି. ପର୍ଯ୍ୟନ୍ତ । ଟେଣ୍ଡର ଖୋଲାଯିବା ସମୟ ତା.୨୮.୦୩.୨୦୨୩ ରିଖ ପୂର୍ବାହ୍ନ ଘ.୧୧.୩୦ ।

ସ୍ୱା./-ଆୟୁକ୍ତ,
ସମ୍ବଲପୁର ମହାନଗର ନିଗମ,
ସମ୍ବଲପୁର

OIPR-13122/11/0110/2223

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES No.CAD-5148

OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR

Tender Call Notice No.H.O./P&C/EST-E-1226/02/2016 7626, Dated 13.03.2023

NOTICE INVITING TENDER THROUGH e-Procurement-2nd

Name of the Work: Construction of Internal Road and Drains in Proposed MSME Park (North) at Panchapada, Jharsuguda.
Estimated Cost: Rs.728.28 Lakhs (approx.)
Period of Completion: 05 (Five) Calendar Months
Pre-Bid meeting is to be conducted on dtd.24.03.2023 at 3.30 PM.

Procurement Officer	Bid Identification No.	Availability of Tender online for Bidding	
		From	To
1	2	3	4
Chief General Manager (P&C), IDCO, IDCO Tower, Bhubaneswar	Bid Id No. PC/EST/E-165/2022-23	17.00 hours of 20.03.2023	17.00 hours of 04.04.2023

Further details can be seen from the e-Procurement Portal www.Tendersorissa.gov.in and Corrigendum if any will not be published in newspapers and can only be seen in the e-Procurement portal www.tenderorissa.gov.in. and IDCO website www.idco.in.

Sd./-Chief General Manager (P&C)
IDCO, Bhubaneswar
OIPR-14003/11/0327/2223

ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ,୧୬।୩(ସ୍ୱ.ପ୍ର.)

ବୌଦ୍ଧ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବୌଦ୍ଧ ସ୍ୱତନ୍ତ୍ର ଉପକାରାଗାରରେ ଗୁରୁବାର ଦିନ କଏଦୀମାନଙ୍କର ଆଇନଗତ ଅଧିକାର ଏବଂ କର୍ତ୍ତବ୍ୟ ଉପରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ ସଚିବ ଶାଶ୍ୱତୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଇନସେବା ପ୍ରାଧିକରଣର ପ୍ୟାନେଲ ଓକିଲ ବିକାଶ ଚନ୍ଦ୍ର ବେହେରା ଏବଂ ସ୍ୱତନ୍ତ୍ର ଉପକାରାଗାରର ଅଧୀକ୍ଷକ ଉପସ୍ଥିତ ଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ କଏଦୀ ମାନଙ୍କ ପାଇଁ ଜାମିନ ଓ ଆଇନ ପ୍ରାଧିକରଣ ପକ୍ଷରୁ ଯୋଗାଇ ଦିଆଯାଉଥିବା ସୁବିଧା ଉପରେ ସଚେତନ କରାଯାଇଥିଲା। ଏହାସହ ଆଇନସେବା ପ୍ରାଧିକରଣ ପକ୍ଷରୁ ସେମାନଙ୍କ ପାଇଁ ଥିବା ମାଗଣା ଆଇନସେବା ଯେମିତି କୋର୍ଟରେ କେସ୍ ଲଢିବା, ବେଲ୍ ଦାଖଲ କରିବା, ଉଚ୍ଚ ନ୍ୟାୟାଳୟ କିମ୍ବା ସର୍ବୋଚ୍ଚ ନ୍ୟାୟାଳୟରେ ଅପିଲ୍ ଦାଖଲ କରିବା ଏବଂ ଅନ୍ୟାନ୍ୟ ସୁବିଧା ନେଇ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉପକାରାଗାରର କଏଦୀମାନେ ଉପସ୍ଥିତ ରହିଥିଲେ।

ଘରକୁ ଫେରିଲେ ତାମିଲନାଡୁରେ ବନ୍ଧା ପଡ଼ିଥିବା ଶ୍ରମିକ

ଉଦ୍ଧାର ହୋଇଥିବା ଶ୍ରମିକମାନେ।

ଭବାନୀପାଟଣା,୧୬।୩(ସ୍ୱ.ପ୍ର.)

ଧରିତ୍ରୀ ପ୍ରଭାବ

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚିଙ୍ଗୁଡ଼ିସର ଗ୍ରାମର ଗୋଟିଏ ପରିବାରର ୧୦ଜଣ ଦାଦନ ଶ୍ରମିକ ତାମିଲନାଡୁର ବୀରାକୁପମ ନିକଟରେ ବନ୍ଧା ପଡିଥିଲେ। ଏହି ଘଟଣା ପ୍ରଥମେ ଧରିତ୍ରୀରେ ପ୍ରକାଶ ପାଇଥିଲା। ଗ୍ରାମର ଜଣେ ଦଲାଲ କଥାରେ ପଡି ଗତ ୭ ମାସ ତଳେ ପରିବାର ସହ ଦାଦନ ଖଟିବାକୁ ସେଠାକୁ ଯାଇଥିଲେ। ସେଠାରେ ସେମାନେ ଏକ ଇଟା ଭାଟିରେ ନିୟୋଜିତ ଥିଲେ। ତେବେ ଦଲାଲ ଜଣକ ଇଟାଭାଟି ମାଲିକ ଠାରୁ ଟଙ୍କା ଧରି ଚମ୍ପଟ ମାରିଥିବାରୁ ଶ୍ରମିକମାନଙ୍କୁ ଇଟା ଇଟାଭାଟି ମାଲିକ ଟଙ୍କା ନ ଦେଇ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥିଲା। ଫଳରେ ଭୋକ ଶୋଷରେ ରହି ଏହି ଶ୍ରମିକମାନେ ସେଠାରେ ବନ୍ଧା ପଡିଥିଲେ। ସେଠାରୁ ଉଦ୍ଧାର କରିବା ପାଇଁ କାନ୍ଦିକାନ୍ଦି ଏକ ଭିଡିଓ ବାର୍ତ୍ତା ଜରିଆରେ ନିବେଦନ କରୁଥିବା ଭିଡିଓ ଭାଇରାଲ ହୋଇଥିଲା। ଏ ନେଇ ଧରିତ୍ରୀରେ ଏକ ରିପୋର୍ଟ ପ୍ରକାଶ ପରେ ଘଟଣା ଲୋକ ଲୋଚନକୁ ଆସିଥିଲା। ଏହାପରେ ଜୁନାଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଏହାର ହସ୍ତକ୍ଷେପ କରିଥିଲେ। ଫଳରେ ବନ୍ଧା ପଡିଥିବା ଶ୍ରମିକମାନେ ସୁରକ୍ଷିତ ଭାବେ ଏବେ ନିଜ ଗାଁକୁ ଫେରିଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଏବେ ଖୁସି ଦେଖିବାକୁ ମିଳିଛି। ଏଥିପାଇଁ ସେମାନେ ବିଧାୟକ ମିଶ୍ର ସମେତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଧନ୍ୟବାଦ ଜଣାଇଛନ୍ତି।

FINAL SELECTION LIST OF JAIL WARDER - 2022 No.D-346

CIRCLE	UR (Male)			UR (Female)	ST (Male)	ST (Female)	SC (Male)	EXSM	SM	HG		
BARIPADA	2201008232	2201003705	2201010230	2201005824	2201001000	2201016630	2201011415	2201006324	2201013975	2201005672		
	2201008004	2201014183	2201002599		2201015876	2201016808	2201016058			2201012109		
	2201008257	2201015524	2201003706		2201012105	2201010284	2201008580					
	2201010461	2201013255	2201005515				2201012711					
	2201005331	2201006067	2201006861				2201007824					
	2201009339	2201015239	2201011304				2201015138					
	2201006710	2201011710	2201001081				2201009740					
	2201014060	2201014228	2201011677				2201013909					
	2201010411	2201015627	2201000720				2201000435					
	2201005219	2201005431	2201006058									
	2201008313	2201010245	2201008451									
	2201014919	2201015600	2201015184									
	2201006539	2201015820	2201000990									
BERHAMPUR	UR (Male)					UR (Female)	ST (Male)		ST (Female)	SC (Male)		EXSM
	2202031286	2202044838	2202024275	2202031517	2202022436	2202026529	2202038787	2202019240	2202018432	2202032100	2202031863	2202035469
	2202043427	2202032005	2202018988	2202031963	2202040118		2202038788	2202037867	2202034760	2202037891	2202040210	
	2202044727	2202019882	2202022260	2202031464	2202040180		2202023830	2202023211		2202040199	2202040307	SM
	2202031947	2202031989	2202019791	2202031698	2202038086		2202024727	2202037804		2202040145	2202040109	
	2202032110	2202022257	2202026722	2202043366	2202042120		2202031276	2202020647		2202031417	2202031560	HG
	2202031920	2202019952	2202019652	2202031696	2202037964		2202028977	2202039289		2202019983	2202033757	2202024145
	2202031969	2202043533	2202026742	2202032200	2202018998		2202019142			2202040072	2202032193	2202032896
	2202031972	2202022178	2202033897	2202020014	2202040278		2202025786			2202031245	2202040133	2202034037
	2202024200	2202033120	2202031520	2202024352	2202042043		2202027068			2202023634	2202022261	
	2202022272	2202033007	2202040372	2202024286	2202026892		2202022052			2202039068		
CHOUDWAR	UR (Male)					UR (Female)	ST (Male)		ST (Female)	SC (Male)		SC (Female)
	2203050020	2203052920	2203052569	2203060695	2203052644	2203071437	2203062770	2203051405		2203045921	2203063529	2203062426
	2203058026	2203057750	2203046795	2203063419	2203071023	2203070618	2203049522	2203059605	HG	2203053044	2203059885	
	2203050008	2203051609	2203060479	2203056559	2203058152	2203049205	2203047013	2203049595	2203057548	2203060690	2203058406	EXSM
	2203050113	2203063875	2203057998	2203052817	2203057391		2203051122	2203048574		2203053497	2203055253	2203051750
	2203057706	2203059756	2203063424	2203057799	2203059238		2203048230			2203057932	2203049975	2203054415
	2203064093	2203063473	2203057861	2203059051	2203060732		2203047822			2203046325		2203063178
	2203058050	2203063386	2203054169	2203057777	2203064450		2203051001			2203053427		
	2203056385	2203063402	2203057836	2203056450	2203060618		2203050769			2203048644		SM
	2203064153	2203060433	2203064219	2203056491			2203050667			2203059202		2203047747
	2203058243	2203057988	2203053099	2203063247			2203056495			2203056959		
KORAPUT	UR (Male)					UR (Female)	SEBC (Male)	EXSM	HG			
	2204073304	2204074305	2204080779	2204080953	2204082272	2204072283	2204081159	2204077503	2204079134			
	2204073250	2204081744	2204074464	2204072616	2204080812	2204072300	2204080589		2204077242			
	2204075913	2204075009	2204078574	2204074549		2204082492			2204074480			
	2204078403	2204076417	2204080063	2204074302		2204081225						
	2204076879	2204073518	2204079586	2204079699								
	2204076935	2204

ସମୟ ଗଡୁଛି, କାମ ସରୁନି

ଦେବଗଡ଼, ୧୬।୩(ଡି.ଏନ.ଏ)

ଦେବଗଡ଼ କଳା ପରିଷଦ ହଲ୍

- ଠିକାଦାରଙ୍କ ପରେ ବଦଳୁଛନ୍ତି ଠିକାଦାର
- କଳାକାରମାନଙ୍କ ପାଇଁ ନାଟ୍ୟମଞ୍ଚର ଅଭାବ

କଳା ସଂସ୍କୃତିର ସହର ଦେବଗଡ଼ । ବାମଣ୍ଡା ରାଜା ବାସୁଦେବଙ୍କ ଅମଳରୁ ରାଜା ଭାନୁଗଙ୍ଗ ଦେବଙ୍କ ପର୍ଯ୍ୟନ୍ତ ଦେବଗଡରେ ବିଭିନ୍ନ ସମୟରେ ବାମଣ୍ଡା ଥିଏଟର ପାର୍ଟି, ଗାଙ୍ଗେୟ ରଙ୍ଗମଞ୍ଚ, ଡ୍ରାମାଟିକ ଆସୋସିଏଶନ ଗଢାଯାଇ ନାଟକ ପରିବେଷଣ କରାଯାଉଥିଲା । ଦେଶ ସ୍ୱାଧୀନ ହେବା ପରେ ମଧ୍ୟ ଦେବଗଡରେ ସେହି ନାଟ୍ୟ ପରମ୍ପରା ଲାଗି ରହିଥିଲା । ୧୯୫୯ ମସିହାରେ ଦେବଗଡ ପୌରପାଳିକା ଚେୟାରମ୍ୟାନ ବୈରାଗୀ ଚରଣ ଦ୍ୱିବେଦୀ, ଓକିଲ ଅତୁଲ୍ୟ ଚରଣ ଦାଶ, ପ୍ରଫୁଲ୍ଲ ପ୍ରଧାନ, ସୁଦାମ ପ୍ରଧାନଙ୍କ ସମବେତ ଚେଷ୍ଟା ଓ କେତେକ ଯୁବ କଳାକାରଙ୍କ ସହଯୋଗରେ ଦେବଗଡ଼ରେ ଗଢିଉଠିଥିଲା କଳା ପରିଷଦ ହଲ । ଏଥିପାଇଁ ସରକାରଙ୍କ ତରଫରୁ ୨ହଜାର ଟଙ୍କା ଅନୁଦାନ ମିଳିଥିଲା । ଏଥିସହ ଅନେକ ବଦାନ୍ୟ ବ୍ୟକ୍ତି ମଧ୍ୟ ଟଙ୍କା ସହ ଶ୍ରମଦାନ କରିଥିଲେ । କିଛି ଦିନ ପର୍ଯ୍ୟନ୍ତ ସେହି କଳା ପରିଷଦ ହଲରେ ଅନେକ ନାଟକ ମଞ୍ଚସ୍ଥ କରାଯାଉଥିଲା । ଏପରିକି କଳା ପରିଷଦ ହଲକୁ ପୌରସଂସ୍ଥା ସିନେମା କରିବା ପାଇଁ ଭଡା ସୂତ୍ରରେ ଦେଉଥିଲା । ହେଲେ କାଳକ୍ରମେ ରକ୍ଷଣାବେକ୍ଷଣ ଅଭାବରୁ କଳା ପରିଷଦ ହଲ ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲି ଯାଇଥିଲା । ନାଟକ ମଞ୍ଚସ୍ଥ ପାଇଁ କଳାକାରମାନେ ଟାଉନ୍ ହଲକୁ ବ୍ୟବହାର କରୁଥିଲେ । ହେଲେ ସେହି ହଲ ନାଟକ ମଞ୍ଚସ୍ଥ ପାଇଁ ଉପଯୁକ୍ତ ସ୍ଥାନ ନ ଥିଲା । ସେଥିପାଇଁ କଳା ପରିଷଦର ପୁନରୁଦ୍ଧାର ପାଇଁ ବରିଷ୍ଠ କଳାକାରମାନେ ପ୍ରଶାସନର ହସ୍ତକ୍ଷେପ ଲୋଡିଥିଲେ । ଅନୁରୋଧ ରକ୍ଷା କରି ସରକାର ୨୦୧୫ମସିହାରେ କଳା ପରିଷଦ ହଲର ନବୀକରଣ ପାଇଁ ପୌରସଂସ୍ଥାକୁ ୫୦ଲକ୍ଷ ଟଙ୍କାର ଅନୁଦାନ ରାଶି ଦେଇଥିଲେ । ମଞ୍ଜୁର ଅର୍ଥରାଶିରେ ଯଥାରୀତି ପୁନରୁଦ୍ଧାର କାମ ଆରମ୍ଭ ହୋଇଥିଲା । ପରେ ମଧ୍ୟ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି । ହେଲେ ଇତିମଧ୍ୟରେ ଆଠବର୍ଷ ବିତିଗଲାଣି । ଠିକାଦାର ପରେ ଠିକାଦାର ବଦଳିଛନ୍ତି ସିନା, ହଲ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହିଁ । ଏଥିଯୋଗୁ କଳାକାରମାନେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କଳାକାରମାନେ ମଞ୍ଚରେ କଳା ପ୍ରଦର୍ଶନ ପୂର୍ବରୁ ଅଭ୍ୟାସ କରନ୍ତି । ଏହି ଅଭ୍ୟାସ ବା ରିୟଲସିଏଲ କୌଣସି ମନ୍ଦିର ପ୍ରାଙ୍ଗଣ ବା ବ୍ୟକ୍ତିଗତ ଜାଗାରେ କରୁଥିବା ଦେଖିବାକୁ ମିଳୁଛି । ତେଣୁ ତୁରନ୍ତ କଳା ପରିଷଦ ହଲ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଉ ବୋଲି ମତ ପ୍ରକାଶ ପାଇଛି ।

ଏମାନେ ଯାହା କୁହନ୍ତି...

"ନିର୍ମାଣାଧୀନ କଳା ପରିଷଦ ଅସମ୍ପୂର୍ଣ୍ଣ ହୋଇ ପଡ଼ି ରହିଥିବାରୁ କଳାକାରମାନେ ନିଜର ପରାକାଷ୍ଠା ଦେଖାଇବାରୁ ବଞ୍ଚିତ ହେଉଛନ୍ତି । ଶୀଘ୍ର ନିର୍ମାଣ କାର୍ଯ୍ୟ ଶେଷ କରି କଳାକାରମାନଙ୍କ ନିମନ୍ତେ ପ୍ରଦାନ କଲେ କଳାକାରମାନେ ନିଜର ଅଭିଳାଷ ପୂରଣ କରିବା ସହିତ ଦର୍ଶକମାନେ ମନୋରଞ୍ଜନର ଖୋରାକ୍ ପାଇବେ ।

–ପ୍ରଦୀପ କୁମାର ଅମାନ୍ତ, ବରିଷ୍ଠ କଳାକାର, ଦେବଗଡ଼

"ଦେବଗଡ଼ର କଳାକାରମାନେ ମାଟି, ଇଟା ବୋହି ଶ୍ରମଦାନ କରି କଳା ପରିଷଦ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ଦୁଃଖ ଓ ପରିତାପର ବିଷୟ ଉକ୍ତ ପରିଷଦକୁ ପୌର ପରିଷଦ ଜରାଜୀର୍ଣ୍ଣ ଅବସ୍ଥାରେ ପକାଇ ରଖିଛି । ତୁରନ୍ତ ପଦକ୍ଷେପ ନ ନେଲେ କଳାକାରମାନେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ।

–ପ୍ରଫୁଲ୍ଲ କୁମାର ନାୟକ, ବରିଷ୍ଠ କଳାକାର, ଦେବଗଡ଼

"ଉକ୍ତ ପରିଷଦ ପାଇଁ ଆମେ କଳାକାରମାନେ କିଛି ମାସ ପୂର୍ବରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ, କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଉକ୍ତ ହଲଟିକୁ ସମ୍ପୂର୍ଣ୍ଣ କରିବା ଆବଶ୍ୟକ ଅଛି । ଜିଲାର କଳା ସଂସ୍କୃତି ଲୋପ ପାଇବାରେ ଲାଗିଛି । ତେଣୁ ଏଥିପ୍ରତି ପ୍ରଶାସନ ଧ୍ୟାନ ଦେବା ଦରକାର ।

–ହେମନ୍ତ କୁମାର ମହାପାତ୍ର, ବରିଷ୍ଠ କଳାକାର, ଦେବଗଡ଼

"କଳା ପରିଷଦ ଅଭାବରୁ ଅନେକ କଳାକାର ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କଳାକାର ସେମାନଙ୍କ ଶୋ କରିବା ପାଇଁ ପର୍ଯ୍ୟାପ୍ତ ପରିସର ପ୍ରାପ୍ତ କରୁନାହାନ୍ତି । ଅନ୍ୟପକ୍ଷରେ ହଲ ନିର୍ମାଣ ପାଇଁ ଲୋକଙ୍କ ଅର୍ଥ ବିନିଯୋଗ ହୋଇ ନ ପାରି ରହିଯାଇଛି । ସ୍ୱର ଉତ୍ତୋଳନ କରିବା ପାଇଁ ବର୍ତ୍ତମାନ ହିଁ ପ୍ରକୃତ ସମୟ ।

–ଅତୁଲ୍ୟ ପୂଝାରୀ, ବରିଷ୍ଠ କଳାକାର, ଦେବଗଡ଼

"ଦେବଗଡରେ ବର୍ତ୍ତମାନ କୌଣସି କଳା ପରିଷଦ ହଲ ନ ଥିବାରୁ ସଙ୍ଗୀତ, ନାଟକ, ନାଚ, ଏମିତି କି ବିଭିନ୍ନ କାର୍ଯ୍ୟକ୍ରମ ପାଇଁ କଳାକାରମାନେ ବହୁତ ଅସୁବିଧା ଓ ହଇରାଣ ହେଉଛନ୍ତି । ଏପଟେ ପୌର ପରିଷଦ, ପ୍ରଶାସନକୁ ବାରମ୍ବାର ଦାବିକରି ଆସୁଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନି ।

–ମାର୍କଣ୍ଡେଶ୍ୱର ଶତପଥୀ, ବରିଷ୍ଠ କଳାକାର, ଦେବଗଡ଼

ଚୋରି ସାମଗ୍ରୀ ଜବତ: ୪ ଗିରଫ

ସୁନ୍ଦରଗଡ଼, ୧୬।୩(ଡି.ଏନ୍.ଏ.)

ସୁନ୍ଦରଗଡ଼ ଟାଉନ ଥାନା ପୋଲିସ ସହରରେ ଘଟିଥିବା ଏକ ଚୋରି ଘଟଣାରେ ସମ୍ପୃକ୍ତ ୩ ଚୋରଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ଚୋରି ହୋଇଥିବା ଲକ୍ଷାଧିକ ଟଙ୍କା ମୂଲ୍ୟର ଚୋରି ସାମଗ୍ରୀ ଜବତ କରିବାରେ ସଫଳ ହୋଇଛି । ଗିରଫ ହୋଇଥିବା ବ୍ୟକ୍ତି ହେଲେ ସ୍ଥାନୀୟ ମହାନ୍ତିଆ ପଡାର ଶେଖ ସୋହେଲ, ଶେଖ ସାହାଜାଦା, ସୁନାରୀପଡା ଦୁରକୁଡିବଣିଆର ଅମିତ ଚୌହାନଓ ଗୋକୁଳ ବିଶ୍ୱକର୍ମା । ପୋଲିସ ସୂଚନା ଅନୁସାରେ ସୁନାରୀପଡାର କିଶୋର ମହାପାତ୍ର ରାଉରକେଲାରେ ରହୁଥିବା ତାଙ୍କ ପୁଅବୋହୂ ପାଖକୁ ଯାଇଥିଲେ । ୧୧ତାରିଖରେ ଆସି ଦେଖିଲା ବେଳକୁ ତାଙ୍କ ଘର ତାଲା ଭାଙ୍ଗି କେହି ନଗଦ ଟଙ୍କା, ସୁନା, ରୂପା ଗହଣା ଓ ଅନ୍ୟାନ୍ୟ ଘରସାମଗ୍ରୀ ମିଶାଇ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କାମୂଲ୍ୟର ସାମଗ୍ରୀ ଚୋରି କରି ନେଇଛନ୍ତି । ଏନେଇ ଘର ମାଲିକ ମହାପାତ୍ର ଟାଉନ ଥାନାରେ ରିପୋର୍ଟ କରିଥିଲେ । ପୋଲିସ ଏକ ମାମଲା ରୁଜୁ କରିଥିଲା । ସୁନ୍ଦରଗଡ଼ ଟାଉନଥାନା ଆଇଆଇସି ସୁଶାନ୍ତ କୁମାର ପରିଡା ତଦନ୍ତକାରୀ ଅଧିକାରୀ ଭାବେ ମାମଲାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛନ୍ତି । ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ କରାଯାଇଛି ।

ପତ୍ର ସଂଖ୍ୟା 1769 ତା.15.03.2023

ଦୈନିକ ସାପ୍ତାହିକ ବଜାର ନିଲାମ ନୋଟିସ

No.C-2652: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସମ୍ବଲପୁର ମହାନଗର ନିଗମ ଅଧୀନସ୍ଥ ଦୈନିକ ଓ ସାପ୍ତାହିକ ବଜାର ନିମନ୍ତେ ଚଳିତ ବର୍ଷ ୨୦୨୩-୨୦୨୪ ଆର୍ଥିକ ବର୍ଷର ୧ ଏପ୍ରିଲ, ୨୦୨୩ ମାସଠାରୁ ୩୧ ମାର୍ଚ୍ଚ, ୨୦୨୪ ପାଇଁ ଆସନ୍ତା ତା.୨୭.୦୩.୨୦୨୩ ଅପରାହ୍ନ ଘ.୨.୩୦ ମି. ସୁଦ୍ଧା ଟେଣ୍ଡର ଡାକ/କୋରିୟର/ସ୍ପିଡ୍ ପୋଷ୍ଟ ଯୋଗେ ଗ୍ରହଣ କରାଯିବ ଓ ତା.୨୮.୦୩.୨୦୨୩ ପୂର୍ବାହ୍ନ ଘ.୧୧.୩୦ ମି. ସମୟରେ ଟେଣ୍ଡରଧାରୀଙ୍କ ଉପସ୍ଥିତିରେ ଖୋଲାଯିବ । ନିଲାମ ନୋଟିସର ସବିଶେଷ ତଥ୍ୟ ୱେବସାଇଟ୍ (www.smcsambalpur.nic.in) ରେ ଉପଲବ୍ଧ ଅଛି । ଇଚ୍ଛୁକ ବ୍ୟକ୍ତି ପ୍ରଦତ୍ତ ୱେବ୍‌ସାଇଟ ମାଧ୍ୟମରୁ ଆବେଦନ ଫର୍ମ, ନୋଟିସ୍,ସର୍ତ୍ତ ଓ ନିୟମାବଳୀ ଇତ୍ୟାଦି ହାସଲ କରି ନିଲାମରେ ଭାଗ ନେଇପାରିବେ । ଟେଣ୍ଡର ପେପର ଉପଲବ୍ଧ ସମୟ- ତା.୧୫.୦୩.୨୦୨୩ରିଖଠାରୁ ତା.୨୬.୦୩.୨୦୨୩ ରିଖ ଅପରାହ୍ନ ଘ.୫.୩୦ ମି. ପର୍ଯ୍ୟନ୍ତ, ଟେଣ୍ଡର ଫର୍ମ ଡାକ/କୋରିୟର/ସ୍ପିଡ୍ ପୋଷ୍ଟ ଯୋଗେ ଦାଖଲ ସମୟ ତା.୨୭.୦୩.୨୦୨୩ ଅପରାହ୍ନ ଘ.୨.୩୦ ମି. ପର୍ଯ୍ୟନ୍ତ । ଟେଣ୍ଡର ଖୋଲାଯିବା ସମୟ ତା.୨୮.୦୩.୨୦୨୩ ରିଖ ପୂର୍ବାହ୍ନ ଘ.୧୧.୩୦ ।

ସ୍ୱା./-ଆୟୁକ୍ତ,
ସମ୍ବଲପୁର ମହାନଗର ନିଗମ,
ସମ୍ବଲପୁର

OIPR-13122/11/0110/2223

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES No.CAD-5148

OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR

Tender Call Notice No.H.O./P&C/EST-E-1226/02/2016 7626, Dated 13.03.2023

NOTICE INVITING TENDER THROUGH e-Procurement-2nd

Name of the Work: Construction of Internal Road and Drains in Proposed MSME Park (North) at Panchapada, Jharsuguda.
Estimated Cost: Rs.728.28 Lakhs (approx.)
Period of Completion: 05 (Five) Calendar Months
Pre-Bid meeting is to be conducted on dtd.24.03.2023 at 3.30 PM.

Procurement Officer	Bid Identification No.	Availability of Tender online for Bidding	
		From	To
1	2	3	4
Chief General Manager (P&C), IDCO, IDCO Tower, Bhubaneswar	Bid Id No. PC/EST/E-165/2022-23	17.00 hours of 20.03.2023	17.00 hours of 04.04.2023

Further details can be seen from the e-Procurement Portal www.Tendersorissa.gov.in and Corrigendum if any will not be published in newspapers and can only be seen in the e-Procurement portal www.tenderorissa.gov.in. and IDCO website www.idco.in.

Sd./-Chief General Manager (P&C)
IDCO, Bhubaneswar
OIPR-14003/11/0327/2223

ଫାଶ ଲଗାଇ ଯୁବତୀଙ୍କ ଆତ୍ମହତ୍ୟା

ରାଜଗାଙ୍ଗପୁର, ୧୬।୩ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଚୁଙ୍ଗିମାଟି ଗ୍ରାମରେ ମିନାକ୍ଷୀ କୁଜୁର (୨୩) ନାମ୍ନୀ ଜଣେ ଯୁବତୀ ବେକରେ ଚୁନି ସାହାଯ୍ୟରେ ଫାଶ ଲଗାଇ ଆତ୍ମହତ୍ୟା କରିଛନ୍ତି । ଆତ୍ମହତ୍ୟାର କାରଣ ଏବେ ବି ଅସ୍ପଷ୍ଟ ରହିଛି । ଗୁରୁବାର ସକାଳ ୮ଟା ୩୦ରେ ଘରେ କେହି ନ ଥିବା ଅବସ୍ଥାରେ ମିନାକ୍ଷୀ ଘରର କବାଟ ଭିତର ଆଡୁ ବନ୍ଦ କରି ଏକ ଚୁନି ଦ୍ୱାରା ବେକରେ ଫାଶ ଲଗାଇ ଘରର ଆଜବେଷ୍ଟସ ପାଇପରେ ଝୁଲି ଆତ୍ମହତ୍ୟା କରିଛନ୍ତି । ସମ୍ପର୍କୀୟ ଭଉଣୀ ଝରକା ପଟୁ ଝୁଲିରହିଥିବା ଦେଖି ପାଟି କରିଥିଲେ । କବାଟ ଭାଙ୍ଗି ଉଦ୍ଧାର କରି ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ଆଣିଥିଲେ କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

ଡ୍ରାଇଭରଙ୍କ ମହାନତା, ଆନ୍ଦୋଳନରେ ରହି ମାନବିକତା ଭୁଲିନାହିଁ ଡ୍ରାଇଭର ସଂଘ

କୁଡ଼ା, ୧୬।୩(ଡି.ଏନ.ଏ.)

ସାରା ରାଜ୍ୟରେ ୧୦ଦଫା ଦାବି ନେଇ ଡ୍ରାଇଭର ସଂଘର ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ କରାଯାଉଛି । ସେହି କ୍ରମରେ କୁଡ଼ା ଡ୍ରାଇଭର ସଂଘ ତରଫରୁ ମଧ୍ୟ ୧୦ ନମ୍ବର ରାଜ୍ୟ ରାଜପଥ ରାଞ୍ଚିରୋଡ ଛକରେ ଠାରେ ସକାଳ ୭ଟାରୁ ବନ୍ଦ ପାଳନ ଆରମ୍ଭ କରିଥିଲେ । ବନ୍ଦ ଯୋଗୁ ରାଞ୍ଚିରୋଡ଼ଠାରୁ ଥାନା ସମ୍ମୁଖ ପର୍ଯ୍ୟନ୍ତ ଶହଶହ ମାଲବାହି ଗାଡି ଅଟକି ରହିଛି । ଡ୍ରାଇଭର ସଂଘର କର୍ମକର୍ତ୍ତା ଗତ ରାତିରେ ମଧ୍ୟ ସେଠାରେ ଟେଣ୍ଟ ଲଗାଇ ରାତିରେ ଜଗିରହିଥିଲେ । ଗୁରୁବାର ଦ୍ୱିତୀୟ ଦିନରେ ମଧ୍ୟ ବନ୍ଦ ରହିଥିବାରୁ ଶହଶହ ମାଲବାହି ଗାଡି ଅଟକି ରହିଛି । ଯେଉଁଥିରେ କି ଅନ୍ୟ ରାଜ୍ୟର ଡ୍ରାଇଭରମାନେ ଅଟକି ରହିଛନ୍ତି । ଆନ୍ଦୋଳନରେ ରହି ମଧ୍ୟ ମାନବିକତାକୁ ଭୁଲିନାହିଁ କୁଡ଼ା ଡ୍ରାଇଭର ସଂଘ । ଡ୍ରାଇଭରଙ୍କର କୌଣସି ଅସୁବିଧା ନ ହୁଏ ସେଥିପାଇଁ ସଂଘ ତରଫରୁ ମାନବିକତା ଦେଖାଇ ସମସ୍ତ ଛିଡା ହୋଇଥିବା ଗାଡି ଡ୍ରାଇଭରମାନଙ୍କୁ ମାଗଣାରେ ସକାଳେ ଟିଫିନ ଅପରାହ୍ନରେ ମଧ୍ୟାହ୍ନ ଭୋଜନ ଓ ରାତିରେ ମଧ୍ୟ ରାତ୍ରି ଭୋଜନର ବ୍ୟବସ୍ଥା କରି ଖାଇବାକୁ ଦେଉଛନ୍ତି । ଆନ୍ଦୋଳନ ପାଇଁ ଯେମିତି କୌଣସି ଡ୍ରାଇଭର ଭୋକରେ ନ ରୁହନ୍ତୁ, ସେଥିପାଇଁ ସଂଘ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଏଥିରେ ସାଧାରଣ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିଲେ ହେଁ ତାଙ୍କର ଏଭଳି ମାନବିକତାକୁ ଦେଖି ପ୍ରଶଂସା କରିଛନ୍ତି ।

କୁଡ଼ା ଡ୍ରାଇଭର ସଂଘ ପକ୍ଷରୁ ଅଟକି ଥିବା ଡ୍ରାଇଭରମାନଙ୍କୁ ଖାଦ୍ୟ ବଣ୍ଟନ କରାଯାଉଛି ।

ଧର୍ମାନ୍ତରୀକରଣକୁ ନେଇ ଉତ୍ତେଜନା

ଲହୁଣୀପଡ଼ା, ୧୬।୩(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଦର୍ଜିଂ ବଙ୍ଗଳା ସାହିରେ ଧର୍ମାନ୍ତରୀକରଣ ହେଉଥିବା ପ୍ରଚାରିତ ହେବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା । ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚିଥିଲା । ସୂଚନା ଅନୁସାରେ ଲାଠିକଟା ଅଞ୍ଚଳକୁ ଅନ୍ୟ ଧର୍ମର କେତେକ ପ୍ରଚାରକ ଆସିଥିଲେ । ସେମାନେ ଦର୍ଜିଂ ବଙ୍ଗଳା ସାହିସ୍ଥିତ ପଡିଆରେ ଟେଣ୍ଟ ମାରି ଧର୍ମସଭା କରୁଥିଲେ । ଯାହାକୁ ଗ୍ରାମର କେତେକ ବିରୋଧ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । ଉଭୟ ପକ୍ଷ ଥାନାକୁ ଆସି ଏଭଳି କାର୍ଯ୍ୟକ୍ରମ ଆଗକୁ ନ ହେବାର ଲିଖିତ ପ୍ରତିଶ୍ରୁତି ପରେ ଘଟଣାର ଆପୋଷ ସମାଧାନ ହୋଇଥିବା ଜଣାପଡିଛି ।

ଲହୁଣୀପଡ଼ାରେ ନୂତନ ବିଡିଓଙ୍କ ଯୋଗଦାନ

ଲହୁଣୀପଡ଼ା, ୧୬।୩ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକରେ ଅବସ୍ଥାପିତ ଥିବା ବିଡ଼ିଓ ଧନାଇ ଚରଣ ଟୁଡୁଙ୍କ ଅନ୍ୟତ୍ର ବଦଳି ହେବା ପରେ ନୂତନ ବିଡ଼ିଓ ଭାବେ ଗୁରୁବାର ଅନୁରାଗ ମିଶ୍ର ଯୋଗ ଦେଇ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ସେ ଏହା ପୂର୍ବରୁ ବରଗଡ଼ ସଦରରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟରତ ଥିଲେ । ଲହୁଣୀପଡ଼ା ବ୍ଲକ ଅଧକ୍ଷା ସୁକମତି ମୁଣ୍ଡା, ଉପାଧକ୍ଷ ପଣ୍ଡିତ ଚରଣ ମୁଣ୍ଡା ତଥା ବ୍ଲକର ସମସ୍ତ କର୍ମଚାରୀ ନୂତନ ବିଡ଼ିଓଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଥିଲେ ।

ରେଙ୍ଗାଲି ବନ୍ଧ ବାସଚ୍ୟୁତ ସୁରକ୍ଷା ସମିତି ପକ୍ଷରୁ ଦାବିପତ୍ର

ରେଙ୍ଗାଲି ବନ୍ଧ ବାସଚ୍ୟୁତ ସୁରକ୍ଷା ସମିତି କର୍ମକର୍ତ୍ତା ଦାବିପତ୍ର ଦେବାକୁ ଆସିଛନ୍ତି ।

ଦେବଗଡ଼, ୧୬।୩(ଡି.ଏନ.ଏ.)

ଦେବଗଡ଼ ରେଙ୍ଗାଲି ବନ୍ଧ ବାସଚ୍ୟୁତ ସୁରକ୍ଷା ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଗୁରୁବାର ୧୨ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ପୂର୍ବାହ୍ନରେ ଗୋପାଳଜୀ ମନ୍ଦିର କଲ୍ୟାଣ ମଣ୍ଡପରୁ ରେଙ୍ଗାଲି ବନ୍ଧ ବାସଚ୍ୟୁତଙ୍କ ପକ୍ଷରୁ ଜନସମାବେଶ ପରେ ସୁରକ୍ଷା ସମିତି ସଭାପତି ନେତ୍ରାନନ୍ଦ ସାମଲଙ୍କ ନେତୃତ୍ୱରେ ଶୋଭାଯାତ୍ରାରେ ନଗର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରେବୀକା ବିଲୁଙ୍ଗଙ୍କୁ ପ୍ରଦାନ କରିଥିଲେ । ଏଥିରେ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଗତ ୨୦୧୦ ଜୁଲାଇ ୭ ତାରିଖ ଅନୁଷ୍ଠିତ ଉଚ୍ଚସ୍ତରୀୟ କମିଟି ନିଷ୍ପତ୍ତି ଅନୁଯାୟୀ ଅଦାଲତରେ ବିଚାର ପାଇଁ ଆବେଦନ ହୋଇ ନ ଥିବା ବୁଢ଼ି ଜମିର ଏକର ପ୍ରତି ୫୦ ହଜାର ଟଙ୍କା ଅନୁକମ୍ପା ମୂଳକ କ୍ଷତିପୂରଣ ପ୍ରଦାନ, ଦେବଗଡ଼ ଜୋନ କାର୍ଯ୍ୟାଳୟରେ ସ୍ଥାୟୀ ଅଧିକାରୀ ନିଯୁକ୍ତି, ଆଂଶିକ ବୁଢ଼ି ଗ୍ରାମକୁ ସମ୍ପୂର୍ଣ୍ଣ ବୁଢ଼ି ଘୋଷଣା, ପୁନଃବସତି ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ, ସ୍ଥାୟୀ ଜମିପଟ୍ଟା ପ୍ରଦାନ, ଲିଜ ଅର୍ଥ ବାବଦକୁ ପ୍ରଦାନ କରାଯାଇଥିବା ୧୪ ହଜାର ୪୦ ଟଙ୍କା ଫେରସ୍ତ ନିଆଯାଇ ଜମି ପ୍ରଦାନ, ଡିପି କେନାଲ କ୍ଷତିପୂରଣ, ବାସଚ୍ୟୁତ ପରିବାର ଚିହ୍ନଟ ଓ ଥଇଥାନ ଆଦି ଉଲ୍ଲେଖ ରହିଛି । ଏହି ସମୟରେ ଅନ୍ୟମାନଙ୍କ ମଧ୍ୟରେ ସୁରକ୍ଷା ସମିତିର ଉପସଭାପତି ପର୍ଶୁରାମ ବେହେରା, କିଶୋର ଚନ୍ଦ୍ର ସାମଲ, ପ୍ରହ୍ଲାଦ ଚନ୍ଦ୍ର ଗଣ୍ଡ, ନିରଞ୍ଜନ ବେହେରା, ବିଶ୍ୱନାଥ ସ୍ୱାଇଁ, ଦିବ୍ୟଶଙ୍କର ଦ୍ୱିବେଦୀ, ବିଜୟ କୁମାର ସାହୁ, ସମ୍ପାଦକ ଚୌଧୁରୀ ବେହେରା, ଉପଦେଷ୍ଟା ରଞ୍ଜନ କୁମାର ସାହୁ ଓ ରାଜକିଶୋର ନାୟକଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ ।

FINAL SELECTION LIST OF JAIL WARDER - 2022 No.D-346

CIRCLE	UR (Male)			UR (Female)	ST (Male)	ST (Female)	SC (Male)	EXSM	SM	HG		
BARIPADA	2201008232	2201003705	2201010230	2201005824	2201001000	2201016630	2201011415	2201006324	2201013975	2201005672		
	2201008004	2201014183	2201002599		2201015876	2201016808	2201016058			2201012109		
	2201008257	2201015524	2201003706		2201012105	2201010284	2201008580					
	2201010461	2201013255	2201005515				2201012711					
	2201005331	2201006067	2201006861				2201007824					
	2201009339	2201015239	2201011304				2201015138					
	2201006710	2201011710	2201001081				2201009740					
	2201014060	2201014228	2201011677				2201013909					
	2201010411	2201015627	2201000720				2201000435					
	2201005219	2201005431	2201006058									
	2201008313	2201010245	2201008451									
	2201014919	2201015600	2201015184									
	2201006539	2201015820	2201000990									
BERHAMPUR	UR (Male)					UR (Female)	ST (Male)		ST (Female)	SC (Male)		EXSM
	2202031286	2202044838	2202024275	2202031517	2202022436	2202026529	2202038

ଡବ୍ଲୁଟିସି ଫାଇନାଲ

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍(ଡବ୍ଲୁଟିସି) ଫାଇନାଲ ଜୁନ୍ ୭ରୁ ୧୧ ପର୍ଯ୍ୟନ୍ତ ଇଂଲଣ୍ଡର ଓଭାଲରେ ଅନୁଷ୍ଠିତ ହେବ। ଚାମ୍ପିୟନଶିପ୍‌ର ପ୍ରଥମ ସଂସ୍କରଣ ଫାଇନାଲରେ ଭାରତ ପ୍ରତିପକ୍ଷ ନ୍ୟୁଜିଲାଣ୍ଡଠାରୁ ହାରି ଯାଇଥିଲା। କ୍ରମାଗତ ଦ୍ୱିତୀୟଥର ଫାଇନାଲ ଖେଳିବାକୁ ଯାଉଥିବାରୁ ଦଳୀୟ ସନ୍ତୁଳନ ରକ୍ଷା କରିବା ଟିମ୍ ମ୍ୟାନେଜ୍‌ମେଣ୍ଟ ପାଇଁ ଚ୍ୟାଲେଞ୍ଜ ସଦୃଶ ହେବ।

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୪ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ କ୍ରିକେଟ ସିରିଜ ନିକଟରେ ଶେଷ ହୋଇଛି। ପୂର୍ବାନୁମାନ ଅନୁସାରେ ଭାରତ ୨-୧ରେ ସିରିଜ ଜିତି ବର୍ଡର-ଗାଭାସ୍କର ଟ୍ରଫି ହାସଲ କରିଛି। ୨୦୨୧-୨୩ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲୁଟିସି) ସାଇକେଲ (ଚକ୍ର)ରେ ପ୍ରଦର୍ଶନ ଭିତ୍ତିରେ ଭାରତ ଓ ଅଷ୍ଟ୍ରେଲିଆ ଫାଇନାଲରେ ପ୍ରବେଶ କରିଛନ୍ତି। ତେଣୁ ଏହି ଦୁଇ ଦଳ ମଧ୍ୟରେ ଆଉ ଏକ ମୁକାବିଲା ଦେଖିବାକୁ ପାଇବେ କ୍ରିକେଟ ପ୍ରଶଂସକ। ଜୁନ୍ ୭ରୁ ୧୧ ପର୍ଯ୍ୟନ୍ତ ଫାଇନାଲ ଇଂଲଣ୍ଡର ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ।

ଗତ ସିରିଜରେ ଅଷ୍ଟ୍ରେଲିଆ ଦଳରେ ପ୍ୟାଟ୍ କୁମିନ୍ସ, ମିଚେଲ ଷ୍ଟାର୍କ, କାମେରନ ଗ୍ରୀନ୍ ଓ ଡେଭିଡ୍ ୱାର୍ନର ଅଧିକାଂଶ ଭାଗରେ ଖେଳିପାରି ନ ଥିଲେ। ଜୋଶ୍ ହାଜେଲଉଡ୍ ଆଦୌ ଖେଳି ନ ଥିଲେ। ଭାରତୀୟ ପରିବେଶ ଏବଂ ଇଂଲଣ୍ଡ ପରିବେଶ ମଧ୍ୟରେ ଅନେକ ପ୍ରଭେଦ ରହିବ। ଓଭାଲର ପେସ୍ ଫ୍ରେଣ୍ଡଲୀ ପିଚ୍‌ରେ ଅଷ୍ଟ୍ରେଲିଆ ଦ୍ରୁତ ବୋଲରଙ୍କୁ ମୁକାବିଲା କରିବା ଭାରତ ପାଇଁ କଡ଼ା ପରୀକ୍ଷା ସଦୃଶ ହେବ। ସେଠାରେ ଭାରତ କେବେହେଲେ ୩ ସ୍ପିନରଙ୍କୁ ନେଇ ଖେଳିପାରିବ ନାହିଁ। ତେବେ ୨ ସ୍ପିନରଙ୍କୁ ନେଇ ଖେଳିବା ଗମ୍ଭୀରତାର ସହ ବିଚାର କରାଯାଇପାରେ। ୨୦୨୧ରେ ସାଉଥାମ୍ପଟନ୍‌ରେ ଅନୁଷ୍ଠିତ ଫାଇନାଲରେ ଭାରତ ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜାଙ୍କୁ ନେଇ ୩-୧ (୩ ପେସ୍-୨ ସ୍ପିନ୍) ଫର୍ମାଟରେ ଖେଳିଥିଲା। ମାତ୍ର ତାହା ବିଶେଷ କାମ ଦେଇ ନ ଥିଲା। ଅଶ୍ୱିନ ସବୁଠାରୁ ଭଲ ବୋଲିଂ କରିଥିଲେ, ମାତ୍ର ଜାଡେଜା ଫଳପ୍ରଦ ହୋଇ ନ ଥିଲେ। ଓଭରକାଷ୍ଟ ସିମିଂ କଣ୍ଡିଶନରେ ନ୍ୟୁଜିଲାଣ୍ଡ ପ୍ରଭାବୀ ପ୍ରଦର୍ଶନ କରି ଚାମ୍ପିୟନ ହୋଇଥିଲା। ସେଠାରେ ନ୍ୟୁଜିଲାଣ୍ଡ ୪ ସ୍ପେଶାଲିଷ୍ଟ ଫାଷ୍ଟ ବୋଲର ଏବଂ କଲିନ ଡି ଗ୍ରାଣ୍ଡହୋମ୍‌ଙ୍କ ରୂପରେ ଜଣେ ମିଡିୟମ ପେସରଙ୍କୁ ଖେଳାଇ ଫାଇଦାରେ ରହିଥିଲା। ସେହି ତୁଳନାରେ ଦେଖିବାକୁ ଗଲେ ଭାରତ କେବଳ ୩ ଜଣ ପେସ୍ ବୋଲରଙ୍କୁ ନେଇ ଖେଳିଥିଲା। ଏହାପରେ ଇଂଲଣ୍ଡ ମାଟିରେ ଭାରତ ୫ ଟେଷ୍ଟ ଖେଳିଥିଲେ ହେଁ କେବେ ୩-୨ ଫର୍ମାଟ୍‌ରେ ଖେଳି ନ ଥିଲା। ୪-୧ ଭିତ୍ତିରେ କେବଳ ଜଣେ ସ୍ପିନର ଜାଡେଜାଙ୍କୁ ନେଇ ଭାରତ ପଡ଼ିଆକୁ ଓହ୍ଲାଇଥିଲା। ଅଶ୍ୱିନଙ୍କ ଅପେକ୍ଷା ଜାଡେଜା ଭଲ ବ୍ୟାଟର ହୋଇଥିବାରୁ ପ୍ରଥମ ପସନ୍ଦ ହୋଇଥିଲେ। ଭାରତ ସିରିଜକୁ ୨-୨ରେ ଡ୍ର ରଖିଥିବାରୁ ଆଗାମୀ ମ୍ୟାଚ୍‌ରେ ମଧ୍ୟ ୪-୧ ଫର୍ମାଟରେ ଖେଳିବାକୁ ପସନ୍ଦ କରିବା ଆଶା କରାଯାଉଛି। କାରଣ ଜୁନ୍‌ରେ ଓଭାଲ ପିଚ୍ ସ୍ପିନ୍ ଫ୍ରେଣ୍ଡଲୀ ହେବା ସମ୍ଭାବନା ନାହିଁ।

ଭାରତ ପାଇଁ ସବୁଠାରୁ ବଡ଼ ଚିନ୍ତା ହେଉଛି ମୁଖ୍ୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଫାଇନାଲ ଖେଳିପାରିବେ ନାହିଁ। ତାଙ୍କ ଅନୁପସ୍ଥିତିରେ ଭାରତ ୪ ଦ୍ରୁତ ବୋଲରଙ୍କୁ ଚୟନ କରିବା ନିଶ୍ଚିତ କଷ୍ଟକର ହେବ। ଏ କ୍ଷେତ୍ରରେ ମହମ୍ମଦ ଶାମି ଓ ମହମ୍ମଦ ସିରାଜ ପ୍ରଥମ ପସନ୍ଦ ନୂଆ ବଲ ପାର୍ଟନର ହୋଇପାରନ୍ତି। ଉମେଶ ଯାଦବ, ଶାର୍ଦ୍ଦୂଳ ଠାକୁର ଓ ଜୟଦେବ ଉନାଡକଟ୍‌ଙ୍କ ମଧ୍ୟରୁ ଅନ୍ୟ ୨ ସ୍ଥାନ ପୂରଣ କରାଯାଇପାରେ। ୨୦୧୮ରେ ଶେଷଥର ପାଇଁ ଟେଷ୍ଟ ଖେଳିଥିବା ହାର୍ଦ୍ଦିକ ପାଣ୍ଡ୍ୟା ୪ର୍ଥ ସିମରର ଭୂମିକା ତୁଲାଇପାରନ୍ତି। ଗତ ଭାରତ-ଅଷ୍ଟ୍ରେଲିଆ ସିରିଜରେ ସ୍ପିନରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିବାରୁ ଦ୍ରୁତ ବୋଲରମାନେ ଅଧିକ ସମୟ ବୋଲିଂ ସୁଯୋଗ ପାଇନାହାନ୍ତି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍(ଡବ୍ଲୁଟିସି) ଫାଇନାଲ ପୂର୍ବରୁ ଭାରତୀୟ ଖେଳାଳିମାନେ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍) ଖେଳିବାରେ ବ୍ୟସ୍ତ ରହିବେ। ତେଣୁ ବୋଲରମାନେ ଲମ୍ବା ସ୍ପେଲ୍ ବୋଲିଂ ପାଇଁ ସୁଯୋଗ ପାଇବେ ନାହିଁ। ଏ କ୍ଷେତ୍ରରେ ୪ ଦ୍ରୁତ ବୋଲରଙ୍କ ଅପେକ୍ଷା ଭାରତ ୩-୨ ଫର୍ମାଟରେ ଉଭୟ ଅଶ୍ୱିନ ଓ ଜାଡେଜାଙ୍କ ଉପରେ ଭରସା କରି ପଡ଼ିଆକୁ ଓହ୍ଲାଇପାରେ।

ଶ୍ରୀକର ଭରତ ଗତ ସିରିଜରେ ଆଶାନୁରୂପ ବ୍ୟାଟିଂ କରିପାରି ନ ଥିଲେ। ଉଇକେଟ୍ କିପିଂ ମଧ୍ୟ ସେପରି ପ୍ରଭାବୀ ରହି ନ ଥିଲା। ରିଷଭ ପନ୍ତ ସୁସ୍ଥ ନ ଥିବାରୁ ଡବ୍ଲୁଟିସି ଫାଇନାଲରେ ଭାରତ ଭରତଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବ ନା ଅନ୍ୟ କିଛି ବିକଳ୍ପ ଚିନ୍ତା କରିବ ତାହା ଉପରେ ମଧ୍ୟ ନଜର ରହିବ। ଗତ ସିରିଜରେ ଶୁଭମନ ଗିଲ୍ ସୁଯୋଗର ସଦ୍‌ବ୍ୟବହାର କରି ଶତକ ହାସଲ କରିଥିଲେ। ତେଣୁ ଆଗାମୀ ମ୍ୟାଚ୍ ପାଇଁ ସେ ଭାରତର ଓପନିଂ ସ୍ଲଟ୍ ଲାଗି ପ୍ରବଳ ଦାବିଦାର ରହିବେ।

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଆଗାମୀ ସଂସ୍କରଣ ମେ' ବିଳମ୍ବ ପର୍ଯ୍ୟନ୍ତ ଚାଲିବ। ଅର୍ଥାତ୍ ଭାରତୀୟ ଖେଳାଳିମାନେ ଟି୨୦ ଫର୍ମାଟ୍‌ରୁ ବାହାରି ହଠାତ୍ ଡବ୍ଲୁଟିସି ଫାଇନାଲ ଖେଳିବେ। ଏ କ୍ଷେତ୍ରରେ ଅଷ୍ଟ୍ରେଲିଆ ଖେଳାଳିମାନେ ଫାଇଦାରେ ରହିବେ। ମାର୍ନସ ଲାବୁସେନ ଓ ଷ୍ଟିଭ୍ ସ୍ମିଥ୍‌ଙ୍କ ସମେତ କେତେକ ଦଳର ଖେଳାଳି କାଉଣ୍ଟି କ୍ରିକେଟ ଖେଳିବା ସୁଯୋଗ ପାଇବେ। ଅନ୍ୟ କେତେକ ଖେଳାଳି ଅଷ୍ଟ୍ରେଲିଆ 'ଏ' ଦଳରେ ସାମିଲ ହୋଇ ନ୍ୟୁଜିଲାଣ୍ଡ ଗସ୍ତ କରିବେ। ଡବ୍ଲୁଟିସି ଫାଇନାଲ ପାଇଁ ଅଷ୍ଟ୍ରେଲିଆ ଦଳରେ ୯ ଖେଳାଳିଙ୍କ ସ୍ଥାନ ପ୍ରାୟ ବୃତ୍ତାନ୍ତ ହୋଇଛି। ଅନ୍ୟ ୨ ସ୍ଥାନ କେଉଁ ଖେଳାଳି ନେବେ ତା' ଉପରେ ନଜର ରହିବ। କହୁଣିରେ ଆଘାତ ଯୋଗୁ କ୍ରିକେଟରୁ ଦୂରେଇ ରହିଥିବା ଓପନର ଡେଭିଡ ୱାର୍ନର ଦିନିକିଆ ସିରିଜରେ ଅଷ୍ଟ୍ରେଲିଆ ଜର୍ସିରେ ନଜରକୁ ଆସିବେ। ତେବେ ସେ ଟେଷ୍ଟ ଦଳକୁ ଫେରୁଛନ୍ତି କି ନା ତାହା ଦେଖିବାର ଅଛି। ଇଂଲଣ୍ଡରେ ତାଙ୍କ ରେକର୍ଡ ସେତେ ଭଲ ନୁହେଁ। ସେଠାରେ ସେ ୧୩ଟି ଟେଷ୍ଟ ଖେଳିଥିବାବେଳେ ମାତ୍ର ୨୬.୦୪ ହାରରେ ରନ୍ ସଂଗ୍ରହ କରିଛନ୍ତି। ଗୋଟିଏ ହେଲେ ଶତକ ହାସଲ କରିପାରିନାହାନ୍ତି। ଏହା ତାଙ୍କୁ ବ୍ୟାକ୍‌ଫୁଟ୍‌ରେ ରଖିବ ନିଶ୍ଚିତ। କୋଚ୍ ଆଣ୍ଡ୍ରୁ ମ୍ୟାକ୍‌ଡୋନାଲ୍ଡ ଅନ୍ତିମ ନିଷ୍ପତ୍ତି ନେବେ। ଆଗାମୀ ସିଜନରେ ତାଙ୍କ ଟେଷ୍ଟ କ୍ୟାରିୟର ଶେଷ ହେବାକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି।

ପ୍ୟାଟ୍ କୁମିନ୍ସ ଓ ମିଚେଲ ଷ୍ଟାର୍କଙ୍କ ପରେ ଅଷ୍ଟ୍ରେଲିଆ ଦଳର ତୃତୀୟ ପେସର ଭାବେ କିଏ ସ୍ଥାନ ପାଇବ ତା' ଉପରେ ମଧ୍ୟ ନଜର ରହିବ। ଏ କ୍ଷେତ୍ରରେ ୨ ଜଣଙ୍କ ନାଁ ସାମ୍ନାକୁ ଆସୁଛି। ସେମାନେ ହେଲେ ଜୋଶ୍ ହାଜେଲଉଡ୍ ଓ ସ୍କଟ୍ ବୋଲାଣ୍ଡ। ହାଜେଲଉଡ୍ ନିଶ୍ଚିତ ପ୍ରଥମ ପସନ୍ଦ, ମାତ୍ର ଆହତ ସମସ୍ୟା ତାଙ୍କୁ ଅନେକ ସମୟରେ ପଡ଼ିଆ ବାହାରେ ରଖୁଛି। ତେଣୁ ବୋଲାଣ୍ଡଙ୍କୁ ପ୍ରସ୍ତୁତ ହୋଇ ରହିବାକୁ ପଡ଼ିବ। ଜୁନ୍ ପ୍ରଥମ ସପ୍ତାହରେ କେଉଁ ଦ୍ରୁତ ବୋଲର ଫଳପ୍ରଦ ହୋଇପାରିବେ ତା' ଉପରେ ମଧ୍ୟ ଧ୍ୟାନ ଦିଆଯିବ। ଷ୍ଟାର୍କଙ୍କ ରେକର୍ଡକୁ ମଧ୍ୟ ବିଚାରକୁ ନିଆଯିବ। ଡବ୍ଲୁଟିସି ଫାଇନାଲ ପାଇଁ ପ୍ରତି ଦଳ ମାତ୍ର ୧୫ ଜଣ ଲେଖାଏ ଖେଳାଳିଙ୍କୁ ଚୟନ କରିପାରିବେ। ତେଣୁ ତାରକା ସ୍ପିନର ନାଥନ ଲିୟନଙ୍କ ବ୍ୟାକ୍‌ଅପ୍ ସ୍ପିନରଭାବେ ଟଡ୍ ମର୍ଫିଙ୍କୁ ନିଆଯିବା ସମ୍ଭାବନା ରହିଛି। ଅଷ୍ଟ୍ରେଲିଆର ସମ୍ଭାବ୍ୟ ୧୫ ଜଣିଆ ଦଳ ଏପରି ହୋଇପାରେ-ଡେଭିଡ ୱାର୍ନର, ଉସ୍‌ମାନ ଖ୍ୱାଜା, ମାର୍ନସ ଲାବୁସେନ, ଷ୍ଟିଭ୍ ସ୍ମିଥ, ଟ୍ରାଭିସ ହେଡ୍, କାମେରନ ଗ୍ରୀନ୍, ଆଲେକ୍ସ କାରେ (ଉଇକେଟ୍‌କିପର), ପ୍ୟାଟ୍ କୁମିନ୍ସ (ଅଧିନାୟକ), ମିଚେଲ ଷ୍ଟାର୍କ, ନାଥନ ଲିୟନ, ଜୋଶ୍ ହାଜେଲଉଡ୍, ସ୍କଟ୍ ବୋଲାଣ୍ଡ, ଟଡ୍ ମର୍ଫି, ପିଟର ହ୍ୟାଣ୍ଡସ୍କମ୍ବ ଏବଂ ମିଚେଲ ନେସେର/ଲାନ୍ସ ମୋରିସ।

ପ୍ୟାଟ୍ କୁମିନ୍ସ ଓ ରୋହିତ ଶର୍ମା।

ଅଷ୍ଟ୍ରେଲିଆ

୨୦୨୧ ଡିସେମ୍ବର ୮: ବନାମ ଇଂଲଣ୍ଡ, ୯ ଉଇକେଟରେ ବିଜୟୀ
୨୦୨୧ ଡିସେମ୍ବର ୧୬: ବନାମ ଇଂଲଣ୍ଡ, ୨୭୫ ରନ୍‌ରେ ବିଜୟୀ
୨୦୨୧ ଡିସେମ୍ବର ୨୬: ବନାମ ଇଂଲଣ୍ଡ, ଏକ ଇନିଂସ ୧୪ ରନ୍‌ରେ ବିଜୟୀ
୨୦୨୨ ଜାନୁୟାରୀ ୫: ବନାମ ଇଂଲଣ୍ଡ, ମ୍ୟାଚ୍ ଡ୍ର
୨୦୨୨ ଜାନୁୟାରୀ ୧୪: ବନାମ ଇଂଲଣ୍ଡ, ୧୪୬ ରନ୍‌ରେ ବିଜୟୀ
୨୦୨୨ ମାର୍ଚ୍ଚ ୪: ବନାମ ପାକିସ୍ତାନ, ମ୍ୟାଚ୍ ଡ୍ର
୨୦୨୨ ମାର୍ଚ୍ଚ ୧୨: ବନାମ ପାକିସ୍ତାନ, ମ୍ୟାଚ୍ ଡ୍ର
୨୦୨୨ ମାର୍ଚ୍ଚ ୨୧: ବନାମ ପାକିସ୍ତାନ, ୧୧୫ ରନ୍‌ରେ ବିଜୟୀ
୨୦୨୨ ଜୁନ୍ ୨୯: ବନାମ ଶ୍ରୀଲଙ୍କା, ୧୦ ଉଇକେଟରେ ବିଜୟୀ
୨୦୨୨ ଜୁଲାଇ ୮: ବନାମ ଶ୍ରୀଲଙ୍କା, ଏକ ଇନିଂସ ୩୯ ରନ୍‌ରେ ପରାସ୍ତ
୨୦୨୨ ନଭେମ୍ବର ୩୦: ବନାମ ୱେଷ୍ଟଇଣ୍ଡିଜ, ୧୬୪ ରନ୍‌ରେ ବିଜୟୀ
୨୦୨୨ ଡିସେମ୍ବର ୮: ବନାମ ୱେଷ୍ଟଇଣ୍ଡିଜ, ୪୧୯ ରନ୍‌ରେ ବିଜୟୀ
୨୦୨୨ ଡିସେମ୍ବର ୧୭: ବନାମ ଦକ୍ଷିଣ ଆଫ୍ରିକା, ୬ ଉଇକେଟରେ ବିଜୟୀ
୨୦୨୨ ଡିସେମ୍ବର ୨୬: ବନାମ ଦକ୍ଷିଣ ଆଫ୍ରିକା, ଏକ ଇନିଂସ ୧୮୨ ରନ୍‌ରେ ବିଜୟୀ
୨୦୨୩ ଜାନୁୟାରୀ ୪: ବନାମ ଦକ୍ଷିଣ ଆଫ୍ରିକା, ମ୍ୟାଚ୍ ଡ୍ର
୨୦୨୩ ଫେବୃୟାରୀ ୯: ବନାମ ଭାରତ, ଏକ ଇନିଂସ ୧୩୨ ରନ୍‌ରେ ପରାସ୍ତ
୨୦୨୩ ଫେବୃୟାରୀ ୧୭: ବନାମ ଭାରତ, ୬ ଉଇକେଟରେ ପରାସ୍ତ
୨୦୨୩ ମାର୍ଚ୍ଚ ୧: ବନାମ ଭାରତ, ୯ ଉଇକେଟରେ ବିଜୟୀ
୨୦୨୩ ମାର୍ଚ୍ଚ ୯: ବନାମ ଭାରତ, ମ୍ୟାଚ୍ ଡ୍ର

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପଏଣ୍ଟ ଟେବୁଲ

ଦଳ	ମ୍ୟାଚ୍	ବିଜୟ	ପରାଜୟ	ଡ୍ର	ପଏଣ୍ଟ	ପର୍ସେଣ୍ଟେଜ୍ ପଏଣ୍ଟ
ଅଷ୍ଟ୍ରେଲିଆ	୧୯	୧୧	୩	୫	୧୫୨	୬୬.୬୭
ଭାରତ	୧୮	୧୦	୫	୩	୧୨୭	୫୮.୮୦
ଦ. ଆଫ୍ରିକା	୧୫	୮	୬	୧	୧୦୦	୫୫.୫୬
ଶ୍ରୀଲଙ୍କା	୧୧	୫	୫	୧	୬୪	୪୮.୪୮
ଇଂଲଣ୍ଡ	୨୨	୧୦	୮	୪	୧୨୪	୪୬.୯୭
ପାକିସ୍ତାନ	୧୪	୪	୬	୪	୬୪	୩୮.୧୦
ୱେଷ୍ଟଇଣ୍ଡିଜ	୧୩	୪	୭	୨	୫୪	୩୪.୬୨
ନ୍ୟୁଜିଲାଣ୍ଡ	୧୨	୩	୬	୩	୪୮	୩୩.୩୩
ବାଂଲାଦେଶ	୧୨	୧	୧୦	୧	୧୬	୧୧.୧୧

ଭାରତ

୨୦୨୧ ଅଗଷ୍ଟ ୪: ବନାମ ଇଂଲଣ୍ଡ, ମ୍ୟାଚ୍ ଡ୍ର
୨୦୨୧ ଅଗଷ୍ଟ ୧୨: ବନାମ ଇଂଲଣ୍ଡ, ୧୫୧ ରନ୍‌ରେ ବିଜୟୀ
୨୦୨୧ ଅଗଷ୍ଟ ୨୫: ବନାମ ଇଂଲଣ୍ଡ, ଏକ ଇନିଂସ ୭୬ ରନ୍‌ରେ ପରାସ୍ତ
୨୦୨୧ ସେପ୍ଟେମ୍ବର ୨: ବନାମ ଇଂଲଣ୍ଡ, ୧୫୭ ରନ୍‌ରେ ବିଜୟୀ
୨୦୨୧ ନଭେମ୍ବର ୨୫: ବନାମ ନ୍ୟୁଜିଲାଣ୍ଡ, ମ୍ୟାଚ୍ ଡ୍ର
୨୦୨୧ ଡିସେମ୍ବର ୩: ବନାମ ନ୍ୟୁଜିଲାଣ୍ଡ, ୩୭୨ ରନ୍‌ରେ ବିଜୟୀ
୨୦୨୧ ଡିସେମ୍ବର ୨୬: ବନାମ ଦକ୍ଷିଣ ଆଫ୍ରିକା, ୧୧୩ ରନ୍‌ରେ ବିଜୟୀ
୨୦୨୨ ଜାନୁୟାରୀ ୩: ବନାମ ଦକ୍ଷିଣ ଆଫ୍ରିକା, ୭ ଉଇକେଟରେ ପରାସ୍ତ
୨୦୨୨ ଜାନୁୟାରୀ ୧୧: ବନାମ ଦକ୍ଷିଣ ଆଫ୍ରିକା, ୭ ଉଇକେଟରେ ପରାସ୍ତ
୨୦୨୨ ମାର୍ଚ୍ଚ ୪: ବନାମ ଶ୍ରୀଲଙ୍କା, ଏକ ଇନିଂସ ୨୨୨ ରନ୍‌ରେ ବିଜୟୀ
୨୦୨୨ ମାର୍ଚ୍ଚ ୧୨: ବନାମ ଶ୍ରୀଲଙ୍କା, ୨୩୮ ରନ୍‌ରେ ବିଜୟୀ
୨୦୨୨ ଜୁଲାଇ ୧: ବନାମ ଇଂଲଣ୍ଡ, ୭ ଉଇକେଟରେ ପରାସ୍ତ
୨୦୨୨ ଡିସେମ୍ବର ୧୪: ବନାମ ବାଂଲାଦେଶ, ୧୮୮ ରନ୍‌ରେ ବିଜୟୀ
୨୦୨୨ ଡିସେମ୍ବର ୨୨: ବନାମ ବାଂଲାଦେଶ, ୩ ଉଇକେଟରେ ବିଜୟୀ
୨୦୨୩ ଫେବୃୟାରୀ ୯: ବନାମ ଅଷ୍ଟ୍ରେଲିଆ, ଏକ ଇନିଂସ ୧୩୨ ରନ୍‌ରେ ବିଜୟୀ
୨୦୨୩ ଫେବୃୟାରୀ ୧୭: ବନାମ ଅଷ୍ଟ୍ରେଲିଆ, ୬ ଉଇକେଟରେ ବିଜୟୀ
୨୦୨୩ ମାର୍ଚ୍ଚ ୧: ବନାମ ଅଷ୍ଟ୍ରେଲିଆ, ୯ ଉଇକେଟରେ ପରାସ୍ତ
୨୦୨୩ ମାର୍ଚ୍ଚ ୯: ବନାମ ଅଷ୍ଟ୍ରେଲିଆ, ମ୍ୟାଚ୍ ଡ୍ର

'ବ୍ରିଜ୍' ଗୌରବ କଳ୍ପନା ଓ ବିଦ୍ୟା

ରମେଶ ସାହୁ

ଇଟାଲୀରେ ଅନୁଷ୍ଠିତ ବିଶ୍ୱ ଯୁବ ବ୍ରିଜ୍ ଟ୍ରାନ୍ସନ୍ୟାଶନାଲ ଚାମ୍ପିୟନଶିପ୍‌ରେ ଚମତ୍କାର ପ୍ରଦର୍ଶନ କରି ଭାରତକୁ ଗର୍ବିତ କରିଥିଲେ ମଧ୍ୟପ୍ରଦେଶର ଦୁଇ କଲେଜ ଛାତ୍ରୀ। ସେମାନେ ହେଲେ କଳ୍ପନା ଗୁର୍ଜର ଓ ବିଦ୍ୟା ପଟେଲ। କଳ୍ପନା ସିଙ୍ଗଲ୍ସ ବର୍ଗରେ ସ୍ୱର୍ଣ୍ଣ ଜିତିଥିବାବେଳେ ଡବଲ୍ସରେ କଳ୍ପନା ଓ ବିଦ୍ୟାଙ୍କ ଯୋଡ଼ି ରୌପ୍ୟ ପଦକ ହାସଲ କରିଥିଲା।

ଗତବର୍ଷ ଅଗଷ୍ଟରେ ଇଟାଲୀର ସାଲ୍‌ସୋମାଗିଓରଠାରେ ବିଶ୍ୱ ଯୁବ ବ୍ରିଜ୍ ଟ୍ରାନ୍ସନ୍ୟାଶନାଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ତାସ୍ ଖେଳର ଏହି ରୋମାଞ୍ଚକର ପ୍ରତିଯୋଗିତାରେ ନିଜ ପ୍ରତିଭା ପ୍ରଦର୍ଶନ କରି ଭାରତକୁ ଗର୍ବିତ କରିଥିଲେ ମଧ୍ୟପ୍ରଦେଶର ଦୁଇ କଲେଜ ଛାତ୍ରୀ। ସେମାନେ ହେଲେ କଳ୍ପନା ଗୁର୍ଜର ଓ ବିଦ୍ୟା ପଟେଲ। ଏଥିରେ କଳ୍ପନା ସିଙ୍ଗଲ୍ସ ବର୍ଗରେ ସ୍ୱର୍ଣ୍ଣ ଜିତିଥିବାବେଳେ ଡବଲ୍ସରେ କଳ୍ପନା ଓ ବିଦ୍ୟାଙ୍କ ଯୋଡ଼ି ରୌପ୍ୟ ପଦକ ହାସଲ କରିଥିଲା। ମଧ୍ୟପ୍ରଦେଶର ଇନ୍ଦୋର ସହରଠାରୁ ୧୫୦ କି.ମି ଦୂର ରାଇବିଦ୍‌ପୁରା ଗ୍ରାମର ଏହି ଦୁଇ ଛାତ୍ରୀ। ଦୁହେଁ ଅହମଦାବାଦ୍‌ରେ କଲେଜରେ ଅଧ୍ୟୟନ କରୁଛନ୍ତି। ୫ ହଜାର ଜନସଂଖ୍ୟା ବିଶିଷ୍ଟ ଏହି ଗ୍ରାମରେ ଅଛନ୍ତି ପ୍ରାୟ ୩ ଶହ ଜଣ ବ୍ରିଜ୍ ଖେଳାଳି। ଉତ୍ତର ଭାରତ ସମେତ ବିଭିନ୍ନ ରାଜ୍ୟରେ ହେଉଥିବା ଟୁର୍ନାମେଣ୍ଟଗୁଡ଼ିକରେ ଏମାନେ ଭାଗନେଇଥାନ୍ତି। ତେବେ ଜିମ୍‌ଖାନା କ୍ଲବ୍ ସହ ଜଡ଼ିତ ବ୍ରିଜ୍ କିପରି ରାଇବିଦ୍‌ପୁରା ଆସିଲା ତାହାର ଏକ ସଂକ୍ଷିପ୍ତ ଇତିହାସ ରହିଛି।

୧୯୬୫ ମସିହାରେ ଗ୍ରାମବାସୀ ପ୍ରଥମେ ତାସ୍ ଖେଳର ଚମକ ପାଇଥିଲେ। ସେତେବେଳେ ମହମ୍ମଦ ଜିଆ ଖାଁ ନାମରେ ଜଣେ ସରକାରୀ ପ୍ରାଣୀ ଚିକିତ୍ସକ ରାଇବିଦ୍‌ପୁରାରେ କାର୍ଯ୍ୟରତ ଥିଲେ। ମାତ୍ର ତାଙ୍କ ମନୋରଞ୍ଜନ ପାଇଁ ଗାଁରେ କିଛି ମାଧ୍ୟମ ନ ଥିଲା। ସେ ଜଣେ ବ୍ରିଜ୍ ଖେଳାଳି ଥିଲେ। ଏଣୁ ସେ ନିଜେ ବ୍ରିଜ୍ ଖେଳିବା ସହ ଗାଁ ଲୋକଙ୍କୁ ଶିଖାଇଲେ। ପ୍ରାରମ୍ଭରେ ଗାଁର ମଧ୍ୟବୟସ୍କ ଲୋକମାନେ ବ୍ରିଜ୍ ଖେଳୁଥିଲେ। ମାତ୍ର ଏହା ସାର୍ବଜନୀନ ହେବାକୁ ବେଶି ଡେରି ଲାଗି ନ ଥିଲା। ୨୦୦୩ ମସିହା ବେଳକୁ ରାଇବିଦ୍‌ପୁରାରେ ବ୍ରିଜ୍ ତାସ୍ ଖେଳ ପ୍ରସାର ହୋଇଯାଇଥିଲା। ଗ୍ରାମର ନିଜସ୍ୱ ଦଳ ମଧ୍ୟ ଗଠନ ହୋଇସାରିଥିଲା। ଉକ୍ତ ବର୍ଷ ଇନ୍ଦୋର ସହରକୁ ଯାଇଥିଲା ସେହି ଦଳ। ଚାଷୀମାନଙ୍କୁ ନେଇ ଗଠିତ ଦଳର ବ୍ରିଜ୍ ଖେଳ ପ୍ରଶଂସନୀୟ ହୋଇଥିଲା।



ଅତୀତରେ ରାଇବିଦ୍‌ପୁରାରେ କୃଷକ ଓ ସରକାରୀ ଶିକ୍ଷକ ସଂଖ୍ୟା ଅଧିକ ଥିଲା। ଗାଁର ଯୁବପିଢ଼ି ଏବେ ସଫ୍ଟୱେର ଓ ମେଡିସିନ୍ ବ୍ୟବସାୟ ଆଡ଼କୁ ଢଳୁଛନ୍ତି। ସମ୍ପ୍ରତି ଗାଁରେ ତାସ୍ ଖେଳର ବାତାବରଣ ବଢ଼ିଛି। କଳ୍ପନା ଓ ବିଦ୍ୟା ଯେଉଁ କ୍ଲବ୍‌ରେ ଅଭ୍ୟାସ କରୁଛନ୍ତି ସେ ଗୃହକୁ ମାର୍ଜିତ କରାଯାଇଛି। ଗାଁରେ ତାସ୍ ଖେଳର ମୂଳଦୁଆ ପକାଇଥିବା ଲୋକମାନଙ୍କୁ ସ୍ମରଣ କରାଯାଉଛି। ସେମାନଙ୍କ ମଧ୍ୟରେ ଜଣେ ଅମରେଶ ଦେଶ୍‌ପାଣ୍ଡେ। ୨୦୧୨ରେ 'ବ୍ରିଜ୍ ଭିଲେଜ୍' ଶୀର୍ଷକ ଏକ ଗଣମାଧ୍ୟମ ରିପୋର୍ଟ ତାଙ୍କ ନଜରକୁ ଆସିଥିଲା। ଏହା ପଢ଼ିଲା ପରେ ରାଇବିଦ୍‌ପୁରା ପ୍ରତି ଅମରେଶ

ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୧୬।୩

ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା ଓ ମାନ୍ଦାବସ୍ଥା ଯୋଗୁ ଭାରତୀୟ ଶେୟାର ବଜାରର କାରବାର ଅସ୍ଥିରତା ମଧ୍ୟରେ ବନ୍ଦ ହେଉଛି। ବିଶେଷକରି କ୍ରମାଗତ ୫ମ ଦିନର ବଜାର ହ୍ରାସ ପରେ ଗୁରୁବାର ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରରେ ଉତ୍ସାହ ପରିଲକ୍ଷିତ ହୋଇଛି। ଫଳରେ ଗୁରୁବାର ଷ୍ଟକ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୯ (୭୮.୯୪) ପଏଣ୍ଟ ବୃଦ୍ଧି ଘଟି ୫୭,୬୩୫(୫୭,୬୩୪.୮୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୩(୧୩.୪୫) ପଏଣ୍ଟ ବଢ଼ି ୧୬,୯୮୬ (୧୬,୯୮୫.୬୦) ଅଙ୍କରେ କାରବାର ବନ୍ଦ ହୋଇଛି।

ନୀଳଗିରିରେ ଟ୍ରେଣ୍ଡ୍‌ସର ନୂଆ ଷ୍ଟୋର

ଭୁବନେଶ୍ୱର,୧୬।୩

ରିଲାଏନ୍ସ ରିଟେଲ୍‌ର ଆପାରେଲ ଏବଂ ଆସେସୋରି ସ୍ପେଶାଲିଟି ଚେନ୍ ଟ୍ରେଣ୍ଡ୍‌ସର ଆଉ ଏକ ଏକ୍ସକ୍ଲୁସିଭ ଷ୍ଟୋର ଓଡ଼ିଶା ବଜାରରେ ଶୁଭାରମ୍ଭ କରାଯାଇଛି। ଏପରିକି ବାଲେଶ୍ୱର ଜିଲା ନୀଳଗିରିଠାରେ ବୁଧବାର ଟ୍ରେଣ୍ଡ୍‌ସର ନୂତନ ଷ୍ଟୋର ଉଦ୍‌ଘାଟିତ ହୋଇଯାଇଛି। ବିଶେଷକରି ୫୩୦୦ ବର୍ଗଫୁଟ ଅଞ୍ଚଳରେ ପରିବ୍ୟାପ୍ତ ଷ୍ଟୋରରେ ଗ୍ରାହକମାନଙ୍କ ମନଲାଖି ଉଚ୍ଚମାନର ଆକର୍ଷଣୀୟ ଫ୍ୟାଶନ ମର୍ଚ୍ଚାଣ୍ଡାଇଜ ସମ୍ଭାର ଓ ସୁଲଭ ମୂଲ୍ୟ ଉକ୍ତ ଷ୍ଟୋରକୁ ଅଧିକ ଆକର୍ଷଣୀୟ କରି ତୋଳିଛି। ସ୍ଥାନୀୟ ଅଞ୍ଚଳର ଗ୍ରାହକମାନେ ବର୍ତ୍ତମାନ ଟ୍ରେଣ୍ଡି ୱିମେନ ୱିୟର, ମେନ୍ସ ୱିୟର, କିଡ୍‌ସ ୱିୟର ଏବଂ ଫ୍ୟାଶନ ଆସେସୋରିଜ ଅତି ସ୍ୱତନ୍ତ୍ର ମୂଲ୍ୟରେ ଚମତ୍କାର କିଣାକିଣି ଅନୁଭୂତି ସହିତ ଏଠାରେ ପାଇପାରିବେ। ସେହିଭଳି ଏହି ଷ୍ଟୋର ନୀଳଗିରିର ପ୍ରଥମ ଏବଂ ଉକ୍ତ ଷ୍ଟୋର୍‌ରେ ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ଉଦ୍‌ଘାଟନୀ ଅଫର ସହ ଆକର୍ଷଣୀୟ

ଫ୍ୟାଶନ ଓ ଲୋଭନୀୟ ମୂଲ୍ୟର ବ୍ୟାପକ ସମ୍ଭାର ରହିଛି। ଏପରିକି ୩୯୯୯ଟଙ୍କାର ବଛାବଛା ସାମଗ୍ରୀ କିଣାକିଣି କଲେ ମାତ୍ର ୨୪୯ଟଙ୍କାରେ ଏକ ଆକର୍ଷଣୀୟ ଉପହାର ପାଇପାରିବେ। କେବଳ ସେତିକି ନୁହେଁ, ୩୯୯୯ଟଙ୍କାର କିଣାକିଣି ଉପରେ ଗ୍ରାହକମାନେ ୨୦୦୦ଟଙ୍କା ମୂଲ୍ୟର କୁପନ ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ତେଣୁ ଅନନ୍ୟ ଫ୍ୟାଶନ ଶପିଙ୍ଗ୍ ଅନୁଭୂତି ପାଇଁ ନୀଳଗିରିରେ ଖୋଲିଥିବା ଉକ୍ତ ଷ୍ଟୋର୍ ଗ୍ରାହକଙ୍କ ପାଇଁ ପ୍ରକୃଷ୍ଟ କ୍ରୟସ୍ଥଳ ପାଲଟିଛି।

ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ନୂତନ ସେବା

ନୂଆଦିଲ୍ଲୀ,୧୬।୩

ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ମହିଳାଙ୍କ ପାଇଁ ଏକ ସ୍ୱତନ୍ତ୍ର ହଟ୍ ଲାଇନ ସେବାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ମହିଳାମାନଙ୍କୁ ନିବେଶ ସମ୍ପର୍କରେ ଅଧିକ ଜଣାଇବା (ଶିକ୍ଷାଲାଭ) ଦିଗରେ ଉତ୍ସାହିତ କରିବାକୁ ଏଭଳି ସେବାର ଶୁଭାରମ୍ଭ କରାଯାଇଛି। ଅପରପକ୍ଷରେ ମହିଳାମାନେ କିଭଳି ନିବେଶର ପ୍ରାଥମିକତା ଓ ଆବଶ୍ୟକ ପଦକ୍ଷେପ ନେବେ ସେ ସମ୍ପର୍କରେ ଅଧିକ ଜ୍ଞାନ ଆହରଣ କରିବାକୁ ଆଗ୍ରହୀ ମହିଳାମାନେ ୮୬୫୭୦୧୧୩୩୩ ନମ୍ବରରେ ମିସ୍‌ଡ କଲ୍ କରି ବିସ୍ତୃତ ସୂଚନା ପାଇପାରିବେ। ସେହିଭଳି ମହିଳାମାନେ ପୁରୁଷଙ୍କଠାରୁ ପୃଥକ ଭାବେ ଚିନ୍ତା କରନ୍ତି ଏବଂ ଅର୍ଥ ତଥା ସେମାନଙ୍କର ଆତ୍ମବିଶ୍ୱାସ ସ୍ତର ପ୍ରତି ସେମାନଙ୍କ ଭାବଧାରା ଆଧାରରେ ସେମାନେ ହୁଏତ ଅଧିକ ବ୍ୟକ୍ତିଗତ ମାର୍ଗଦର୍ଶନ ଆବଶ୍ୟକ କରିପାରନ୍ତି।

ଡାଲମିଆ ସିମେଣ୍ଟର ସାଦ୍ରି.ଇ ବ୍ରାଣ୍ଡ୍ ଉନ୍ମୋଚିତ

ଭୁବନେଶ୍ୱର,୧୬।୩

ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ୍ ପକ୍ଷରୁ ଏକ ଅଭିନବ ପ୍ଲାଟଫର୍ମ 'ସାଦ୍ରି.ଇ' ବ୍ରାଣ୍ଡ୍ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ସ୍ଥାନୀୟ ମହିଳାମାନଙ୍କର ଗୋଷ୍ଠୀ କୁଶଳତା ବିକାଶ ପ୍ରୟାସ 'ପ୍ରୋଜେକ୍ଟ ହସ୍ତକଳା' ଅଧୀନରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମହିଳା ସଦସ୍ୟାମାନଙ୍କ ଦ୍ୱାରା ପ୍ରସ୍ତୁତ ହାତ ତିଆରି ଉତ୍ପାଦଗୁଡ଼ିକର ବିକ୍ରିବଟା ନିମନ୍ତେ ସାଦ୍ରି.ଇ ବ୍ରାଣ୍ଡର ପ୍ରଚଳନ କରାଯାଇଛି। ସାଦ୍ରି ଏକ ସ୍ଥାନୀୟ ଭାଷା ଏବଂ ଉକ୍ତ ବ୍ରାଣ୍ଡ୍ ସ୍ଥାନୀୟ ଅଞ୍ଚଳରେ ସମସ୍ତ ପ୍ରତିବନ୍ଧକର ମୁକାବିଲା କରି ନିଜକୁ ସଶକ୍ତ କରୁଥିବା ଉକ୍ତ ବ୍ରାଣ୍ଡର ମହିଳାମାନଙ୍କର ସଂସ୍କୃତି ଓ ଉତ୍ସାହକୁ ସମ୍ମାନ ପ୍ରଦର୍ଶନ କରିବା ଲକ୍ଷ୍ୟ ରଖିଛି। ଏହି ବ୍ରାଣ୍ଡ ପ୍ରଚଳନ ଆନ୍ତର୍ଜାତିକ ମହିଳା ଦିବସ ପାଳନର ଅଂଶବିଶେଷ ଥିଲା ଯାହା ରାଜଗାଙ୍ଗପୁରର ଲାଞ୍ଜିବେର୍ଣ୍ଣା ଚୂନପଥର ଓ ଡୋଲୋମାଇଟ ଖଣିଗୁଡ଼ିକରେ ସମସ୍ତ ଏସ୍‌ଏଚ୍‌ଜି ମହିଳା ସଦସ୍ୟାମାନଙ୍କର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲା। ଏହି ପରିପ୍ରେକ୍ଷୀରେ ଏକଲବ୍ୟ ପୁରସ୍କାରପ୍ରାପ୍ତ ତଥା ପ୍ରାକ୍ତନ ଜାତୀୟ ହକି ଖେଳାଳି (ମହିଳା) ସୁଭଦ୍ରା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ଡିସିବିଏଲ ଏକଜିକ୍ୟୁଟିଭ ଡାଇରେକ୍ଟର ଏବଂ ୟୁନିଟ୍ ହେଡ୍ ରାଜଗାଙ୍ଗପୁର ଚେତନ ଶ୍ରୀବାସ୍ତବ, ଓମ୍‌ପ୍ରକାଶ ରାମରାଓଜୀ ଖେଲକାର (ମାଇନ୍ସ ହେଡ-ଲାଞ୍ଜିବେର୍ଣ୍ଣା ଖଣି), ପୁଷ୍ପା କେର୍‌କେଟା,ସରପଞ୍ଚ କଟଙ୍ଗ ଗ୍ରାମ ପଞ୍ଚାୟତ, କବିତା ମିଞ୍ଜ, ସରପଞ୍ଚ ଗର୍ଭଣା ଗ୍ରାମପଞ୍ଚାୟତ ଏବଂ ପ୍ରୀତି ଜିରକୁଣ୍ଡୱାର ପ୍ରେସିଡେଣ୍ଟ ସଙ୍ଗମ ମହିଳା ମଣ୍ଡଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏପରିକି ଆଖପାଖ ଅଞ୍ଚଳରୁ (ଝଗରପୁର,ଅଲଣ୍ଡା, କଟଙ୍ଗ, ଗ୍ୟାନପାଲି, ଆମଗୋଭା, ଗର୍ଭଣା, କୁନମୁରୁ ଏବଂ କୁକୁଡା ଆଦି ୮ଟି ପଞ୍ଚାୟତର ୩୪ଟି ଗ୍ରାମରୁ) ୧୦୦୦ରୁ ଊର୍ଦ୍ଧ୍ୱ ମହିଳା ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

'ଇନ୍‌କ୍ରେଡେବୁଲ୍ ଜୁଏଲେରି ସେଲ୍ ଅଫ୍ ଦ ଇୟର'

ସେଲ୍-ଗଢ଼ା ମଜୁରି ଉପରେ ୫୦%ର ରିହାତି

ନୂଆଦିଲ୍ଲୀ,୧୬।୩

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଜୟଆଲୁକ୍କାସ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଆକର୍ଷଣୀୟ ଅଫରର ଶୁଭାରମ୍ଭ କରାଯାଇଛି। ବିଶେଷକରି ପ୍ରତିଷ୍ଠାନ ତା'ର ପୃଷ୍ଠପୋଷକମାନଙ୍କ ପାଇଁ ବର୍ଷର ଅଫର୍ ଚଳିତ ବର୍ଷ ମାର୍ଚ୍ଚ ୨୬ ତାରିଖ ପର୍ଯ୍ୟନ୍ତ ଭାରତବ୍ୟାପୀ ସମସ୍ତ ଜୟଆଲୁକ୍କାସ୍ ଶୋ'ରୁମ୍‌ରେ ବୈଧ ରହିଛି। ଏହି ସ୍ୱତନ୍ତ୍ର ଅଫର୍ ସହ ଜୟଲକ୍କାସ ଶୋ'ରୁମ୍‌ରେ କ୍ରୟ କରାଯାଇଥିବା ଯେ କୌଣସି ଅଳଙ୍କାର ନିମନ୍ତେ ଏକ ବର୍ଷର ମାଗଣା ବୀମା ଏବଂ ଆଜୀବନ ମାଗଣା ରକ୍ଷଣାବେକ୍ଷଣା ସହିତ ସେମାନଙ୍କୁ ବାଏ ବ୍ୟାକ୍ ପ୍ରତିଶ୍ରୁତିର ଆଶ୍ୱାସନା ଦିଆଯାଉଛି।

ଅଭୂତପୂର୍ବ ଅଳଙ୍କାର ସେଲ୍ ବା 'ଇନ୍‌କ୍ରେଡେବୁଲ୍ ଜୁଏଲେରି ସେଲ୍ ଅଫ୍ ଦ ଇୟର'ର ଆୟୋଜନ କରିଥିବା ଜଣାପଡିଛି। ଉକ୍ତ ସେଲ ଜରିଆରେ ଅଳଙ୍କାରପ୍ରେମୀମାନଙ୍କୁ ତାଙ୍କର ସମସ୍ତ ପ୍ରିୟ ଅଳଙ୍କାର ଉପରେ ଆକର୍ଷଣୀୟ ରିହାତି ଅଫର୍ ଉପଭୋଗ କରିବାର ସୁଯୋଗ ମିଳିଥାଏ। ଏପରିକି ଗ୍ରାହକମାନେ ବର୍ତ୍ତମାନ ସୁନା, ହୀରା, ରତ୍ନ ପଥର ଏବଂ ରୁପା ଅଳଙ୍କାର ସମେତ ସମସ୍ତ ଅଳଙ୍କାରର ଗଢ଼ା ମଜୁରି ଉପରେ ସିଧାସଳଖ ୫୦%ର ରିହାତି ଉପଭୋଗ କରିପାରିବେ। ଅପରପକ୍ଷରେ ବିସ୍କୋକ୍ ଅଳଙ୍କାର ସମ୍ଭାନର ସମୁଦାୟ ପରିସର ସହିତ ଅଫର ନିଶ୍ଚିତ ଭାବେ ସମସ୍ତଙ୍କ ପାଇଁ ଅଳଙ୍କାର କିଣିବାର ଅନୁଭୂତିକୁ ଆନନ୍ଦମୟ ଓ ସ୍ମରଣୀୟ କରିବ। ଏ ସମ୍ପର୍କରେ ଜୟଆଲୁକ୍କାସ୍ ଇଣ୍ଡିଆ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଜୟ ଆଲୁକ୍କାସ୍ କହିଛନ୍ତି, ଆମ୍ଭେମାନେ ଅଭୂତପୂର୍ବ ଅଳଙ୍କାର କିଣାକିଣି ଅନୁଭୂତି ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ଆମ ପୃଷ୍ଠପୋଷକମାନେ ଏ ବିଷୟରେ ନିଶ୍ଚିତ ରହିପାରିବେ।

ଉଲ୍ଲେଖଯୋଗ୍ୟ, ଇନ୍‌କ୍ରେଡେବୁଲ୍ ଜୁଏଲେରି ସେଲ୍ ଅଫ୍ ଦ ଇୟର୍‌ର

Joyalukkas
World's favourite jeweller

OFFICE OF THE NOTIFIED AREA COUNCIL, BALLIGUDA
TENDER CALL NOTICE
No.340, Date:10.03.2023

No.C-2656: Sealed tenders are invited from the Registered firms / Entrepreneurs / Agency / Contractors /Private Companies in two bid systems towards supplying, installation and commissioning for "Child Play Equipment" as per specification give in DTCN to the office of the NAC, Balliguda , so as to reach before the undersigned by 4.00 PM on dated 20.03.2023 through speed post / regd.post / courier / by hand, which will be opened at 11.00 AM on dt 21.03.2023 in the office of the NAC,Balliguda in the presence of available bidders or their authorized representative . Detailed Tender Call Notice is available at NAC office from 11.00 AM of 14.03.2023 till 1.00 PM on dated 20.03.2023 (Except Govt Holiday).
The undersigned reserves the right to accept in full or reject any or all the quotation without assigning any reason thereof.

Sd./-Executive Officer, N.A.C., Balliguda
OIPR-13097/11/0030/2223

ODISHA HYDRO POWER CORPORATION LTD.
(A GOVERNMENT OF ODISHA UNDERTAKING)
Regd. Office: ODISHA STATE POLICE HOUSING & WELFARE CORPORATION BUILDING
Vanivihar Chouk, Janpath, Bhoinagar, Bhubaneswar - 751022, Tel.: 91-0674-2542983, 2542802, 2545526, Fax: 2542102, e-mail: ohpc.co@gmail.com
CIN: U40101OR1995SGC003963
No. OHPC:TECH:C&P/11/2022-23/1736 **Date: 13.03.2023**

TENDER CALL NOTICE No. -30/2022-23

No. CAD-5149: Sealed tenders are invited in two parts i.e. (i) Techno-Commercial Bid, (ii) Price-bid for providing coomercial diesel/petrol AC vehicles (Tiago/Bolt/Celerio or equivalent) on monthly basis for official use at Corporate Office, Odisha Hydro Power Corporation Ltd. (OHPC Ltd.), Bhubaneswar from individual vehicle owners/travel agencies/firms having PAN & GSTIN.

Description of type of Services and Vehicles	Cost of Tender Paper in Rs.	EMD in Rs.
Providing hired commercial diesel/petrol AC vehicles (Tiago, Bolt/Celerio or equivalent) on monthly basis to Corporate Office, OHPC Ltd., Bhubaneswar	6000 + 1080 (GST) = 7080	5000 per vehicle

For details of the tender documents, terms & conditions please refer our website **www.ohpcltd.com from 20.03.2023**.

OIPR-04012/11/0033/2223 **Sd./- C&P Head**

Government of Odisha
e- Procurement Notice
INVITATION FOR BIDS (IFB)
Bid Identification No. C.C.E.Dkl.(R&B) 24/2022-23
Email Id-sedklpwd@gmail.com
Letter No.785/ Dt.9.3.23

No.B-1341: The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road work as detailed below:

1. Name of the work : Road & Bridge works
2. No. of works : 5 (Five)Nos
3. Estimated Cost : Rs.2,37,27,000 /- to Rs.7,52,20,046 /- (as given in column No. 03 of table)
4. Cost of tender paper : Rs. 10,000.00
5. Class of contractor : 'B', 'A', & 'Special' Class (as given in column No. 07 of table)
6. Period of Completion of work : 06 (Six) to 11 (Eleven) Calendar months (as given in column No. 08 of table)
7. Date and time of availability of bid Document in the website : From Dt.17.03.2023 to 5.30 P.M. of Dt.31.03.2023
8. Date of Opening of Bid : Dt.03.04.2023 at 11.30 hours

The bidders have to participate in ONLINE biding only, further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Chief Construction Engineer
Dhenkanal (R&B) Circle, Dhenkanal
OIPR-34132/11/0034/2223

ODISHA SUB-ORDINATE STAFF SELECTION COMMISSION
ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ
ବ୍ଲକ ନଂ.3 ଏବଂ 5 ୟୁନିଟ-1, ଭୁବନେଶ୍ୱର-751009
ଦୂରଭାଷ-0674-2597149, 2597152 (ଅଫିସ)ଫାକ୍ସ-0674-2597155,
ୱେବ୍‌ସାଇଟ-www.osssc.gov.in

ADDENDUM
No.IIE-07/2023-499(c)/ OSSSC **Dated 15th March 2023**
Invitation of online application for Combined Recruitment Examination-2023 for the district cadre posts of Junior Assistant and Panchayat Executive Officer

No.T-260: The Advertisement No. IIE-07/2023-492(C)/OSSSC dated 24.02.2023 has been published inviting applications online for the Combined Recruitment Examination-2023 for 3099 number of posts of Junior Assistant (JA) and 2297 number of posts of Panchayat Executive Officer (PEO) in various district establishments under different departments of Government of Odisha . In the meantime, Government in Revenue & Disaster Management Department have further sanctioned 1466 number of posts of Junior Assistant under various district establishments. Further, there are some changes in category of posts of Junior Assistant in the district of Cuttack & Mayurbhanj which have been corrected. Now the final total number of vacancies of Junior Assistant is 4565 (3099+1466) which is published herewith for information of all concerned. Similarly, there are some changes in the category of posts advertised for the post of PEO in the district of Jajpur which is corrected and published herewith. Accordingly the posts advertised earlier have been revised and finally published herewith as under.
1. The vacancies for the post of Junior Assistant is 4565 as at Annexure-I. The department-wise/ district-wise/ category-wise breakup for the post of Junior Assistant is published at Annexure-I.A for better appreciation. 2. The total number of vacancies for the post of Panchayat Executive Officer remains the same as 2297 and published herewith at Annexure-II. 3.All other terms and conditions of the detailed advertisement available in the web portal of the Commission www.osssc.gov.in remains unaltered. 4. The last date of Submission of Online Application remains the same i.e., 27.03.2023. The applicants are advised to submit online applications well in advance without waiting for the last date in order to avoid the last hour rush. 5.Registration/Re-registration does not mean complete filing of online application. The candidates have to login, furnish the details of the required documents, then proceed to fill up and submit the online application as per the guidance of the system. It may be reiterated that as mentioned in Clause No. 5 of the advertisement, "incomplete application/paper application/application received after the last date shall be summarily rejected".

By order of the Commission
Sd./- Secretary
OIPR-09007/11/0058/2223

No.D-344: **ARO, Cuttack**
Near Barabati Stadium
Cantt. Road, Cuttack
IC53899/HS/01 **14 Mar 23**

ONLINE REGISTRATION : INDIAN ARMY

Sir,
1. Online Registration for conduct of Common Entrance Examination is open from 15 Feb to 20 Mar 23 for recruitment in Indian Army. The details are available on www.joinindianarmy.nic.in.
2. It is requested that wide publicity be given across the State of Odisha to make the Prospective candidates aware of the registration dates.
3. In case of any query the following may please be contacted:
(a) Cuttack- 0671-2305280
(b) Sambalpur- 0663-2520845
(c) Gopalpur- 0680 2343911
4. Favourable action is requested please.

Sd./- Hamindar Singh
Director Recruiting
ARO, Cuttack, Odisha
OIPR-12001/11/0042/2223

DISTRICT CHILD PROTECTION UNIT COLLECTORATE, CUTTACK
QUOTATION/TENDERS CALL
NOTICE FOR HIRING OF VEHICLE
Quotation Call Notice - 7092/DCPU/SW, Dtd.15.03.2023

No. g-115: Sealed quotation/tenders are invited from reputed Travel Agencies/Tour Operators or private individuals for providing one no. of Non AC diesel driven TUB300/Bolero/ Sumo Gold or Ertiga Vehicles including driver for official use in District Child Protection Unit, Cuttack, W&CD Dept., Govt of Odisha on monthly hire basis. The tender paper and application form General Bid information & Terms and conditions for hiring of the vehicles etc. will be available at **www.cuttack.nic.in** from 15.03.2023 to 17.04.2023 till 2.00 P.M.

Sd./- ADM(G), Cuttack
OIPR-33038/11/0008/2223

ORISSA STATE AIDS CONTROL SOCIETY (OSACS)
(Department of Health & Family Welfare), Government of Odisha
No.: XII/OSACS/Estt./33/2021 (Pt-1)979 **Date: 15.03.2023**

NOTICE
(Advt. No. 54 / Dtd.05.01.2023)

No. E-977: In continuation with this Notice No. 971/ Dtd.14.03.2023, this is for information of the candidates that, the Viva-Voce Test for the Post of Technical Officer against Advertisement No. 54/05.01.2023 of OSACS shall be held on Dt.18.03.2023 at Orissa State AIDS Control Society, Oil Orissa Building F-Nayapalli, Unit - 8, Bhubaneswar - 751012. The Reporting time is 9.30 A.M. All the (Ten) candidates are required to come with their Admit Card issued earlier, for attending the Viva-Voce Test. Individual intimation/message has been issued in their e-mail Id and mobile phone number.

Sd./- Project Director
Oil Odisha Building, Nayapalli, Bhubaneswar, Ph.: 2395134/2393235/2394560 (0674),
E-mail: orissasacs@gmail.com, Website: www.osacs.nic.in
Know AIDS for No AIDS ..... Please Call 1097 (Toll Free)
OIPR-10060/11/0013/2223

DISTRICT PROJECT MANAGEMENT UNIT (MDM), BALASORE
RE-TENDER CALL NOTICE
No. 3047 **Date: 15.03.2023**

No. n-115: Sealed quotations (Technical & financial) in the prescribed format are again invited from the intending Registered/Authorized/ Licensing Transport Contractors/Persons fulfilling the Terms & Conditions as specified in the Tender Papers, for Handling and Transportation of food grain under MDM Programme in respect of Balasore District for the year 2023-24. The interested bidders shall submit the Technical & Financial Bid along with tender paper cost of Rs.20,000/- (Non-refundable) latest by 10.04.2023 (4.00 P.M.) to the Office of the District Education Officer, Balasore. Tender papers shall be opened on 11.04.2023 at 11.00 A.M. at the Office Chamber of Collector & District Magistrate, Balasore. For detailed terms & conditions, kindly visit district website **www.baleswar.nic.in**. The authority reserves the right to reject any or all tenders without assigning any reason thereof.

By Order of Collector & District Magistrate, Balasore
Sd./- District Nodal Officer (MDM)-Cum-
District Education Officer, Balasore
OIPR-27060/11/0002/2223

ODISHA HYDRO POWER CORPORATION LTD.
(A Gold Rated State PSU)
O/o. Sr. GENERAL MANAGER, RENGALI HYDRO ELECTRIC PROJECT
P.O.: RENGALI DAM SITE, DIST.- ANGUL (ODISHA), PIN- 759105
TEL.: 06760-266031, email: sgmel500@gmail.com
No.: RHEP/C&P/PUR-III-42/1663 **Date: 15.03.2022**

NOTICE INVITING TENDER No. RHEP- 87/2022-23

No. CAD-5150: Sealed tenders are invited from Authorized Dealers/ Reputed Supplier/Firms for supply of the following materials as mentioned below:

Sl. No.	Description of services	Cost of Tender Paper (Non-refundable) in Rs.	EMD in shape of DD only (Refundable) in Rs.	Period of availability of tender at OHPC website (Sale)	Last date & Time of receipt of Tender	Date & Time of Opening of Techno Commercial Bid
1	2	3	4	5	6	7
1	HIRING OF 57 NOS. OF AIR COOLERS FOR OFFICES AND POWER HOUSE UNDER RHEP, RENGALI FOR THE YEAR 2023-24	Rs.2360.00 (Rs.2000+ GST@18%)	Rs.2030.00	Dt.17.03.2023 upto 03.30 PM on dt.27.03.2023	Dt.27.03.2023 (upto 4.00 PM)	Dt.27.03.2023 at 4.30 PM

For details and further correspondence/corrigendum, please visit our website **www.ohpcltd.com**.

OIPR-04022/11/0119/2223 **Sd./- C & P Head, RHEP, Rengali**

GOVERNMENT OF ODISHA
INFORMATION & PUBLIC RELATIONS DEPARTMENT
ADVERTISEMENT

No. Z-51: Applciations are invited from interested retired Government Employees for engagement as OSD in Information & Public Relations Department against the vacant base level posts of ASO for a period of one (1) year or till the vacancies are filled up on regular basis, whichever is earlier.

TERMS AND CONDITIONS
1. Government employees who have retired from Government Service on attaining the age of superannuation and below the age of 65 years having good service record and physically fit are eligible for engagement.
2. Persons against whom Departmental Proceeding or criminal cases are contemplated/pending or who have been penalized for misconduct are not eligible for consideration.
3. The Consoliated remuneration will be fixed as per Finance Department Office Memorandum No. 24533/F dated 29.09.2022.
4. The period of such engagement shall not be counted as Government service for the purpsoe of pension and any other retirement benefits.
5. The engaged person shall be subject to the Odisha Government Service Conduct Rules, 1959 as amended from time to time and shall be liable to be prosecuted for their misconduct, omissions and commissions as per the provisions under Odisha Pension Rules, 1992.
6. The engagement can be terminated at any time by the appointing authority due to unsatisfactory performance by giving one month's notice. On the contrary, if any re-engaged peon so desires to resign, he may do so by giving one month's notice to the appointing authority.
7. Eligible and interested candidates may submit their applications in the prescribed proforma (available in the Department website **inpr.odisha.gov.in)** with copies of testimonials in support of their serivce recrods by Registered Post/Speed Post/by Hand superscribing **"Application for engagement as OSD"** so as to reach this office by **29.03.2023**.
8. The other conditions of service not otherwise specified shall be governed by GA Department Resolution No. 23750 dated 27.08.2014.

The authority reserves the right to reject any/all applications without assigning any reason thereof.

Sd./- Joint Secretary to Government
OIPR-15001/11/0272/2223

OFFICE OF THE CDM & PHO-CUM-DISTRICT MISSION DIRECTOR, KENDRAPARA
DISTRICT PROGRAMME MANAGEMENT UNIT (DPMU)
(Department of Health & Family Welfare, Govt. of Odisha)
WALK-IN-INTERVIEW
Adv. No. 3443 **Date: 15.03.2023**

No. E-975: Walk-in-Interview will be conducted as scheduled below for empanelment of part time specialists to be engaged under AMA Clinic at Urban PHC & Urban HWC, Kendrapara under National Urban Health Mission, CDM & PHO Office, Kendrapara as noted against and subject to continue as per OSH & FW Society terms and conditions.

S. N.	Specialist	Venue	Date of Walk-in-Interview
1	O & G	Chamber of CDM & PHO, Kendrapara	Dt. 26.03.2023
2	Paediatric		
3	Medicine		

Interested candidates can log on to **www.kendrapara.nic.in** for details of eligibility criteria, age, application form etc. candidates fulfilling the eligibility criteria may appear for registration on the date as mentioned. Registration timing will be from 10.30 A.M. to 11.30 A.M. No application will be received after scheduled timing of registration. The authority reserves the right to cancel any or all application without assigning any reason thereof. The post may increase or decrease as per the requirement.

Sd./- Chief District Medical & Public Health Officer, Kendrapara
OIPR-10018/11/0017/2223

OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA
E-mail Id:serwcbaripada@gmail.com, Ph.No.06792-261343/261344,Gangraj, Baripada
Office Order No.1119/ Dt.15.03.2023
5th Corrigendum to National Competitive Bidding e-Procurement Notice No.330/Road Work Dt.02.02.2023 (NCB No.262)

No.O-1971: Due to unavoidable circumstances the important dates of tendering process for road works are being changed as follows.

Procurement Officer	Bid Identification No.	Availability of tender online for bidding: From		To		Last date & time of seeking tender clarification		Opening of Technical Bid		Opening of Financial Bid	
1	2	3	4	5	6	7	8	9	10	11	12
Chief Construction Engineer, Rural Works Circle, Baripada	Road Online N.C.B. No.262	Previously fixed on	Presently changed to	Previously fixed on	Presently changed to	Previously fixed on	Presently changed to	Previously fixed on	Presently changed to	Previously fixed on	Presently changed to
		09.03.2023 at 11.00 AM	18.03.2023 At 11.00 AM	24.03.2023 upto 5.00 PM	03.04.2023 upto 5.00 PM	23.03.2023 upto 5.00 PM	31.03.2023 upto 5.00 PM	27.03.2023 upto 11.00 AM	04.04.2023 upto 11.00 AM	Will be intimated later	Will be intimated later

All other terms and conditions remain unchanged.

Sd./- Er.N.V.H. Rao
Chief Construction Engineer, R.W.Circle, Baripada
OIPR-25130/11/0025/2223

OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA
**E-mail Id:serwcbarip

୨୦୩୦ରୁ ମହାକାଶ ପର୍ଯ୍ୟଟନ ଆରମ୍ଭ କରିବ ଇସ୍ରୋ

୨୦୩୦ରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ମହାକାଶ ପର୍ଯ୍ୟଟନ ଆରମ୍ଭ କରିବା ଲାଗି ଯୋଜନା କରିଛି। ଏଥିପାଇଁ ଟିକେଟ ଦାମ୍ ପ୍ରାୟ ୬ କୋଟି ଟଙ୍କା ରହିବ। ଯେଉଁ ଭାରତୀୟ ଅର୍ଥ ପେଠ କରିପାରିବେ ସେମାନେ ରକେଟରେ ବସି ମହାକାଶ ଭ୍ରମଣର ସୁଯୋଗ ପାଇବେ। ଭ୍ରମଣକାରୀ ନିଜକୁ ମହାକାଶଚାରୀ କହିପାରିବେ। ଭାରତର ନିଜସ୍ୱ ସ୍ପେସ୍ ଟୁରିଜମ୍ ମଡ୍ୟୁଲ୍ ପାଇଁ କାର୍ଯ୍ୟ ଆଗେଇ ଚାଲିଥିବା ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ କହିଛନ୍ତି।

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଟିତୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

କଶ୍ମୀରକୁ ଫେରାଅ ରାଜ୍ୟ ମାନ୍ୟତା

୨୦୧୮ ଜୁନ୍‌ରେ ମେହବୁବା ମୁଫ୍‌ତିଙ୍କ ନେତୃତ୍ୱାଧୀନ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ସରକାରରୁ ମେଣ୍ଟ ସହଯୋଗୀ ଭାଜପା ସମର୍ଥନ ପ୍ରତ୍ୟାହାର କରିବା ପରଠୁ ଜମ୍ମୁ-କଶ୍ମୀରରେ କେନ୍ଦ୍ରୀୟ ଶାସନ ଚାଲିଛି। ଉପତ୍ୟକାର ରାଜନୈତିକ ଦଳଗୁଡ଼ିକ ବିଧାନସଭା ନିର୍ବାଚନ ପାଇଁ ଦାବି କରିଆସୁଥିବାବେଳେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ସମେତ କେନ୍ଦ୍ରୀୟ ପଦାଧିକାରୀମାନେ ଅନୁକୂଳ ପାଗ ଦେଖି ଭୋଟ କରାଯିବ ବୋଲି ବାରମ୍ବାର ଆଶ୍ୱାସନା ଦେଉଛନ୍ତି। କିନ୍ତୁ ଏଯାଏ ନିର୍ବାଚନର ଦେଖା ନାହିଁ। ଏପରି କି ଭାରତର ନିର୍ବାଚନ କମିଶନ (ଇସିଆଇ) ମଧ୍ୟ ନିଜ ଉତ୍ତରଦାୟିତ୍ୱ ଭୁଲିଯାଇଛନ୍ତି। ତେଣୁ ଜମ୍ମୁ-କଶ୍ମୀରରେ ତୁରନ୍ତ ବିଧାନସଭା ନିର୍ବାଚନ କରାଇ ଉପତ୍ୟକାବାସୀଙ୍କୁ ସେମାନଙ୍କ ଗଣତାନ୍ତ୍ରିକ ଅଧିକାର ଫେରାଇଦେବାକୁ ବିରୋଧୀ ଦଳ ନେତାମାନେ ଦାବି କରିଛନ୍ତି। ଏଥିସହ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରସ୍ତ ନିମନ୍ତେ କେନ୍ଦ୍ର ଉପରେ ଚାପ ସୃଷ୍ଟି ଉଦ୍ଦେଶ୍ୟରେ ସ୍ଥାନୀୟ ରାଜନୈତିକ ଦଳଗୁଡ଼ିକ ଜାତୀୟ ସ୍ତରର ବିରୋଧୀ ଦଳଗୁଡ଼ିକ ସହ ହାତ ମିଳାଇଛନ୍ତି।

ତୁରନ୍ତ ବିଧାନସଭା ନିର୍ବାଚନ କରାଇବା ପାଇଁ ଇସିଙ୍କୁ ଭେଟିଲେ ବିରୋଧୀ

ମେ'ରେ ଶ୍ରୀନଗର ଗସ୍ତ କରିବେ ବିରୋଧୀ ନେତା

ନୂଆଦିଲ୍ଲୀ/ଶ୍ରୀନଗର, ୧୬ମାର୍ଚ୍ଚ

ଜମ୍ମୁ-କଶ୍ମୀରର ରାଜ୍ୟ ମାନ୍ୟତା ଫେରସ୍ତ ଦାବିକୁ ଜାତୀୟ ସ୍ତରର ବିରୋଧୀ ନେତାମାନେ ଗୁରୁବାର ସମର୍ଥନ କରିଛନ୍ତି। ଏଥିସହ ଏହି ପ୍ରାକ୍ତନ ରାଜ୍ୟରେ ଅବିଳମ୍ବେ ବିଧାନସଭା ନିର୍ବାଚନ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଏପରି କି ବିରୋଧୀ ଦଳଗୁଡ଼ିକର ନେତାମାନେ ଆସନ୍ତା ମେ'ରେ କଶ୍ମୀରବାସୀଙ୍କ ସମର୍ଥନରେ ଶ୍ରୀନଗର ଗସ୍ତ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ମୁଖ୍ୟ ଫାରୁକ୍ ଅବ୍‌ଦୁଲ୍ଲାଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ପ୍ରତିନିଧିମଣ୍ଡଳୀ ନୂଆଦିଲ୍ଲୀର କନ୍‌ଷ୍ଟିଚ୍ୟୁଶନ୍ କ୍ଲବ୍‌ରେ କଂଗ୍ରେସ, ଡିଏମ୍‌କେ, ଟିଏମ୍‌ସି, ସିପିଆଇଏମ୍, ଆର୍‌ଜେଡି, ଏସ୍‌ପି, ଏଏପି ସମେତ ଅନ୍ୟ ବିରୋଧୀ ଦଳ ନେତାମାନଙ୍କୁ ସାକ୍ଷାତ କରିଛନ୍ତି। ପରେ ସେମାନେ ଭାରତର ନିର୍ବାଚନ କମିଶନଙ୍କୁ ଭେଟି ତୁରନ୍ତ ବିଧାନସଭା ନିର୍ବାଚନ କରାଇବା ପାଇଁ ଏକ ସ୍ମାରକପତ୍ର ଦେଇଛନ୍ତି। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର କହିଛନ୍ତି, ସବୁ ବିରୋଧୀ ଦଳର ନେତାମାନେ ଶ୍ରୀନଗର ଗସ୍ତକରି ଜମ୍ମୁ-କଶ୍ମୀର ଜନସାଧାରଣଙ୍କୁ ସମର୍ଥନ ଜଣାଇବେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ କହିଛନ୍ତି, ନିର୍ବାଚନ ବିଳମ୍ବ କରାଇବାର କୌଣସି ଯଥାର୍ଥତା ନାହିଁ ବୋଲି ସମସ୍ତ ବିରୋଧୀ ଦଳ ଏକମତ। ଜମ୍ମୁ-କଶ୍ମୀରରେ ୨୦୧୪ରେ ଶେଷ ଥର ପାଇଁ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଗତ ୫ ବର୍ଷ ଧରି ଏହି କେନ୍ଦ୍ରଶାସିତ ଅଞ୍ଚଳରେ କୌଣସି ନିର୍ବାଚିତ ସରକାର ନାହିଁ। ଏହି ସ୍ଥଳେ ସାଧାରଣ ଲୋକଙ୍କ ପ୍ରତି ଉତ୍ତରଦାୟୀ ନ ଥିବା ଅମଲାତନ୍ତ୍ରକୁ ସରକାର ଚଳାଇବାକୁ ଦିଆଯାଇଛି। ଫଳରେ କଶ୍ମୀରବାସୀ ସମ୍ବିଧାନ ପ୍ରଦତ୍ତ ନିଜ ମୌଳିକ ଓ ଗଣତାନ୍ତ୍ରିକ ଅଧିକାରଗୁଡ଼ିକରୁ ବଞ୍ଚିତ ହୋଇଛନ୍ତି। ପଞ୍ଚାୟତ ସମେତ ଅନ୍ୟ ସ୍ଥାନୀୟ ନିର୍ବାଚନଗୁଡ଼ିକ କେବେ ହେଲେ ବିଧାନସଭା ଭୋଟର ବିକଳ୍ପ ନୁହେଁ। ଏହି ସମସ୍ତ ବିଷୟ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାରଙ୍କୁ କୁହାଯାଇଛି। ସିଇସି ନିର୍ବାଚନ ଲାଗି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନା ଦେଇଛନ୍ତି। ଏହି ପ୍ରସଙ୍ଗରେ କମିଶନ ଖୁବ୍‌ଶୀଘ୍ର ଏକ ବୈଠକ ଡାକିବେ ବୋଲି ଫାରୁକ୍ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସ୍ମାରକପତ୍ରରେ ପାୱାଙ୍କର ସମେତ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ, ଏଏପି ନେତା ସଞ୍ଜୟ ସିଂ ପ୍ରମୁଖ ସ୍ୱାକ୍ଷର କରିଛନ୍ତି। ସୂଚନାଯୋଗ୍ୟ, ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର ଉଚ୍ଛେଦ କରିଥିଲେ। ଏଥିସହ ଜମ୍ମୁ-କଶ୍ମୀର ଏବଂ ଲଦାଖକୁ ଦୁଇଟି ପୃଥକ୍ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିଥିଲେ। ସେବେଠୁ ଅଦ୍ୟାବଧି ରାଜ୍ୟ ମାନ୍ୟତା ଫେରସ୍ତ ଏବଂ ନିର୍ବାଚନ କରାଇବା ଦାବି ନେଇ ଏହା ହେଉଛି ସବୁଠୁ ବଡ଼ ପଦକ୍ଷେପ।

ଉପତ୍ୟକାରେ ସରକାର ଚଳାଉଛି ଅମଲାତନ୍ତ୍ର: ଫାରୁକ୍

ଏରିକ୍ ଭାରତରେ ଆମେରିକା ରାଷ୍ଟ୍ରଦୂତ

ୱାଶିଂଟନ, ୧୬ମାର୍ଚ୍ଚ


ଏରିକ୍ ଗାର୍‌ସେଟ୍ଟୀ

ଏରିକ୍ ଗାର୍‌ସେଟ୍ଟୀ ଭାରତରେ ଆମେରିକାର ରାଷ୍ଟ୍ରଦୂତ ନିଯୁକ୍ତ ହେବା ସ୍ପଷ୍ଟ ହୋଇଯାଇଛି। ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ଏରିକ୍‌ଙ୍କର ଘନିଷ୍ଠ ସମ୍ପର୍କ ରହିଥିବାରୁ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିରେ ସହାୟକ ହେବ ବୋଲି ଆଶା କରାଯାଉଛି। ଦୁଇବର୍ଷର ବିଳମ୍ବ ପରେ ବୁଧବାର ପୂର୍ବତନ ଲସ୍ ଏଞ୍ଜେଲସ୍ ମେୟର ଏରିକଙ୍କ ପ୍ରାର୍ଥିତ୍ୱକୁ ଆମେରିକା ସିନେଟ ୫୨-୪୨ ଭୋଟରେ ମଞ୍ଜୁରୀ ପ୍ରଦାନ କରିଛି। ଭାରତ ଚଳିତବର୍ଷ ଜି୨୦ ରାଷ୍ଟ୍ରଗୋଷ୍ଠୀର ଅଧ୍ୟକ୍ଷତା କରୁଥିବାରୁ ଆମେରିକା ରାଷ୍ଟ୍ରପତିଙ୍କ ସମେତ ବହୁ ଉଚ୍ଚ ପଦାଧିକାରୀ ନୂଆଦିଲ୍ଲୀ ଗସ୍ତରେ ଆସିବା ଆଶା କରାଯାଉଛି। ଏଭଳି ସମୟରେ ଜଣେ ପୂର୍ଣ୍ଣକାଳୀନ ରାଷ୍ଟ୍ରଦୂତ ନିଯୁକ୍ତି ଜରୁରୀ ବୋଲି ହ୍ୱାଇଟ୍ ହାଉସ୍ ଅନୁଭବ କରିଥିଲା। ଭାରତ-ଆମେରିକା ସମ୍ପର୍କ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଭଳି ସମୟରେ ଆମେ ଜଣେ ରାଷ୍ଟ୍ରଦୂତଙ୍କ ନିଯୁକ୍ତିକୁ ଅନୁମୋଦନ କରିବା ବହୁତ ଭଲ କଥା ବୋଲି ସଂଖ୍ୟାଗରିଷ୍ଠ ନେତା ସିନେଟର ଚୁକ୍ ସୁମର୍ କହିଛନ୍ତି।

CLASSIFIED DISPLAY
ALL EDITION - B/W (Black/White)
MORE SPACE * SAME PRICE
For Single Day | For 7 Days | For 15 Days | For 30 Days
Ex | Ch | Ex | Ch | Ex | Ch | Ex | Ch
1,500 | 1,000 | 4,000 | 2,800 | 7,500 | 5,000 | 14,000 | 9,800
For Booking Contact: 0674-2580105
9437033691, 8018408802, 9338306235, 9338442167, 9338306235

10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA
MBA | BCA | MCA | BA
B.Sc. | B.Com. | MA | M.Sc.
M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ସେନା ହେଲିକପ୍ଟର ଦୁର୍ଘଟଣା: ୨ ପାଇଲଟ ମୃତ

ଗୁଆହାଟୀ, ୧୬ମାର୍ଚ୍ଚ: ଭାରତୀୟ ସେନାର ଚିତା ହେଲିକପ୍ଟର ଅରୁଣାଚଳପ୍ରଦେଶର ପଶ୍ଚିମ କାମେଙ୍ଗ ଜିଲାର ମଣ୍ଡଳ ନିକଟରେ ଗୁରୁବାର ଦୁର୍ଘଟଣାଗ୍ରସ୍ତ ହେବାରୁ ଦୁଇଜଣ ପାଇଲଟଙ୍କ ମୃତ୍ୟୁ ଘଟିଛି। ମୃତ ପାଇଲଟଦ୍ୱୟ ହେଲେ ଲ୍ୟୁଟନାଣ୍ଟ କନୋନେଲ ଭି.ଭି.ବି. ରେଡ୍ଡୀ ଏବଂ ମେଜର ଜୟନ୍ତ ଏ। ହେଲିକପ୍ଟରଟି ସକାଳ ୯ଟା ୧୫ ମିନିଟ୍ ସମୟରେ ବୋମଡିଲା ନିକଟରେ ଉଡୁଥିବାବେଳେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି) ସହ ଯୋଗଯୋଗ ଛିନ୍ନ ହୋଇଥିଲା। ଏହା ବୋମଡିଲା ପଶ୍ଚିମ ପାର୍ଶ୍ୱରେ ଥିବା ମଣ୍ଡଳ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିବାବେଳେ ସେଠାକୁ ୫ଟି ଉଦ୍ଧାରକାରୀ ଟିମ୍ ପଠାଯାଇଥିଲା। ଡିରାଙ୍ଗ ଥାନା ଅଧୀନ ବାଙ୍ଗ ଜଲେପ୍‌ର ଗ୍ରାମବାସୀ ଦୁର୍ଘଟଣାଗ୍ରସ୍ତ ହେଲିକପ୍ଟରୁ ଦେଖିଥିଲେ। ତଲାସୀ ଓ ଉଦ୍ଧାରକାରୀ ଟିମ୍ ବହୁ ଖୋଜାଖୋଜି କରିବା ପରେ ପାଇଲଟଙ୍କ ମୃତଦେହ ପାଇଛନ୍ତି। ସେନା ପକ୍ଷରୁ ଦୁର୍ଘଟଣାର କାରଣ ଜାଣିବା ପାଇଁ କୋର୍ଟ ଅଫ୍ ଇନ୍‌କ୍ୱାରି ନିର୍ଦ୍ଦେଶ ଦିଆଯାଇଛି।

ଆମେରିକା ଡ୍ରୋନ୍ ଉପରେ ଇନ୍ଧନ ଫିଙ୍ଗିଥିଲା ରୁଷିଆ ଯୁଦ୍ଧବିମାନ

ୱାଶିଂଟନ, ୧୬ମାର୍ଚ୍ଚ


ଭିଡିଓ ଜାରିକଲା ୱାଶିଂଟନ୍

ରୁଷିଆ ଯୁଦ୍ଧବିମାନ ସୁଖୋଇ-୨୭ ଗତ ୧୪ ତାରିଖରେ କୃଷ୍ଣ ସାଗର ଉପର ଅନ୍ତର୍ଜାତୀୟ ବାୟୁସୀମାରେ ଆମେରିକାର ବାୟୁସେନାର ଏମ୍‌କ୍ୟୁ-୯ ଡ୍ରୋନ୍‌କୁ ପିଛା କରିବା ସହ ଇନ୍ଧନ ଛାଡ଼ିଥିଲା। ଇନ୍ଧନ ଛାଡୁଥିବା ଦୃଶ୍ୟର ଏକ ସଂକ୍ଷିପ୍ତ ଭିଡିଓ ଆମେରିକା ପକ୍ଷରୁ ଜାରି କରାଯାଇଛି। ଟୁଇଟରରେ ଆମେରିକାର ୟୁରୋପୀୟାନ କମାଣ୍ଡ ପକ୍ଷରୁ ପୋଷ୍ଟ କରାଯାଇଥିବା ଭିଡିଓରେ ରୁଷିଆ ଜେଟ୍ ଏମ୍‌କ୍ୟୁ-୯ ଡ୍ରୋନ୍ ପଛରେ ପହଞ୍ଚିବା ପରେ ଇନ୍ଧନ ଛାଡ଼ି ଏହା ଉପର ଦେଇ ଅତିକ୍ରମ କରିଥିଲା। ଫଳରେ ଡ୍ରୋନ୍‌ର ପ୍ରୋପେଲର କାର୍ଯ୍ୟ କରି ନ ଥିଲା। ଏହାର କିଛି ସମୟ ପରେ ରୁଷିଆ ଜେଟ୍ ପୁଣିଥରେ ଉକ୍ତ ଡ୍ରୋନ୍‌କୁ ପିଛା କରିଥିଲା ଓ ଇନ୍ଧନ ଫିଙ୍ଗିଥିଲା। ଯାହା ଫଳରେ ପ୍ରୋପେଲର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା ବୋଲି ଆମେରକା କହିଛି।

ସାମ୍ବିଧାନିକ ପୀଠରେ ରାୟ ସଂରକ୍ଷିତ

ନୂଆଦିଲ୍ଲୀ, ୧୬ମାର୍ଚ୍ଚ(ପି.ଟି.)

ମହାରାଷ୍ଟ୍ର ରାଜନୈତିକ ବିବାଦ ମାମଲା


ଉଦ୍ଧବ ଠାକ୍‌ରେ

ଏକନାଥ ଶିନ୍ଦେ

ମହାରାଷ୍ଟ୍ରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ଗୋଷ୍ଠୀ ଏବଂ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଗୋଷ୍ଠୀ ମଧ୍ୟରେ ବିବାଦରୁ ସୃଷ୍ଟ ରାଜନୈତିକ ସଙ୍କଟକୁ ନେଇ ସୁପ୍ରିମକୋର୍ଟରେ ଦାଏର ଏକାଧିକ ପିଟିଶନ ଉପରେ ସୁପ୍ରିମକୋର୍ଟ ଗୁରୁବାର ରାୟ ସଂରକ୍ଷିତ ରଖିଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଉଭୟ ଗୋଷ୍ଠୀଙ୍କ ସମେତ ରାଜ୍ୟପାଳଙ୍କ କାର୍ଯ୍ୟାଳୟର ଯୁକ୍ତି ଶୁଣିବା ପରେ ରାୟ ସଂରକ୍ଷିତ ରଖିବାକୁ ନିଷ୍ପତ୍ତି ନେଇଥିଲେ। ଖଣ୍ଡପୀଠରେ ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣସ୍ୱ ଏମ୍.ଆର୍. ଶାହା, କ୍ରିଷ୍ଣ ମୁରାରୀ, ହିମା କୋହଲି ଏବଂ ପି.ଏସ୍. ନରସିଂହ ରହିଛନ୍ତି। ଏକନାଥ ଗୋଷ୍ଠୀ ତରଫରୁ ବରିଷ୍ଠ ଆଇନଜୀବୀ ନୀରଜ କିଷନ କୌଲ, ହରିଶ ସାଲ୍‌ଭେ, ମହେଶ ଜେଠମାଲାନି ଏବଂ ଆଇନଜୀବୀ ଅଭିକଳ୍ପ ପ୍ରତାପ ସିଂ ଯୁକ୍ତି ରଖିଥିବାବେଳେ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ପ୍ରତିନିଧିତ୍ୱ କରିଥିଲେ। ୨୦୨୨ ଜୁନ୍‌ରେ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ଆସ୍ଥାଭୋଟ ଲୋଡ଼ିବା ଲାଗି ତତ୍କାଳୀନ ରାଜ୍ୟପାଳ ଭଗତ ସିଂ କୋଶିୟାରୀ ଦେଇଥିବା ନିର୍ଦ୍ଦେଶକୁ ରଦ୍ଦ କରାଯାଉ ବୋଲି ଗୁରୁବାର ଉଦ୍ଧବ ଗୋଷ୍ଠୀ ପକ୍ଷରୁ ସୁପ୍ରିମକୋର୍ଟରେ ଦାବି କରାଯାଇଥିଲା। ଶିବସେନା ବିଧାୟକମାନଙ୍କ ମଧ୍ୟରେ ମତଭେଦକୁ ନେଇ ଆସ୍ଥାଭୋଟ ଲାଗି ନିର୍ଦ୍ଦେଶ ଦେବାରେ ରାଜ୍ୟପାଳଙ୍କ ଆଚରଣକୁ ନେଇ ଉଦ୍ଧବ ଗୋଷ୍ଠୀ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ପ୍ରଶ୍ନ ଉଠାଇଥିଲେ। ଏଭଳି ନିର୍ଦ୍ଦେଶ ଯୋଗୁ ଏକ ନିର୍ବାଚିତ ସରକାର ଭାଙ୍ଗିପାରେ ଜାଣି ରାଜ୍ୟପାଳ ନିର୍ଦ୍ଦିଷ୍ଟ ଫଳାଫଳ ପାଇଁ କ୍ଷମତାର ଅପବ୍ୟବହାର କରିପାରିବେ ନାହିଁ ବୋଲି ସିବଲ ବୁଧବାର କୋର୍ଟଙ୍କୁ କହିଥିଲେ।

ପିଟିଶନଗୁଡ଼ିକର ଶୁଣାଣି ଫେବୃୟାରୀ ୨୧ରୁ ଆରମ୍ଭ ହୋଇଥିଲା। ୯ ଦିନର ଶୁଣାଣି ପରେ ରାୟ ସଂରକ୍ଷିତ ରଖାଯାଇଛି। ଶିବସେନାରେ ବିଭାଜନ ଯୋଗୁ ଗତବର୍ଷ ଜୁନ୍‌ରେ ମହାରାଷ୍ଟ୍ରରେ ରାଜନୈତିକ ସଙ୍କଟ ଦେଖାଦେଇଥିଲା। ଏହି ପରିପ୍ରେକ୍ଷୀରେ ୨୦୧୬ର ନବମ ରେବିଆ ରାୟକୁ ବିଚାରକୁ ନେବା ଲାଗି ୭ ଜଣିଆ ପୀଠକୁ ପିଟିଶନଗୁଡ଼ିକୁ ପଠାଇବା ପାଇଁ ହୋଇଥିବା ଆବେଦନକୁ ଫେବୃୟାରୀ ୧୭ରେ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ। ବାଚସ୍ପତିଙ୍କୁ ବହିଷ୍କାର କରିବା ପାଇଁ ଯଦି ପୂର୍ବରୁ ଗୃହରେ ନୋଟିସ୍ ହୋଇଥିବ, ତେବେ ସେ କୌଣସି ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିପାରିବେ ନାହିଁ ବୋଲି ୨୦୧୬ ରାୟରେ କୁହାଯାଇଥିଲା। ସୂଚନାଯୋଗ୍ୟ, ଆସ୍ଥା ଭୋଟ ଲୋଡ଼ିବା ପାଇଁ ତତ୍କାଳୀନ ରାଜ୍ୟପାଳ ଭଗତ ସିଂ କୋଶିଆରୀ ନିର୍ଦ୍ଦେଶ ଦେବାରୁ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ୩୧ ମାସର ମହାବିକାଶ ଅଘାଡ଼ି ସରକାର ଭାଙ୍ଗିଯାଇଥିଲା। ଆସ୍ଥାଭୋଟରେ ପରାଜିତ ହେବାକୁ ପଡ଼ିବ ଅନୁଭବ କରି ଠାକ୍‌ରେ ଇସ୍ତଫା ଦେବା ପରେ ଏକନାଥ ଶିନ୍ଦେଙ୍କ ନେତୃତ୍ୱରେ ସେନା-ଭାଜପା ସରକାର ଗଠିତ ହୋଇଥିଲା। ଶାସକ ଦଳର ଦୁଇଗୋଷ୍ଠୀ ମଧ୍ୟରେ ମତଭେଦ ଆଧାରରେ ଆସ୍ଥାଭୋଟ ଡକାଯିବାରୁ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ଠାକ୍‌ରେ ସରକାର ଭାଙ୍ଗିଯାଇଥିଲା। ଏକ ନିର୍ଦ୍ଦିଷ୍ଟ ଫଳାଫଳ ପାଇଁ ରାଜ୍ୟପାଳ ତାଙ୍କ କ୍ଷମତାର ଅପବ୍ୟବହାର କରିପାରିବେ ନାହିଁ ବୋଲି ବୁଧବାର ସାମ୍ବିଧାନିକ ପୀଠ ଟିପ୍ପଣୀ ଦେଇଥିଲେ।

ସେନାର ଉଭୟ ଗୋଷ୍ଠୀ ପକ୍ଷରୁ ଦାଏର ପିଟିଶନରେ ଦଳବଦଳ ଏବଂ ଅଯୋଗ୍ୟ ଘୋଷଣା ଆଦି ଉପରେ ଏକାଧିକ ସାମ୍ବିଧାନିକ ପ୍ରଶ୍ନ ଉଠାଯାଇଥିବାରୁ ଗତବର୍ଷ ଅଗଷ୍ଟ ୨୩ରେ ତତ୍କାଳୀନ ସିଜେଆଇ ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ପିଟିଶନଗୁଡ଼ିକର ବିଚାର ପାଇଁ ୫ ଜଣିଆ ପୀଠକୁ ପଠାଇ ଦେଇଥିଲେ। ବାଲାସାହେବ ଠାକ୍‌ରେ ଶିବସେନା ଗଠନ କରିଥିବାବେଳେ ଗତ ମାସରେ ନିର୍ବାଚନ କମିଶନ ଏକନାଥ ଗୋଷ୍ଠୀକୁ ପ୍ରକୃତ ଶିବସେନାର ସ୍ୱୀକୃତି ଦେବା ସହ ଧନୁତୀର ଚିହ୍ନ ବ୍ୟବହାର ଲାଗି ଅନୁମତି ଦେବାରୁ ଉଦ୍ଧବ ଗୋଷ୍ଠୀକୁ ଶକ୍ତ ଝଟକା ଲାଗିଥିଲା।

Classified Everyday
0674-2580101, 2549949

REAL ESTATE

SALE

Land approx 20,000sqft. At-Balianta, behind Sudhananda Engineering College, 7 KMS. from Hanspala Chowk, BBSR-CTC NH, Rate 450/per sqft., Contact: 9237432333. D-73753

ଭୁବନେଶ୍ୱର, ଜଟଣୀଗେଟ୍ 1200sqft.-3,60,000/-, ଛତାବର 1200sqft.-5,40,000/-, ନଖରା-300/-. 6371569855. D-74832

ଭୁବନେଶ୍ୱର ହଂସପାଳ ଛକରୁ 8K.M. ମଧ୍ୟରେ Sudhananda School front ଭିଙ୍ଗାରପୁରଠାରେ boundary, road, ଇଲେକ୍ଟ୍ରିସିଟି ଥାଇ sqft.-550/-ରେ ତୁରନ୍ତ registration କରନ୍ତୁ। 9114121344. D-74831

ଭୁବନେଶ୍ୱର-ପୁରୀ Bypass ସାଇ ମନ୍ଦିର NH side, ପଟିଆ, ମଞ୍ଚେଶ୍ୱର, ବାରଙ୍ଗ, ସୁନ୍ଦରପଦାରେ 30ft. ରାସ୍ତା, ଇଲେକ୍ଟ୍ରିସିଟି ସୁବିଧା ଥାଇ ଘରବାରି ପ୍ଲଟ୍ ମିଳୁଛି। 6372101211. D-74829

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ। 9090778800. D-74526

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact

ଡ୍ରାଇଭରଙ୍କ 'ଷ୍ଟିୟରିଂ ଛାଡ଼' ଆନ୍ଦୋଳନ

ବିଜେଡି-ଭାଜପା ଟୁଇଟ୍ ଯୁଦ୍ଧ

ଭୁବନେଶ୍ୱର, ୧୬ା୩(ବ୍ୟୁରୋ)

ତମାଣ୍ଡୋଠାରେ ଆନ୍ଦୋଳନ ସ୍ଥଳରେ ଡ୍ରାଇଭରମାନଙ୍କ ସହ ଭାଜପା ନେତା ଆଲୋଚନା କରୁଛନ୍ତି

ଘଟଣାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କଲେ : ଧର୍ମେନ୍ଦ୍ର
ଆଗେ ଭାଜପା ଶାସିତ ମଧ୍ୟପ୍ରଦେଶରେ ଏହା ଲାଗୁ କରାନ୍ତୁ : ସସ୍ମିତ
ଆଲୋଚନା ଜରିଆରେ ତୁରନ୍ତ ସମାଧାନ ହେଉ: ପିସିସି ସଭାପତି

ଡ୍ରାଇଭରମାନଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନକୁ ନେଇ ରାଜ୍ୟରେ ବିଭିନ୍ନ ପ୍ରକାର ସମସ୍ୟା ଦେଖିବାକୁ ମିଳୁଛି। କେଉଁଠି ପେଟ୍ରୋଲ ପମ୍ପରେ ତେଲ ଶେଷ ହୋଇଗଲାଣି ତ ଆଉ କେଉଁଠାରେ ଗାଡ଼ି ନ ଆସିପାରିବାରୁ ବଜାରରେ ପନି ପରିବା ମିଳିବାରେ ସମସ୍ୟା ସୃଷ୍ଟି ହେଲାଣି। ତେବେ ଏହି ଘଟଣାକୁ ନେଇ ଏବେ ରାଜନୀତି ଆରମ୍ଭ ହୋଇଛି। ଏହି ଘଟଣାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ହସ୍ତକ୍ଷେପ କରିବାକୁ ଅନୁରୋଧ କରିବା ପରେ ବିଜେଡି ଏହାର ପାଲଟା ଜବାବ ଦେଇ ଭାଜପା ଶାସିତ ରାଜ୍ୟରେ ଏହା ସମ୍ଭବ କି ବୋଲି ପ୍ରଶ୍ନ କରିଛି। ପୁଣି ବିଜେଡିକୁ ଭାଜପା ନେତା ଟୁଇଟ୍ କରି ଜବାବ ଦେଉଥିବା ବେଳେ ମୁହଁ ଖୋଲିଛି କଂଗ୍ରେସ।

ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି, ରାଜ୍ୟରେ ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁ ସାଧାରଣ ଲୋକେ ହଇରାଣ ହେଲେଣି। ମୁଖ୍ୟମନ୍ତ୍ରୀ ସେମାନଙ୍କ ଦାବିକୁ ଗୁରୁତ୍ୱର ସହ ନେଇ ନିଜ ଉପସ୍ଥିତିରେ ସମସ୍ତ ଡ୍ରାଇଭର ସଂଘ ସହ ଆଲୋଚନା କରି ସମାଧାନର ରାସ୍ତା ବାହାର କରନ୍ତୁ। ୨ ଦିନ ହେଲା ଡ୍ରାଇଭର ବନ୍ଧୁମାନଙ୍କ ଆନ୍ଦୋଳନ ଚାଲିଛି। ଏହାଦ୍ୱାରା ସାଧାରଣ ଲୋକଙ୍କ ଯାତାୟାତ କିଛି ମାତ୍ରାରେ ବାଧାପ୍ରାପ୍ତ ହୋଇଥିବା ଦେଖିବାକୁ ମିଳୁଛି। ଡ୍ରାଇଭରଙ୍କ ଏ ଆନ୍ଦୋଳନ ଆଜିର ନୁହେଁ। ବର୍ଷେ ପୂର୍ବରୁ ଏହା ଆରମ୍ଭ ହୋଇଥିଲା। ସେତେବେଳେ ଡ୍ରାଇଭର ମହାସଂଘ ଓ ସରକାର ମଧ୍ୟରେ ଆଲୋଚନା ହୋଇ ଏ ଆନ୍ଦୋଳନ ସ୍ଥଗିତ ରହିଥିବା ଗଣମାଧ୍ୟମରୁ ଜାଣିବାକୁ ପାଇଥିଲୁ। କିଛିଦିନ ପୂର୍ବରୁ ସମାନ ଦାବିକୁ ଦୋହରାଇ ଡ୍ରାଇଭର ବନ୍ଧୁମାନେ ଦଣ୍ଡବତ ଯାତ୍ରା କରିଥିଲେ। ତାଙ୍କ ସହ ରାଜ୍ୟ ସରକାର ଆଲୋଚନା ନ କରି ରାସ୍ତା ବାହାର ନ କରିବା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି।

ବିଜେଡି ଏମ୍‌ପି ସସ୍ମିତ ପାତ୍ର ଟୁଇଟ୍ କରି କହିଛନ୍ତି, କେଉଁ ଭାଜପା ଶାସିତ ରାଜ୍ୟରେ ଡ୍ରାଇଭରଙ୍କ ପାଇଁ ଏଭଳି ନୀତି କାର୍ଯ୍ୟକାରୀ ହୋଇଛି ଧର୍ମେନ୍ଦ୍ର ଭାଇ କୁହନ୍ତୁ। ଧର୍ମେନ୍ଦ୍ର ଭାଇ କେନ୍ଦ୍ରମନ୍ତ୍ରୀ ହୋଇଥିବାରୁ ଡ୍ରାଇଭରମାନଙ୍କ ପାଇଁ କେନ୍ଦ୍ରରୁ କିଛି କରିପାରିବେ। ଯଦି ବିଜେଡି ସରକାର ଓଡ଼ିଶାରେ ଏଭଳି ନୀତି କାର୍ଯ୍ୟକାରୀ କରନ୍ତି ତେବେ ରାଜ୍ୟ ସଭାକୁ ନିର୍ବାଚିତ ହୋଇ ଆସିଥିବା ଭାଜପା ଶାସିତ ରାଜ୍ୟ ମଧ୍ୟପ୍ରଦେଶରେ ଏହାକୁ ଲାଗୁ କରିବେ କି ବୋଲି ଧର୍ମେନ୍ଦ୍ରଙ୍କୁ ପ୍ରଶ୍ନ କରିବା ସହ ସସ୍ମିତ ଉତ୍ତର ଦାବି କରିଛନ୍ତି।

ଭାଜପା ବିଧାୟକ ମୁକେଶ ମହାଲିଙ୍ଗ ଟୁଇଟ୍ କରି ସସ୍ମିତଙ୍କୁ କହିଛନ୍ତି, ରାଜ୍ୟରେ ଡ୍ରାଇଭର ଭାଇମାନଙ୍କ ସମସ୍ୟାକୁ ସମାଧାନ ନ କରି ବିଜେଡି ସରକାର ଆନ୍ଦୋଳନକୁ ବଢାଇବା ଭଳି ମାନସିକତାରେ ଅଛି ବୋଲି ସସ୍ମିତଙ୍କ ଟୁଇଟ୍‌ରୁ ସ୍ପଷ୍ଟ ହେଉଛି। ତେବେ ମୁକେଶ ମହାଲିଙ୍ଗଙ୍କ ସମେତ ବିଧାୟକ ନାଉରି ନାଏକ, ନିତ୍ୟାନନ୍ଦ ଗଣ୍ଡ ଏବଂ ଅନ୍ୟମାନେ ତମାଣ୍ଡୋଠାରେ ଡ୍ରାଇଭରମାନେ ଆନ୍ଦୋଳନ କରିଥିବା ସ୍ଥଳକୁ ଯାଇ ଆଲୋଚନା କରିଛନ୍ତି। ତୁରନ୍ତ ପରିବହନ ମନ୍ତ୍ରୀ ଏବଂ ଶାସକ ଦଳ ନେତା ସେମାନଙ୍କ ସହ ଆସି ଭେଟି ଆଲୋଚନା କରିବାକୁ ନାଉରି ଦାବି କରିଛନ୍ତି।

ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ୧୦ଦଫା ଦାବି ନେଇ ବୁଧବାରଠାରୁ ଟ୍ରକ୍ ଡ୍ରାଇଭର ସଂଘ ଚଳାଇଥିବା ଆନ୍ଦୋଳନକୁ ଭାଜପାର ସମର୍ଥନ ଏକ ନାଟକବାଜି ବ୍ୟତୀତ ଅନ୍ୟ କିଛି ନୁହେଁ। ଡ୍ରାଇଭର ଭାଇଙ୍କୁ ଅନୁରୋଧ ଭାଜପାର ମିଥ୍ୟା ପ୍ରତିଶ୍ରୁତି ଓ ପ୍ରଲୋଭନରେ ପଡ଼ନ୍ତୁ ନାହିଁ ବୋଲି ଲେନିନ୍ କହିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଏହି ଆନ୍ଦୋଳନ ଲାଗି ଲୋକେ ଯାତାୟାତ ପାଇଁ ନାନା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଡ୍ରାଇଭର ଭାଇମାନେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଛନ୍ତି। ଏଥିପାଇଁ ଧନ୍ୟବାଦ ଦେଉଛି। ମୁଖ୍ୟମନ୍ତ୍ରୀ ଆଉ ଧୈର୍ଯ୍ୟ ପରୀକ୍ଷା ନ କରି ଆଲୋଚନା ଜରିଆରେ ତୁରନ୍ତ ସମାଧାନ କରନ୍ତୁ ବୋଲି ଶରତ କହିଛନ୍ତି।

ଭୋଗରାଇ ଭାଜପାରେ କନ୍ଦଳ

ଭୋଗରାଇ, ୧୬ା୩(ଡ଼ି.ଏନ.ଏ.)

■ ବଦଳିଲେ ୪ ମଣ୍ଡଳ ସଭାପତି

ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀ ଭାଜପା ଶାଖାର ୪ ମଣ୍ଡଳ ସଭାପତିଙ୍କୁ ପରିବର୍ତ୍ତନ କରାଯାଇ ନବାଗତଙ୍କୁ ନିଯୁକ୍ତି ଦିଆଯିବା ନେଇ ଦଳରେ ଝଡ଼ ସୃଷ୍ଟି ହୋଇଛି। ଏହାକୁ କେନ୍ଦ୍ରକରି ଭୋଗରାଇ ଭାଜପାରେ ନେତୃତ୍ୱ ପରିବର୍ତ୍ତନ ଜୋରଧରିଛି। ୪ମଣ୍ଡଳ ସଭାପତିଙ୍କୁ କୌଣସି କାରଣ ନ ଦର୍ଶାଇ ଜିଲା ସଭାପତି ଅଗଣତାନ୍ତ୍ରିକ ଭାବେ କାର୍ଯ୍ୟ କରିଥିବା ଅଭିଯୋଗ ହୋଇଛି।

ଗତ ୩ ତାରିଖରେ ଜିଲା ଭାଜପା ସଭାପତି ଭୋଗରାଇ ମଣ୍ଡଳ ସଭାପତି ଆମଲେନ୍ଦୁ ଦାସ, ଦେହୁର୍ଦ୍ଦା ମଣ୍ଡଳ ସଭାପତି ଭବଶଙ୍କର ମହାନ୍ତି, କଖଡା ମଣ୍ଡଳ ସଭାପତି ସୁନୀଲ କର ଓ ଚନ୍ଦନେଶ୍ୱର ମଣ୍ଡଳ ସଭାପତି ରବୀନ୍ଦ୍ର କୁମାର ଜେନାଙ୍କୁ ସଭାପତି ପଦରୁ ପରିବର୍ତ୍ତନ କରାଯାଇଥିବା ନେଇ ଦଳୀୟ ପ୍ରେସ ଇସ୍ତାହାରରେ ପ୍ରକାଶ ପାଇବା ପରେ ଦଳରେ ବିଦ୍ରୋହ ସୃଷ୍ଟି ହୋଇଛି। ଭୋଗରାଇ ନିର୍ବାଚନ ମଣ୍ଡଳୀରେ ୨୦୧୭ ମସିହାଠାରୁ ଦଳରେ ଯୋଗଦେଇ ନେତୃତ୍ୱ ନେଉଥିବା ଅଂଶୁମାନ ମହାନ୍ତିଙ୍କ କାର୍ଯ୍ୟଶୈଳୀକୁ ଦଳର ବରିଷ୍ଠମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏପରିକି ଦୀର୍ଘ ୩୦ବର୍ଷରୁ ଯେଉଁମାନେ ସଙ୍ଗଠନକୁ ଦୃଢ କରିବାକୁ ଯାଇ ଶାସକ ଦଳର ନିର୍ଯାତନାର ଶିକାର ହୋଇ ଅଦ୍ୟାବଧି କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ଅଣଦେଖା କରାଯାଉଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ଅପର ପକ୍ଷରେ ଭୋଗରାଇର ସମସ୍ତ ପଞ୍ଚାୟତ ଓ ଜିଲା ପରିଷଦ ଜୋନରେ ନେତୃତ୍ୱ ହଟାଅ ଦାବିରେ ବୈଠକ ଓ ସଭା କରାଯାଉଥିବାରୁ ଭାଜପାରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ରାଜ୍ୟ ଭାଜପା ନେତୃତ୍ୱ ଏହି ସମସ୍ୟାର ସମାଧାନ କରିବାକୁ ବରିଷ୍ଠମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ବାଲେଶ୍ୱର ଜିଲା ଭାଜପା ସଭାପତି ଉମାକାନ୍ତ ମହାପାତ୍ରଙ୍କୁ ପଚାରିବାରୁ ଦଳୀୟ ବିଧି ବ୍ୟବସ୍ଥା ଅନୁଯାୟୀ ୪ ମଣ୍ଡଳ ସଭାପତିଙ୍କୁ ପରିବର୍ତ୍ତନ କରାଯାଇଛି। ଏହା ବ୍ୟତୀତ ସେମାନଙ୍କ କାର୍ଯ୍ୟକାଳ ୩ ବର୍ଷ ପୂରି ଯାଇଥିବାରୁ ନୂତନ ମଣ୍ଡଳ ସଭାପତିଙ୍କୁ ନିଯୁକ୍ତି ଦିଆଯାଇଛି। ଏନେଇ ରାଜ୍ୟ ନେତୃତ୍ୱଙ୍କୁ ଅବଗତ କରାଯାଇଥିବା ସେ କହିଛନ୍ତି।

ଆଦାନୀ ଦୁର୍ନୀତିର ଜେପିସି ତଦନ୍ତ ଦାବିକୁ ଅଣଦେଖା

ପାର୍ଲାମେଣ୍ଟରେ ବିରୋଧୀଙ୍କ ମାନବଶୃଙ୍ଖଳ

ନୂଆଦିଲ୍ଲୀ, ୧୬ା୩

ଆଦାନୀ ପ୍ରସଙ୍ଗରେ ଜେପିସି ତଦନ୍ତ ଦାବିକରି ଗୁରୁବାର ରାଜ୍ୟ ସଭା ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ, ସମାଜବାଦୀ ପାର୍ଟି ଏମ୍‌ପି ଜୟା ବଚ୍ଚନ, ରାମଗୋପାଲ ଯାଦବ, ଡିଏମ୍‌କେର ଟିଆର୍ ବାଲୁ, ଏନ୍‌ସି ମୁଖ୍ୟ ଫାରୁକ୍ ଅବ୍‌ଦୁଲ୍ଲା ପ୍ରମୁଖ ପାର୍ଲାମେଣ୍ଟ କମ୍ପ୍ଲେକ୍ସରେ ମାନବ ଶୃଙ୍ଖଳ କରିଛନ୍ତି।

■ ସଂସଦରେ ଅଚଳାବସ୍ଥା ସୃଷ୍ଟି କରିଛି କେନ୍ଦ୍ର: ଖାର୍ଗେ

■ ବିଦେଶରେ ଭାରତକୁ ବଦନାମ କରିବା ରାହୁଲଙ୍କ ଅଭ୍ୟାସ: ଭାଜପା

ଆଦାନୀ ଗ୍ରୁପ୍‌କୁ ନେଇ ଆମେରିକୀୟ ଶର୍ଟସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ଅଣାଯାଇଥିବା ଷ୍ଟକ୍ସ ଦୁର୍ନୀତି ଅଭିଯୋଗ ଏବଂ କମ୍ପାନୀ ମୁଖ୍ୟ ଗୌତମ ଆଦାନୀଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କକୁ ନେଇ ତଦନ୍ତ ଦାବିରେ ବିରୋଧୀ ଏମ୍‌ପିମାନେ ଅଡ଼ିବସିଛନ୍ତି। ଏହି ପ୍ରସଙ୍ଗରେ ପାର୍ଲାମେଣ୍ଟରେ ଲଗାତର ଚତୁର୍ଥ ଦିନ ଅଚଳାବସ୍ଥା ଜାରି ରହିଛି। କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକର ସଦସ୍ୟମାନେ ଉଭୟ ଗୃହର ମଧ୍ୟଭାଗରେ ବିକ୍ଷୋଭ ପ୍ରଦର୍ଶନ ଜାରି ରଖିଥିବାରୁ ଲୋକ ସଭା ଓ ରାଜ୍ୟ ସଭାକୁ ଶୁକ୍ରବାର ପର୍ଯ୍ୟନ୍ତ ମୁଲତବୀ କରାଯାଇଛି। ଅଚଳାବସ୍ଥା ମଧ୍ୟରେ ବିରୋଧୀ ନେତାମାନେ ଆଦାନୀ ଗ୍ରୁପ୍ ବିରୋଧରେ ଆଗତ ଅଭିଯୋଗର ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବିରେ ସଂସଦ ପରିସରରେ ମାନବଶୃଙ୍ଖଳ ଗଢ଼ିଛନ୍ତି।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ଆଦାନୀ ପ୍ରସଙ୍ଗରେ ଜେପିସି ତଦନ୍ତ ଦାବିକୁ ଅଣଦେଖା କରିବା ପାଇଁ ପାର୍ଲାମେଣ୍ଟ ଚଳାଇ ନ ଦେବାକୁ କେନ୍ଦ୍ର ଷଡ଼ଯନ୍ତ୍ର କରିଛି। ଏପରି କି ସେମାନେ ମୁଦ୍ରାସ୍ଫୀତି ଓ ବେରୋଜଗାରୀ ଭଳି ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିବାକୁ ଚାହୁଁନାହାନ୍ତି। ପ୍ରଧାନମନ୍ତ୍ରୀ ବିଦେଶକୁ ଯାଇ ଅନେକ ଥର ଭାରତ ବିରୋଧୀ ମନ୍ତବ୍ୟ ଦେଇଛନ୍ତି। ସେ ପ୍ରଥମେ କ୍ଷମା ମାଗନ୍ତୁ। ରାହୁଲ କ୍ଷମା ମାଗିବାର ପ୍ରଶ୍ନ ଉଠୁନାହିଁ। ଏହି ବିକ୍ଷୋଭରେ ଖାର୍ଗେଙ୍କ ସମେତ ଡିଏମ୍‌କେର ଟି.ଆର୍. ବାଲୁ, ଏଏପିର ସଞ୍ଜୟ ସିଂ, ବିଆର୍‌ଏସ୍ ନେତା କେଶବ ରାଓ, ଆର୍‌ଜେଡି ସଦସ୍ୟ ପ୍ରଫେସର ମନୋଜ ଝା, ସମାଜବାଦୀ ପାର୍ଟି ନେତା ରାମଗୋପାଲ ବର୍ମା, ସିପିଆଇର ବିନୟ ବିଶ୍ୱମ୍, ନ୍ୟାଶନାଲ କଂଗ୍ରେସ ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲା, ଶିବସେନା (ଉଦ୍ଧବ ଗୋଷ୍ଠୀ)ର ପ୍ରିୟଙ୍କା ଚତୁର୍ବେଦୀ, ରାଷ୍ଟ୍ରୀୟ ଲୋକ ଦଳ ମୁଖ୍ୟ ଜୟନ୍ତ ଚୌଧୁରୀ ପ୍ରମୁଖ ସାମିଲ ହୋଇଥିଲେ। ଇତିମଧ୍ୟରେ ଆଦାନୀ ପ୍ରସଙ୍ଗରେ ଜେପିସି ତଦନ୍ତ ଦାବିରେ ଦିଲ୍ଲୀ କଂଗ୍ରେସ ପକ୍ଷରୁ ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସ କର୍ମୀମାନେ ଭାଜପା ଏବଂ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଲଣ୍ଡନରେ ଭାରତୀୟ ଗଣତନ୍ତ୍ର ବିରୋଧରେ ମତ ଦେଇ ବିଦେଶୀ ଶକ୍ତିଙ୍କୁ ନିମନ୍ତ୍ରଣ କରିଥିବା ଅଭିଯୋଗ ଆଣି ଶାସକ ଦଳ ସଦସ୍ୟମାନେ ତାଙ୍କଠାରୁ କ୍ଷମା ଦାବି କରିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି, ରାହୁଲଙ୍କ ମନ୍ତବ୍ୟ ଭାରତୀୟ ଗଣତନ୍ତ୍ରର ସଫଳତା ବା ବିଫଳତାର ମାପକାଠି ନୁହେଁ। ବିଦେଶ ମାଟିରେ ଭାରତକୁ ନ୍ୟୂନ ଦର୍ଶାଇବା ତାଙ୍କର ଏକ ଅଭ୍ୟାସ ହୋଇଗଲାଣି।

ODISHA STAFF SELECTION COMMISSION
Unit - II, Bhubaneswar - 751001
No.: IIE-154/2022-955/OSSC Date: 15.03.2023
Corrigendum to Advt. No. 7058/OSSC Dated 12.12.2022 for the Post of Combined Post Graduate Level recruitment examination for Specialist Post
No. T-258: There shall be a negative marking of 0.25 marks for each wrong answer in preliminary examination for the Post of Combined Post Graduate Level recruitment examination for Specialist Post, since the test will be in MCQ format.
All other terms & conditions of the Advertisement remain unchanged.
By Order of the Commission
Sd./- Secretary
OIPR-09005/11/0236/2223

OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT - V, BHUBANESWAR
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel. (0674) 2391523
INVITATIONS FOR BIDS (IFB)
File No. B-IV-H-ALMC-08/2021 (PT.) Lr. No. 10698 / Bhubaneswar, 15th Mar. 2023
CANCELLATION
No. B-1345: The bid invited vide RFP Identification No. C.E. (B) - 59/2022-23 is hereby cancelled due to unavoidable circumstances.
Sd./- Chief Engineer (Buildings)
Odisha, Bhubaneswar
OIPR-34117/11/0129/2223

Government of Odisha
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER
DRAINAGE CIRCLE, CUTTACK,GANDARPUR-753003
e-Procurement Notice No.ACEDC-CTC-12/2022-23
No.A-1258: email id:sedrainagecirclectc@gmail.com

1	Name of Works	:	Rejuvenation of Sukapaika Drainage Channel under Cuttack Sadar Assembly Constituency of Cuttack District (RD 23280 m to RD 30850 m.)
2	Total number of Packages	:	01 no. of individual package
3	Bid Identification No.	:	ACEDC-CTC/DD-CTC-27/2022-23
4	Estimated Cost	:	Rs.781.12 Lakhs
5	Period of Completion	:	18 (Eighteen) Calendar Months
6	Availability of Tender Online	:	From 22.03.2023 at 16.30 Hours to 10.04.2023 upto 17.30 Hours.
7	Date of Opening of Technical Bid	:	11.04.2023 at 10.00 Hours in the O/o. the Additional Chief Engineer, Drainage Circle, Cuttack
8	Class of Contractor	:	"A" and "Special" Class
9	EMD Required	:	As per DTCN
10	Cost of Tender Paper	:	Rs.10,000/-
11	Procurement Officer	:	Additional Chief Engineer, Drainage Circle, Gandarpur Cuttack-753003

* Tender will be accepted if registered in the CDMS Portal. Further details can be seen from the Govt. website www.tendersorissa.gov.in. Addendum/ Corrigendum/ Cancellation if any required will be published only in Govt. website www.tendersorissa.gov.in.
Sd./- Additional Chief Engineer
Drainage Circle, Cuttack
OIPR-32174/11/0024/2223

OFFICE OF THE DIRECTOR, FORESTRY TRAINING, ODISHA FOREST RANGERS' COLLEGE
At/P.O./Dist.: Angul, Phone No./FAX No.: 06764-233652
E-mail: directorofrcangul@gmail.com
Notice No. 53/1F(ACTT.) 03/2022 Dated, Angul the 13th March, 2023
REQUEST FOR PROPOSAL (RFP) FOR INTERNAL ELECTRIFICATION WORKS (INSTALLATION OF AC, GEYSER, PANEL BOARD INCLUDING FIXTURE) FOR THE SABARI HOSTEL OF OFRC, ANGUL
No. MM-487: The Odisha Forest Rangers' College, Angul invites applications for Request for Proposal (RFP) from interested vendors (OEM)/Authorised Distributer/Sales Supplier/Dealer/Agency for internal electrification works (installation of AC, Geyser, Panel Board including fixture) for the SABARI Hostel of OFRC, Angul on terms and conditions mentioned in the standard bidding documents so as to reach in the O/o. the Director, Forestry Training, Odisha Forest Rangers College, Angul on or before **Dt.23.03.2023 upto 5.00 P.M.** through Registered/Speed Post, Courier Service and can also dropped in the Tender Box placed in Office of the Director, Forestry Training, Odisha Forest Rangers College, Angul for this purpose. The interested parties can bid for one/more than one item of work. The RFP submitted in a sealed cover shall contain 2 (Two) sealed cover envelops namely Part-I (Technical Bid) & Part - II (Financial Bid). The tenders will be opened in the same office on **Dt.24.03.2023 at 11.00 A.M.** onwards for the Technical Bid. The Part-I Technical Bid shall be opened in presence of the attending vendor(s) & committee members. The Part-I (Technical Bid) shall contain Bank Draft for earnest money and other documents as noted in "Schedule for Submission of RFP" the Part-I (Technical Bid) shall be evaluated in accordance with qualification criteria for short listing the vendeors as prescribed in the RFP documents. The Part - II (Financial Bid) shall be opened in due course preferably on **Dt.24.03.2023 from 4.00 P.M.** onwards for the finalization of bids as noted in "Schedule for Submission of RFP". The standard bidding documents and terms and conditions can be obtained from Office of the Director, Forestry Training, Odisha Forest Rangers' College, Angul from **Dt.15.03.2023 to Dt.23.03.2023 till 5.00 P.M.** during office hour by submitting a non-refundable Demand Draft to be drawn in favour of Director, Forestry Training, Odisha Forest Ranger's College, Angul payable at Angul for **Rs.590/- (Cost Rs.500.00 + GST @ 18% Rs.90.00)** (Rupees Five Hundred Ninety) only towards cost of tender paper.
Sd./- Director, Forestry Training, Odisha Forest Ranger's College, Angul
OIPR-08126/11/0003/2223

The Odisha Small Industries Corporation Ltd.
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-5146 OSIC GST No. 21AAACO2101M1Z1
TENDER CALL NOTICE
Tender Notice No.1342/RE/OSIC Dt.14.03.2023
The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for the work **"Shifting/ modification of utilities at 3 nos. locations (i.e. Hotel Sriram to Non-Veg Market, Non-Veg Market to Gangama Temple & Jio Office to Damanjodi Square) due to widening of NH under Sunabeda & Semiliguda Electrical Section".** Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website **www.osicltd.in** only.
Sd/-
GENERAL MANAGER(O)
OIPR-14073/11/0170/2223

DIRECTORATE OF MEDICAL EDUCATION & TRAINING, ODISHA
NOTICE
FOR ADMISSION TO BASIC B.SC. NURSING COURSE FROM THE ACADEMIC SESSION 2023-24
No. 4405 Dt.: 15.03.2023
No. E-976: All the candidates desirous of taking admission in Basic B.Sc. Nursing Course in State of Odisha shall appear in NEET (UG) Examination 2023. No candidates will be admitted to Basic B.Sc. Nursing Course without qualifying the NEET(UG) from the academic session 2023-24 (either Govt. Quota/ Management Quota).
The candidates are requested to check the website **www.nta.ac.in** & **https://neet.nta.nic.in** and apply the form for appearing NEET (UG) Examination on or before 06.04.2023 positively.
Sd./- Convener
State Nursing Selection Committee, Odisha
OIPR-10016/11/0050/2223

OFFICE OF THE PANCHAYAT SAMITI, KUCHINDA
Advertisement No. 822 Date: 14.03.2023
No. i-505: Application in prescribed proforma appended herewith are invited for engagement of Jogana Sahayak in Kuleigarh G.P. under Kuchinda Block for operation of Fair Price Shop. The application shall be received at the Block Office, Kuchinda from Date: 15.03.2023 to Date: 31.03.2023 by 5.00 P.M. through Speed Post/Registered Post/in the Drop Box at Block Office, Kuchinda. Authority is not responsible for any postal delay. The eligibility criteria for engagement of Jogana Sahayak in the GP are enumerated below. Interested candidates while submitting applications (complete bio-data) will furnish a set of testimonials in support of their academic qualification i.e. self attested copy of mark sheets & academic certificates (10th, +2, +3), self attested copy of valid residential certificate issued from competent authority (issued between 01.04.2022 to 31.03.2023) and two colour passport size photographs along with their application.
Eligible Criteria:
1. The candidate should be a permanent resident of Kuleigarh GP as per residential certificate. Candidates belong to other than Kuleigarh GP will be summarily rejected.
2. She/He should be a Graduate.
3. She/He should be of age between 21 to 35 years as on 01.03.2023 as per matriculation certificate.
4. The selection will be based on the carrier marking with the weightage for matriculation being 30%, for +2 being 30% and for graudation being 40%.
5. The engagement is purely temproary and does not confer any right to regular appointment at any point of time in the FS & CW Department of any other State Govt. Organizations.
6. The Jogana Sahayak shall be paid monthly honorarium of Rs.6000/- (Rupees six thousand) only by the GP as per Govt. guideline vide Letter No. 20271/Dt.26.09.2018 of FS & CW Deptt.
7. The Jogana Sahayak should abide by the rule and regulations as would be stipulated by the FS & CW Department from time to time.
8. Block Development Officer, Kuchinda reserves the right to accept or reject any application for selection of Jogana Sahayaka without assigning any reason thereof.
9. Candidates should submit their complete application form along with requisite testimonials in a closed envelope on which she/he should superscribe "APPLICATION FOR THE POST OF JOGANA SAHAYAK" and give his/her full address and whatsapp Mobile No. clearly for further communication.
10. Last date of submission of the application is fixed on Dt.31.03.2023 by 5 P.M.

Encl: Application proforma
Sd./- Block Development Officer, Kuchinda
OIPR-19305/11/0002/2223

ODISHA STAFF SELECTION COMMISSION
Unit - II, Bhubaneswar - 751001
Notice No.: IIE-145/2021-967/OSSC Date: 15.03.2023
Subject: Notice regarding Certificate Verification & Viva Voce Test of Welfare Extension Officer - 2021 (Advt. No. 4289/OSSC Dtd.23.12.2021) to be held in the office of the Commission at Unit - II, Bhubaneswar from 23.03.2023 onwards (Phase wise)
No. T-259: Pursuant to Advertisement No. 4289/OSSC dated 23.12.2021, it is informed to all concerned that the result of the Main Written Examination for the post of Welfare Extension Officer - 2021 was published vide Commission's Notification No. 103(C)/OSSC dated 14.03.2023 available in the website of the Commission **www.ossc.gov.in**. The candidates are advised to visit the above website to know their results.
The Certificate Verification & Viva Voce Test of the shortlisted candidates will be conducted phase wise **in the Office of the Commission at Unit-II, Bhubaneswar from 23.03.2023 onwards**. In the First Phase, Certificate Verification & Viva Voce Test of 110 candidates from Roll No. 210119801538 to 211119887542 to be conducted. The candidates may visit the website for Phase wise detail schedule of Certificate Verification & Viva Voce Test. The detail schedule of 2nd phase onwards will be published in due course. The candidates scheduled in the first phase for Viva Test are also advised to download their Admission Letter from the above website of the Commission from **17.03.2023** onwards using user's credentials to appear in the certificate verification & viva voce test on the scheduled date & time.
The Bio-Data-cum-Attestation form is uploaded in the website of Commission. The candidates may download

ଗଞ୍ଜାମର ନାଟ୍ୟ ପରମ୍ପରାରେ 'ଭାରତଲୀଳା'

ଅଶେଷ ନାଥ ମିଶ୍ର
ଦିଗପହଣ୍ଡି, ୧୬ମାର୍ଚ୍ଚ

ଗଞ୍ଜାମର ନୃତ୍ୟ ପରମ୍ପରା ବହୁ ପ୍ରାଚୀନ। ଏହି ଅଞ୍ଚଳରେ ପୂର୍ବେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଲୋକ ନୃତ୍ୟ, ଲୋକ ନାଟକ ପ୍ରଚଳିତ ଥିଲା। ସେଥି ମଧ୍ୟରୁ 'ଭାରତ ଲୀଳା' ବା ସୁଭଦ୍ରା ପରିଣୟ (ବିବାହ) ଅନ୍ୟତମ। ସାରଳା ଦାସଙ୍କ ଲିଖିତ ମହାଭାରତର ମଧ୍ୟପର୍ବର ଅର୍ଜୁନ-ସୁଭଦ୍ରା ପରିଣୟ ବିଷୟ ବସ୍ତୁକୁ ନେଇ 'ଭାରତ ଲୀଳା' ରଚନା ହୋଇଛି। ମହାଭାରତର କଥାବସ୍ତୁକୁ ନେଇ ଏହି ଲୀଳା ରଚନା କରାଯାଇଥିବାରୁ ଏହାର ନାମ 'ଭାରତ ଲୀଳା' ବୋଲି ବିବେଚିତ କରାଯାଇଛି। ସୁଭଦ୍ରାଙ୍କ ବିବାହ ପ୍ରସଙ୍ଗ ଏଥିରେ ସ୍ଥାନ ପାଇଥିବାରୁ ଏହାକୁ ସୁଭଦ୍ରା ପରିଣୟ ବୋଲି ମଧ୍ୟ କୁହାଯାଏ। ଏହି ଲୀଳାର ମୁଖ୍ୟ ଚରିତ୍ର ହେଲେ ଦୁଆରି ଓ ସୁଭଦ୍ରା। ଏହି ସାମଗ୍ରୀକ ଲୀଳାରେ ଦୁଆରି ମୁଖ୍ୟ ଉଦ୍‌ଘୋଷକ ହୋଇଥିବାରୁ ଏହାକୁ ବିଭିନ୍ନ ଅଞ୍ଚଳରେ ଦୁଆରି ନାଟ ବୋଲି ଅଭିହିତ କରାଯାଏ। ବିଭିନ୍ନ ଲୀଳା ନାଟକ ମଧ୍ୟରେ 'ଭାରତ ଲୀଳା' ହେଉଛି ଶେଷ ଲୀଳା। ୧୮୭୦ ରୁ ୧୯୦୦ ମଧ୍ୟରେ ଗଞ୍ଜାମ କଲ୍ୟାଣପୁର ଗ୍ରାମର ଲୋକ ନାଟ୍ୟକାର ଦୀନବନ୍ଧୁ ଦାସ ଏହାକୁ ପ୍ରଥମେ ରଚନା କରିଥିବା ଗବେଷକ ଡ. ଅନନ୍ତରାମ କର ମତ ଦେଇଛନ୍ତି।

ପ୍ରାଚୀନ କାଳରେ ଗଞ୍ଜାମର ଲୋକେ କାମ ପାଇଁ ରେଙ୍ଗୁନ ବା ବ୍ରହ୍ମଦେଶ ଏବେକାର ମିଆଁମାର ଯାଉଥିଲେ। ସେଠାରେ ରହୁଥିବା ଓଡ଼ିଆମାନେ ଏହି 'ଭାରତ ଲୀଳା' ପରିବେଷଣ କରି ତାହାର ପ୍ରଚାର ପ୍ରସାର କରାଇଥିଲେ। ପଶ୍ଚିମବଙ୍ଗର ହୁଗୁଳି ଅଞ୍ଚଳରେ ରହୁଥିବା ଓଡ଼ିଆମାନେ ଏହି 'ଭାରତ ଲୀଳା' ପରିବେଷଣ କରୁଥିବାରୁ ସେମାନେ ଏହାକୁ ହୁଗୁଳି ଭାରତ ଲୀଳା ବୋଲି ଆଖ୍ୟାୟିତ କରୁଥିଲେ। ଦୀନବନ୍ଧୁ ଦାସଙ୍କ ରଚିତ ଏହି ଭାରତ ଲୀଳାରେ ଶହେରୁ ଊର୍ଦ୍ଧ୍ୱ ସଙ୍ଗୀତ ସ୍ଥାନ ପାଇଥିଲା। ଏହି ଲୀଳାର ମୁଖ୍ୟ ଗାୟକ ଦୁଆରି ହିଁ ବିଭିନ୍ନ ସଙ୍ଗୀତ ଗାନ କରି ଲୀଳାକୁ ଗତିଶୀଳ କରାଇଥାନ୍ତି। ପରବର୍ତ୍ତୀ ସମୟରେ ଅନ୍ୟ କେତେକ ସଙ୍ଗୀତ ଏହି ଲୀଳାରେ ମିଶ୍ରଣ କରାଯାଇଛି। ପରବର୍ତ୍ତୀ ସମୟରେ 'ଭାରତ ଲୀଳା'କୁ ପରିବର୍ଦ୍ଧିତ କରିଥିବା ଗୁରୁ (ଦୁଆରି)ମାନେ ହେଲେ ଗଞ୍ଜାମ ଜିଲା ଭାଲିଆଝୋଳା ଗ୍ରାମର ନିଳାଞ୍ଚଳ ମିଶ୍ର, କବିସୂର୍ଯ୍ୟନଗର ଅଞ୍ଚଳର ନବଘନ ପରିଡ଼ା, ଗୌତମୀ ଗ୍ରାମର ରାମଚନ୍ଦ୍ର ରେଡ୍ଡୀ, କନ୍ଧ ଖରିଡା ଗ୍ରାମର ଶ୍ୟାମ ସୁନ୍ଦର ସାବତ, ଆସିକା ନିକଟ ମାଗୁରା ଗ୍ରାମର ଭୀମ ପଣ୍ଡା, କନିଷି ପଞ୍ଚମା ଗ୍ରାମର ତ୍ରିନାଥ ପଟ୍ଟନାୟକ ଓ ନୀଳ ବଙ୍ଗଳା ଗାଁର ସନ୍ତୋଷ କୁମାର ପାତ୍ରୀ ଅନ୍ୟତମ। ଭାରତଲୀଳାର ମୁଖ୍ୟ ଚରିତ୍ରମାନେ ହେଲେ ଦୁଆରି, ଅର୍ଜୁନ, ସୁଭଦ୍ରା ଓ ସତ୍ୟଭାମା। ଗୌଣ ଚରିତ୍ରଗୁଡ଼ିକ ହେଲେ ନଟୁ, ଶ୍ରୀକୃଷ୍ଣ, ବଳରାମ, ନନ୍ଦ, ମଧୁ ମଙ୍ଗଳ, ଯଶୋଦା, ସୁଭଦ୍ରାଙ୍କ ସଖୀ, ହାଡ଼ି, ହାଡ଼ିଆଣି ଏବଂ ହାସ୍ୟାଭିନେତା ବାୟା।

ଏହି ଲୀଳା ପରିବେଷଣରେ ପୂର୍ବରୁ ଝିଅମାନଙ୍କ ପ୍ରବେଶ ନ ଥିଲା। ପୁଅମାନେ ଝିଅ ଚରିତ୍ରରେ ଅଭିନୟ କରୁଥଲେ। ବିଗତ ୨୦/୨୫ ବର୍ଷ ହେଲା ଯୁଗ ରୁଚି ଅନୁସାରେ ଝିଅମାନେ ବିଭିନ୍ନ ଚରିତ୍ରରେ ଅଭିନୟ କରୁଥିବାରୁ ଏହି ଲୀଳାକୁ ଅଧିକ ଜନାଦୃତ ହୋଇଛି। ଭାରତ ଲୀଳା କେବଳ ଗୀତ ସର୍ବସ୍ୱ। ଏହି ଲୀଳାର ଗଦ୍ୟାବଳି ଓ ପଦ୍ୟାବଳୀ ଶିଖିବା ଅତି ସହଜ। ତେଣୁ ଗଞ୍ଜାମର ପୁରପଲ୍ଲୀରେ ବହୁସଂଖ୍ୟକ ଭାରତ ଲୀଳା ନାଟ୍ୟ ଅନୁଷ୍ଠାନ ରହିଛି ଏବଂ ଏହା ଜିଲାରେ ସର୍ବାଧିକ ଲୋକପ୍ରିୟ ଲୋକନୃତ୍ୟ ଭାବେ ବିବେଚିତ। ଏହି ଭାରତ ଲୀଳା ସର୍ବାଧିକ ୫/୬ ଘଣ୍ଟା ପରିବେଷଣ କରାଯାଇଥାଏ।

ଗଞ୍ଜାମର ଲୋକନୃତ୍ୟ ମଧ୍ୟରେ ଭାରତ ଲୀଳା ଅନ୍ୟତମ। ପ୍ରତ୍ୟେକ ଜାତିର ଲୋକ ଏଥିରେ ଭାଗ ନେଇଥାନ୍ତି। ନାଚ ମାଷ୍ଟ୍ରଙ୍କ ନିର୍ଦ୍ଦେଶନାରେ କେଉଁ ଲୋକ କେଉଁ ଅଭିନୟ କରିପାରିବ ତାହା ଚୟନ କରାଯାଇଥାଏ। ତାଙ୍କ ନିର୍ଦ୍ଦେଶରେ ଏକ ନାଚ ଦଳ ଗଠନ ହୁଏ। ଗତ କିଛିବର୍ଷ ହେଲା 'ଭାରତ ଲୀଳା'ର ପ୍ରାୟ କଳାକାରମାନଙ୍କୁ ସରକାରୀ ସହାୟତା ସ୍ୱରୂପ ପେନ୍‌ସନ୍ ପ୍ରଦାନ କରାଯାଉଥିବା ଜଣାପଡିଛି।

ଭାଲିଆ ଝୋଳା ଗାଁରେ ଥିବା 'ଭାରତଲୀଳା' ନାଟ୍ୟ ଅନୁଷ୍ଠାନର କଳାକାର ବୃନ୍ଦ।

୫-ଟିରେ ରୂପାନ୍ତରଣ ହେବ ଛତ୍ରପୁର ହସ୍ପିଟାଲ

ଅନୁଧ୍ୟାନ କଲେ ଜିଲାପାଳ

ଛତ୍ରପୁର, ୧୬ମାର୍ଚ୍ଚ(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଛତ୍ରପୁର ହସ୍ପିଟାଲ ୫-ଟି ଆଧାରରେ ରୂପାନ୍ତରଣ ହେବ। ଏନେଇ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଗୁରୁବାର ଛତ୍ରପୁର ହସ୍ପିଟାଲରେ ପହଞ୍ଚି ରୂପାନ୍ତରଣରେ ଉନ୍ନୟନମୂଳକ ଓ ରୋଗୀମାନଙ୍କ କଲ୍ୟାଣ ପାଇଁ କି କାର୍ଯ୍ୟ ହେବ ସେନେଇ ଅନୁଧ୍ୟାନ କରିଥିଲେ। ବିଶେଷକରି ହସ୍ପିଟାଲକୁ ଆସୁଥିବା ରୋଗୀମାନେ କିଭଳି ଉତ୍ତମ ସେବା ପାଇପାରିବେ ଏବଂ ସମସ୍ତ ସାଧାରଣ ମୌଳିକ ସୁବିଧା ପାଇବେ ତାହା ୫-ଟି ରୂପାନ୍ତରଣର ମୂଳ ଲକ୍ଷ୍ୟ ବୋଲି ସୂଚନା ଦିଆଯାଇଛି। ହସ୍ପିଟାଲ ପରିସରରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ପାଇଁ ବିଶ୍ରାମ ଗୃହ, ପାଇଖାନା, ପାଣି ବ୍ୟବସ୍ଥା, ହସ୍ପିଟାଲ ସୌନ୍ଦର୍ଯ୍ୟକରଣ, ପାର୍କିଂ, ଆଇପିଡି, ଓପିଡି ଉନ୍ନତୀକରଣ, ହସ୍ପିଟାଲ ପରିସରରେ ଥିବା ପୁରୁଣା କ୍ୱାର୍ଟର୍ସ ଓ ୱାର୍ଡ ଭାଙ୍ଗି ରୋଗୀ, ଆମ୍ବୁଲାନ୍ସ ସୁବିଧା ପାଇଁ ଖୋଲା ସ୍ପେସ୍, ଏସ୍‌ଏଚ୍‌ଜିଙ୍କ ଦ୍ୱାରା ରୋଗୀଙ୍କ ପାଇଁ ଖାଦ୍ୟ ରନ୍ଧା ବ୍ୟବସ୍ଥା, କାଫେ ଆଦି କରାଯିବ। ଏନେଇ ଏଷ୍ଟିମେଟ କରିବାକୁ କୁହାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି କାର୍ଯ୍ୟ ତ୍ୱରାନ୍ୱିତ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଷ୍ଟାଫ୍‌ଙ୍କ ପାଇଁ କ୍ୱାର୍ଟର୍ସ ନିର୍ମାଣ ଉପରେ ଆଲୋଚନା ହୋଇଥିଲା। ଜିଲାପାଳଙ୍କ ଅନୁଧ୍ୟାନ ବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଉମାଶଙ୍କର ମିଶ୍ର, ଛତ୍ରପୁର ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ପ୍ରଫୁଲ୍ଲ ଚରଣ ଗୌଡ, ଏନ୍‌ଏଚ୍‌ଏମ୍‌ର ଡିପିଏମ୍ ଶ୍ୟାମ ସୁନ୍ଦର ତ୍ରିପାଠୀ, ହସ୍ପିଟାଲ ମ୍ୟାନେଜର ସନ୍ତୋଷ କୁମାର ପଣ୍ଡା, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନୀଳମାଧବ ଭୋଇଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଡାକ୍ତର ଉପସ୍ଥିତ ଥିଲେ।



ଅଭିନନ୍ଦନ
ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ଦିଗପହଣ୍ଡି ବ୍ଲକ୍ ଫାସିଗୁଡ଼ା ପଞ୍ଚାୟତବାସୀଙ୍କ ସ୍ୱାର୍ଥ ପାଇଁ ସବୁବେଳେ ମୋର ସଂଗ୍ରାମ ଜାରି ରହିବା। ପଞ୍



ପ୍ରକୃତିପ୍ରେମୀଙ୍କୁ ଆକୃଷ୍ଟ କରୁଛି ମଣ୍ଡାସରୁ ଇକୋ ଟୁରିଜମ୍

ମଣ୍ଡାସରୁ ଜଳ ପ୍ରପାତ

ପ୍ରଦୀପ କୁମାର ବେହେରା
ରାଇକିଆ, ୧୬।୩

କନ୍ଧମାଳ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ରାଇକିଆର ମଣ୍ଡାସରୁ ପ୍ରକୃତି ପ୍ରେମୀଙ୍କୁ ଆକୃଷ୍ଟ କରୁଛି। ଗତ କିଛିବର୍ଷ ମଧ୍ୟରେ ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ଏହାର ପୁନରୁଦ୍ଧାର ଯୋଗୁ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି ଏହି ଇକୋ ଟୁରିଜମ୍ କେନ୍ଦ୍ର। ବ୍ୟସ୍ତତା ଭିତରୁ ବାହାରି ଶାନ୍ତ, ସବୁଜ ଓ ଜଙ୍ଗଲ ପାହାଡ଼ ଘେରା ପରିବେଶର ମଜା ସାଙ୍ଗକୁ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ରାଜ୍ୟ ତଥା ବାହାରୁ ଏଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ରାଇକିଆ ସହରଠାରୁ ୧୦ କି.ମି. ଦୂରରେ ଥିବା ମଣ୍ଡାସରୁ ଇକୋ ଟୁରିଜମ୍ ସେଣ୍ଟର ମଧ୍ୟ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ। ଏଠାରେ ପ୍ରାକୃତିକ ସୌନ୍ଦର୍ଯ୍ୟ, ଜଳ ପ୍ରପାତ, କାଠରେ ତିଆରି ବଙ୍ଗଳା ଇତ୍ୟାଦି ରହିଥିବା ବେଳେ ରହିବା ଖାଇବା ପାଇଁ ସମସ୍ତ ପ୍ରକାର ବନ୍ଦୋବସ୍ତ ଥିବା ଯୋଗୁ ବର୍ଷତମାମ ପର୍ଯ୍ୟଟକ ଆସିଥାନ୍ତି। ବିଶେଷ କରି ଶୀତ ଋତୁରେ ଅଧିକ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ପୂର୍ବରୁ ଚାରୋଟି କାଠ ବଙ୍ଗଳାରେ ରହିବା ସୁବିଧା ଥିବା ବେଳେ ବର୍ତ୍ତମାନ ଆଉ ଦୁଇଟି କାଠ ବଙ୍ଗଳା ନିର୍ମାଣ କରାଯାଇଛି। ଏହି ପର୍ଯ୍ୟଟନସ୍ଥଳୀ ରାଜ୍ୟର ପ୍ରଥମ ଜୈବ ବିବିଧତା ଐତିହ୍ୟ ସ୍ଥଳୀ ଭାବରେ ମାନ୍ୟତା ପାଇଛି। ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ପରିଚାଳିତ ଏହି ଇକୋ ଟୁରିଜମକୁ ଅଧିକ ଆକର୍ଷିତ କରିବା ପାଇଁ ସାଜସଜ୍ଜା ମଧ୍ୟ କରାଯାଉଛି। ଏହା ନିକଟରେ ରହିଛି ଜଳ ପ୍ରପାତ। ୧୫୦ ଫୁଟ ଉଚ୍ଚରୁ ପାଣି ପଡୁଥିବାରୁ ସେଥିପ୍ରତି ମଧ୍ୟ ପର୍ଯ୍ୟଟକ ଆକର୍ଷିତ ହେଉଛନ୍ତି। ପୂର୍ବରୁ ଜଳ ପ୍ରପାତକୁ ରାସ୍ତା ନ ଥିବାରୁ ଏହା ଲୋକଲୋଚନକୁ ଆସି ପାରିନଥିଲା। ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହ ରାସ୍ତା ନିର୍ମାଣ କରାଯାଇଥିଲା। ଏହା ନିକଟରେ ଜଳ ପ୍ରପାତ ଦୃଶ୍ୟମାନ ପାଇଁ ଏକ ୱାଚ ଭିୟୁ ପଏଣ୍ଟ ମଧ୍ୟ ନିର୍ମାଣ କରାଯାଇଛି। ଗତ ଡିସେମ୍ବର ଓ ଜାନୁୟାରୀରେ ବହୁ ସଂଖ୍ୟାରେ ପର୍ଯ୍ୟଟକ

ପର୍ଯ୍ୟଟକମାନେ ମଣ୍ଡାସରୁ ଜଳ ପ୍ରପାତ ବୁଲି ଦେଖୁଛନ୍ତି।

ଏଠାକୁ ଆସିଥିବା ବେଳେ ଏହି ଜଳ ପ୍ରପାତ ସମସ୍ତଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ସ୍ଥାନ ବୁଲିବା ସହ ହିଲ ଟ୍ରେକିଂର ମଜା ମଧ୍ୟ ନେଉଛନ୍ତି ପର୍ଯ୍ୟଟକ। ଅନ୍ୟପକ୍ଷରେ ପିକ୍‌ନିକ୍ ପାଇଁ ମଧ୍ୟ ସମସ୍ତ ସୁବିଧା ଥିବାରୁ ଭିଡ଼ ଜମୁଛି। ରାଜ୍ୟ ସମେତ ବାହାରର ପର୍ଯ୍ୟଟକ ଏଠାକୁ ନିୟମିତ ଆସୁଥିବାରୁ କନ୍ଧମାଳ ପର୍ଯ୍ୟଟନ ଶିଳ୍ପକୁ ଏହା ଏକ ନୂଆ ସମ୍ଭାବନା ସୃଷ୍ଟି କରିଛି।

ପ୍ରଗତି ପଥେ...
ଆସିକା ସମବାୟ ଚିନିଶିଳ୍ପ ଲିଃ., ଆସିକା (ଗଞ୍ଜାମ)
କୃଷିଭିତ୍ତିକ ଶିଳ୍ପ କ୍ଷେତ୍ରରେ ଗଞ୍ଜାମ ଜିଲ୍ଲାର ଏକମାତ୍ର ଅଗ୍ରଣୀ ସମବାୟ ଅନୁଷ୍ଠାନ। ଏହାର ଅଗଣିତ ଆଖୁଚାଷୀ, ଶ୍ରମିକ, କର୍ମଚାରୀ, ଅଂଶୀଦାର ଓ ପୃଷ୍ଠପୋଷକମାନଙ୍କର ସ୍ୱପ୍ନ ସାକାର କରିବା ନିମନ୍ତେ ଆପଣଙ୍କ ଶୁଭେଚ୍ଛା କାମନା କରୁଛୁ। ଏକ ସମୃଦ୍ଧ ଶିଳ୍ପ ଅଗ୍ରଣୀ ସମାଜ ଗଠନର ସହାୟକ ଅଟେ।
ପାରମ୍ପରିକ ଚାଷ ପଦ୍ଧତି ଛାଡ଼ି ନୂତନ ବୈଜ୍ଞାନିକ ଜ୍ଞାନକୌଶଳ ପ୍ରୟୋଗକରି କମ୍ ଜମି ଓ କମ୍ ପରିଶ୍ରମରେ ଅଧିକ ଅମଳ କରିବା ପାଇଁ ଉଦ୍ୟମ କରନ୍ତୁ।
ପରିଚାଳନା ପରିଷଦ
ଆସିକା ସମବାୟ ଚିନିଶିଳ୍ପ ଲିଃ., ଆସିକା

ନାବାଳିକା ବଳାତ୍କାରୀ ଗିରଫ

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୧୬।୩: ଏକ ବଳାତ୍କାର ମାମଲାରେ ଫେରାର ଥିବା ଯୁବକଙ୍କୁ ଫିରିଙ୍ଗିଆ ଥାନା ପୋଲିସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ଖଜୁରିପଡା ଥାନା ମୂଳ ଗୁଦାରୀ ଗ୍ରାମର ରାକେଶ ଦିଗାଳ। ସୂଚନା ଅନୁସାରେ ଫିରିଙ୍ଗିଆ ଥାନା ଅଞ୍ଚଳର ୨ ଜଣ ନାବାଳିକା ଜାନୁୟାରୀ ୧୧ରେ ନିଖୋଜ ହୋଇ ଯାଇଥିଲେ। ଖଜୁରିପଡ଼ା ଥାନା ଅନ୍ତର୍ଗତ ମୂଳଗୁଦାରି ଗ୍ରାମ ପାଖ ଜଙ୍ଗଲ ଏକ ଭଙ୍ଗା ଘରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିଲା। ଏ ନେଇ ଥାନାରେ ଅଭିଯୋଗ ହେବାପରେ ଘଟଣାରେ ସମ୍ପୃକ୍ତ ଡ୍ରାଇଭରଙ୍କୁ ଗିରଫ କରାଯାଇଥିଲା। ହେଲେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ରାକେଶ ଫେରାର ଥିଲେ। ତାଙ୍କୁ ଫିରିଙ୍ଗିଆ ପୋଲିସ ସଦର ଥାନା ବିଶିପଡ଼ା ଛକ ଅଞ୍ଚଳରୁ ଗିରଫ କରିଥିଲା। ସୂଚନାଯୋଗ୍ୟ, ଘଟଣା ଦିନ ରାତିରେ ନାବାଳିକାଙ୍କୁ ଫିରିଙ୍ଗିଆରୁ କୌଶଳ କ୍ରମେ ପ୍ରଲୋଭନ ଦେଖାଇ ଖଜୁରିପଡ଼ା ବ୍ଲକ ଗୁଦାରୀ ପଞ୍ଚାୟତ ମୂଳଗୁଦାରୀ ଗାଁକୁ ନେଇ ବଳାତ୍କାର କରାଯାଇଥିଲା। ଏହାପରେ ରାତିରେ ନାବାଳିକାଙ୍କୁ ଗୋଟିଏ କାର୍‌ରେ ଆଣି ଡ୍ରାଇଭର ଛାଡ଼ିବାକୁ ଆସିଥିବା ବେଳେ ଗାଁ ଓ ପରିବାର ଲୋକେ ଦେଖିଥିଲେ। ସେମାନେ କାର ସହ ଡ୍ରାଇଭରଙ୍କୁ ଧରି ଫିରିଙ୍ଗିଆ ପୋଲିସକୁ ଜିମା ଦେଇଥିଲେ। ରାକେଶ ଘଟଣାର ମୁଖ୍ୟ ସୂତ୍ରଧର ଥିବା ଜଣାପଡିଥିଲା। ଏ ନେଇ ଫିରିଙ୍ଗିଆ ଥାନାରେ ନଂ.୭/୨୩ ରେ ଏକ ମାମଲା ରୁଜୁ ହୋଇଥିଲା।

୫୯୯୮ କେଜି ଗଞ୍ଜେଇ ନଷ୍ଟ

ବ୍ରହ୍ମପୁର ଅଫିସ, ୧୬।୩: ବ୍ରହ୍ମପୁର ପୋଲିସ ଜିଲାର ବିଭିନ୍ନ ସ୍ଥାନରୁ ଜବତ କରାଯାଇଥିବା ୫୯୯୮ କେଜି ଗଞ୍ଜେଇକୁ ନଷ୍ଟ କରାଯାଇଛି। ଶେରଗଡ଼ ସ୍ଥିତ ଅରଖପଦାରେ ଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ଜୈବ ବର୍ଜ୍ୟବସ୍ତୁ କାରଖାନାରେ ତାହାକୁ ପୋଡି ନଷ୍ଟ କରାଯାଇଛି। ବ୍ରହ୍ମପୁର ପୋଲିସ ଜିଲାର ଦିଗପହଣ୍ଡି ଥାନା ଜବତ କରିଥିବା ୧୮୯୫ ଗଞ୍ଜେଇ ଓ ଅନ୍ୟାନ୍ୟ ଥାନା ପକ୍ଷରୁ ଜବତ ହୋଇଥିବା ୪୧୦୩ କେଜି ଗଞ୍ଜେଇକୁ ପୋଡି ନଷ୍ଟ କରାଯାଇଛି। ଏନେଇ ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ୍. ଗୁରୁବାର ସୂଚନା ଦେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶକୁ ଆଧାର କରି ଏନଡିପିଏସ୍ ଆକ୍ଟରେ ଦିଆଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ଗୁରୁବାର ଦକ୍ଷିଣାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ, ବ୍ରହ୍ମପୁର ଏସପି ଡ଼ ସର୍ବଣା ବିବେକ ଏମ, ଏସ୍‌ଟିଏଫ ଏସ୍‌ପି କେକେ ପାଣିଗ୍ରାହୀ, ଏକ୍ସାଇଜ୍ ସୁପରିଣ୍ଟେଣ୍ଡେଣ୍ଟ୍, ଡେପୁଟି କଲେକ୍ଟର ସୁଭଶ୍ରୀ ରଥଙ୍କ ଉପସ୍ଥିତିରେ ଉକ୍ତ ଗଞ୍ଜେଇକୁ ନଷ୍ଟ କରାଯାଇଥିଲା।

On the birth anniversary of
"DHARITRI"
Berhampur Edition
With best compliments from :
SRI SUJIT KUMAR LUGUN
Asst. Executive Engineer, R.W.S.S.
Aska (Ganjam)

ଜନସାଧାରଣଙ୍କୁ ଆମର ନିବେଦନ
ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରନ୍ତୁ
ଜଙ୍ଗଲର ସୁରକ୍ଷା ସାଙ୍ଗକୁ ବନ୍ୟା ପ୍ରାଣୀଙ୍କ ସୁରକ୍ଷା ଦିଗରେ ଯତ୍ନବାନ ହୁଅନ୍ତୁ ।
ଜଙ୍ଗଲ ସୁରକ୍ଷିତ ରହିଲେ, ପରିବେଶ ସୁରକ୍ଷିତ ରହିବ ।
ବନାଞ୍ଚଳ ଅଧିକାରୀ, ଆସିକା (ଗଞ୍ଜାମ)

On the birth anniversary of
"DHARITRI"
Berhampur Edition
With best compliments from :
SRI PRASANT KUMAR SAHU
Inspector in-charge
Aadarsh Police Station, Aska

DELHI PUBLIC SENIOR SECONDARY SCHOOL
LANJIPALLI, BRAHMAPUR - 760 008
Affiliated to CBSE, New Delhi, Affiliation No. 1530300
Situated at the prime location of the City
ADMISSION NOTICE
LKG to STD - XI
We Offer : Session 2023-2024
- Air Conditioned classrooms.
- Play stations for kindergarten.
- Green cover Campus
- Teach Infinity IR interactive smart board.
- In association with FunFit (an organisation that imparts body mind connectivity ; a scientific PLAY-WAY method of learning)
- ABACUS Learning

Age Criteria For LKG : 4 yrs. to 5 yrs as on 31.03.2023
Registration forms are available online and can be obtained from school office
Office Timing : 08.00 A.M. to 03.00 P.M.
Last Date of Submission : 31.03.2023
Sd/- Principal
For Details Visit / Contact
DELHI PUBLIC SENIOR SECONDARY SCHOOL
Lanjipalli, Near Jail Training School, BRAHMAPUR - 760 008
Mob: 79789 70870, 6370498757
Website: www.dpssbam.co.in, E - mail:dpsbrahmapur@gmail.com
Note: Admission is based upon 25% reservation in GRADE-I for children belonging to weaker section & disadvantaged groups under Right of Children to free and compulsory education, (RTE Act 2009)

On the Occassion for Birth Anniversary of Dharitri Berhampur Edition
SAMANTROY ACADEMY
SINCE 2001
SA SHAPING NATION'S WARRIORS SINCE : 2001
Offer +2 SC. (All Subjects)
INTEGRATED NDA
For Career in
ARMY
NAVY
AIR FORCE
BANKING
RAILWAY
SSC
CAMPUS-I : GIRI ROAD, HILLPATNA, BERHAMPUR-5
CAMPUS - II : GOODS ROAD, GOSANINUAGAON, BERHAMPUR-3
CONTACT : 9861077371, 9090699770, 8249962287, 7978944895
www.samantroyacademy. Com
YouTube SAMANTROY ACADEMY
Join once and avail all the facilities till service
RECENT RESULTS
- Airforce 86
- Para military 37
- Bank PO & SO 3
- Odiaha Police SI 2

ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା
(ରାଜ୍ୟ କୃଷିନୀତି ଉପରେ ଆଧାରିତ)
ସ୍ଥାୟୀ ପୁଞ୍ଜି ନିବେଶ ରିହାତି ଯୋଗ୍ୟ କୃଷି ଉଦ୍ୟୋଗ ତାଲିକା
କୃଷି ଭିତ୍ତିକ : ୧. କୃଷି ସେବା କେନ୍ଦ୍ର- ଟ୍ରାକ୍ଟର ପାଇଁ ସର୍ବାଧିକ ଟ. ୯୦,୦୦୦/- ରିହାତି, ୨. କୃଷି କ୍ଲିନିକ୍ ଓ କୃଷି ବ୍ୟବସାୟ କେନ୍ଦ୍ର, ୩. ମୃତ୍ତିକା ପରୀକ୍ଷା ଗାର, ୪. ଜୈବିକ ଖତ ଉତ୍ପାଦନ ଓ ବିପଣନ, ୫. ଅର୍ଗାନିକ ଖତ ଉତ୍ପାଦନ ଓ ବିପଣନ (ସ୍ଥାୟୀ ନିର୍ମାଣ) ୬. ଆଖୁଛେଦା ଭିତ୍ତିକ ଶିଳ୍ପ, ୭. ଝୋଟ ଭିତ୍ତିକ ଶିଳ୍ପ, ୮. ସୋୟାବିନ୍ ଭିତ୍ତିକ ଖାଦ୍ୟ ଉତ୍ପାଦ, ୯. ଡାଲି ପ୍ରକ୍ରିୟାକରଣ ଓ ଡାଲିଜାତ ଦ୍ରବ୍ୟଭିତ୍ତିକ ଶିଳ୍ପ, ୧୦. ଚିନାବାଦାମ ପ୍ରକ୍ରିୟାକରଣ / ବିପଣନ, ୧୧. ମକା ପ୍ରକ୍ରିୟାକରଣ ଶିଳ୍ପ, ୧୨ କ୍ଷୁଦ୍ର ଶସ୍ୟ, ମାଣ୍ଡିଆ ଓ ଅନ୍ୟାନ୍ୟ ଶସ୍ୟ ପ୍ରକ୍ରିୟାକରଣ ପ୍ରକଳ୍ପ, ୧୩. ଯାନ୍ତ୍ରିକ ଉପାୟରେ ଗୁଡ ପ୍ରସ୍ତୁତି କରଣ ଶିଳ୍ପ, ୧୪. ବିହନ ପ୍ରକ୍ରିୟାକରଣ ଶିଳ୍ପ, ୧୫. ତୈଳ ନିଷ୍କାସନ କାରଖାନା/ ତୈଳବୀଜ ପ୍ରକ୍ରିୟାକରଣ, ୧୬. ଫସଲ ଅବଶେଷ ଭିତ୍ତିକ ଶିଳ୍ପ, ୧୭. କପା ପ୍ରକ୍ରିୟାକରଣ ଶିଳ୍ପ, ୧୮. ପେଷ୍ଟି ପୋଷଣ ପରୀକ୍ଷାଗାର, ୧୯. ଜୈବ କୀଟନାଶକ/ ଜୈବ ପରିଚାଳନା ସହାୟକ ଉତ୍ପାଦନ କେନ୍ଦ୍ର, ୨୦. ପାର୍ଭରୁଟି (ବେକେରୀ) ଓ ମିଷ୍ଟାନ୍ନ ପ୍ରସ୍ତୁତି, ୨୧ କୃଷି ଓ ଆନୁସଙ୍ଗିକ ଉତ୍ପାଦନର ଯାନ୍ତ୍ରିକ ପ୍ରକ୍ରିୟାକରଣ ଶିଳ୍ପ, ୨୨. ସଂଗନ୍ଧିତ କୃଷି ସହାୟତା ପୃଷ୍ଠଭୂମୀ ଏବଂ ବିପଣନ ଓ ରପ୍ତାନୀ କେନ୍ଦ୍ର, ୨୩. ବନ୍ଦର/ ବିମାନ ପଣ୍ୟ ପୁଞ୍ଜି (ନଷ୍ଟ ହେଉଥିବା କୃଷି ଓ ଆନୁସଙ୍ଗିକ ଦ୍ରବ୍ୟ ପାଇଁ), ୨୪. କୃଷି କ୍ଷେତ୍ର ନିମନ୍ତେ ଯନ୍ତ୍ରପାତି ଓ ଉପକରଣ ଉତ୍ପାଦନ ୨୫. ରବର ଯୁକ୍ତ ଧାନ ବୋପାଛଡା ମିଳ : ଜୈବିକ ଓ ସୁଗନ୍ଧ ଧାନ ପ୍ରକ୍ରିୟାକରଣ ପାଇଁ।
ଉଦ୍ୟାନ କୃଷି ଭିତ୍ତିକ : ୧. ବ୍ୟବସାୟିକ ଫୁଲଚାଷ/ କିମ୍ବା ପ୍ରକ୍ରିୟାକରଣ: ସୁରକ୍ଷିତ ଚାଷ ବ୍ୟବସ୍ଥା- ମୁକ୍ତ ଚାଷ ବ୍ୟବସ୍ଥା, ୨. ବ୍ୟବସାୟିକ ବଗିଚା ଫସଲ ଓ ପ୍ରକ୍ରିୟାକରଣ : (ଚା, କଫି, କୋକୋ, କାଜୁ, ତାଳତେଲ), ୩. ବ୍ୟବସାୟିକ ଫଳ ଚାଷ ଓ ପ୍ରକ୍ରିୟାକରଣ: ସବୁଦିନିଆ ଫଳ ଚାଷ (କଦଳୀ, ଅମୃତଭଣ୍ଡା, ସପୁରୀ, ଷ୍ଟ୍ରବେରୀ ବ୍ୟତୀତ)।, ୪. କାଜୁ ବାଦାମ ପ୍ରକ୍ରିୟାକରଣ ଓ ଅନ୍ୟାନ୍ୟ କାଜୁ ଭିତ୍ତିକ ଶିଳ୍ପ, ୫. ନଡ଼ିଆ କଡ଼ା ଭିତ୍ତିକ ଶିଳ୍ପ, ୬. ନଡ଼ିଆ ଭିତ୍ତିକ ଉତ୍ପାଦ, ୭. ମହୁମାଛି ପାଳନ- ୧୦୦ ଗୋଟି ମହୁ ବାକ୍ସ ସ୍ଥାପନ (ସର୍ବନିମ୍ନ) ୮. ମହୁ ପ୍ରକ୍ରିୟାକରଣ ଶିଳ୍ପ, ୯. ବିଭିନ୍ନ ଫଳରୁ ପ୍ରସ୍ତୁତ ଷ୍ଟାସ୍, ଜାମ୍, ଜେଲି, ଆଚାର ଇତ୍ୟାଦି, ୧୦. ଫଳ / ପନିପରିବା ମଞ୍ଚ ପ୍ରସ୍ତୁତି, ୧୧. ପନିପରିବା ଓ ମସଲା ଭିତ୍ତିକ ଶିଳ୍ପ, ୧୨. ଶୁଷ୍କ ଓ ପ୍ରକ୍ରିୟାକୃତ ପନିପରିବା ପ୍ରସ୍ତୁତି, ୧୩. ହିମିକୃତ ଫଳ ଓ ପନିପରିବା, ୧୪. ଛତୁଚାଷ ଓ ମୂଲ୍ୟଯୁକ୍ତ ଛତୁର ପ୍ରକ୍ରିୟାକରଣ, ୧୫. ଛତୁ ମଞ୍ଜି (ବିହନ) ଉତ୍ପାଦନ କେନ୍ଦ୍ର, ୧୬. ବୋତାମ ଛତୁ ଚାଷ ଏବଂ ପ୍ରକ୍ରିୟାକରଣ ୧୭. ସୁରକ୍ଷିତ ଚାଷ (ସବୁଜ ଗୃହ/ କାଚ ଘର/ ଜରି ଘର/ ଛାୟା ଗୃହ/ ଜରି ସୁଡଙ୍ଗ) ସ୍ଥାୟୀ ନିର୍ମାଣ, ୧୮. ଫୁଲ, ଚେର, ପତ୍ର ଓ କାଣ୍ଡରୁ ଆବଶ୍ୟକୀୟ ତୈଳ ଓ ସୁଗନ୍ଧ ନିଷ୍କାସନ, ୧୯. (ବ୍ୟବସାୟ ଭିତ୍ତିକ) ଫଳ ଓ ପନିପରିବା ପ୍ରକ୍ରିୟା କରଣ, ୨୦. ଜଳ/ ବାୟୁ ଭିତ୍ତିକ କୃଷି, ୨୧ ଔଷଧ ଓ ସୁଗନ୍ଧ ଯନ୍ତ୍ର କୃଷ ଚାଷ (ବହୁଦିନିଆ ଫସଲ) ଓ ପ୍ରକ୍ରିୟା କରଣ, ୨୨. ଚାରା ଗଛ ଉତ୍ପାଦନ ନିମନ୍ତେ ନର୍ସରୀ : କେବଳ ସ୍ଥାୟୀ ଗୃହ ନିମନ୍ତେ, ୨୩. ପିଆଜ ସାଉତା ଗୃହ : କେବଳ ସ୍ଥାୟୀ ଗୃହ ନିମନ୍ତେ, ୨୪. ପଲ୍ଲୁ ଗୃହ, ୨୫. (କୃଷିରୁ ଜାତ) ତୈଳବୀଜ ପ୍ରକ୍ରିୟାକରଣ, ୨୬. ମୋରିଙ୍ଗା ଚାଷ ଓ ପ୍ରକ୍ରିୟାକରଣ, ୨୭. ଜିଆଚାଷ ଓ ଖତ ଉତ୍ପାଦନ
ପ୍ରାଣୀ ସମ୍ପଦ ଭିତ୍ତିକ : ୧. ବ୍ୟବସାୟିକ ମାଂସ ଓ ଅଣ୍ଡା ଉତ୍ପାଦନ, (କ) ବ୍ୟବସାୟିକ ବ୍ରଏଲର କୁକୁଡ଼ା ପାଳନ (ମାଂସ ପାଇଁ)- ୪୦୦୦ ପକ୍ଷୀ, (ଖ) ବ୍ୟବସାୟିକ ଅଣ୍ଡାଦିଆ କୁକୁଡ଼ା ପାଳନ- ୧୦୦୦୦ ପକ୍ଷୀ, (ଗ) ବ୍ୟବସାୟିକ ମେଣ୍ଢା/ ଛେଳି ପାଳନ- ୧୦୦ ଗୋଟି (ଘ) ବ୍ୟବସାୟିକ ଘୁଷୁରି ପାଳନ- ୫୦ ଗୋଟି (ସର୍ବନିମ୍ନ), (ଙ) ବ୍ୟବସାୟିକ ବତକ ପାଳନ - ୨୦୦୦ ପକ୍ଷୀ, ୨. ବ୍ୟବସାୟିକ ବାଛୁରୀ ପାଳନ କେନ୍ଦ୍ର ୨୦ ଗୋଟି ସଂକର ଜାତୀୟ ଉନ୍ନତ କିସମ/ ପ୍ରତିଷ୍ଠିତ ଦେଶୀ ମାଈ ବାଛୁରୀ, ୩. ବ୍ୟବସାୟିକ ଗାଈ/ ମଇଁଷି ପାଳନ : ୨୦ ଗୋଟି ସଂକର ଜାତ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୭/୨୦୨୩ Bhubaneswar, Friday, March 17/ 2023

ଆଜି ଭାରତ-ଅଷ୍ଟ୍ରେଲିଆ ପ୍ରଥମ ଦିନିକିଆ

ମୁମ୍ବାଇ,୧୬ମାର୍ଚ୍ଚ(ପି.ଟି.)

ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଶୁକ୍ରବାର ଆରମ୍ଭ ହେବ। ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଭାରତ ପ୍ରଥମ ଦିନିକିଆ ଖେଳିବା ସହିତ ନିଜର ବିଶ୍ୱକପ ପ୍ରସ୍ତୁତି ଆରମ୍ଭ କରିବ। ନିୟମିତ ଅଧିନାୟକ ରୋହିତ ଶର୍ମା ପ୍ରଥମ ଦିନିକିଆ ଖେଳୁନଥିବା ବେଳେ ଷ୍ଟାଣ୍ଡଇନ୍ କ୍ୟାପଟେନ୍ ହାର୍ଦ୍ଦିକ ପାଣ୍ଡ୍ୟା ଅଧିନାୟକ ଦାୟିତ୍ୱ ସମ୍ଭାଳିବେ। ଦିନିକିଆରେ ପାଣ୍ଡ୍ୟା ପ୍ରଥମ ଥର ପାଇଁ ଅଧିନାୟକ ଦାୟିତ୍ୱ ନେଉଥିବାରୁ ବିଜୟରୁ ଆରମ୍ଭ କରିବାକୁ ଚାହିଁବେ। ପାଣ୍ଡ୍ୟା ଟି୨୦ ଦଳର ନିୟମିତ ଅଧିନାୟକ ରହିଥିବା ବେଳେ ଦିନିକିଆ ଦଳର ଉପ ଅଧିନାୟକ ଅଛନ୍ତି। ଭାରତରେ ଦିନିକିଆ ବିଶ୍ୱକପ ଆୟୋଜିତ ହେବାକୁ ଥିବା ବେଳେ ଏହା ପୂର୍ବରୁ ଏହି ସିରିଜରେ ଭାରତୀୟ ଦଳକୁ ପ୍ରସ୍ତୁତିର ସୁଯୋଗ ମିଳିବ। ୨୦୧୧ରେ ଶେଷ ଥର ପାଇଁ ଭାରତରେ ଦିନିକିଆ ବିଶ୍ୱକପ ହୋଇଥିବା ବେଳେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜକୁ ୨-୧ରେ ଜିତିଥିବା ଭାରତୀୟ ଦଳ ଏକ ନୂତନ ଆରମ୍ଭ କରିବାକୁ ଚାହିଁବ। ଏହା ପୂର୍ବରୁ ଭାରତ ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ସୀମିତ ଓଭର ସିରିଜରେ ବିଜୟୀ ହୋଇଥିବା ବେଳେ ସମାନ ପ୍ରଦର୍ଶନ ଦୋହରାଇବାକୁ ପ୍ରୟାସ କରିବ। ୬ଟି ଯାକ ଦିନିକିଆରେ ଓପନର ଶୁବମାନ ଗିଲ୍ ଭାରତର ଷ୍ଟାର ଖେଳାଳି ରହିଛନ୍ତି। ୧୧୩.୪୦ ଆଭରେଜରେ ସେ ୫୬୭ ରନ୍ ସ୍କୋର କରିଛନ୍ତି। ରୋହିତ ଶର୍ମାଙ୍କ ଅନୁପସ୍ଥିତିରେ ଗିଲ୍‌ଙ୍କ କାନ୍ଧରେ ଭାରତୀୟ ବ୍ୟାଟିଂ ଭାର ରହିବ। ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତିମ ଟେଷ୍ଟରେ ମଧ୍ୟ ଗିଲ୍ ଚମତ୍କାର ଶତକ ହାସଲ କରିଥିଲେ। ପୂର୍ବତନ ଭାରତୀୟ ଅଧିନାୟକ ବିରାଟ କୋହଲି ମଧ୍ୟ ବଢିଆ ଫର୍ମରେ ରହିଛନ୍ତି। ୬ ମ୍ୟାଚରୁ ସେ ୬୭.୬୦ ଆଭରେଜରେ ୩୩୮ ରନ୍ କରିଛନ୍ତି। ନିକଟରେ ନିଜର ୭୫ ତମ ଶତକ ହାସଲ କରିଥିବା କୋହଲିଙ୍କ ଠାରୁ ଭାରତ ଏକ ଭଲ ଇନିଂସ ଆଶା କରିବ। ଲେଗ୍ ସ୍ପିନର ଆଡାମ ଜାମ୍ପା ତାଙ୍କୁ ଏକାଧିକ ଥର ଆଉଟ କରିଥିବା ବେଳେ ଏହି ଲଢେଇ ଉପରେ ନଜର ରହିବ। ବ୍ୟାଟିଂରେ ଏହି ଦୁଇ ଖେଳାଳିଙ୍କ ବ୍ୟତିତ ଲୋକେଶ ରାହୁଲ ଓ ସୂର୍ଯ୍ୟକୁମାର ଯାଦବଙ୍କ ଉପରେ ନଜର ରହିବ। ରୋହିତ ଶର୍ମାଙ୍କ ସ୍ଥାନରେ ଇଶାନ କିଶନ ଓପନର ଭୂମିକାରେ ନଜର ଆସିପାରନ୍ତି।

ନେଟ୍ସରେ ଅଭ୍ୟାସ ଅବସରରେ ବିରାଟ କୋହଲି।

ମ୍ୟାଚ୍ ସ୍ଥାନ-ୱାଙ୍ଖେଡେ ଷ୍ଟାଡିୟମ, ମୁମ୍ବାଇ
ସମୟଃ ଅପରାହ୍ନ ୧.୩୦
ପ୍ରସାରଣଃ ଷ୍ଟାର ସ୍ପୋର୍ଟ୍ସ

ବୋଲିଂରେ ମହମ୍ମଦ ସିରାଜ ଭାରତର ଟ୍ରମ୍ପକାର୍ଡ ରହିବେ। ଦିନିକିଆରେ ଏକ ନମ୍ବର ବୋଲର ଥିବା ସିରାଜ ୨୦୨୩ରେ ୬ ମ୍ୟାଚ ଖେଳି ୧୪ ଉଇକେଟ ନେଇଛନ୍ତି। ଦ୍ୱିତୀୟ ସଫଳ ବୋଲର ଭାବରେ କୁଲଦୀପ ଯାଦବ ୧୧ ଉଇକେଟ ନେଇଛନ୍ତି। ଏପରିକି ୟୁଜବେନ୍ଦ୍ର ଚହଲଙ୍କ ସହିତ କୁଲଦୀପଙ୍କ ଯୋଡି ବେଶ ଚମତ୍କାର। ତେବେ ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ୍ ସୁନ୍ଦରଙ୍କ ମଧ୍ୟରୁ ଜଣଙ୍କୁ ଖେଳିବାର ସୁଯୋଗ ମିଳିପାରେ। ଦ୍ୱିତୀୟ ପେସ୍ ବୋଲର ଭାବେ ମହମ୍ମଦ ଶାମି କିମ୍ବା ଶାର୍ଦ୍ଦୂଳ ଠାକୁରଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିପାରେ। ବିଗତ ୬ ମାସ ମଧ୍ୟରେ ଅଷ୍ଟ୍ରେଲିଆ ଦିନିକିଆ ଖେଳିନଥିବା ବେଳେ ଏହି ମ୍ୟାଚରେ ଆଷ୍ଟନ ଆଗର ଓ ଡେଭିଡ୍ ୱାର୍ନର ଦଳକୁ ପ୍ରତ୍ୟାବର୍ତ୍ତନ କରି ପାରନ୍ତି।

ଭାରତୀୟ ଦଳ: ହାର୍ଦ୍ଦିକ ପାଣ୍ଡ୍ୟା (ଅଧିନାୟକ), ଶୁବମନ ଗିଲ୍, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଲୋକେଶ ରାହୁଲ, ଇଶାନ କିଷନ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ୱାଶିଂଟନ ସୁନ୍ଦର, ୟୁଜବେନ୍ଦ୍ର ଚହଲ, ମହମ୍ମଦ ଶାମି, ମହମ୍ମଦ ସିରାଜ, ଉମ୍ରାନ ମଲିକ, ଶାର୍ଦ୍ଦୂଳ ଠାକୁର, ଅକ୍ଷର ପଟେଲ, ଜୟଦେବ ଉନାଡକଟ୍।

ଅଷ୍ଟ୍ରେଲିଆ ଦଳ: ଷ୍ଟିଭେନ ସ୍ମିଥ (ଅଧିନାୟକ), ଡେଭିଡ ୱାର୍ନର, ଟ୍ରାଭିସ ହେଡ୍, ମାର୍ନସ ଲାବୁସେନ, ମିଚେଲ ମାର୍ଶ, ମାର୍କୁସ ଷ୍ଟୋଇନିସ, ଆଲେକ୍ସ କାରେ, ଗ୍ଲେନ ମ୍ୟାକ୍ସୱେଲ, କାମେରନ ଗ୍ରୀନ୍, ଜୋଶ୍ ଇଂଗ୍ଲିସ, ସିଅନ ଆବଟ, ଆଷ୍ଟନ ଅଗର, ମିଚେଲ ଷ୍ଟାର୍କ, ନାଥାନ ଏଲିସ, ଆଡାମ ଜାମ୍ପା।

ଓଡ଼ିଶାରୁ ଜୁଲି, ମନୀଷା ସାମିଲ

ନୂଆଦିଲ୍ଲୀ,୧୬ମାର୍ଚ୍ଚ(ପି.ଟି.)

୨୩ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟବଲ ଦଳର କୋଚ୍ ଥୋମାସ ଡେନର୍ବି ଗୁରୁବାର ଭାରତୀୟ ଦଳ ଘୋଷଣା କରିଛନ୍ତି। ଏହି ଦଳ ଚଳିତ ମାସରେ ଜୋର୍ଡାନ ଓ ଉଜବେକିସ୍ତାନ ଗସ୍ତ କରିବ। ଜୋର୍ଡାନରେ ମାର୍ଚ୍ଚ ୧୭ରୁ ୨୨ ମଧ୍ୟରେ ଏବଂ ଉଜବେକିସ୍ତାନରେ ମାର୍ଚ୍ଚ ୨୩ରୁ ୨୯ ମଧ୍ୟରେ ଭାରତୀୟ ଦଳ ମ୍ୟାଚ ଖେଳିବ। ଏଏଫ୍‌ସି ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟର ପ୍ରସ୍ତୁତି ଭାବରେ ଭାରତ ଏହି ମ୍ୟାଚ୍ ଖେଳିବ। ଏପ୍ରିଲ ୪ରୁ ୧୦ ମଧ୍ୟରେ ଖେଳାଯିବାକୁ ଥିବା ଏଏଫ୍‌ସି ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟରେ ଭାରତ ଗ୍ରୁପ୍ ସିରେ ସ୍ଥାନ ପାଇଛି। କିର୍ଗିଜସ୍ତାନ ଓ ତୁର୍କମେନିସ୍ତାନ ମଧ୍ୟ ସମାନ ଗ୍ରୁପରେ ସ୍ଥାନ ପାଇଛନ୍ତି। ଗ୍ରୁପ୍ ବିଜେତା ଏସିଆର ଶକ୍ତିଶାଳୀ ୫ ଦଳ ସହିତ ଯୋଗ ଦେବ। ଥୋମାସ ଡେନର୍ବି ଏହି ଦଳର କୋଚ୍ ରହିଥିବା ବେଳେ ୨୩ ଜଣିଆ ଦଳରେ ଦୁଇ ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ଦୁଇ ପ୍ରତିଭାବାନ ଡିଫେଣ୍ଡର ଜୁଲି କିଶାନ ଓ ମନୀଷା ପାନ୍ନାଙ୍କୁ ଏହି ଦଳରେ ସାମିଲ କରାଯାଇଛି। ଜୋର୍ଡାନ ଓ ଉଜବେକିସ୍ତାନରେ ମ୍ୟାଚ୍ ଖେଳି ସାରିବା ପରେ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ପାଇଁ ଭାରତୀୟ ଦଳ ଘୋଷଣା କରାଯିବ।

ଜୁଲି କିଷାନ

ମନୀଷା ପାନ୍ନା

୨୩ ବର୍ଷରୁ କମ୍ ମହିଳା ଫୁଟବଲ ଦଳ ଘୋଷିତ

ଭାରତୀୟ ଦଳ

ଗୋଲକିପରଃ ସୋମ୍ୟା ନାରାୟଣସ୍ୱାମୀ, ଶ୍ରେୟା ହୁଦା, ଏଲାଙ୍ଗବାମ ପାଞ୍ଚୋଇ ଚାନୁ।

ଡିଫେଣ୍ଡର୍ସଃ ଆଶାଲତା ଦେବୀ ଲୋଇଟୋଙ୍ଗବାମ, ସ୍ୱିଟି ଦେବୀ ନାନବାମ୍, ରିତୁ ରାଣୀ, ରଞ୍ଜନା ଚାନୁ ସୋରୋଖାଇବାମ୍, ମିଚେଲ କାଷ୍ଟନା, ଡାଲିମା ଛିଦ୍ଦର, ମନୀଷା ପାନ୍ନା ଓ ଜୁଲି କିଷାନ।

ମିଡଫିଲ୍ଡର୍ସଃ ଶିଲ୍କି ଦେବୀ ହେମମ, ଅଞ୍ଜୁ ତମାଙ୍ଗ, ଇନ୍ଦୁମତୀ କାଥିରସେନ, ସଙ୍ଗୀତା ବାସ୍କୋରେ, ରୋଜା ଦେବୀ ଆସେମ, କାର୍ତ୍ତିକା ଅଙ୍ଗମୁଥୁ ଓ କଶ୍ମିନା।

ଫରୱାର୍ଡ୍ସଃ ଡାଙ୍ଗମେଇ ଗ୍ରେସ୍, ରେଣୁ, କରିଶ୍ମା ଶିର୍ଭୋଇକାର, ସାନ୍ଧିୟା ରଙ୍ଗନାଥନ୍ ଓ ଅପୂର୍ଣ୍ଣା ନାର୍ଜାରି।

ଇନଫାଣ୍ଟିନୋ ଫିଫା ସଭାପତି ଭାବେ ପୁନଃନିର୍ବାଚିତ

ଜିଆନି ଇନ୍‌ଫାଣ୍ଟିନୋ

କିଗାଲି, ରୱାଣ୍ଡା,୧୬ମାର୍ଚ୍ଚ(ପି.ଟି.)

ଫିଫାର ସଭାପତି ଭାବରେ ପୁନର୍ବାର ନିର୍ବାଚିତ ହୋଇଛନ୍ତି ଜିଆନି ଇନ୍‌ଫାଣ୍ଟିନୋ। ଗୁରୁବାର ସେ ଦ୍ୱିତୀୟ ଥର ପାଇଁ ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ନିର୍ବାଚିତ ହୋଇଥିବା ବେଳେ ଆସନ୍ତା ୨୦୨୭ ଯାଏ ସେ ଏହି ପଦବୀରେ ରହିବେ। ଇନ୍‌ଫାଣ୍ଟିନୋଙ୍କୁ ୨୧୧ ଦେଶର ମୌଖିକ ସମର୍ଥନ ମିଳିଥିଲା। ଇନଫାଣ୍ଟିନୋଙ୍କ କାର୍ଯ୍ୟକାଳ ସମୟରେ ଏହି ରାଷ୍ଟ୍ର ଗୁଡିକୁ ମିଳୁଥିବା ଫଣ୍ଡିଙ୍ଗ ବୃଦ୍ଧି କରାଯାଇଥିଲା। ୨୦୧୬ ମସିହା ପୂର୍ବରୁ ୨ ଲକ୍ଷ ୫୦ ହଜାର ଡଲାରର ଫଣ୍ଡିଙ୍ଗ ମିଳୁଥିବା ବେଳେ ଇନଫାଣ୍ଟିନୋ ଏହାକୁ ୨ ମିଲିୟନ ଡଲାରକୁ ବୃଦ୍ଧି କରିଥିଲେ। ସେହିପରି ଫିଫାର ରିଜର୍ଭରେ ବର୍ତ୍ତମାନ ୪ ବିଲିୟନ୍ ଡଲାର ରହିଥିବା ବେଳେ ୨୦୨୬ ସୁଦ୍ଧା ଏହା ବୃଦ୍ଧି ପାଇ ୧୧ ବିଲିୟନ ଡଲାରରେ ପହଞ୍ଚିବ। ଓକିଲ ଭାବରେ କାମ କରୁଥିବା ଇନଫାଣ୍ଟିପୋ ପ୍ରଥମ ଥର ପାଇଁ ୨୦୧୬ରେ ଫିଫା ସଭାପତି ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାପରେ ଅଧିକରୁ ଅଧିକ ଦଳଙ୍କୁ ବିଶ୍ୱକପ ଯୋଗ୍ୟତା ଅର୍ଜନର ସୁଯୋଗ ପ୍ରଦାନ କରିବା ସହିତ ଫିଫାକୁ ଆର୍ଥିକ ଭାବରେ ସୁଦୃଢ କରିଥିଲେ। ୨୦୨୨କାତାର ବିଶ୍ୱକପକୁ ନେଇ ବିଭିନ୍ନ ସାମାଜିକ କର୍ମୀ ଓ ୟୁରୋପିଆନ୍ ଫୁଟବଲ ସଂଘ ପକ୍ଷରୁ ତାଙ୍କୁ ସମାଲୋଚନା କରାଯାଇଥିଲେ ମଧ୍ୟ ସେ ସଫଳତାର ସହିତ ବିଶ୍ୱକପ ଆୟୋଜନ କରିଥିଲେ।

ସୁସ୍ମିତା ଟିଗାଙ୍କୁ ବ୍ରୋଞ୍ଜ ପଦକ

ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ

ସୁସ୍ମିତା ଟିଗା

ଭୁବନେଶ୍ୱର, ୧୬ମାର୍ଚ୍ଚ (କ୍ରୀଡ଼ା ପ୍ରତିନିଧି)

ଚେନ୍ନାଇସ୍ଥିତ ତାମିଲନାଡୁ ଫିଜିକାଲ ଏଜୁକେଶନ ଆଣ୍ଡ ସ୍ପୋର୍ଟ୍ସ ୟୁନିଭର୍ସିଟି ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ (ମହିଳା ଓ ପୁରୁଷ) ଚାମ୍ପିୟନଶିପ୍‌ର ଚତୁର୍ଥ ଦିବସରେ କିଟ୍‌ର ସୁସ୍ମିତା ଟିଗା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ସେ ଏହି ସଫଳତା ପାଇଛନ୍ତି। ୧୦:୩୫.୮୬ ସେକେଣ୍ଡ ସମୟ ନେଇଥିବା ସୁସ୍ମିତା ଉତ୍ତର ପ୍ରଦେଶରେ ହେବାକୁଥିବା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପୁରୁଷ ଡିସକସ୍ ଥ୍ରୋରେ ୫ମ ସ୍ଥାନରେ ରହିଥିଲେ ହେଁ ଭାନୁ ଶର୍ମା ମଧ୍ୟ ଖେଲୋ ଇଣ୍ଡିଆ ପ୍ରତିଯୋଗିତା ପାଇଁ ଯୋଗ୍ୟତା ପାଇଛନ୍ତି।

ଭାରତ ଚତୁର୍ଥ ସ୍ଥାନକୁ ଉନ୍ନୀତ

ଏଫ୍‌ଆଇଏଚ୍ ର୍ୟାଙ୍କିଙ୍ଗ୍

ନୂଆଦିଲ୍ଲୀ, ୧୬ମାର୍ଚ୍ଚ (ପି.ଟି.)

ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ତରଫରୁ ସଦ୍ୟ ପ୍ରକାଶିତ ର୍ୟାଙ୍କିଙ୍ଗ ତାଲିକାରେ ଭାରତ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ରାଉରକେଲାରେ ଅନୁଷ୍ଠିତ ପ୍ରୋ-ହକି ଲିଗ୍‌ରେ ବିଶ୍ୱ ଚାମ୍ପିୟନ ଜର୍ମାନୀ ଓ ଅଷ୍ଟ୍ରେଲିଆ ବିପକ୍ଷରେ ପଛକୁ ପଛ ବିଜୟ ଦ୍ୱାରା ଏହା ଘଟିଛି। ଭାରତ ହକି ପାୱାର ହାଉସ୍ ଅଷ୍ଟ୍ରେଲିଆଠାରୁ ଆଗରେ ରହିଛି। ଅଷ୍ଟ୍ରେଲିଆ ବର୍ତ୍ତମାନ ଗୋଟିଏ ସ୍ଥାନ ନିମ୍ନ ୫ମକୁ ଖସି ଆସିଛି। ଜାନୁୟାରୀରେ ଓଡ଼ିଶାରେ ବିଶ୍ୱକପ୍ ଟାଇଟଲ ଜିତିବା ପରେ ର୍ୟାଙ୍କିଙ୍ଗ ତାଲିକାର ଶୀର୍ଷ ସ୍ଥାନ ଅଧିକାର କରିନେଇଥିବା ଜର୍ମାନୀ ପଛକୁ ପଛ ଦୁଇଟି ମ୍ୟାଚରେ ଭାରତଠାରୁ ପରାଜିତ ହେବାରୁ ଦୁଇ ସ୍ଥାନ ଖସି ତୃତୀୟ ସ୍ଥାନକୁ ଚାଲିଆସିଛି। ବିର୍ସାମୁଣ୍ଡା ଷ୍ଟାଡିୟମରେ ଜର୍ମାନୀ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିବା ସମସ୍ତ ଦୁଇ ଦୁଇଟି ମ୍ୟାଚରେ ଭାରତ ବିଜୟ ହାସଲ କରିଥିଲା। ଗତ ଜାନୁୟାରୀରେ ଭୁବନେଶ୍ୱରରେ ଅନୁଷ୍ଠିତ ବିଶ୍ୱକପ୍‌ରେ ଭାରତ ପ୍ରିକ୍ୱାର୍ଟରରୁ ବିଦାୟ ନେଇଥିଲା।

ଜର୍ମାନୀ ବିପକ୍ଷ ଡବଲ ଲେଗ୍ ବିଶିଷ୍ଟ ମ୍ୟାଚ ଭାରତ ୩-୨, ୬-୩ରେ ଜିତିଥିଲା। ସେହିପରି ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ ୫-୪ ଏବଂ ୪-୩ ପେନାଲ୍ଟି ଶୁଟଆଉଟରେ ବିଜୟୀ ହୋଇଥିଲା। ଏହି ସମସ୍ତ ମ୍ୟାଚରେ ବିଜୟ ଦ୍ୱାରା ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଭାରତ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ଅଧିକାର କରିଛି। ଏହାଛଡ଼ା ର୍ୟାଙ୍କିଙ୍ଗ ତାଲିକାରେ ଚତୁର୍ଥରୁ ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇ ପାରିଛି। ସଦ୍ୟ ପ୍ରକାଶିତ ର୍ୟାଙ୍କିଙ୍ଗ ତାଲିକାରେ ବିଶ୍ୱକପ୍ ବ୍ରୋଞ୍ଜ ବିଜେତା ନେଦରଲାଣ୍ଡ୍ସ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ରନରଅପ୍ ବେଲଜିୟମ ଦ୍ୱିତୀୟ ସ୍ଥାନରେ ରହିଛି।

ନିଖତ, ସାକ୍ଷୀ ଦ୍ୱିତୀୟ ରାଉଣ୍ଡରେ

ନୂଆଦିଲ୍ଲୀ, ୧୬ମାର୍ଚ୍ଚ (ପି.ଟି.)

ଏଠାରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ମହିଳା ବିଶ୍ୱ ଚାମ୍ପିୟନଶିପ୍‌ରେ ଟାଇଟଲ ବଜାୟ ରଖିବା ଲାଗି ଭାରତର ଅଗ୍ରଣୀ ବକ୍ସର ନିଖତ ଜରିନ୍ ତାଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମ ରାଉଣ୍ଡରେ ସେ ଆଜରବୈଜାନର ଆନାଖାନିମ୍ ଇସ୍‌ମାୟିଲୋଭାଙ୍କ ବିପକ୍ଷରେ ପ୍ରଭାବୀ ବିଜୟ ହାସଲ କରିଛନ୍ତି। ୫୦ କେଜି କାଟେଗୋରିର ଏହି ମୁକାବିଲାରେ ଭାରତୀୟ ବକ୍ସର ସମ୍ପୂର୍ଣ୍ଣ ପ୍ରଧାନ୍ୟ ବିସ୍ତାର କରି ପଞ୍ଚ ମାରିଚାଲିଥିଲେ। ପରିସ୍ଥିତି ଏପରି ହୋଇଥିଲା ରେଫରିଙ୍କୁ ଦ୍ୱିତୀୟ ରାଉଣ୍ଡରେ ଲଢେଇକୁ ବନ୍ଦ ରଖିବାକୁ ପଡ଼ିଥିଲା। ନିଖତ ବର୍ତ୍ତମାନ (ରାଉଣ୍ଡ ଅଫ୍ ୩୨)ରେ ୨୦୨୨ ଆଫ୍ରିକାନ ଚାମ୍ପିୟନ ରୋମେସା ବୋଆଲାମଙ୍କୁ ଭେଟିବେ। ଭାରତର ଅନ୍ୟ ଜଣେ ବକ୍ସର ସାକ୍ଷୀ ଚୌଧାରୀ ୫୨କେଜି ଶ୍ରେଣୀ ପ୍ରଥମ ରାଉଣ୍ଡରେ କଲମ୍ବିଆର ମାର୍ଟିନେଜ ମାରିଆ ଜୋସ୍‌ଙ୍କୁ ୫-୦ରେ ପରାସ୍ତ କରିଛନ୍ତି। ସାକ୍ଷୀ ପ୍ରଥମ ଥର ଏହି ଚାମ୍ପିୟନଶିପ୍‌ରେ ଭାଗ ନେଇଛନ୍ତି।

ନିଖତ ଜରିନ୍ (ବାମ) ଓ ଆନାଖାନିମ୍ ଇସ୍‌ମାୟିଲୋଭାଙ୍କ ମଧ୍ୟରେ ମୁକାବିଲା।

ଆର୍‌ସିବିର ପ୍ରଥମ ବିଜୟ

ମୁମ୍ବାଇ, ୧୬ମାର୍ଚ୍ଚ

ଓମେନ୍ସ ପ୍ରିମିୟର୍ ଲିଗ୍‌ରେ ପ୍ରଥମ ବିଜୟ ହାସଲ କରିଛି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆରସିବି)। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ୟୁପି ୱାରିୟର୍ଜ ୧୯.୩ ଓଭରରେ ୧୩୫ ରନରେ ଅଲଆଉଟ ହୋଇଥିବା ବେଳେ ୧୮ ଓଭରରେ ୫ ଉଇକେଟ ହରାଇ ବିଜୟୀ ହୋଇଥିଲା ଆରସିବି। ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୟୁପି ୩୧ ରନରେ ୫ ଉଇକେଟ ହରାଇଥିଲା। ଗ୍ରେସ୍ ହାରିସ୍ ୪୬ ଓ ଦୀପ୍ତି ଶର୍ମା ୨୨ ଦଳକୁ ଏକ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଆରସିବି ପକ୍ଷରୁ ଏଲିସ୍ ପେରୀ ୩ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସୋଫି ଡିଭାଇନ୍ ଓ ଆଶା ଶୋଭନା ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୧୩୬ ରନ୍‌ର ପିଛା କରି ଆରସିବି ୬୦ ରନ୍‌ରେ ୪ ଉଇକେଟ ହରାଇଥିବା ବେଳେ କନିକା ଆହୁଜା ୪୬ ଓ ରିଚା ଘୋଷଙ୍କ ଅପରାଜିତ ୩୧ ରନ୍ ବଳରେ ଦଳ ବିଜୟୀ ହୋଇଥିଲା। ୟୁପି ପକ୍ଷରୁ ଦୀପ୍ତି ଶର୍ମା ଦୁଇଟି ଉଇକେଟ ନେଇଥିଲେ।

ସଂକ୍ଷିପ୍ତ ସ୍କୋର

ୟୁପି ୱାରିୟର୍ଜ ୧୯.୩ ଓଭରରେ ୧୩୫/୧୦ (ଗ୍ରେସ୍ ହାରିସ୍- ୪୬, ଦୀପ୍ତି ଶର୍ମା-୨୨, କିରଣ ନଭଗିରେ-୨୨, ଏଲିସ୍ ପେରୀ-୩/୧୬, ସୋଫି ଡିଭାଇନ୍-୨/୨୩, ଆଶା ଶୋଭନା-୨/୨୭)। ଆରସିବି ୧୮ ଓଭରରେ ୧୩୬/୫(କନିକା ଆହୁଜା-୪୬, ରିଚା ଘୋଷ-୩୧*, ହିଥର ନାଇଟ୍-୨୪, ଦୀପ୍ତିଶର୍ମା-୨/୨୬, ଦେବିକା ବୈଦ୍ୟ-୧/୧୯, ସୋଫି ଏକେଲଷ୍ଟୋନ-୧/୨୦)।

ଡବ୍ଲ୍ୟୁପିଏଲ୍ ପଏଣ୍ଟ ଟେବୁଲ

ଟିମ୍	ମ୍ୟାଚ	ବିଜୟ	ପରାଜୟ	ପଏଣ୍ଟ	ରନହାର
ମୁମ୍ବାଇ ଇଣ୍ଡିଆନ୍ସ	୫	୫	୦	୧୦	୩.୩୨୫
ଦିଲ୍ଲୀ କ୍ୟାପିଟାଲ୍ସ	୫	୪	୧	୮	୧.୮୮୭
ୟୁପି ୱାରିୟର୍ଜ	୫	୨	୩	୪	-୦.୧୯୫
ରୟାଲ ଚ୍ୟାଲେଞ୍ଜର୍ସ	୬	୧	୫	୨	-୧.୫୫୦
ଗୁଜରାଟ ଜାଏଣ୍ଟ୍ସ	୫	୧	୪	୨	-୩.୨୦୭

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ